

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିଶ୍ୱ ଖାଦ୍ୟଝୁଡ଼ିରେ ପରିଣତ ହେବ ଭାରତ | ୬

ପ୍ରଶଂସକଙ୍କୁ ଖୁସିଖବର ଦେଲେ ନାଗା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୫ Vol. 21 No-265 24 DECEMBER 2024 TUESDAY BHUBANESWAR ମଙ୍ଗଳବାର, ୨୪ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ହଟିଲା କଟକଣା

# ଏଣିକି ଫେଲ୍ ହେଲେ ଫେଲ୍





- ଶିକ୍ଷା କ୍ଷେତ୍ରରେ ବଡ଼ ପରିବର୍ତ୍ତନ କଲେ କେନ୍ଦ୍ର ସରକାର
- ୫ମ, ୮ମ ଶ୍ରେଣୀରେ ଫେଲ ହେଲେ ମିଳିବ ଗୋଟିଏ ସୁଯୋଗ
- ୨ ମାସ ମଧ୍ୟରେ ପୁଣିଥରେ ଦେଇପାରିବେ ପରୀକ୍ଷା
- କେନ୍ଦ୍ର ସରକାରଙ୍କ ପରିଚାଳିତ ସ୍କୁଲ ଗୁଡ଼ିକରେ ଲାଗୁ

ନୂଆଦିଲ୍ଲୀ,୨୩।୧୨: ସ୍କୁଲ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିଛନ୍ତି କେନ୍ଦ୍ର ସରକାର। ଏ ନେଇ କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ମ ଓ ୮ମ ଶ୍ରେଣୀରେ ରହିଥିବା ଫେଲ୍ ନ ହେବା କଟକଣାକୁ ସୋମବାର ହଟାଇଛନ୍ତି କେନ୍ଦ୍ର ସରକାର। ଯେଉଁ ପିଲାମାନେ ବାର୍ଷିକ ପରୀକ୍ଷାରେ ପାସ୍ କରିପାରିବେ ନାହିଁ ସେମାନଙ୍କୁ ସ୍କୁଲ ପକ୍ଷରୁ ଫେଲ୍ ବୋଲି ଘୋଷଣା କରାଯାଇପାରିବ। ସେହିପରି ସେମାନେ ପରବର୍ତ୍ତୀ ଶ୍ରେଣୀକୁ ମଧ୍ୟ ଯାଇପାରିବେ ନାହିଁ। ତେବେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଉଥିବା ପିଲାମାନଙ୍କୁ ଆଉ ଏକ ସୁଯୋଗ ଦିଆଯିବ। ସେମାନେ ଦୁଇମାସ ମଧ୍ୟରେ ପୁଣିଥରେ ପରୀକ୍ଷା ସୁଯୋଗ ପାଇପାରିବେ। ଏହି ପୁନଃ ପରୀକ୍ଷାରେ ସେମାନେ କୃତକାର୍ଯ୍ୟ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଯାଇପାରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକରେ ଏହି ନିୟମ ଲାଗୁ କରାଯିବ। ଶିକ୍ଷା ଅଧିକାର ଆଇନ ୨୦୧୯ରେ ସଂଶୋଧନ କରି ୧୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ସ୍କୁଲଗୁଡ଼ିକ ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଥିବା ସଞ୍ଜୟ କୁମାର କହିଛନ୍ତି। ଏହି ନିୟମ ୫ମ ଓ ୮ମ ଶ୍ରେଣୀ ପାଇଁ ଲାଗୁ କରାଯାଇଛି। ଜାରି ହୋଇଥିବା ବିଜ୍ଞପ୍ତିରେ ଆହୁରି କୁହାଯାଇଛି ଯେ ଯଦି କୌଣସି ଶିକ୍ଷାର୍ଥୀ ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି ତାହାହେଲେ ସେମାନଙ୍କୁ ରେଜଲ୍ଟ ବାହାରିବାର ୨ ମାସ ମଧ୍ୟରେ ଅତିରିକ୍ତ କୋଚିଂ ଓ ପୁନଃ ପରୀକ୍ଷା ଦେବାର ସୁଯୋଗ ମିଳିବ। କିନ୍ତୁ ପୁନଃ ପରୀକ୍ଷାରେ ଶିକ୍ଷାର୍ଥୀ ଜଣକ ଯଦି ବିଫଳ ହୁଅନ୍ତି ତେବେ ତାଙ୍କୁ ପୁଣି ୫ମ କିମ୍ବା ୮ମ ଶ୍ରେଣୀରେ ରହିବାକୁ ପଡ଼ିବ। ସେହି ସମୟରେ ଶ୍ରେଣୀ ଶିକ୍ଷକ ପିଲାଟି କେମିତି ପାସ୍ କରିବ, ସେ ନେଇ ପ୍ରୟାସ ଆରମ୍ଭ କରିବେ। ତାଙ୍କୁ ଆବଶ୍ୟକ କୋଚିଂ ମଧ୍ୟ ଯୋଗାଇ ଦେବେ। ତେବେ ଶିକ୍ଷା ସପ୍ତାହ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ସ୍କୁଲ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବହିଷ୍କୃତ କରାଯାଇପାରିବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଛି। ସଚିବ ସଞ୍ଜୟ କୁମାର କହିଛନ୍ତି ଯେ ଏହି ନିୟମ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ ସମେତ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ୩ହଜାର ସ୍କୁଲରେ କାର୍ଯ୍ୟକାରୀ କରାଯିବ। ଅନ୍ୟପକ୍ଷରେ ଶିକ୍ଷା ରାଜ୍ୟର ବ୍ୟାପାର ହୋଇଥିବାରୁ ରାଜ୍ୟଗୁଡ଼ିକ ସେମାନଙ୍କ ହିସାବରେ ଅନ୍ୟ ସ୍କୁଲରେ ଏହି ନିୟମ ଲାଗୁ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ୭୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

# ଭାରତର ଯୁବପିଢି ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ



ନୂଆଦିଲ୍ଲୀ,୨୩।୧୨: ଭାରତର ଯୁବପିଢି ନୂଆ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ। ସେମାନେ ସବୁ କ୍ଷେତ୍ରରେ ସଫଳ। ଭାରତର ଯୁବବର୍ଗଙ୍କ ସାମର୍ଥ୍ୟ ଏବଂ ପ୍ରତିଭାକୁ ବ୍ୟବହାର କରିବା ଆମ ସରକାରଙ୍କ ସବୁଠାରୁ ବଡ଼ ପ୍ରାଥମିକତା ବୋଲି ସୋମବାର ୭୧ ହଜାର ନିଯୁକ୍ତିପତ୍ର ବଣ୍ଟନ ଅବସରରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧିତ କରିବା ସହ ମୋଦୀ କହିଥିଲେ ଯେ ଏହି ମେଳା ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବାପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ଯୁବପିଢିଙ୍କୁ ରାଷ୍ଟ୍ର ନିର୍ମାଣ ଓ ଆତ୍ମ ସଶକ୍ତିକରଣରେ ଯୋଗଦାନ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରି ସଶକ୍ତ କରିବ। ସେ ଆହୁରି କହିଥିଲେ ଯେ ଦେଶର ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ଆଜି ଏକ ନୂଆ ଅଧ୍ୟାୟ ଆରମ୍ଭ। ଅନେକ ବର୍ଷର ସ୍ୱପ୍ନ ସାକାର ହୋଇଛି। ବର୍ଷ ବର୍ଷର କଠିନ ପରିଶ୍ରମ ଫଳ ଦେଇଛି। ଭାରତର ଯୁବପିଢି ନୂଆ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ। ସବୁ କ୍ଷେତ୍ରରେ ସଫଳ। ରୋଜଗାର ମେଳାଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ଯୁବ ପ୍ରତିଭାଙ୍କ ସଂପୂର୍ଣ୍ଣ ଉପଯୋଗକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ମୋଦୀ କହିଥିଲେ ଯେ ଆମେ ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ଏହା ଏକ ପଦକ୍ଷେପ। ଏହାଦ୍ୱାରା ଦେଶ ନିର୍ମାଣ ଓ ଆତ୍ମ ସଶକ୍ତିକରଣରେ ଯୁବବର୍ଗଙ୍କ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ମିଳିବ। ସୋମବାର ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳାର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ପାଇଁ ଏହି ନିଯୁକ୍ତି ଦିଆଯାଇଛି। ବିଭିନ୍ନ ସ୍ଥାନରୁ ଚୟନ ହୋଇଥିବା ନବନିଯୁକ୍ତ ପ୍ରାର୍ଥୀମାନେ ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଯୋଗ ଦେବେ। ସୋମବାର ବଣ୍ଟନ କରାଯାଇଥିବା ୭୧ହଜାର ନିଯୁକ୍ତିପତ୍ରକୁ ନେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ ଏହି ନିଯୁକ୍ତି ମଧ୍ୟରୁ ୧୧,୩୫୫ ଅର୍ଥାତ୍ ୧୫.୮ ପ୍ରତିଶତ ନିଯୁକ୍ତି ଏସସି ବର୍ଗଙ୍କୁ ଦିଆଯାଇଥିବାବେଳେ ୬୮୬୨ ଅର୍ଥାତ୍ ୯.୫୯ ପ୍ରତିଶତ ଏସ୍‌ଟି ବର୍ଗରେ ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ଯୁବକ ଓ ସେମାନଙ୍କ ପରିବାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ନୂତନ ନିଯୁକ୍ତିରେ ସମସ୍ତ ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ଏଥିରେ ପଛୁଆ ଶ୍ରେଣୀର ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ...

### ଜଷ୍ଟିସ ଭି. ରାମସୁବ୍ରମଣ୍ୟମ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୩।୧୨: ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି.ରାମସୁବ୍ରମଣ୍ୟମଙ୍କୁ ଜାତୀୟ ମାନବାଧିକାର କମିଶନର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପାଇଁ ୬ ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ନାମ ସୁପାରିସ କରିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଏଥିପୂର୍ବରୁ ଅଧ୍ୟକ୍ଷ ଥିବା ଜଷ୍ଟିସ ଅରୁଣ କୁମାର ମିଶ୍ରଙ୍କ କାର୍ଯ୍ୟକାଳ ଗତ ଜୁନ୍ ୧ ରେ ଶେଷ ହୋଇଥିଲା। ଜଷ୍ଟିସ ରାମସୁବ୍ରମଣ୍ୟମ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସେହିପରି ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ପ୍ରିୟଙ୍କ କାନୁନ୍‌ଗୋଙ୍କୁ କମିଶନର ସଦସ୍ୟଭାବେ ମଧ୍ୟ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

### ଫୁଟ୍‌ପାଥ୍‌ରେ ଡମ୍ଫର ମାଡ଼ିଯାଇ ୩ ମୃତ

ମୁମ୍ବାଇ,୨୩।୧୨: ଫୁଟ୍‌ପାଥରେ ଶୋଇଥିବା ଲୋକଙ୍କ ଉପରେ ମାଡ଼ିଗଲା ଡମ୍ଫର। ୯ଜଣଙ୍କୁ ଚାପିଦେଲା। ଘଟଣାସ୍ଥଳରେ ଚାଲିଗଲା ୩ ଜଣଙ୍କ ଜୀବନ। ମୃତକଙ୍କ ମଧ୍ୟରେ ଦୁଇ ଶିଶୁ ରହିଛନ୍ତି। ୱାଗୋଲିର କେଶନନ୍ଦ ପୋଲିସ ଷ୍ଟେସନ ସମ୍ମୁଖରେ ଏହି ଅଘଟଣ ଘଟିଛି। ସମସ୍ତ ମୃତକ ଓ ଆହତ ଶ୍ରମିକ ଶ୍ରେଣୀର। ସେମାନେ ଅମରାବତୀରୁ ଆସି ଏଠାରେ କାମ କରୁଥିଲେ। ପୋଲିସ ଡମ୍ଫର ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେନ୍‌ସେକ୍ସ: ୭୮,୫୪୦.୧୭
ସର୍ବାଧିକ: ୨୭.୦ ଡିଗ୍ରୀ
ସର୍ବନିମ୍ନ: ୨୦.୨ ଡିଗ୍ରୀ

### ୨୩।୧୨।୨୦୨୪ର ମତାମତ

ମୋଦୀ, ଶାହଙ୍କ ଘନଘନ ଓଡ଼ିଶା ଗସ୍ତ ବିଜେପି ସଂଗଠନକୁ ମଜବୁତ କରିବ କି?





### ଆଜିର ପ୍ରସଙ୍ଗ

କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ରାଜଧାନୀରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା କୋଟି କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ





- ନିଆଁ ଲିଭାରେ ୧୫ ଦମ୍‌କଳ ନିୟୋଜିତ
- ପ୍ରଥମ ଥରପାଇଁ ରୋବର୍ଟ ବ୍ୟବହାର
- ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୨୩।୧୨(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ସୋମବାର ସନ୍ଧ୍ୟାରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡ ସତ୍ୟନଗରସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଗୋଦାମରେ ଘଟିଥିଲା। ଏହି ଅଗ୍ନିକାଣ୍ଡର ଭୟାବହ ଏତେମାତ୍ରାରେ ଥିଲା ଯେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ। ଏହି ଗୋଦାମରେ ଥିବା କୋଟି କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଏ ସଂକ୍ରାନ୍ତରେ ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲା। ଅଗ୍ନିକାଣ୍ଡ ଅତି ଭୟଙ୍କର ରୂପଧାରଣ କରିଥିବାରୁ ଏହା ସହଜରେ ନିୟନ୍ତ୍ରଣକୁ ଆସି ନଥିଲା । ଅଗ୍ନିଶମ ବାହିନୀର ୧୫ଟି ଦମକଳ ଗାଡ଼ି ଘଟଣାସ୍ଥଳରେ • ପୃଷ୍ଠା ୫ ଦେଖନ୍ତୁ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା



ନୂଆଦିଲ୍ଲୀ,୨୩।୧୨(ଭାସ୍କର ନ୍ୟୁଜ): ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ଆସନ୍ତା ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୁଇ ଦୁଇଥର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଏହି ସାକ୍ଷାତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ୫ ଦିନିଆ ରାଜସ୍ଥାନ-ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିଥିବା ସୂଚନା ମିଳିଛି। ରାଜସ୍ଥାନରେ ଆୟୋଜିତ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ୯ ଦଫା ଦାବି ରଖିଥିବା ନିଜେ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ପର୍ଯ୍ୟଟନ କ୍ଷେତ୍ରରେ ୧୦ହଜାର କୋଟିର ସହାୟତା ଅନ୍ୟତମ ବୋଲି କୁହାଯାଇପାରେ। ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରେ ଆୟୋଜିତ • ପୃଷ୍ଠା ୫ ଦେଖନ୍ତୁ

## ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ

# ଶ୍ୟାମ ବେନେଗଲଙ୍କ ଦେହାନ୍ତ



ମୁମ୍ବାଇ,୨୩।୧୨: ଆଉ ନାହାନ୍ତି ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ବେନେଗଲ। ସୋମବାର ସନ୍ଧ୍ୟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ କିଡନୀ ଜନିତ ରୋଗରେ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ଗତ ୧୪ ତାରିଖରେ ସେ ତାଙ୍କ ୯୦ ବର୍ଷ ଜନ୍ମ ଉତ୍ସବ ମହାସମାରୋହରେ ପାଳନ କରିଥିଲେ। ଏହି ସମାରୋହରେ ଚଳଚ୍ଚିତ୍ର ଜଗତର ବହୁ ନାମିଦାମୀ କଳାକାର ମଧ୍ୟ ସାମିଲ ହୋଇଥିଲେ। ହିନ୍ଦୀ ଚଳଚ୍ଚିତ୍ର ଜଗତ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଚଳଚ୍ଚିତ୍ର ଜଗତ ପାଇଁ ତାଙ୍କର ଅବଦାନ ନିମନ୍ତେ ଭାରତ ସରକାର ୧୯୭୬ରେ ତାଙ୍କୁ ପଦ୍ମଶ୍ରୀ ଓ ୧୯୯୧ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ୨୦୦୫ରେ ତାଙ୍କୁ ଦାଦାସାହେବ ଫାଲ୍‌କେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ରେକର୍ଡ ୧୮ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ଗୋଟିଏ ଥରପାଇଁ ଫିଲ୍ମଫେୟାର ପୁରସ୍କାର ପାଇଥିଲେ। ୧୯୭୫ ମସିହାରେ ସେ ଅଙ୍କୁର ଚଳଚ୍ଚିତ୍ରରୁ ନିଜର ନିର୍ଦ୍ଦେଶନା ଜୀବନ ଆରମ୍ଭ କରିଥିଲେ। ତାଙ୍କର ପ୍ରସିଦ୍ଧ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ଅଙ୍କୁର, ନିଶାନ୍ତ, ମନ୍ଥନ, ମଣ୍ଡି, ଭୂମିକା, ଯୁବୈଦା ରହିଛି। ସେ ବହୁ ହିଟ୍ ଚଳଚ୍ଚିତ୍ର ଭାରତୀୟ ଦର୍ଶକଙ୍କୁ ମଧ୍ୟ ଭେଟି ଦେଇଥିଲେ। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

## ନୂଆବର୍ଷରୁ ନୂଆ ନିୟମ

# ଏଣିକି ପ୍ରତିମାସରେ ରାସନ ସାମଗ୍ରୀ



ଭୁବନେଶ୍ୱର,୨୩।୧୨(ଭାସ୍କର ନ୍ୟୁଜ): ଆସନ୍ତା ଜାନୁଆରୀ ମାସରେ ନୂଆ ନିୟମ ଲାଗୁ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ରାସନ ସାମଗ୍ରୀ ମିଳିବା କ୍ଷେତ୍ରରେ ଆଉ ହେବନାହିଁ ଅନିୟମିତତା। ପୂର୍ବରୁ ୩ ମାସରେ ଥରେ ମିଳୁଥିବା ରାସନ ସାମଗ୍ରୀ ଏଣିକି ପ୍ରତି ମାସରେ ମିଳିବ। ଜାନୁଆରୀ ମାସରୁ ଏହି ନିୟମ ଲାଗୁ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହି ଘୋଷଣା ପରେ ହିତାଧିକାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ନୂଆବର୍ଷରୁ ଲାଗୁ ହେବାକୁ ଥିବା ଏହି ନିୟମ ଫଳରେ ଡିଲର୍ସ ଥରରେ ହେରଫେର ବନ୍ଦ ହେବା ସହ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ପୂର୍ବରୁ ୩ ମାସରେ ଥରେ ଚାଉଳ ମିଳିବା ଫଳରେ ଡିଲରଙ୍କ ପାଖରେ ଅଧିକ ଚାଉଳ ମହଜୁଦ ରହୁଥିଲା। ମାତ୍ର ଜାନୁଆରୀ ମାସରୁ ପ୍ରତି ମାସରେ ରାସନ ସାମଗ୍ରୀ ପ୍ରତି ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ। ପୂର୍ବରୁ ଡିଲରଙ୍କ ପାଖକୁ ଚାଉଳ ଗଣ୍ଡେପାଇଁ ବାରମ୍ବାର ଦୌଡ଼ିବାକୁ ପଡୁଥିଲା। ତେବେ ନୂଆ ନିୟମ ଲାଗୁ ହେବାପରେ ଆଉ ଏବେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ପାତ୍ର କହିଛନ୍ତି। ସେ କହିଛନ୍ତି, ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଯେଉଁ ଡିଲର ଖିଲାପ କରିବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ ଯେ କନ୍ଧମାଳ ଜିଲ୍ଲାରେ ଆମ୍ବଟାକୁଆ ଜାଉ ଖାଇ ୩ ଜଣ ମହିଳାଙ୍କ ମୃତ୍ୟୁ ହେବା ପରେ ସରକାରଙ୍କ ପକ୍ଷରୁ ପ୍ରତିମାସରେ ରାସନ ସାମଗ୍ରୀ ଯୋଗାଇ ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଖାଦ୍ୟ ଓ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

## ୟୁପିରେ ବଡ଼ଧରଣର ଏନ୍‌କାଉଣ୍ଟର

# ୩ ଖଲିସ୍ତାନୀ ଆତଙ୍କୀ ନିହତ



ପିଲ୍‌ଭିଟ୍,୨୩।୧୨: ଉତ୍ତରପ୍ରଦେଶର ପିଲଭିଟ୍‌ରେ ସୋମବାର ଏକ ବଡ଼ଧରଣର ଏନକାଉଣ୍ଟର ହୋଇଛି। ଏଥିରେ ଖଲିସ୍ତାନୀ କମାଣ୍ଡୋ ଫୋର୍ସର ୩ ଆତଙ୍କୀ ନିହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କଠାରୁ ଦୁଇଟି ଏକେ-୪୭ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ୟୁପି ଓ ପଞ୍ଜାବ ପୋଲିସ ମିଳିତ ଭାବେ ଏହି ଏନକାଉଣ୍ଟର କରିଛନ୍ତି। ଏହି ୩ ଆତଙ୍କବାଦୀ ଗୁରୁଦାସପୁରର ଏକ ଥାନା ଉପରେ ହମ୍‌ଲା କରିଥିଲେ। ସେମାନେ ଗ୍ରେନେଡ ମାଡ଼ କରିବା ସହ ବୋମା ମଧ୍ୟ ଫିଙ୍ଗିଥିଲେ। ସୋମବାର ସକାଳେ ପୋଲିସ ଷ୍ଟେସନ ଉପରେ ଗ୍ରେନେଡ ହମଲା କରାଯାଇଥିବା ସୂଚନା ମିଳିଥିଲା। ୩ ଖଲିସ୍ତାନୀ ଆତଙ୍କବାଦୀଙ୍କ ସ୍ଥିତି ସଂପର୍କରେ ଜଣାପଡ଼ିବା ପରେ ପୋଲିସ ପୁରା ଅଞ୍ଚଳକୁ ନାକାବନ୍ଦୀ କରି ଯାଞ୍ଚ କରିଥିଲା। ପୁରପୁର ଥାନା ଅଞ୍ଚଳର କମରିଆ ପଏଣ୍ଟରେ ଗୋଟିଏ ବାଇକ୍‌ରେ ତିନିଜଣ ଯୁବକ କିଛି ସନ୍ଦିଗ୍ଧ ସାମଗ୍ରୀ ଧରି ପିଲଭିଟ୍ ଆଡକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏହାପରେ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବର୍ଷା ଧୋଇନେଲା ଧାନ ଫସଲକୁ
ହତାଶରେ ଚାଷୀକୁଳ,
ବରଷ ଶେଷକୁ ଦୁଃଖ ଆଣିଦେଲା
ଲଘୁଚାପ ବର୍ଷାଜଳ ।
ବର୍ଷ ସାରା ଝାଳନାଳ,
ହୋଇ ଖଟି ଖଟି ଅମଳବେଳକୁ
ପ୍ରକୃତି ସାଜିଲା କାଳ ।



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକ୍ ତୟାପୁଟ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ସରପଞ୍ଚ ସେନ୍ତା ସାଉନ୍ତା ଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଗୁରେଶ୍ୱର ଭୋଇ ଯୋଗ ଦେଇଥିବା ବେଳେ,ଜିପିଓ ସୁଧିର ବେହେରା,ବିଏସ.ଏସ.ଓ ଅଂଶୁମାନ ବେହେରା,ଯୋଗାଣ ଅଧିକାରୀ ଆଦିତ୍ୟ ନାୟକ,ଓଏଲ୍ଏମ କଡ଼ିନେଟର ପ୍ରକାଶ ସେଠି, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବତୋସ ସ୍ୱାଇଁ,ବି.ଆ.ର.ସି ଦାମଦର କନ୍ଦପାନ ମଞ୍ଚାସିନ ଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଡ଼ିଓ ଶ୍ରୀଯୁକ୍ତ ଭୋଇ ପଞ୍ଚାୟତ ରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲ କହିଥିଲେ । ଏଇ କ୍ଷେତ୍ରରେ ଆବାସ ଯୋଜନା,ପିଡ଼ିଏସ ଚାଉଳ,ପାନିୟ ଜଳ ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ମାତ୍ର ୬ଟି ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଛୋଟିଆ ମୋଟିଆ ଅଭିଯୋଗ ଉପରେ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ସମାଧାନ କରିବାକୁ ନିର୍ଦ୍ଧେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଏଡିଓ ଏନ.ସମେଶ୍ୱର ରାଓ ପରିଚାଳନା କରିଥିଲେ ।



# ଓଲଟପୁର ଥାନାର ସ୍ଥାୟୀ ଗୃହ କେବେ ?

କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଓଲଟପୁର ଥାନା ୨୦୦୯ ମସିହାରେ ଥାନାର ମାନ୍ୟତା ପାଇଥିଲା । ୧୫ ବର୍ଷର ଅତିକ୍ରାନ୍ତ ପାରେ ବି ଏଯାବତ ଉକ୍ତ ଥାନାର ସ୍ଥାୟୀ ଗୃହ ଟିଏ ହୋଇପାରିଲା ନାହିଁ । ଭଡ଼ାଟିଆ ଘର ବଦଳାଇଲା ପରି ଓଲଟପୁର ଥାନା ଏ ଦୁଆରରୁ ସେ ଦୁଆର ହେଉଛି । ରାଜ୍ୟ ସରକାର ଗୃହ ବିଭାଗକୁ ଅଗ୍ରାଧିକାର ଦେଉଥିବା ବେଳେ ସ୍ମାର୍ଟ ଥାନା ବିଭିନ୍ନ ଜାଗାରେ କରାଗଲାଣି । ଅନେକ ଥାନା ନୂଆ କୋଠାରେ ଝଲସୁ ଥିବା ବେଳେ ଓଲଟପୁର ଥାନା ଏହାର ବିପରୀତ । ପ୍ରଥମେ ଅଡ଼ଶପୁର ବଜାରରେ ବିଟ୍ ହାଉସ ଥିବାବେଳେ ପୃଥିବୀର ଦ୍ୱିତୀୟ ଓ ଏସିଆ ମହାଦେଶର ପ୍ରଥମ ସ୍ଥାନ ଅଧିକାର କରିଥିବା ନିରତାର ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଅଡ଼ଶପୁର ବିଟ୍ ହାଉସକୁ ଆଣି କ୍ୱାଟର ଦେଇଥିଲେ । ପରେ ବିଟ୍ ହାଉସ ଟି ଫାଣ୍ଡିରେ ପରିଣତ ହୋଇଥିଲା । ଏହି ଫାଣ୍ଡି ଦୀର୍ଘଦିନ



ରହିବାପରେ ୨୦୦୯ ମସିହାରେ ଥାନାର ମାନ୍ୟତା ପାଇଥିଲା । ଥାନାର ମାନ୍ୟତା ମିଳିବା ପରେ ସେଠାରେ ଜାଗାର ଅସୁବିଧା ଥିବାରୁ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମିତି କ୍ୱାଟରରେ ଖୋଲା ହୋଇଥିଲା । ୧୫ ବର୍ଷ ହେବ ଆଇଆଇସି ପଦବୀ ଥାଇ ମଧ୍ୟ ଏ ପର୍ଯ୍ୟନ୍ତ ଥାନାର ସ୍ଥାୟୀ ଗୃହଟିଏ ନିର୍ମାଣ ହୋଇପାରିଲା ନାହିଁ । ଏବେ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସମିତି କ୍ୱାଟରରେ ଓଲଟପୁର ଥାନା ଚାଲୁଛି । ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ପାଇଁ ନା ଅଛି ହାଜତ ନା ଅପରାଧୀମାନଙ୍କ ଗାଡି ରଖିବାକୁ ଜାଗାଟିଏ । ପୋଲିସ କର୍ମଚାରୀ ମାନେ ରହିବାକୁ ସରକାରୀ କ୍ୱାଟର ମଧ୍ୟ ନାହିଁ । ଓଲଟପୁର ଥାନା ଏକ ସମ୍ବେଦନଶୀଳ ଥାନା, ଏହି ଥାନା ଅଧୀନରେ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ସୁନ୍ଦର ଗାଁ ଠାରୁ ସଳେଇ ପର୍ଯ୍ୟନ୍ତ ଦୁଇ ହଜାରରୁ ଉର୍ଦ୍ଧ୍ୱ ବଡ଼ ବଡ଼ ଦୋକାନ, ନିରତାର, ଇଉଏନ କଲେଜ, ଜାଭିଅର, ଆହାର କେନ୍ଦ୍ର, ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର, ୭ ରୁ ଉର୍ଦ୍ଧ୍ୱ ଜାତୀୟ କରଣ ବ୍ୟାଙ୍କ, ଦଧୀଚି କଲେଜ, ବ୍ଲକ, ତହସିଲ, ବି.ଓ. ଅଫିସ, ଦୁଇ ଦୁଇଟି ସେବାସମବାୟ ସମିତି ହଷ୍ଟେଲ, ସରକାରୀ ଦେଶୀ ଓ ବିଦେଶୀ ଚାରୋଟି ମଦ ଦୋକାନ, ଥିବାରୁ ଏହିସବୁ ଜାଗାମାନଙ୍କରେ ଆଇନ ଶୃଙ୍ଖଳା ବିଗିଡ଼ିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଆଗାମୀ ଦିନରେ ଏହି ସମ୍ବେଦନଶୀଳ ଜାଗାରେ କୋର୍ଟ ଖୋଲିବାକୁ ଯାଉଥିବାରୁ ଏହାର ସୁରକ୍ଷା ଭାର ଏହି ଥାନା ଉପରେ ନିର୍ଭର କରିବ । ଯଥାଶୀଘ୍ର କଟକ ଗ୍ରାମାଞ୍ଚଳ ଏସ୍ପି ଓ ଗୃହ ବିଭାଗ ଓଲଟପୁର ଥାନା ପାଇଁ ସ୍ଥାୟୀ ଗୃହ କରିବା ନିମନ୍ତେ ସରପଞ୍ଚ ନିର୍ମଳ ସାହୁ, ତୃପ୍ତି ରଂଜନ ବେହେରା, ଅଭିମନ୍ୟୁ ମଲିକ, ସରପଞ୍ଚ ସଂଜୟ ରାଉତରାୟ, ଦିଲପ ବେହେରା, ଉମାକାନ୍ତ କର ଦାବି କରିଛନ୍ତି । କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ ଓ ଗ୍ରାମାଞ୍ଚଳ ବିକାଶ ପରିଷଦ ପକ୍ଷରୁ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସର ଭିତରେ ଓ ସରସ୍ୱତୀ ଶିଶୁ ମନ୍ଦିର ପାଖରେ ବହୁ ସରକାରୀ ଜାଗା ଥିବାରୁ ଥାନା ପାଇଁ ଗୃହ ନିର୍ମାଣ କରିବାକୁ ତତ୍କାଳୀନ ଡିଜି ଓ ଗୃହ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି ।

## ଚାଷୀଙ୍କୁ କ୍ଷତିପୂରଣ ଦାବି କଲା ଗଞ୍ଜାମ ଜିଲ୍ଲା ବିଜେଡି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଅଦିନିଆ ବର୍ଷାର ପ୍ରକୋପରେ ଗଞ୍ଜାମ ଜିଲ୍ଲାର ୨୨ ବ୍ଲକର ପାଖାପାଖି ୩,୩୧,୫୦୦ ରୁ ଅଧିକ ଧାନ ଚାଷୀ ପରିବାର ସହ ସମସ୍ତ ବର୍ଗର କୃଷକ ପ୍ରଭାବିତ ହୋଇଛନ୍ତି, ଏନେଇ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କ୍ଷତିପୂରଣ ଓ ବିଭିନ୍ନ ଦାବୀ ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବୀଗୁଡିକ ମଧ୍ୟରେ ଆଧୁନିକ ବୈଷୟିକ ଜ୍ଞାନ କୌଶଳରେ ସମସ୍ତ ପ୍ରକାର କୃଷିକ୍ଷେତ୍ରର କ୍ଷତିର ଯୁଦ୍ଧକାଳୀନ ଆକଳନ ଏବଂ ଆର୍ଥିକ ସହାୟତା ପ୍ରଦାନ, କୃଷି ଋଣ ସହ କୃଷକର ମୁଣ୍ଡ ଉପରେ ଥିବା ଅନ୍ୟାନ୍ୟ ଋଣ ଛାଡ଼, ସମସ୍ତ ବର୍ଗର ଚାଷୀଙ୍କୁ ଜଳକର ଛାଡ, ଗଞ୍ଜାମର ଧାନ ଚାଷୀଙ୍କ ଉତ୍ପାଦିତ



ଧାନର ଗୁଣାତ୍ମକ ମାନରେ କୋହଳ, ପାଣି ମାଡି ଧୂସରିଆ, ବେରଂଗ ହୋଇଥିବା, ଜମି ଯାଇଥିବା ଧାନକୁ କ୍ରୟକରିବା, ହେକ୍ଟର ପ୍ରତି କ୍ଷତର ସହାୟକ ମୂଲ୍ୟକୁ ବୃଦ୍ଧି କରିବା, ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଆଦି ରହିଛି । ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ସୁବାଷ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ଭୃଗୁବକ୍ସି ପାତ୍ର, ସୁବାଷ ମହାରଣା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଶ୍ରମିକ ନେତା ଶଙ୍କର ଦାଶ, ଛତ୍ରପୁର ଏନ୍ଏସି ଉପାଧ୍ୟକ୍ଷ ଜି ପାପା ରାଓ, ବିଜେଡି ନେତ୍ରୀ ସୁଶ୍ରୀ ସୁଲକ୍ଷଣା ଦେବୀ, ବିପ୍ଲବ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# କଂଗ୍ରେସର ବନ୍ଧୁମିଳନ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଇଂରାଜୀ ନୂତନ ବର୍ଷର ଅବ୍ୟବହିତ ପୂର୍ବରୁ କଂଗ୍ରେସ ଦଳର ଏକ ବନ୍ଧୁମିଳନ କୁରାଙ୍ଗଶାସନ ସ୍ଥିତ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପ୍ରାକ୍ତନ ବିଧାୟକ ରବିନ୍ଦ୍ର ମଲିକ, ଆଇନଜୀବୀ ବୈଦ୍ୟନାଥ ନାୟକ, ପଦ୍ମନାଭ ମହାନ୍ତି, ବିଜୟ ମହାପାତ୍ର, କିଶୋର ରାଉତରାୟ, ନିମାଇଁ ରାଉତରାୟ, ଗୋଲାପ ମହାପାତ୍ର ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ଦିଗରେ ଉଦ୍ୟମ କରିବାକୁ ମତପୋଷଣ କରିଥିଲେ । ବାବାଜୀ ମହାନ୍ତି, ଜୟଦେବ ପ୍ରଧାନ, ଶିବଲାଭ ବେହେରା, ରବିନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରେନ୍ଷ୍ଟ୍ରୋକ୍‌ରେ ପୀଡିତ ଶ୍ରୀୟମଙ୍କୁ ଆର୍ଥିକ ସହାୟତା

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ଚଟୁଆ ଗ୍ରାମର ବ୍ରେନ ଷ୍ଟ୍ରୋକ ରୋଗରେ ପୀଡିତ ଶ୍ରୀୟମ ମିଶ୍ରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଚଟୁଆ ଗ୍ରାମର ଏମବିକେ ମୁକ୍ତା ମଞ୍ଜରୀ ମିଶ୍ରଙ୍କର ଏକ ମାତ୍ର ପୁଅ ଶ୍ରୀୟମ ବ୍ରେନ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ମାତ୍ର ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ଥିବା ବେଳେ ପୁଅର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ



ଆର୍ଥିକ ସହାୟତା ପାଇଁ ମା ଆକୁଳ ନିବେଦନ କରିଛନ୍ତି । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ହୃଦୟସ୍ପର୍ଶୀ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ଯୁବ ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ,ନନ୍ଦନନ୍ଦନ ଜୟସିଂ, ପ୍ରକାଶ ମହାନ୍ତି, ପ୍ରବୀର ସ୍ୱାଇଁ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜୀବନ ଜ୍ୟୋତି ଜୟସିଂ, ସତ୍ୟବ୍ରତ ଦାସ ଓ ତୁଷାରକାନ୍ତ ସ୍ୱାଇଁ ପ୍ରମୁଖ ଶ୍ରୀୟମଙ୍କ ବାସଭବନରେ ପହଞ୍ଚି, ତାଙ୍କ ବଡ ବାପାଙ୍କ ମାଧ୍ୟମରେ ତାଙ୍କ ମା'ଙ୍କ ପାଖକୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପଠାଇବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଶ୍ରୀୟମଙ୍କ ବାପା, ମା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟାୟସୀ ପ୍ରଶଂସା କରାଯାଇଛି ।

# ଏନ୍‌ଟିପିସି ପକ୍ଷରୁ ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦୀପଶିଖା, ଏନଟିପିସି ପକ୍ଷରୁ ଶିକ୍ଷାନୁଷ୍ଠାନ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏନଟିପିସି ପ୍ରକଳ୍ପର ଜି.ଏମ. ସତ୍ୟରାମ କ୍ରିଷ୍ଣା ଯୋଗଦେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଅଭିଭାବିକାଙ୍କୁ ଜୀବନରେ ଶିଶୁମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧାତ୍ମିକ ଶିକ୍ଷାକୁ ଗ୍ରହଣ କରି ଭବିଷ୍ୟତ ଗଠନ କରିବା ନିମନ୍ତେ ପ୍ରେରିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ସି.ଭି. ଆଇ. ଅନୁରାଧା, ଏନଟିପିସି ମାନବ ସଂସାଧାନର ମୁଖ୍ୟ ନବନୀତ କୁମାର, ଏବଂ ଏନଟିପିସି ବିଦ୍ୟୁତ ପ୍ରକଳ୍ପର ଅନ୍ୟ ବିଶିଷ୍ଟ ଅଧିକାରୀ ତଥା ଅଫିସର ମାନେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବତନ ସହପ୍ରାନ୍ତ ନିରୀକ୍ଷକ ହେମନ୍ତ




କୁମାର ଧର ଯୋଗଦେଇ 'ମାଆ ମାନଙ୍କୁ ଦେଶର ଭବିଷ୍ୟତ ନାଗରିକ ତିଆରିରେ ପ୍ରମୁଖ ଭାବେ ସେମାନଙ୍କ ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରାଇଥିଲେ । ସେହିପରି ଶିଶୁଙ୍କୁ ଦେଶ ଗଠନରେ ଭାରତୀୟତାର ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ଶ୍ରୀ ଧର ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଏହି ସଭାର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଶ୍ୱନାଥ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାର୍ଷିକ ଉତ୍ସବର ମୁଖ୍ୟବିଚାର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କାର୍ଯ୍ୟ ଯୋଜନାର ବିବରଣୀକୁ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ପାଠ କରିଥିଲେ । ବିଦ୍ୟାଳୟର ସମସ୍ତ ପରିଚାଳନା ସମିତିର ୧୦ ଜଣ ସଦସ୍ୟ ସଦସ୍ୟା ଓ ୨୦ ଜଣ ମାତୃ ଭାରତୀ ସଦସ୍ୟା, ୨୩ ଜଣ ଗୁରୁଜୀ, ଗୁରୁମାଙ୍କ ଓ ଶିଶୁ ଭାରତୀର ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା । ବାର୍ଷିକ ଉତ୍ସବରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି, ପ୍ରାଥମିକ ସ୍ତରର ମେଧାବୃତ୍ତି, ପ୍ରଦେଶ ଓ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହାସଲ କରିଥିବା ୨୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଯାଇଥିଲା । ଚଳିତବର୍ଷ ସଂସ୍କୃତି ବଞ୍ଚିଲେ ଦେଶ ବଞ୍ଚିବ ଶୀର୍ଷକ ଆଧାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଥିବା ବେଳେ ଶିଶୁ ବିଦ୍ୟା ମନ୍ଦିରର ପ୍ରାରମ୍ଭରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୬୯ ଛାତ୍ରଛାତ୍ରୀ ସାମିଲ ଥିଲେ । ଏନ୍‌ଟିପିସି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗରେ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଉତ୍ସବ ମୁଖରିତ ହୋଇଥିବାରୁ ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀଗତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ଖାଇରପୁଟ (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖାଇରପୁଟ ବ୍ଲକ କାର୍ଯ୍ୟାଳୟ ମିଟିଙ୍ଗ ହଲ ଠାରେ ଗୋଷ୍ଠୀ ଗତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକର ୧୧ ଗୋଟି ପଞ୍ଚାୟତ ର ୩୮ ଗୋଟି ରାଜସ୍ୱ ଗ୍ରାମକୁ ପଟ୍ଟା ବଣ୍ଟନ କରାଯାଇଛି । ଏହି ପଟ୍ଟା ପାଇବା ଦ୍ୱାରା ଗ୍ରାମବାସୀ ମାନେ ପାରମ୍ପରିକ ଭାବେ ନିଜ ଗ୍ରାମରୁ କିମ୍ବା ଗ୍ରାମ ବାହାରୁ ସଂଗ୍ରହ ହୋଇ ଆସୁଥିବା ଲଘୁ ବନଜାତ ଦ୍ରବ୍ୟ ର ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ ନିମନ୍ତେ ଅଧିକାର, ଗ୍ରାମର ସୀମାରୁ ଜାଳେଣି କାଠ, କୃଷି ଉପକରଣ ଉଦ୍ଦେଶ୍ୟରେ ପାରମ୍ପରିକ ଭାବରେ କାଠ ସଂଗ୍ରହ ଓ ବ୍ୟବହାର କରିବାର ଅଧିକାର ପାଇବେ । ଏହି କାର୍ଯ୍ୟକ୍ରମରେ ତହସିଲଦାର ପ୍ରମୋଦ କୁମାର ବେହେରା ଉପସ୍ଥିତ ରହି ପଟ୍ଟା ବାଣ୍ଟିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମା ଶଙ୍କର କୋୟା, ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନି, ଆଦିବାସୀ ସଂଘ



ସଭାପତି ବନ୍ଧୁ ମୁଦୁଲି, ବଳି ମାଝୀ ଚିତ୍ରକଣ୍ଡା ବିଧାୟକ ପ୍ରତିନିଧି ନିର ରାଜୁ ଏବଂ ସମସ୍ତ ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ ।

## ନୂଆବନ୍ଧ ଗ୍ରାମରେ ଗୋଚର ଜମିରେ ମାଟିଖୋଳା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଉପଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ତିହିଡି (ଭାସ୍କର ନ୍ୟୁଜ୍ ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବାରସର ପଞ୍ଚାୟତ ଅଧୀନ ନୂଆବନ୍ଧ ମୌଜାରୁ ଏକ ଗୋଚର ଜମିରୁ ମାଟିଖୋଳା ହେବା ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା । ତେବେ ମୁଟୁରୀଗଡ଼ ଗ୍ରାମର କେତେକ ଅଧିବାସୀ ସୋମବାର ଉପଜିଲାପାଳଙ୍କୁ ଭେଟିଛନ୍ତି । ଗୋଚର ଜମିରୁ ମାଟିଖୋଳା ବନ୍ଦ କରାଯିବା ସହ ଏଥିସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ ମୁଟୁରୀଗଡ଼ ଗ୍ରାମ ନିକଟରେ ଗେଙ୍ଗୁଟି ନଈ ଉପରେ ଏବେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଗୋଚର ଜମିରୁ ମାଟି ଖୋଲି ନେଉଥିବାରୁ ସେମାନେ ଏହାର ବିରୋଧ କରିଥିଲେ । ଯାହାକୁ ନେଇ ଠିକାଦାରଙ୍କ ସପକ୍ଷବାଦୀମାନେ ଅନୀଲ ରାଉତ ନାମକ ଯୁବକଙ୍କୁ ମାଡ଼ ମାରିବାରୁ ଗଣ୍ଡଗୋଳ ଉପୁଜି ଉତ୍ତେଜନା ସୃଷ୍ଟି ହୋଇଥିଲା । ଗତ ୨୦ତାରିଖ ଅପରାହ୍ଣରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଅପ୍ରୀତିକର ପରିସ୍ଥିତି ଉପୁଜିବାରୁ ତହସିଲଦାର ମାଟିଖୋଳାକୁ ବନ୍ଦ କରିଥିଲେ । ତେବେ ଅନୀଲ ପୀରହାଟ ଥାନାରେ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ସରପଞ୍ଚ ଚକ୍ରଧର ଦାସ, ଭାଜପା ମଣ୍ଡଳ ସଭାପତି ରାଜାରାମ ମହାକୁଡ଼ଙ୍କ ନାଁରେ ଏକ ମକଦ୍ଦମା (ନଂ ୨୭୨/୨୪) ରୁଜୁ କରିଛି । ଅପରପକ୍ଷେ ସରପଞ୍ଚ ଦାସଙ୍କ ଅଭିଯୋଗ କ୍ରମେ ଅନୀଲ ରାଉତଙ୍କ ନାଁରେ ପୋଲିସ ଅନ୍ୟ ଏକ ମକଦ୍ଦମା (ନଂ ୨୭୩/୨୪) ରୁଜୁ କରିଥିବା ଜଣାଯାଇଛି । ତେବେ ଏହି ଘଟଣା ପରେ ଆଲୋକ ମହାପାତ୍ର, ଦୀପକ ମହାପାତ୍ର, କାଳନ୍ଦୀ ମହାପାତ୍ର, ଅନୀଲ ରାଉତ, ସନ୍ତୋଷ ରାଉତ, ବାବୁଆ ରାଉତ ପ୍ରମୁଖ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟିଛନ୍ତି । ଘଟଣାର ଅନୁଧ୍ୟାନ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଗ୍ରାମବାସୀଙ୍କୁ କହିଥିବା ଜଣାଯାଇଛି ।

# ନିଶାମୁକ୍ତ ସଚେତନତା ଅଭିଯାନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ନିଶା ହଟାଅ ଦେଶ ବଞ୍ଚାଅ । କଥାରେ ଅଛି ନିଶା ହଟିଲେ ରାଜ୍ୟ ବଂଚିବ, ଆଉ ରାଜ୍ୟ ବଞ୍ଚିଲେ ଦେଶ ବଂଚିବ । କିନ୍ତୁ ଆଜିର ଯୁବପିଢ଼ି ସମୟ ସହିତ ନିଜକୁ ସେହି ଦୂଷିତ ଅନ୍ଧକାର ଭିତରକୁ ଠେଲି ଦେଉଛନ୍ତି । ସୋମବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ନିଶାମୁକ୍ତ ଓଡିଶା ଆୟୋଜନରେ ଏକ ସଚେତନ ଶିବିର ସହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିଶା ନିବାରଣ ପାଇଁ ଏକ ଗାଡ଼ିରେ ଏଲଇଡି ପ୍ରୋଜେକ୍ଟର ଦ୍ୱାରା ଚଳଚ୍ଚିତ୍ର ପ୍ରଦର୍ଶିତ ମୋବାଇଲି ଭ୍ୟାନ ଓ କୁମ୍ଭକର୍ଣ୍ଣ ଚରିତ୍ର ଆଧାରିତ ସାଉଣ୍ଡ ସିଷ୍ଟମ ସହ ଆକର୍ଷଣୀୟ ହାଇଡ୍ରଲିକ ମୁଭିଂ ମଡେଲ ମାଧ୍ୟମରେ ସଚେତନ ବାର୍ତ୍ତା ବାଣ୍ଟିଛନ୍ତି । ନିଶା କାରଣରୁ କିଭଳି ଲୋକ ତାଙ୍କର ସର୍ବସ୍ୱ ହରାଇ ଦେଉଛନ୍ତି, ତାକୁ ଅତି ନିଖୁଣ ଭାବରେ ବୁଝାଇଥିଲେ । ନିଶା କବଳରେ ଆଜିର ଯୁବକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ରହିଛନ୍ତି । କେତେବେଳେ ନିଶା ସେବନ ଦ୍ୱାରା କାହାର ଦୁର୍ଘଟଣାରେ ପ୍ରାଣ ଚାଲି ଗଲାଣି ତ ପୁଣି କିଏ ଏହି ନିଶା ପାଇଁ ଜୀବନ ହାରି ଦେଲାଣି । ନିଶା ସେବନ ଦ୍ୱାରା ଯେ କେବଳ ଶାରୀରିକ କ୍ଷତି ହେଉଛି ତାହା ନୁହେଁ ବରଂ ଗୋଟିଏ ପରିବାର ସମ୍ପୂର୍ଣ୍ଣ ଉଜୁଡି ଯାଉଥିବା ମଧ୍ୟ ନଜିର ରହିଛି । ନିଶାଦ୍ରବ୍ୟ ସେବନ କରୁଥିବା ଲୋକମାନଙ୍କ ପରିବାରରେ ଅଧିକାଂଶ ସମୟରେ ଅଶାନ୍ତି ଲାଗି ରହୁଥିବା ବେଳେ ଏହାଦ୍ୱାରା କିଏ ସ୍ୱାମୀ ହରାଇଲାଣି ତ ପୁଣି କିଏ ବାପାକୁ ହରାଇଲାଣି । ଏଥିପାଇଁ ନିଶାଦ୍ରବ୍ୟ ଠାରୁ ନିଜର ପରିଜନମାନଙ୍କୁ ଦୂରେଇ ରଖିବା ପାଇଁ ପ୍ରଥମେ ଘର ପରିବାରରେ ପ୍ରତିବାଦ କରିବାକୁ ହେବ । ଲୋକମାନେ କିଭଳି ନିଶା ଠାରୁ ଦୂରେଇ ରହିବେ ସେଥିପାଇଁ ମାଉଣ୍ଟଆବୁ, ଭୁବନେଶ୍ୱର ଓ କାକଟପୁର ଅସ୍ତରଙ୍ଗ ଅଞ୍ଚଳ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭାଇଭଉଣୀ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ନିଶାମୁକ୍ତ ଭାରତ ଅଭିଯାନ ତରଫରୁ ଅତିଥି ଭାବେ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ,ମାଉଣ୍ଟଆବୁ ର ବି.କେ ସୁରେନ୍ଦ୍ର, ସେଣ୍ଟର ଇନିଚାର୍ଜ ବି. କେ କୁନ୍ତଳା, ବି. କେ ପ୍ରଭାତୀ, ଦୁଷ୍ମନ୍ତ କୁମାର ପରିଡା, ସତ୍ୟବ୍ରତ ଲେଙ୍କା, ଭୁବନେଶ୍ୱର ର ବି. କେ ରୁନି, ବି. କେ ଧିରେନ ପ୍ରମୁଖ ଅଂଶ ଗ୍ରହଣ କରି ସ୍ଥାନୀୟ ଅଞ୍ଚଳ ନିଶା ମୁକ୍ତ ପାଇଁ ସଚେତନ କରିଥିଲେ । ଏହି ପଦଯାତ୍ରା ଅସ୍ତରଙ୍ଗ ମହାବୀର ମନ୍ଦିର ଠାରୁ ଅସ୍ତରଙ୍ଗ ବଜାର ପରିକ୍ରମା କରିଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବି ଅଂଶଗ୍ରହଣ କରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ଭାଙ୍ଗିଲା ଘର




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବିଳମ୍ବିତ ରାତିରେ କୌଣସି ଅଜଣା ଗାଡି ମେଘନାଦ ମେହେର (୬୪) ଙ୍କ ଦୋକାନ ଘର ଛାତକୁ ଧକ୍କା ଦେଇଥିଲା । ଫଳାରେ ଘରର କାନ୍ଥ ଫାଟି ଯାଇଛି । ଘର ମାଲିକ ମେଘନାଦ ମେହେରଙ୍କ ସୂଚନା ଅନୁସାରେ ତାଙ୍କର ପୁତ୍ର ଜୟଦେବ ମେହେର (୨୯) ସେହି ଘରେ ସହଜ କେନ୍ଦ୍ର, ଜନସେବା କେନ୍ଦ୍ର, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କରିଛନ୍ତି । ରବିବାର ବିଳମ୍ବିତ ରାତିରେ କୌଣସି ଅଜଣା ଗାଡି ସେହି ଘରକୁ ଧକ୍କା ଦେଇ ଫେରାର ହୋଇଯାଇଛି । ସକାଳୁ ମେଘନାଦ ପ୍ରାତଃ ଭ୍ରମଣ ପାଇଁ ବାହାରିବା ପରେ ତାଙ୍କ ଦୋକାନ ଅବସ୍ଥା ଦେଖି ଥିଲେ । ପାଖ ଲୋକମାନଙ୍କୁ ଡାକିବା ସହିତ ଗାନ୍ଧୀଛକ ଫାଣ୍ଡିକୁ ଖବର ଦେଇଥିଲେ । ଖବର ପାଇ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କୌଣସି ଭାରି ଯାନ ଏହି ଘରକୁ ଧକ୍କା ଦେଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାପାଇଁ ସ୍ଥାନୀୟ ଲୋକେ ଦାବୀ କରିଥିଲେ ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

# 'ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ'

ଜଗତସିଂହପୁର (ଭାସ୍କର ନ୍ୟୁଜ ) ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଉଁଳି ସ୍ୱାବଲମ୍ବୀ ହୋଇପାରିବେ, ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ତରଫରୁ ଚଳିତ ମାସ ୨୨ ଠାରୁ ଜଗତସିଂପୁର ଜିଲ୍ଲା ରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ସେହି ପରିପ୍ରେକ୍ଷୀରେ, ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଜରୁରୀ ବିଭାଗ ସମ୍ମୁଖରେ ପାଣିପଞ୍ଚାୟତ ସଚେତନତା ରଥ ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ଯାହା ଏହି ପକ୍ଷରେ ଜିଲ୍ଲାର ତାଳଦଣ୍ଡା ଓ ମାଛଗାଁ କେନାଲ୍‌ର ସମସ୍ତ ସେଚାଞ୍ଚଳରେ ୪ଦିନ ଧରି ପରିଭ୍ରମଣ କରି ପ୍ରତ୍ୟେକ ବିଭାଜନରେ ମଧ୍ୟ ବୁଲିବା ସହିତ ଜନସାଧାରଣ ମାନଙ୍କୁ ପାଣି ପଂଚାୟତର କାର୍ଯ୍ୟକାରିତା, ଉପାଦେୟତା ବିଷୟରେ ଅବଗତ କରାଇବା ସହିତ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଇତ୍ୟବସରରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ବିଭାଜନ ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ।



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଯୋଗ ଦେଇଥିଲେ । କେବଳ ସରକାରୀ ବ୍ୟବସ୍ଥା କିମ୍ବା ଚାଷୀଙ୍କର ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ଜଳସେଚନ ପ୍ରଣାଳୀର ଉତ୍ତମ ରକ୍ଷଣାବେକ୍ଷଣ ଓ ସୁପରିଚାଳନ ଭାବେ ଚାଲିବ ବୋଲି ଭାବିବା ଅସମ୍ଭବ । ଏଣୁ ଏହାର ସମାଧାନ ନିମନ୍ତେ ପ୍ରତ୍ୟକ୍ଷ ଯୋଗଦାନ ଓ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ଉପଲବ୍ଧ ସେଚ ଜଳର ସୁପରିଚାଳନା, ସୁକ୍ଷମ ବଣ୍ଟନ ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଶ୍ରୀ ଦାସ ପ୍ରକାଶ କରିଥିଲେ । ଦେବୀ ନଦୀର ଦେବିଦୋଳ ଠାରେ ଏକ ବ୍ୟାରେଜ୍ ନିର୍ମାଣ ନିମନ୍ତେ ସେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଥିଲେ । ଏହି ବ୍ୟାରେଜ ଦ୍ୱାରା ହଜାର ହଜାର ଚାଷ ଜମି ଜଳସେଚିତ ହୋଇପାରିବ । ନିଜ ବକ୍ତବ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ ଅତିଥି ବର୍ଷା ଯୋଗୁଁ କ୍ଷୟ କ୍ଷତି ହୋଇଥିବା ଚାଷ ଜମି ର ଆକଳନ କରି ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡା ଅନଲାଇନ୍ ବ୍ୟବସ୍ଥାରେ ଅଭିଯୋଗର ସମାଧାନ କରିବା , ବନ୍ୟା ସମ୍ପର୍କରେ ସମୟଭିତ୍ତିକ ପ୍ରାକ୍ ସ୍ଥିତିର ସଠିକ ଆକଳନ କରିବା, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଅନଲାଇନ୍ ବ୍ୟବସ୍ଥାରେ ଜଳ ଆବଣ୍ଟନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ବିଭାଗୀୟ ବିଭିନ୍ନ କାର୍ଯ୍ୟର ତଦାରଖ ବ୍ୟବସ୍ଥାକୁ ଦକ୍ଷତାର ସହ ନିର୍ବାହ କରିବା, ଭୂତଳ ଜଳର ସଠିକ ମାତ୍ରା ଜାଣିବା ବିଷୟରେ ଆଲୋଚନା କରଯାଇଥିଲା । ପୌର ଅଧ୍ୟକ୍ଷା ଜଳ ସମ୍ପଦର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଅଧିକ ଜ୍ଞାନ ସମ୍ପନ୍ନ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ସହଭାଗିତାକୁ ଜଳସମ୍ପଦ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ମା ଠାକୁରାଣୀ ପାଣି ପଞ୍ଚାୟତ ୫୨ ନଂର ସଭାପତି ଶ୍ରୀ ପ୍ରକାଶ ରାଏ ଧନ୍ୟବାଦ ଅର୍ପଣ କରିଥିଲେ । ଜଳସେଚନ ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଶେଷ କରି ପାଣି ପଞ୍ଚାୟତ ଆଇନରେ ଆବଶ୍ୟକ ସଂଶୋଧନ କରାଯାଇ ଜଳ ବ୍ୟବହାର କରୁଥିବା କୃଷକଙ୍କ କ୍ଷେତ୍ରରେ ପତି ବା ପତ୍ନୀଙ୍କୁ ପାଣି ପଞ୍ଚାୟତର ସଦସ୍ୟା ଭାବେ ନିୟୋଜିତ କରାଯାଇଛି । ମେଗା ଲିଫ୍ଟ ପ୍ରକଳ୍ପ ଗୁଡିକ ଅଧିନରେ ପାଣି ପଞ୍ଚାୟତ ଯୋଜନା ଗଠନ କରାଯାଇଛି । ପାଣି ପଞ୍ଚାୟତଗୁଡିକର କାର୍ଯ୍ୟାବଳୀ ସମ୍ପର୍କରେ ଜାଣିବା ପାଇଁ ସୂଚନା ଓ ପ୍ରଯୁକ୍ତି ଆଧାରରେ ଇ-କାଡ୍ ଭଳି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ସୂଚନା ଥାଉକି, ଆସନ୍ତା ୨୯ ତାରିଖରେ ଏହି ପାଣି ପଞ୍ଚାୟତର ଜିଲ୍ଲା ସ୍ତରୀୟ ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସର ରେ ପାଳନ କରାଯିବ ବୋଲି ଜଗତସିଂହପୁର ଜଳସେଚନ ବିଭାଜନ ର ଅଧିକ୍ଷଣ ଯନ୍ତ୍ରୀ ତଥା ନୋଡାଲ ଅଫିସର ଶ୍ରୀ ସନ୍ଦୀପ ସୂଚନା ଦେଇଥିଲେ । ଏହି ସଭାରେ ଜିଲ୍ଲା ର ପାଣି ପଞ୍ଚାୟତ ର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଏବଂ ଜଳ ସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



କଟକ(ଭାସ୍କର ନ୍ୟୁଜ୍): କନିଷ୍ଠ ଶିକ୍ଷକ ପଦବି ପୂରଣ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ନୂଆ କଟଅଫ୍ ମାର୍କ ସ୍ଥିର କରି ଦ୍ୱିତୀୟ ମେଧା ତାଲିକା ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ବିଶେଷକରି ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଆଶାୟୀମାନେ ହାଇକୋର୍ଟରେ ଏଭଳି ମାମଲା ରୁଜୁ କରିଥିଲେ । ରାଜ୍ୟର ବିଭିନ୍ନ ସ୍କୁଲରେ ଖାଲିପଡ଼ିଥିବା ସ୍କୁଲରେ ୨୦ ହଜାର କନିଷ୍ଠ ଶିକ୍ଷକ ପଦବି ପୂରଣ ନିମନ୍ତେ ପ୍ରକାଶ ବିଜ୍ଞପ୍ତି ପାଇଥିଲା । ତଦନୁଯାୟୀ ଆବେଦନକାରୀମାନେ ଆବେଦନ କରିଥିଲେ । ଏହାକୁ ନେଇ ବିବାଦ ଆସିଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ପଦବୀ ପୂରଣ ପାଇଁ ସରକାର କାର୍ଯ୍ୟ କରିବାକୁ ଜୁନ୍ ୧୮ ତାରିଖରେ ରାୟ ଦେଇଥିଲେ । ଏହା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଅକ୍ଟୋବର ୫ରେ ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧୬ ହଜାର ୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ । ତେବେ ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ରାଜରାସ୍ତାକୁ ଓହ୍ଲାଇଥିଲା । ତେବେ ବିଭିନ୍ନ କାରଣରୁ ୪ ହଜାରରୁ ଊର୍ଦ୍ଧ୍ୱ ପଦବି ପୂରଣ ହୋଇପାରି ନାହିଁ । ଖାଲି ପଦବିକୁ ପୂରଣ ପାଇଁ ଆଶାୟୀ ପରୀକ୍ଷାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ ।



**ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ**

# ମହୋତ୍ସବ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ) : ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଉତ୍କଳ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ଏହି ନୃତ୍ୟ ଉତ୍ସବଟି ତିନିଦିନ ଧରି ଅନୁଷ୍ଠିତ ହେବ । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଶାସ୍ତ୍ରୀୟ କଳା ଓ ଲୋକ ପରମ୍ପରାର ସମୃଦ୍ଧ ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା । ଉଦ୍‌ଘାଟନୀ ସଂଧ୍ୟାର ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଦେବ ପ୍ରସାଦ ଦାଶ, ଯାଗ୍ୟଶିଷ୍ ମହାପାତ୍ର, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାସ, ନୃତ୍ୟ ପ୍ରତିଭାର ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ, ଚଉଷଠି ଯୋଗିନୀ ମହୋତ୍ସବର ଅଧକ୍ଷ ତଥା ଓଡ଼ିଶା ବିଜେପିର ଉପ ସଭାପତି ଗୋଲକ ମହାପାତ୍ର ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ ୨୦୨୪ ବିଶିଷ୍ଟ ଗାୟକ ପାର୍ଥ ସାରଥୀ ପାଣିଗ୍ରାହି (ବାବୁ)ଙ୍କୁ ସଂଧ୍ୟାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଶ୍ରୀଯୁକ୍ତ ପାର୍ଥ ସାରଥୀ ପାଣିଗ୍ରାହି (ବାବୁ)ଙ୍କ ଦ୍ୱାରା କଣ୍ଠ ସଙ୍ଗୀତ ପରିବେଷଣ । ପରେ ପରେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ନୃତ୍ୟ ପ୍ରତିଭାର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଜଗନ୍ନାଥଷ୍ଟକମ୍ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ପ୍ରେରଣା ପ୍ରତିଷା ଏବଂ ସଂଯୋଜନା କରିଥିଲେ ଗୁରୁ ପ୍ରତିଭା ପଣ୍ଡା । ଏହି କାର୍ଯ୍ୟକ୍ରମଟିକୁ ପ୍ରସ୍ତୁତିରେ ସହଯୋଗ କରିଥିଲେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।

## 'ଆନନ୍ଦ ଧ୍ୟାନ ସାଧନା ଅଧିବେଶନ' ଆୟୋଜିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ଧ୍ୟାନ ଗୁରୁ 'ଅର୍ଚ୍ଚନା ଦିଦି'ଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ମାନବିକତା ପାଇଁ ଉତ୍ସର୍ଗୀକୃତ ଅମୃତ ପଥ ସଂସ୍ଥାନ ଏକ ସୁବର୍ଣ୍ଣ ପ୍ରୟାସ ଯାହା ଧ୍ୟାନ ଏବଂ ସେବା ମାଧ୍ୟମରେ ମାନବ ସମାଜର ଅଗ୍ରଗତି ପାଇଁ ପ୍ରତିବଦ୍ଧ । ଏହି ସଂକଳ୍ପକୁ ପୂରଣ କରିବା ପାଇଁ ଧ୍ୟାନ ଗୁରୁ 'ଅର୍ଚ୍ଚନା ଦିଦି'ଙ୍କ ମାର୍ଗଦର୍ଶନରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ଧ୍ୟାନ ଶିବିର ଏବଂ ସେବା ପ୍ରକଳ୍ପ ଆୟୋଜିତ କରାଯାଉଛି । ଧ୍ୟାନ ଦିଗରେ ଦିଦିଙ୍କର ଅଭିନବ ଚିନ୍ତାଧାରା ଦ୍ୱାରା ବିଶ୍ୱରେ ହଜାର ହଜାର ଲୋକ ଉପକୃତ ହେଉଛନ୍ତି । ଦିଦିଙ୍କ ଦ୍ୱାରା ଉଦ୍ଭାବିତ ଧ୍ୟାନ ପ୍ରଣାଳୀ ଏତେ ସରଳ ଏବଂ ପ୍ରଭାବଶାଳୀ ଯେ ଏହି ଶିବିର ମାଧ୍ୟମରେ ସମାଜର ପ୍ରତ୍ୟେକ ବର୍ଗ ଉପକୃତ ହେଉଛନ୍ତି । ଏହି ସାଧନା ଶିବିରଗୁଡିକର କ୍ରମରେ ଆନନ୍ଦ ଧ୍ୟାନ ସାଧନା ଅଧିବେଶନ ଭୁବନେଶ୍ୱରର ପୋଖରୀପୁଟ ଠାରେ ଆୟୋଜିତ ହେଉଛି । ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ମାଗଣା ରଖାଯାଇଛି ।

## ୫ ଇନ୍ସପେକ୍ଟର ଓ ୩ ଏଏସ୍ଆଇଙ୍କ ବଦଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ୫ ଇନ୍ସପେକ୍ଟର ଓ ୩ ଏଏସ୍ଆଇଙ୍କୁ ବଦଳି କରାଯାଇଛି । ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ କଟକ ଦରଘାବଜାର ଥାନା ଅଧିକାରୀଙ୍କୁ ଚାଉଳିଆଗଞ୍ଜ ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ଚାଉଳିଆଗଞ୍ଜ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଦରଘାବଜାର ଥାନା ଅଧିକାରୀ, ଜଗତପୁର ଥାନା ଅଧିକାରୀ ଓମପ୍ରକାଶ ମହାନ୍ତିଙ୍କୁ କଟକ ସଦର ଥାନା ଅଧିକାରୀ, କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କୁ କଟକ ମୁଖ୍ୟାଳୟକୁ ବଦଳି କରାଯାଇଛି । ସେହିପରି ୩ ଏଏସ୍ଆଇଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ୩ ଦିନ ଭିତରେ ସରିବ ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩ଦିନ ଭିତରେ ସରିବ ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ୩ରୁ ୪ଦିନ ଭିତରେ ୫ମ ଦିନ କ୍ଷତିପୂରଣ ରାଶି ଦେବୁ । କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛୁ । ସମ୍ପୂର୍ଣ୍ଣ ନଷ୍ଟ ହୋଇନଥିବା ଧାନ ବିକ୍ରି ଲାଗି ବ୍ୟବସ୍ଥା ହେବ । ଗଞ୍ଜାମରେ ଅଧିକ କ୍ଷୟକ୍ଷତି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି । ବନ୍ୟା, ବାତ୍ୟା ଆସିବ, କ୍ଷତି ରାଜ୍ୟ ସରକାର ଭରଣା କରିବେ । ଯେଉଁମାନେ ଫସଲ ବୀମା କରିଥିବେ ସେମାନେ ବି ସହାୟତା ପାଇବେ ।

## ରାଜଧାନୀରେ ଚାଞ୍ଚଲ୍ୟ: ଯୁବକଙ୍କୁ ହାଣି ଯୁବତୀଙ୍କୁ ଅପହରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଚାଞ୍ଚଲ୍ୟ । ଗୋଡେଇ ଗୋଡେଇ ଯୁବକଙ୍କୁ ହାଣିଲେ । ସାଙ୍ଗରେ ଥିବା ବାନ୍ଧବୀଙ୍କୁ ଅପହରଣ କରିନେଲେ । ଏଭଳି ଘଟଣା ଘଟିଛି ମୈତ୍ରୀ ବିହାର ଥାନା ଅଞ୍ଚଳରେ । ଗୁରୁତର ଅବସ୍ଥାରେ ଆକାଶ ସିଂ ନାମକ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଯୁବତୀଙ୍କୁ ଅପହରଣ କରିଥିବା ୪ ଯୁବକ ଆକାଶଙ୍କୁ କଲ କରି ଯୁବତୀଙ୍କୁ ଛାଡିବା ପାଇଁ ଟଙ୍କା ଦାବି କରିଛନ୍ତି । କମିଶନରେଟ୍ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅପହରଣ ଯୁବତୀଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

## 'କବିଚନ୍ଦ୍ର' କାଳୀଚରଣ ପଟ୍ଟନାୟକଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'କବିଚନ୍ଦ୍ର' କାଳୀଚରଣ ପଟ୍ଟନାୟକଙ୍କ ସ୍ମରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରଖ୍ୟାତ କବି, ନାଟ୍ୟକାର ତଥା ଗୀତିକାର 'କବିଚନ୍ଦ୍ର' କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ସାଧାରଣତନ୍ତ୍ର ଦିବସ ପାଇଁ ଓଡିଶାରୁ ଦିଲ୍ଲୀ ଯିବେ ୧୨୭ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାଧାରଣତନ୍ତ୍ର ଦିବସ ପାଇଁ ଦିଲ୍ଲୀ ଯିବେ ଓଡିଶାରୁ ୧୨୭ ଛାତ୍ରଛାତ୍ରୀ । ସାଧାରଣତନ୍ତ୍ର ଦିବସ ପାଇଁ ସୈନିକ ସ୍କୁଲରେ ଚାଲିଛି ଫୁଲ ଡ୍ରେସ୍ ରିହଲସଲ । ଦିଲ୍ଲୀ ଯିବେ ଏହି କଣ୍ଟିନଜେଣ୍ଟ । ୧୨୭ ଛାତ୍ରଛାତ୍ରୀ ଭାଗ ନେଉଛନ୍ତି । ୬୩୦୦୦ ହଜାର ଛାତ୍ର ଛାତ୍ରୀଙ୍କ ଭିତରୁ ଏହି ୧୨୭ ସିଲେକ୍ଟ ହୋଇଛନ୍ତି ।

## ସଠିକ୍ ବର୍ଷା ସୂଚନା ଦେବାରେ ସରକାର ବିଫଳ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁରେଶ ପୂଜାରୀଙ୍କ ପ୍ରତିକ୍ରିୟା ଉପରେ ପୂର୍ବତନ ବିଜେଡି ବିଧାୟକ ଭୂପିନ୍ଦର ସିଂ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତା ବଢେଇ ଦେଇଛି । କେତେ ପରିମାଣର ବର୍ଷା ହେବ ତାହା ସଠିକ ଭାବେ ଚାଷୀଙ୍କୁ ସରକାର ଜଣାଇବାରେ ବିଫଳ ହେଇଛନ୍ତି । ବର୍ତ୍ତମାନ୍ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଆମେ ଚାଷୀଙ୍କ ପାଇଁ ସବୁ ବ୍ୟବସ୍ଥା କରୁଛୁ । ଏହା ଭଲ କଥା । ତେବେ ବ୍ୟବସ୍ଥାଟା କଣ ହେବ ତାହା ତୃଣମୂଳ ସ୍ତରରେ ସ୍ପଷ୍ଟ ହୋଇପାରିନି । ବର୍ତ୍ତମାନ କଥା ହେଉଛି ସେମାନଙ୍କ ଋଣ ଛାଡ ହେବ କି, ଦ୍ୱିତୀୟ କଥା ହୋଉଛି ଯେଉ ଧାନ ଓଦା ହୋଇଛି ବା ମଣ୍ଡିରେ ଓଦା ହୋଇଛି ତାକୁ ସରକାର ବା ଏଫସିଆଇ ଗ୍ରହଣ କରିବେ କି ସମସ୍ୟା କେବଳ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁନି ଏଫସିଆଇ ଉପରେ ମଧ୍ୟ ନିର୍ଭର କରୁଛି । ତେଣୁ ସରକାର ତୁରନ୍ତ ଏ ସମ୍ପର୍କରେ ଏଫସିଆଇ ସହ ଆଲୋଚନା କରିବେ କି ବିଭିନ୍ନ ଅଞ୍ଚଳରେ ଖୋଲିଥିବା ମଣ୍ଡିରେ କଟନୀଛଟନୀ ଯୋଗୁ ଚାଷୀମାନେ ଧାନ ଦେଇପାରୁନାହାଁନ୍ତି । ଅଦିନିଆ ବର୍ଷା ଯୋଗୁଁ ପନିପରିବା ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି । ତାଙ୍କ ପାଇଁ କଣ କରିବା ତାହା ମଧ୍ୟ ସରକାର ସ୍ପଷ୍ଟ କରିବା ଦରକାର । ।

**ଗୋଶାଳା ରେଲ୍‌ୱେ ଓଭର୍‌ବ୍ରିଜ୍ ଉଦ୍‌ଘାଟିତ**

## କଟକ ଓ ଜଗତସିଂହପୁରରେ ଦୂରହେବ ଟ୍ରାଫିକ୍ ସମସ୍ୟା: ଆଇନମନ୍ତ୍ରୀ



କଟକ(ଭାସ୍କର ନ୍ୟୁଜ୍): ନବ ନିର୍ମିତ ଗୋଶାଳା ରେଲୱ୍ୱେ ଓଭର ବ୍ରିଜକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ୬୦ କୋଟି ୯୩ ଲକ୍ଷ ୬୫ ହଜାର ବ୍ୟୟରେ ନିର୍ମିତ ଏହି ସେତୁ କଟକ ସହର ଓ ଜଗତସିଂହପୁର ଜିଲ୍ଲା ମଧ୍ୟରେ ଯାତାୟତ ସମୟକୁ କମ୍ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି । ସେ କହିଲେ ଯେ କଟକ ସହର ଓ ଜଗତସିଂହପୁର ଜିଲ୍ଲାର ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ସହ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନରେ ଏହି ଓଭର୍‌ବ୍ରିଜ୍ ପ୍ରମୁଖ ଭୂମିକା ଗ୍ରହଣ କରିବ । ନୂଆବଜାର ଛକରୁ ପ୍ରେସ୍ ଛକକୁ ସଂଯୋଗ କରୁଥିବା ୫୧୧ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଦ୍ୱାରା ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ, କର୍ମଜୀବୀ, ରୋଗୀ, ବରିଷ୍ଠ ନାଗରିକଙ୍କ ଗମନାଗମନ ସୁଗମ କରିବା ହେବ । ଏହି ସେତୁ ଦ୍ୱାରା ଦୈନିକ ପ୍ରାୟ ୧ ଲକ୍ଷ ଲୋକ ଉପକୃତ ହେବେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉଦ୍‌ଘାଯନୀ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ବାରବାଟି ବିଧାୟିକା ସୋଫିୟା ଫିରଦୋସ୍, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ, ସମାଜସେବୀ ନୟନ ମହାନ୍ତି, ଅଭିନେତା ଶ୍ରୀତମ୍ ଦାସ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ୍ ଇନିଅର ଜ୍ୟୋତି ରଞ୍ଜନ ପତିଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରତି ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳିବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡିର ପ୍ରତିଷ୍ଠା ଦିବସ ରାଜ୍ୟ ସଦର ମହକୁମାଠୁ ନେଇ ପ୍ରତି ନିର୍ବାଚନ ମଣ୍ଡଳୀରେ ପାଳନ କରାଯିବ । ରାଜ୍ୟ ପାଇଁ ଓ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼ିବା ଆମର ସଂକଳ୍ପ ରହିବ । ଦଳ ସଂଗଠିତ ଅଛି କିନ୍ତୁ ଦଳକୁ ଶକ୍ତିଶାଳୀ କରିବା ନିହାତି ଜରୁରି ବୋଲି କହିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା । ବିରୋଧୀ ଦଳରେ ରହିଲେ ମନବୋଳ ଭାଙ୍ଗିଯାଏ ତେଣୁ ମନବୋଳ ଦୃଢ଼ କରି ଲଢେଇ କରିବାର ସଂକଳ୍ପ ନେବା ଜରୁରୀ । ଗଣତନ୍ତ୍ର ମତ ପାର୍ଥକ୍ୟ ରହିବ କିନ୍ତୁ ବିଜେଡିରେ ସେମିତି ଗୋଷ୍ଠୀ ବିବାଦ ଥିବା ମୁଁ ଅନୁଭବ କରୁନାହିଁ । ତେଣୁ ସମସ୍ତେ ଏକାଠି ଭାବେ ପ୍ରତିଷ୍ଠା ଦିବସ ପାଳନ କରିବୁ । ନେତାମାନେ ଦଳ ଛାଡ଼ି ଚାଲିଯିବା ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ଚିନ୍ତାର କାରଣ । ସେ ବିଷୟରେ ମଧ୍ୟ ପ୍ରତିଷ୍ଠା ଦିବସ ଅବସରରେ ମାନସ ମନ୍ଥନ କରାଯିବ । ଯାହା ଫଳରେ ସେ ଘଟଣାର ପୁନାରୁବୃତ୍ତି ହେବ ନାହିଁ ବୋଲି ଗଣେଶ୍ୱର ବେହେରା କହିଛନ୍ତି ।

**ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ**

## ୨୦୩୦ ସୁଦ୍ଧା ୭.୫ ଜିଗାୱାଟ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗ୍ରିଡକୋ ଏବଂ ଆଇଫରେଷ୍ଟର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀର ଆୟୋଜନ ହୋଇଥିଲା । ସମ୍ମିଳନୀର ଆୟୋଜନ ୨୦୩୦ ସୁଦ୍ଧା ୭.୫ ଗିଗା ୱାଟ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହା ରାଜ୍ୟର ୧୦.୯୫ ଗିଗା ୱାଟ ଭଳି ବୃହତ ଲକ୍ଷ୍ୟ ପୂରଣରେ ସହାୟକ ହେବ । ସମ୍ମିଳନୀରେ ୧୫୦ରୁ ଊର୍ଦ୍ଧ୍ୱ ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରୁ ଉପଭୋକ୍ତା, ୧୦୦ରୁ ଅଧିକ ସୌରଶକ୍ତି ଉତ୍ପାଦନକାରୀ ସଂସ୍ଥା ଓ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରି ଓଡ଼ିଶାକୁ ସୌରଶକ୍ତିର ହବ୍‌ରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ । ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଦୃଢ ପ୍ରତିଶ୍ରୁତିବଦ୍ଧ । ଅକ୍ଷୟ ଶକ୍ତିରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ । ନିବେଶକଙ୍କ ପାଇଁ ଓଡ଼ିଶାର ଜଳବାୟୁ ମଧ୍ୟ ଅନୁକୂଳ ଏବଂ ଆବଶ୍ୟକୀୟ ସହାୟତା ମଧ୍ୟ ଆମେ ଯୋଗାଇଦେବା ପାଇଁ ପ୍ରସ୍ତୁତ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୭୦ ସୁଦ୍ଧା ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ପ୍ରେରିତ କରିଛନ୍ତି । ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ସମ୍ମିଳନୀରେ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ଓଡ଼ିଶା ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦିଗରେ ଆଗେଇ ଚାଲିଛି । ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ସୁଲଭ ଉପାୟରେ ଶକ୍ତି ଉତ୍ପାଦନକୁ ପ୍ରାଥମିକତା ଦିଆଯାଉଛି । ବର୍ତ୍ତମାନ ରାଜ୍ୟରେ ୨୦୦ ଗିଗା ୱାଟର ସମ୍ଭାବନା ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆହୁରି ଅଭିବୃଦ୍ଧି ଘଟିବ ବୋଲି ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି ।

## ୟୁନିଭରସିଟି ବିଦ୍ୟାଳୟ, ବାଣୀବିହାରର ହୀରକ ଜୟନ୍ତୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୟୁନିଭରସିଟି ବିଦ୍ୟାଳୟ, ବାଣୀବିହାରର ହୀରକ ଜୟନ୍ତୀ ପୁରୁଣା ବିଦ୍ୟାର୍ଥିଙ୍କ ସହଯୋଗରେ ପାଳିତ ହୋଇଯାଇଛି । ହୀରକ ଜୟନ୍ତୀର ଦୁଇ ଦିନ ଉତ୍ସବର ପ୍ରଥମ ଦିନରେ ଥିବା ଉଦ୍‌ଘାଟିନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୃଥ୍ୱୀରାଜ ହରିଚନ୍ଦନ, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ, ସଂମାନୀୟ ଅତିଥି ଭାବରେ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ, ଭୁବନେଶ୍ୱର-ଉତ୍ତର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ମହାପାତ୍ର, ପୁରାତନ ଛାତ୍ର ସଙ୍ଘର ସଭାପତି ଦୀପକ କୁମାର ସ୍ୱାଇଁ, ସାଧାରଣ ସଚିବ ଇଂ ବ୍ରହ୍ମ ପ୍ରକାଶ ପାଇଟାଲ, ଉପସଭାପତି ସନ୍ତୋଷ କୁମାର ମହାପାତ୍ର ସଭାମଣ୍ଡିତ କରିଥିଲେ । ଏହି ସଭାରେ ପୁରାତନ ଛାତ୍ର ସଂଘର ସଭାପତି, ଅତିଥି ମାନଙ୍କ ଗୁଣଗାନ କରିଥିଲେ । ସାଧାରଣ ସଚିବ, ପୁରାତନ ଛାତ୍ର ସଂଘ ଦ୍ୱାରା ବିଦ୍ୟାଳୟ ପାଇଁ କରାଯାଇଥିବା ଉନ୍ନତିର ଗୁଣଗାନ କରିବା ସଙ୍ଗେ ରାଜ୍ୟ ସରକାର ଏବଂ ବିଶ୍ୱ ବିଦ୍ୟାଳୟ ପାଖରେ, ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି, ଭିତ୍ତିଭୂମିର ସୁଧାର ନିମନ୍ତେ ନିବେଦନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଉନ୍ନତିରେ ପୁରାତନ ବିଦ୍ୟାର୍ଥି ସଂଘର ଭୂରିଭୂରି ପ୍ରଶଂସା କରିବା ସଙ୍ଗେ ଶିକ୍ଷକ ନିଯୁକ୍ତି ନିମନ୍ତେ ନିବେଦନ କରିଥିଲେ । ସମ୍ମାନୀତ ଅତିଥି ପ୍ରିୟଦର୍ଶୀ ମିଶ୍ର ବିଦ୍ୟାଳୟର ଗୌରବ ଗାନ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଉନ୍ନତି ପାଇଁ ସରକାରଙ୍କ ପାଖରେ ନିବେଦନ କରିଥିଲେ । ସଂଘର ଉପସଭାପତି ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଭାଷଣ ଦେଇଥିଲେ ।

**ରାଜଧାନୀରେ ପୁଣି ଲୁଟ୍**

### ଘରେ ନଥିବା ବେଳେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ପୁଣି ଲୁଟ । ଏଥର କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ ଖୋଦ୍ ରାଜଧାନୀ ଭିତରେ ଲୁଟ କରିଛନ୍ତି ଲୁଟେରା । ନୟାପଲ୍ଲୀ ଥାନା ଅନ୍ତର୍ଗତ ପାଇକ ନଗର ୧୮୫/୫୨୩ ପ୍ଲେଟରେ ରହୁଥିବା ନିରୁପମା ସାହୁଙ୍କ ଘରୁ କଳାକନା ବୁଲାଇଛନ୍ତି ଲୁଟେରା । ୨୫ ରୁ ୨୭ ଭରି ସୁନା ଗହଣା ଲୁଟି ନେଇଛନ୍ତି ଲୁଟେରା । ନିରୁପମା ଶିରିଡି ବୁଲିବାକୁ ଯାଇଥିବା ବେଳେ ଏହି ଲୁଟ ହୋଇଛି ।

**ରାଜ୍ୟରେ କାମ କରୁନି ରାତ୍ରୀ ଆଶ୍ରୟସ୍ଥଳ**

### ତୁରନ୍ତ ପଦକ୍ଷେପ ନେବାକୁ ମାନବିକ ଅଧିକାର କମିଶନଙ୍କ ଆଦେଶ

କଟକ(ଭାସ୍କର ନ୍ୟୁଜ୍): ଶୀତରାତିରେ ଖୋଲା ଆକାଶତଳେ ଏବଂ ଫ୍ଲାଏ ଓଭର୍ ବ୍ରିଜ୍ ତଳେ ଲୋକମାନେ ଶୋଉଥିବା ଘଟଣା ନେଇ ଆଗତ ମାମଲାରେ ରାଜ୍ୟ ମାନବାଧିକାର ଆୟୁକ୍ତ ଗୁରୁତର ସହ ଗ୍ରହଣ କରିଛନ୍ତି । ଆଗତ ଏକ ଆବେଦନର ଶୁଣାଣି କରି ମାନବାଧିକାର ଆୟୁକ୍ତ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଆଦେଶ ଦେଇଛନ୍ତି । ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏ ସମ୍ପର୍କରେ ଆସନ୍ତା ଜାନୁୟାରୀ ୧୮ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କମିଶନ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟ ଗତ ୨୦୧୦ରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସବୁ ରାଜ୍ୟ ସରକାରଙ୍କୁ ରାତ୍ରୀ ଆଶ୍ରୟସ୍ଥଳୀକୁ ସଠିକ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୩ରେ ରାଜ୍ୟ ମାନବିକ ଅଧିକାର କମିଶନ ମଧ୍ୟ ସରକାରଙ୍କୁ ରାତ୍ରୀ ଆଶ୍ରୟସ୍ଥଳୀକୁ ସଜାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏବେ ବି ରାଜ୍ୟରେ ଆବଶ୍ୟକ ସଂଖ୍ୟକ ରାତ୍ରୀ ଆଶ୍ରୟସ୍ଥଳୀ ନାହିଁ ବୋଲି ମାମଲାର ଶୁଣାଣି ବେଳେ ଆବେଦନକାରୀ କମିଶନଙ୍କୁ ଅବଗତ କରିଥିଲେ । ରାଜ୍ୟରେ ଯେଉଁ କେତେକ ସ୍ଥାନରେ ରାତ୍ରୀ ଆଶ୍ରୟସ୍ଥଳ ରହିଛି ତାହା ଅବସ୍ଥା ଅତ୍ୟନ୍ତ ଖରାପ । ଫଳରେ ବାସହୀନ ରାତ୍ରୀରେ ଖୋଲା ଆକାଶତଳେ ଶୋଇବାକୁ ବାଧ୍ୟ ହେଉଛନ୍ତି ବୋଲି ରୁଜୁ ମାମଲାରେ ଆବେଦନକାରୀ ଦର୍ଶାଇଛନ୍ତି ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲିଙ୍ଗରାଜ ମନ୍ଦିରରେ ଦର୍ଶନ କଲେ ରାଜ୍ୟପାଳ । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିରରେ ଭଗବାନ ଶ୍ରୀ ଲିଙ୍ଗରାଜଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିବା କହିଛନ୍ତି । ଭଗବାନ ହରିହରଙ୍କ ନିକଟରେ ସେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

**ସୁଶାସନ ସପ୍ତାହ ପାଳିତ**

## ସୁଶାସନ-ପ୍ରଶାସନ ଗାଓଁ କି ଓର୍ କର୍ମଶାଳା




କଟକ(ଭାସ୍କର ନ୍ୟୁଜ୍): ଜାତୀୟସ୍ତରରେ ଡିସେମ୍ବର ଗତ ୧୯ ତାରିଖରୁ ୨୪ ତାରଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ ଅବସରରେ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୁଶାସନ-ପ୍ରଶାସନ ଗାଓଁ କି ଓର୍ ବିଷୟବସ୍ତୁ ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗାଁ ମାନଙ୍କରେ ପ୍ରଶାସନ ଦାରା ସୁସାଶନ ବ୍ୟବସ୍ଥାର ପ୍ରଚଳନ ନିମନ୍ତେ ଗ୍ରାମ ସଭା, ପଲ୍ଲୀ ସଭା ଆଦି କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ କହିଲେ ଯେ, ସୁଶାସନ ବ୍ୟବସ୍ଥା ନିମନ୍ତେ କାର୍ଯ୍ୟରତ ଅଧିକାରୀ ଓ କର୍ମଚରୀମାନଙ୍କର ଆଚରଣ ଓ ଉଚ୍ଚରଣରେ ସାମ୍ୟସ ରହିବା ଆବଶ୍ୟକ । ସ୍ୱଚ୍ଛତା ଅବଲମ୍ବନପୂର୍ବକ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଶକ୍ତି, ବ୍ୟବହାର ଏବଂ ଉତ୍ସାହ ପରିଲକ୍ଷିତ ହେବାର ଆବଶ୍ୟକତା ଅଛି । ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ ପ୍ରଶାସନିକ ସୁଶାସନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରି ଗାଁ ମାନଙ୍କରେ ସମୟାନୁବର୍ତ୍ତିତା ଅବଲମ୍ବନ କରି ସରକାରଙ୍କର କାର୍ଯ୍ୟକ୍ରମ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ ଜୋସ୍ନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଓଡ଼ିଶୀ ନୃତ୍ୟ ମହାକୁମ୍ଭ ଶୁଭାରମ୍ଭ**

# ୧୫ତମ ବାର୍ଷିକ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାଂସ୍କୃତିକି କଲଚୁରାଲ ସୋସାଇଟି ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଓଡ଼ିଶୀ ଇଣ୍ଟରନ୍ୟାସନାଲ ଫୋରମ୍ ଆନୁକୂଲ୍ୟରେ ଏବଂ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ୧୫ତମ ବାର୍ଷିକ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଓଡ଼ିଶା ପାଇଁ ନିଶ୍ଚିତ ଭାବେ ଏକ ଗର୍ବ ଓ ଗୌରବର କଥା । ଏହି ଚାରି ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ବିଦେଶ, ଦେଶ ତଥା ରାଜ୍ୟର ପ୍ରାୟ ୩୦୦ରୁ ଅଧିକ ନୃତ୍ୟଶିଳ୍ପୀ ଯୋଗଦାନ କରୁଛନ୍ତି । ଏହି ଉତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟର ସୌନ୍ଦର୍ଯ୍ୟ ଓ କଳାକୁ ଦର୍ଶକମାନଙ୍କ ଆଗରେ ଉପସ୍ଥାପନ କରିବା ଏବଂ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରିବା । ଏହି ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଉଦ୍‌ଘାଟିତ ହୋଇଯାଇଛି ଏବଂ ଏହି ଉତ୍ସବ ଆସନ୍ତା ଡ଼ିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୧୦ ଘଟିକାରୁ ସଂଧ୍ୟା ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ଉତ୍ସବର ସକାଳ ଅଧିବେଶନର ପ୍ରଥମ ଉପସ୍ଥାପନାରେ ଥିଲା ୧୦ ବର୍ଷରୁ କମ୍ ବର୍ଗରେ ଭୁବନେଶ୍ୱରର ଆଦିତ୍ରୀ ବେହେରାଙ୍କ ଦ୍ୱାରା ଓଡ଼ିଶୀ ଏକକ ନୃତ୍ୟ ଅଭିନୟ ଦେଖ ଗୋ ସଖୀ ଦେଖ ପରେ ପରେ ଭୁବନେଶ୍ୱରର ଶ୍ରୀୟାଶ୍ରୀ ମହାପାତ୍ରଙ୍କ ଦ୍ୱାରା ସ୍ଥାୟୀ ନାଚ ଯାହା ରାଗ ବଜ୍ରକାନ୍ତ ଓ ତାଳ ଖେମଟା ଓ ଏକତାଳୀ ଉପରେ ନିବଦ୍ଧ ଥିଲା ଏବଂ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ଶରତ କୁମାର ସାହୁ, ତାଳ ସଂଯୋଜନା ଗୁରୁ ପଦ୍ମ ଚରଣ ଦେହୁରୀ ଓ ନୃତ୍ୟ ସଂଯୋଜନା ଗୁରୁ ଜ୍ୟୋତି ରାଉତ କରିଥିଲେ । ସଂଧ୍ୟା ଅଧିବେଶନର ପ୍ରଥମ ଉପସ୍ଥାପନରେ ଥିଲା ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ଶିଳ୍ପୀ ସୁଚିସ୍ମିତା ସାହୁଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରେ ପରେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଅଦୃତ ରାଓ୍ୱା ଏକାଡ଼େମୀର ଶିଳ୍ପୀମାନେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ ମୁଖ୍ୟ ନିର୍ବାହୀ ଗୁରୁ ସିକତା ଦାସ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ସୁଜାତା ମହାପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଜ୍ୟୋତି ରାଉତ ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଦେବଯାନୀ ସେନ୍ । ଶ୍ୟାମହରି ଚକ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ପରିକଳ୍ପିତ କରାଯାଇଥିଲା ବେଳେ ଆୟୋଜନରେ ସହଯୋଗ କରିଥିଲେ ସଙ୍ଗମିତ୍ରା ମୃଦୁଲୀ, ସୁଚେତା ମିଶ୍ର, ଡକ୍ଟର ପମ୍ପି ପଲ୍, ମନୋସ୍ୱିନୀ ମହାନ୍ତୀ, ଦିନବନ୍ଧୁ ପତି ଓ ସ୍ୱାଧୀନ କୁମାର ।

"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## 'ଏକକ ନିର୍ବାଚନ' ପଥରେ ବାଧକ

# ଯୁଗ୍ମ ସଂସଦୀୟ କମିଟି ଆଗରେ ଆହ୍ୱାନ

ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ ବହୁ ବିତର୍କିତ 'ଏକ ଦେଶ-ଏକ ନିର୍ବାଚନ' ବିଧେୟକ ଉପସ୍ଥାପନ କରାଯାଇଥିଲା। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଧେୟକକୁ ଗୃହରେ ଆଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ପୂର୍ବରୁ 'ଏକ ଦେଶ-ଏକ ନିର୍ବାଚନ' ବିଧେୟକ ଅନୁମୋଦନ ଲାଭ କରିଥିଲା। ସମଗ୍ର ଦେଶରେ ଗୋଟିଏ ସମୟରେ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ କରାଇବାକୁ ଏଥିରେ ବ୍ୟବସ୍ଥା ରହିଛି। ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କେନ୍ଦ୍ର ସରକାର ଅଳ୍ପ କିଛି ବର୍ଷ ପୂର୍ବେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଏହି କମିଟି ଏକ ଦେଶ-ଏକ ନିର୍ବାଚନ ପ୍ରସ୍ତାବର ଭଲମନ୍ଦ ଦିଗ ସଂପର୍କରେ ବିସ୍ତୃତ ଭାବରେ ଅନୁଧ୍ୟାନ କରିବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ କମିଟି ଏକ ଦେଶ-ଏକ ନିର୍ବାଚନ ବ୍ୟବସ୍ଥାକୁ ମାନ୍ୟତା ରଖିବା ସଂଗେସଂଗେ ଲୋକସଭା ସହିତ ସମସ୍ତ ରାଜ୍ୟର ବିଧାନସଭା, ପୌରପରିଷଦ ଓ ପଞ୍ଚାୟତ ନିର୍ବାଚନ କରାଯିବାକୁ ସୁପାରିଶ କରିଥିଲେ। କୋବିନ୍ଦ କମିଟି ଏହି ପ୍ରସ୍ତାବ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ମତାମତ ସଂଗ୍ରହ କରାବେଳେ ୩୨ଟି ଦଳ 'ଏକ ଦେଶ-ଏ ନିର୍ବାଚନ' ବ୍ୟବସ୍ଥା ସପକ୍ଷରେ ମତ ଦେଇଥିଲେ। ଅନ୍ୟପକ୍ଷରେ ୧୫ଟି ରାଜନୈତିକ ଦଳ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ। ବିରୋଧ କରୁଥିବା ଦଳଗୁଡିକର ଯୁକ୍ତି ହେଉଛି ଯେ, ଏକକାଳୀନ ନିର୍ବାଚନ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ଏବଂ ଏହା ସମ୍ବିଧାନର ମୌଳିକତାକୁ କ୍ଷୁର୍ଣ୍ଣ କରିବ। ଭାରତ ଭଳି ବିଶାଳ ଦେଶରେ ଏକକାଳୀନ ନିର୍ବାଚନ ଅସମ୍ଭବ ବୋଲି କଂଗ୍ରେସ ମତ ରଖୁଥିବାବେଳେ ଆଞ୍ଚଳିକ ଦଳଗୁଡ଼ିକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ସମାଜବାଦୀ ପାର୍ଟି ଆଶଙ୍କା ବ୍ୟକ୍ତ କରିଛି। ଶ୍ରୀମତୀ ମମତା ବାନାର୍ଜିଙ୍କ ତୃଣମୂଳ କଂଗ୍ରେସ 'ଏକ ଦେଶ- ଏକ ନିର୍ବାଚନ' ବ୍ୟବସ୍ଥାକୁ ବିଜେପିର ଶସ୍ତା ରାଜନୈତିକ ଖେଳ ବୋଲି ବର୍ଣ୍ଣନା କରିଛି। ତେବେ ଏକ ଦେଶ- ଏକ ନିର୍ବାଚନର ଅନେକ ସକରାତ୍ମକ ଦିଗ ମଧ୍ୟ ରହିଛି, ଯାହା ଦେଶର ସ୍ୱାର୍ଥରକ୍ଷାରେ ସହାୟକ ହୋଇପାରିବ। ଉଦାହରଣସ୍ୱରୂପ ପ୍ରତିବର୍ଷ କୌଣସି ନା କୌଣସି ରାଜ୍ୟରେ ନିର୍ବାଚନ କରାଯାଉଥିବାରୁ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି ଏବଂ ସମୟ ଓ ଶକ୍ତିର ଅଯଥା ଅପଚୟ ହେଉଛି। ଅଧିକାଂଶ ସମୟରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ କରାଯିବା ଫଳରେ ଉନ୍ନୟନ କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି। ତେଣୁ ଗୋଟିଏ ସମୟରେ ସମସ୍ତ ନିର୍ବାଚନ କରାଗଲେ ଅର୍ଥ ଅପଚୟକୁ ରୋକାଯିବା ସହିତ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଆମ ଦେଶର ସ୍ୱାଧୀନତା ପ୍ରାପ୍ତି ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ବ୍ୟବସ୍ଥାର ପ୍ରଚଳନ ପରେ ୧୯୫୨, ୧୯୫୭ ଓ ୧୯୬୨ ମସିହାରେ ଗୋଟିଏ ସମୟରେ ଉଭୟ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାତ୍ର ୧୯୬୭ ମସିହା ପରେ ଲୋକସଭା ଓ ବିଧାନସଭା ନିର୍ବାଚନ ଭିନ୍ନ ଭିନ୍ନ ରାଜ୍ୟରେ ପୃଥକ୍ ସମୟରେ ଅନୁଷ୍ଠିତ ହୋଇଆସୁଛି। ତେଣୁ ଏକ ଦେଶ-ଏକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ କେତେକ ରାଜ୍ୟର ବିଧାନସଭାକୁ ଆଗୁଆ ଭାଙ୍ଗିବାକୁ ପଡିବ। ଏ କ୍ଷେତ୍ରରେ କିଛିଟା ଆଇନଗତ ଜଟିଳତା ସୃଷ୍ଟି ହେବାର ସମ୍ଭାବନା ରହିଛି। ତଥାପି ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଏକ ଦେଶ- ଏକ ନିର୍ବାଚନ ବ୍ୟବସ୍ଥାକୁ ସହମତି ଭିତ୍ତିରେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ତେବେ ସଂସଦରେ ଏହି ବିଧେୟକ ଉପସ୍ଥାପିତ ହେବା ପରେ ଏହାର ଭଲମନ୍ଦ ଦିଗ ସମ୍ପର୍କରେ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ଏହା ପଠାଇ ଦିଆଯାଇଛି। ଯେଉଁଥିରେ ଉଭୟ ଗୃହର ବରିଷ୍ଠ ସାଂସଦମାନେ ସଦସ୍ୟ ରହିଛନ୍ତି। ଏଭଳି ଏକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅନେକ ପ୍ରକାର ବାଧକ ସାଜିବାର ସମ୍ଭାବନା ରହିଛି। ବିଶେଷ କରି ସଂସଦରେ ସରକାରଙ୍କ ସପକ୍ଷରେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନଥିବାରୁ ଏହି ସମ୍ବିଧାନ ସଂଶୋଧନ ବିଧେୟକକୁ ପାରିତ କରିବା କଷ୍ଟକର ହୋଇପଡିବ। ଏହାଛଡ଼ା ଏକଦେଶ- ଏକ ନିର୍ବାଚନ ବ୍ୟବସ୍ଥା ଲାଗୁ ହେଲେ କେବଳ ଇଭିଏମ୍ ବାବଦରେ ଦେଢ଼ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବା ସହିତ ଅର୍ଦ୍ଧ ସାମରିକ ବାହିନୀ ସଂଖ୍ୟା ଦୁଇଗୁଣ ବୃଦ୍ଧି କରିବାକୁ ପଡିବ ବୋଲି ଜଣାପଡିଛି। ଏଭଳି ବାଧାବିଘ୍ନ ସତ୍ତ୍ୱେ ଯଦିବା ଏହା ସଂସଦରେ ଗୃହୀତ ହୁଏ, ତଥାପି ଆସନ୍ତା ୨୦୩୪ ମସିହା ପୂର୍ବରୁ ଏକକ ନିର୍ବାଚନ ସମ୍ଭବ ହେବନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି।

# ଦରଦାମ ବୃଦ୍ଧି, ରିଜର୍ଭବ୍ୟାଙ୍କ ଏବଂ ସରକାର

ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ) ଏଥର ରେପୋ ରେଟ ୬.୫ ପ୍ରତିଶତକୁ ସ୍ଥିର ରଖିଛି। ଏହା ପଛର ମୁଖ୍ୟ କାରଣ ହେଉଛି ଗତ ଅକ୍ଟୋବର ଠାରୁ ଡିସେମ୍ବର ତ୍ରୈମାସିକୀରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ମାତ୍ରାଧିକ ରହିଥିଲା। ଅନୁମାନ ଅନୁସାରେ ୨୦୨୫ ପ୍ରାରମ୍ଭରେ ଖାଦ୍ୟଦ୍ରବ୍ୟର ମୂଲ୍ୟ କମିପାରେ। ଜିନିଷପତ୍ର ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧିର ପ୍ରଭାବ ଲୋକଙ୍କ କ୍ରୟ ଶକ୍ତି ଉପରେ ପଡିଥାଏ। ଯଦି ଠିକ୍ ସମୟରେ ଏହାକୁ ନିୟନ୍ତ୍ରଣ କରାନଯାଏ ତେବେ ଅର୍ଥ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥାଏ। ରିଜର୍ଭବ୍ୟାଙ୍କ ୧୧ଶ ଥର ପାଇଁ ରେପୋରେଟ୍ ସ୍ଥିର ରଖିବାର କାରଣ ବୋଧହୁଏ ଏହି କଥାର ସଙ୍କେତ ଦେଉଛି। ମୋଦୀ ସରକାରଙ୍କ ଦୁଇ ମନ୍ତ୍ରୀ ନିର୍ମଳା ସୀତାରାମଣ ଏବଂ ପିୟୁଷ ଗୋଏଲ ରେପୋରେଟ୍‌ରେ ପରିବର୍ତ୍ତନ ପାଇଁ ରିଜର୍ଭବ୍ୟାଙ୍କର ତତ୍କାଳୀନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଗଭର୍ଣ୍ଣର ଦାସ ସେମାନଙ୍କ ଅନୁରୋଧକୁ ଉପେକ୍ଷା କରି ରେପୋରେଟ୍‌କୁ ସ୍ଥିର ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଣୁ ସରକାରଙ୍କୁ ମଧ୍ୟ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଏବାବଦରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଆମେ ପ୍ରଥମେ ଜାଣିବା ଆବଶ୍ୟକ ଯେ 'ରେପୋରେଟ୍' କ'ଣ? ରେପୋରେଟ୍ ହେଉଛି ସେହି ସୁଧହାର ଯାହା ଉପରେ ଭାରତୀୟ ରିଜର୍ଭବ୍ୟାଙ୍କ ଦେଶର ବାଣିଜ୍ୟକ ବ୍ୟାଙ୍କମାନଙ୍କୁ ଋଣ ସୂତ୍ରରେ ଦେଇଥାଏ। ଏହାକୁ ପୁନଃ କ୍ରୟ ବୁଝାବଣା ବୋଲି କୁହାଯାଇପାରେ ବା ପୁନଃ କ୍ରୟ ବିକଳ୍ପ ମଧ୍ୟ କୁହାଯାଇପାରେ। ରେପୋ ଶବ୍ଦ ପୁନଃ କ୍ରୟ ବୁଝାମଣାରୁ ଆସିଛି, ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ ପାଇଁ ରେପୋରେଟ୍‌କୁ କାର୍ଯ୍ୟକାରୀ କରାଯାଇଥାଏ। ଯେତେବେଳେ ବାଣିଜ୍ୟକ ବ୍ୟାଙ୍କମାନଙ୍କ ପାଖରେ ଧନର ଅଭାବ ରହେ ଅଥବା ବଜାରର ଅସ୍ଥିର ସ୍ଥିତିକୁ ସ୍ଥିର କରିବାର ଆବଶ୍ୟକତା ପଡ଼େ ସେତେବେଳେ ବ୍ୟାଙ୍କମାନେ ରିଜର୍ଭବ୍ୟାଙ୍କ ଠାରୁ ଋଣ ଆଣିଥାନ୍ତି। ସେହି ଋଣ ଉପରେ ରିଜର୍ଭବ୍ୟାଙ୍କ ଯେଉଁ ସୁଧ ନିଏ ବା ସ୍ଥିର କରିଥାଏ ତାକୁ ରେପୋରେଟ୍ କୁହାଯାଏ। ରେପୋରେଟ୍ ବୃଦ୍ଧି କରାଗଲେ ବ୍ୟାଙ୍କମାନେ ରିଜର୍ଭ ବ୍ୟାଙ୍କରୁ ଋଣ ନେବା ପାଇଁ ଅନିଚ୍ଛୁକ ହୋଇଥାନ୍ତି ବା କମ୍ ଋଣ ନେଇଥାନ୍ତି। ଏହାଦ୍ୱାରା ଅର୍ଥ ବ୍ୟବସ୍ଥାରେ ମୁଦ୍ରାର ଆପୁର୍ତ୍ତି କମିଯାଇଥାଏ ଏବଂ ଦରଦାମ ନିୟନ୍ତ୍ରଣ ସହଜ ହୋଇଥାଏ। ରିଜର୍ଭ ବ୍ୟାଙ୍କ ବାଣିଜ୍ୟବ୍ୟାଙ୍କ ଓ ଆର୍ଥିକ ସଂସ୍ଥାମାନଙ୍କୁ ସ୍ୱଳ୍ପ କାଳ ଅବଧି ପାଇଁ ଯେଉଁ ସୁଧ ହାରରେ ଋଣ ଦେଇଥାଏ ତାକୁ ରେପୋରେଟ୍ କୁହାଯାଏ।

ରିଜର୍ଭବ୍ୟାଙ୍କ ରେପୋରେଟ୍ ସ୍ଥିର ରଖିବା ପରେ ଏବେ ସରକାର ଚିନ୍ତା କରିବା ଆବଶ୍ୟକ ଯେ ସ୍ଥିର ଏବଂ ସୀମିତ ଆୟରେ ଜୀବନଯାପନ କରୁଥିବା ଦେଶର ୭୦ରୁ ୮୦ ପ୍ରତିଶତ ଲୋକଙ୍କ ସ୍ଥିତି ଏବେ ଖରପରୁ ଖରାପ ହେବ। କୃଷକଙ୍କ ପ୍ରତି ଦରଦ ଦେଖାଇବା ପାଇଁ ରିଜର୍ଭବ୍ୟାଙ୍କ ଯଦିଓ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣ ପାଇଁ ଗ୍ୟାରେଣ୍ଟିର ଆବଶ୍ୟକତା ନାହିଁ ବୋଲି ନିଷ୍ପତ୍ତି ନେଇଛି ହେଲେ ଦରଦାମ ବୃଦ୍ଧିର ସମୟରେ କୃଷକ ବା ଚାଷୀ ଏହି ଋଣ ନେଲେ ପରିଶୋଧ କରିବେ କେମିତି ଏହା ଉପରେ ମଧ୍ୟ ବିଚାର କରିବା ଆବଶ୍ୟକ। ୧୧ଶ ଥର ପାଇଁ ରିଜର୍ଭବ୍ୟାଙ୍କ ରେପୋରେଟ୍ (ଦର)କୁ ଯଥାବିତ୍ ରଖିଛି। ଗତ ବର୍ଷ ଫେବୃୟାରୀ (୨୦୨୩-ଫେବୃୟାରୀ) ଠାରୁ ଏହା ୬.୫ ପ୍ରତିଶତ ରହିଛି। ଏହି ସ୍ଥିତି କାରଣରୁ ଗାଡି (କାର୍/ମଟରସାଇକେଲ) ପାଇଁ ଋଣ ନେଉଥିବା ମଧ୍ୟବିତ୍ତ ବର୍ଗର ଲୋକେ ପ୍ରଭାବିତ ହେଉଛନ୍ତି। ଯଦି ରିଜର୍ଭବ୍ୟାଙ୍କ ରେପୋରେଟ୍ ହ୍ରାସ କରିଥାନ୍ତେ ତେବେ ଋଣ ନେଉଥିବା ଲୋକଙ୍କ କିସ୍ତି କିଛି କମି ଯାଇଥାନ୍ତା। କିନ୍ତୁ ଦରଦାମ୍ ଯେପରି ଭାବେ ବଢ଼ିଚାଲିଛି ତାକୁ ଦେଖି ରିଜର୍ଭବ୍ୟାଙ୍କ ରେପୋରେଟ୍‌ରେ ପରିବର୍ତ୍ତନ କରିବା ପାଇଁ ଉଚିତ୍ ମନେ କରିନାହାଁନ୍ତି। ବ୍ୟାଙ୍କମାନେ ରିଜର୍ଭବ୍ୟାଙ୍କ ଠାରୁ ଯେଉଁ ହାରରେ (ରେପୋରେଟ୍‌ରେ) ଋଣ ଆଣନ୍ତି ତା'ଠାରୁ ଢେର ଅଧିକହାରରେ ଲୋକଙ୍କୁ ଋଣ ଦେଇଥାନ୍ତି। ଗତ ଥରର ରେପୋରେଟ୍ ବୃଦ୍ଧିର କିଛି ପ୍ରଭାବ ଦରଦାମ ବୃଦ୍ଧି ଉପରେ ଦେଖିବାକୁ ମିଳଥିଲା। କିନ୍ତୁ ରେପୋରେଟ୍‌କୁ ଅଧିକ ଅବଧି ପର୍ଯ୍ୟନ୍ତ ଉଚ୍ଚାରଖିଲେ ଦରଦାମ ବୃଦ୍ଧି ଉପରେ ଏହାର ଅଧିକ ପ୍ରଭାବ ପଡ଼େ ନାହିଁ।

ରେପୋରେଟ୍ ଉଚ୍ଚ ହେଲେ ବ୍ୟାଙ୍କମାନଙ୍କର ବ୍ୟବସାୟକୁ ପ୍ରଭାବିତ ହୋଇଥାଏ। ବ୍ୟାଙ୍କର ବ୍ୟାବସାୟ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବକୁ କମ୍ କରିବା ଉଦ୍ଦେଶ୍ୟରେ ସିଆର୍‌ଆର୍ ବା ଆରକ୍ଷିତ ନଗଦ ଅନୁପାତରେ ୫୦ ଆଧାର ଅଙ୍କର ହ୍ରାସ କରିଦିଆଯାଇଛି। ସିଆର୍‌ଆର୍ ଅର୍ଥାତ୍ ଯେଉଁ ଅର୍ଥ (ପୁଞ୍ଜି) ବ୍ୟାଙ୍କ ସବୁବେଳେ ନିଜ ପାଖରେ ସଂରକ୍ଷିତ ରଖିଥାନ୍ତି ସେଥିରୁ ବ୍ୟାଙ୍କକୁ କେତେ ସହାୟତା ମିଳିଥାଏ ତାହା କହିବା ମୁସ୍କିଲ। କଥା ହେଉଛି ଅର୍ଥ ବ୍ୟବସ୍ଥାର ବିକାଶ ହାରରେ ଅନେକ ବିସଙ୍ଗତି ଦେଖିବାକୁ ମିଳୁଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତୈମାସିକୀରେ ବିକାଶ ହାର ସରକାରଙ୍କ ପାଇଁ ଚେତାବନୀ ସଦୃଶ ଥିଲା। ଅନ୍ୟପଟରେ ଦରଦାମ ବୃଦ୍ଧି ନୟନ୍ତ୍ରଣ ବାହାରେ ରହିଛି। ଡ଼ଲାର (ଆମେରିକୀୟ ମୁଦ୍ରା) ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଚିନ୍ତାଜନକ ସ୍ତରକୁ ଖସି ଆସିଛି। ବିନିର୍ମାଣ କ୍ଷେତ୍ରର ଅବସ୍ଥା ଭଲ ନାହିଁ ଏଭଳି ଅବସ୍ଥାରେ ରେପୋରେଟ୍‌କୁ ଯଥାବିତ୍ ରଖାଗଲେ ଦରଦାମ୍‌କୁ ନିୟନ୍ତ୍ରଣ କରିବା ଏବଂ ବିକାଶ ହାର ମଧ୍ୟରେ କେମିତି ସନ୍ତୁଳନ ରଖାଯାଇ ପାରିବ ସେ କଥା ବୁଝିହେଉ ନାହିଁ। ଦୀର୍ଘ ସମୟହେଲା ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି କରିବାର ବ୍ୟବହାରିକ ଉପାୟ ଖୋଜାଯାଉଛି କିନ୍ତୁ ସରକାର ତମାମ ପ୍ରତିଶୃତି ସତ୍ତ୍ୱେ ରୋଜଗାର, ସୃଜନ ଏବଂ ଆୟରେ ବିଷମତା ପ୍ରସଙ୍ଗରେ ଠୋସ୍ ବ୍ୟବସ୍ଥା କରିପାରୁନାହାଁନ୍ତି। ରିଜର୍ଭବ୍ୟାଙ୍କ ମୌଦ୍ରିକ ସମୀକ୍ଷାରେ ନୀତିଗତ ବିକାଶ କଥାକୁ ଚିନ୍ତା କରିବା ସହ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ ରଖିବାକୁ ପ୍ରାଥମିକତା ଦେଇଛି। ଜିଡିପିର ଚିତ୍ର ରିଜର୍ଭବ୍ୟାଙ୍କ ଏବଂ ବଜାରର ଆକଳନ କରୁଥିବା ଅର୍ଥ ବିଶେଷଜ୍ଞ ଏବଂ ବଜାର ଆକଳନ କରୁଥିବା ବିଶ୍ଳେଷକଙ୍କ ଅନୁମାନ ମଧ୍ୟ ଅଲଗା ଅଲଗା ରହୁଛି।

ଅର୍ଥବ୍ୟବସ୍ଥାର ଗତି ଧିମେଇ ଯାଇଥିବା କଥା ପୂର୍ବରୁ ଦେଖିବାକୁ ମିଳିଥିଲା କିନ୍ତୁ ୫.୪ ପ୍ରତିଶତର ବୃଦ୍ଧି ଅନେକ ସୂଚନା ଦେଉଛି। ଏହା ଅର୍ଥବ୍ୟବସ୍ଥାରେ ସ୍ଥାୟିତ୍ୱକୁ ମଧ୍ୟ ସୂଚୀତ କରୁଛି। ଅର୍ଥ ବ୍ୟବସ୍ଥାର ଧିମାପଣର କାରଣ ଖୋଜିଲେ ସ୍ପଷ୍ଟ ଯେ ନୀତିଗତ ସୁଧ ହାରକୁ ୨୧ ମାସ ପର୍ଯ୍ୟନ୍ତ ଯଥାବିତ୍ ରଖିଥିବା ରିଜର୍ଭବ୍ୟାଙ୍କର ନୀତି ଏଥିପାଇଁ କେତେକ ପରିମାଣରେ ଦାୟୀ। ଏହାକୁ ନେଇ ଅନେକ ଆଲୋଚନା ସମାଲୋଚନା ଚାଲିଛି। ଔଦ୍ୟୋଗିକ ଗତିବିଧିକୁ ଗଡି ଦେବା ପାଇଁ ସୁଧ ହାରରେ ହ୍ରାସର ଆବଶ୍ୟକତାକୁ ନେଇ ଦୀର୍ଘ ସମୟ ଧରି ତର୍ଜମା ଜାରି ରହିଛି। ଏସବୁ ପରିସ୍ଥିତି ଓ ଅବସ୍ଥାକୁ ଦେଖି ରିଜର୍ଭବ୍ୟାଙ୍କ ଏବେବି ସୁଧ ହାର ହ୍ରାସକୁ ନେଇ ସଙ୍କୋଚ କରୁଛି କାରଣ ବ୍ୟାଙ୍କ ଚାହୁଁଛି ଯେ ଯେମିତି ବି ହେଉ ସ୍ଥିତି ଯେମିତି ଅଣାୟତ୍ତ ନହେଉ। ଏଣୁ ପୁଣି ସେଇ ଏକ ପ୍ରଶ୍ନ ଉଠିପାରେ ଦରଦାମ ବୃଦ୍ଧିକୁ କେମିତି ରୋକାଯାଇ ପାରିବ? ଏକଥା ନୁହେଁ ଯେ ସରକାରଙ୍କ ପାଖରେ ଦରଦାମ ବୃଦ୍ଧିକୁ ରୋକିବା ପାଇଁ ଉପାୟ ନାହିଁ। ଅନେକ ସମୟରୁ ଦାବି ଉଠୁଛି ଯେ କେନ୍ଦ୍ର ଓ ରାଜ୍ୟସରକାର ମାନେ ପେଟ୍ରୋଲ ଏବଂ ଡିଜେଲ ଉପରୁ ଅସୁଲ କରାଯାଉଥିବା ଟିକସ ହ୍ରାସ କରନ୍ତୁ। ଟିକସ ହ୍ରାସ ହେଲେ ପେଟ୍ରୋଲ ଓ ଡିଜେଲର ଦାମ କମିବ ଓ ଏହାର ସକାରାତ୍ମକ ପ୍ରଭାବ ପଡିବ। ନିକଟରେ ରୀଜର୍ଭବ୍ୟାଙ୍କର ମୌଦ୍ରିକନୀତି କମିଟି ମଧ୍ୟ ପେଟ୍ରୋଲିୟମ ପଦାର୍ଥ ଉପରୁ ଟିକସ ହାର କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସରକାର କିନ୍ତୁ ଯୁକ୍ତି ଦର୍ଶାଉଛନ୍ତି ଯେ ପେଟ୍ରୋଲ ଡିଜେଲ ଉପରୁ ଅସୁଲ କରାଯାଉଥିବା ଟିକସ ଅର୍ଥରେ ଗରିବ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସରକାରଙ୍କ ଯୁକ୍ତି ଠିକ୍ ହୋଇପାରେ କିନ୍ତୁ ଦରଦାମ ବୃଦ୍ଧିକୁ ରୋକାଯିବ କେମିତି? ସାଧାରଣ ଲୋକଙ୍କ ଉପରେ ଦରଦାମ ବୃଦ୍ଧିର ପ୍ରଭାବ ପଡୁଛି। ଏଣୁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେବା ଉଚିତ୍।

# ସମସ୍ତଙ୍କ କ୍ଷେତ୍ରରେ ଖାଉଟି ସଚେତନତା

ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ 'ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ' ରୂପେ ପାଳନ କରାଯାଇଥାଏ। ସାମାନ୍ୟ ଲାଭ ପାଇଁ ବ୍ୟବସାୟରେ ବେପାରୀଙ୍କ ଦ୍ୱାରା ସାଧାରଣ ଲୋକମାନେ ଠକାମିର ଶିକାର ହୋଇଥାଆନ୍ତି। ସେଥିରୁ ମୁକ୍ତି ପାଇବା ପାଇଁ ବା ତାହାକୁ ରୋକିବା ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଆଇନ ଅଛି। ମାତ୍ର ସେ ସମ୍ପର୍କରେ ଅଧିକାଂଶ ଖାଉଟି ଅବଗତ ନୁହନ୍ତି। ଖାଉଟି ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ଠକାମୀରୁ ମୁକ୍ତି ପାଇବା ପାଇଁ ଏହି ଦିନ ସରକାରୀ ଆଇନଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଜନସାଧାରଣଙ୍କୁ ସୂଚାଇ ଦେବା ପାଇଁ ଏହି ଦିବସକୁ ବିଧିବଦ୍ଧ ଭାବେ ପାଳନ କରାଯାଇଥାଏ। ସାଧାରଣ ଦୈନନ୍ଦିନ ଜୀବନକୁ ଦେଖିଲେ ଜଣାଯାଏ ଯେ ସରକାରୀ ବ୍ୟବସ୍ଥା ଭିତିରେ ଜଣେ ଖାଉଟିର ସୁରକ୍ଷା, ନିରାପତ୍ତା ସର୍ବୋପରି ଉତ୍ତମ ଗୁଣମାନର ସେବା ପାଇଁ ପର୍ଯ୍ୟାପ୍ତ ପରିମାଣର ସୁବିଧା ସୁଯୋଗ ରହିଥିଲେ ବି ବାସ୍ତବ କ୍ଷେତ୍ରରେ ସେମାନେ କିନ୍ତୁ ସେ ସବୁ ଉପଲବ୍ଧରୁ ବଂଚିତ ହୋଇଥାନ୍ତି। ଏପରିକି ଜନଜୀବନ କ୍ଷେତ୍ରକୁ ଦେଖିଲେ ସବୁ ପ୍ରକାର ଆଇନ, ସୁବିଧାର ବ୍ୟବସ୍ଥା ଥିଲେ ବି ଜଣେ ଖାଉଟି ନିଜ ନିଜ କ୍ଷେତ୍ରରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଯାହାପାଇଁ ପରବର୍ତ୍ତୀ ସମୟରେ ସେମାନେ ଅଧିକାଂଶ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ସୁଯୋଗ ପାଇନଥାନ୍ତି।

ଖାଉଟି ମାନଙ୍କୁ ସମସ୍ତ ପ୍ରକାର ସାମାଜିକ, ଆର୍ଥିକ ଓ ନିରାପତ୍ତା ଜନିତ ସୁବିଧା ସୁଯୋଗ ପ୍ରଦାନରେ ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଓଡ଼ିଶା ସରକାର ସମସ୍ତ ଅତ୍ୟାବଶ୍ୟକ ସେବା ହେଉ ବା ସାମାଜିକ ବ୍ୟବସ୍ଥାଭିତିକ କ୍ଷେତ୍ର ସବୁଠାରେ ଉପଭୋକ୍ତା ବା ସାଧାରଣରେ ଜିନିଷଟି କିଣୁଥିବା ତଥାକଥିତ ଖାଉଟି ପାଇଁ ସମସ୍ତ ପ୍ରକାର ସୁବିଧା ଓ ସେବାର ସୁବନ୍ଦୋବସ୍ତ ରଖିଛନ୍ତି। ତଥାପି ସାଧାରଣରେ ସଚେତନତାର ଅଭାବରୁ ଜଣେ ସାଧାରଣ ଉପଭୋକ୍ତା ବା ଖାଉଟି ବିଭିନ୍ନ ସୁବିଧା ଓ ନ୍ୟାୟାଳୟର ଆଇନ ବିଷୟରେ ସଚେତନ ହୋଇନଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ତାଙ୍କ ପାଇଁ କିଛି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଥାଏ। ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଅତ୍ୟାବଶ୍ୟକ କ୍ଷେତ୍ର ଭାବରେ ଖାଦ୍ୟ, ଯୋଗାଣ ଓ ବାଣିଜ୍ୟକର ବିଭାଗକୁ ବୁଝାଯାଏ। ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନେ ସରକାରଙ୍କ ସେବାମୂଳକ ବ୍ୟବସ୍ଥାକୁ ଖାଉଟିଙ୍କ ପାଖରେ ପହଞ୍ଚାଇ ନିଜ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥାନ୍ତି। ତେବେ ସଂପ୍ରତି ସୂଚନା ଓ ପ୍ରଯୁକ୍ତି କୌଶଳ ବହୁତ ବ୍ୟାପକ ହୋଇଥିବାରୁ ଗ୍ରାହକ ମାନଙ୍କ ପାଖରେ ଆଜି କିଣାବିକାର ସାମଗ୍ରୀ ପହଞ୍ଚି ଯାଉଛି। ସରକାରଙ୍କ ବିଭିନ୍ନ ଗୁଣାତ୍ମକ ଓ ଜନହିତକାରୀ ବ୍ୟବସ୍ଥାକୁ ନିଷ୍ଠାପର କର୍ମଚାରୀମାନେ ଦାୟିତ୍ୱ ନିର୍ବାହବେଳେ ଅନେକ ସମସ୍ୟାକୁ ପ୍ରାଥମିକ ଭାବେ ସମ୍ମୁଖୀନ ହେଉଥିଲେ ବି ସରକାରଙ୍କ ଗୁଣାତ୍ମକ ସେବାକୁ ପ୍ରାଥମିକତା ଦେଇ ସେମାନେ ଏହି ଦାୟିତ୍ୱ ନିଷ୍ଠାପର ଭାବେ ତୁଲାଇଥାନ୍ତି।

ଖାଉଟି ସୁରକ୍ଷା କ୍ଷେତ୍ରକୁ ଚିନ୍ତା କଲେ ଆମେ ସାମାଜିକ କ୍ଷେତ୍ରରେ କେବଳ ତେଲଲୁଣ ସଉଦା କିଣାକୁ ବୁଝାଇଥାଉ କିନ୍ତୁ ବାସ୍ତବରେ ଏହା ତାହା ନୁହେଁ। ସ୍ୱାସ୍ଥ୍ୟ ସେବା ହେଉ ବା ଶିକ୍ଷାସେବା, ପରିବହନ ସେବା ଠାରୁ ସାମାଜିକ ସେବା କ୍ଷେତ୍ର ଏପରିକି ଆଇନ ସେବା କ୍ଷେତ୍ରରେ ଜଣେ ନିଜ ହକ୍ ବା ପ୍ରାପ୍ୟ ପାଇଁ ଚିନ୍ତା କରୁଥିବା ସମୟରେ ଖାଉଟି ସୁରକ୍ଷା ଆଇନର ବିଭିନ୍ନ ସେବା ବ୍ୟବସ୍ଥା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇଛି। ସବୁଠାରୁ ପ୍ରଶଂସାଭିମୁଖୀ ଉଦ୍ୟମ ନେଇଛନ୍ତି ଓଡ଼ିଶାର ରାଜ୍ୟ ସରକାର। ଖାଉଟି ମାନଙ୍କ ସର୍ବନିମ୍ନ ସୁରକ୍ଷା କ୍ଷେତ୍ର ପାଇଁ ସରକାରଙ୍କ ବ୍ୟବସ୍ଥାରେ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ମଧ୍ୟ ଅନେକ ସମୟରେ ଏ ନେଇ ସ୍ୱତନ୍ତ୍ର ବିଧି ବ୍ୟବସ୍ଥାର ସୁଯୋଗ ସମ୍ପର୍କରେ ଗଣମାଧ୍ୟମରେ ସୂଚନା ଦେଉଛନ୍ତି। ଆଜି ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ନିଜ ଖାଉଟି ସୁରକ୍ଷା କ୍ଷେତ୍ର ପାଇଁ ସଚେତନତା ସୃଷ୍ଟି କଲେ ଏହି ଆନ୍ଦୋଳନ ସମସ୍ତଙ୍କ ପାଖରେ ପହଂଚି ପାରିବ ବୋଲି ନିଶ୍ଚିନ୍ତ ହେବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଜଙ୍ଗଲ କ୍ଷୟ ଓ ଆମ ଭବିଷ୍ୟତ

ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଜଙ୍ଗଲ କ୍ଷୟ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଯାହା ଫଳରେ ବିଶ୍ୱ ତାପାୟନ ବୃଦ୍ଧି ସହ ପାଣିପାଗରେ ଅସ୍ୱାଭାବିକ୍ ପରିବର୍ତ୍ତନ ଘଟୁଛି। ଏପରିକି ଋତୁ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଚାଲିଛି। ଏଥିପାଇଁ ଶରତ, ହେମନ୍ତ, ବସନ୍ତ ହଜି ଯାଉଛି ଗ୍ରୀଷ୍ମର ପ୍ରକୋପ ଉପରେ। ବର୍ଷକରେ ଆଠ ମାସ ତାତି ଲାଗି ରହୁଛି। ଏପରିକି ଫେବୃୟାରୀ ମାସରୁ ତାତି ଆରମ୍ଭ ହୋଇଯାଉଛି। ଆମେ ଜାଣିଛେ ଯେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ଜୀବଜଗତର ସ୍ଥିତି ନିର୍ଭର କରୁଛି। ଏକ ଆକଳନ ଅନୁସାରେ ପୃଥିବୀରେ ପ୍ରାୟେ ୪୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି। ଏହା ସମଗ୍ର ଭୂ-ଭାଗର ୩୦ ଶତକଡ଼ା। ଏଥିରୁ ୬୨୫ ହେକ୍ଟର ବିଷୁବ ମଣ୍ଡଳୀୟ ଜଙ୍ଗଲ, ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ। କିନ୍ତୁ ବର୍ତ୍ତମାନ ପ୍ରତି ବର୍ଷ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ଏହା ଆଗାମୀ ଦନରେ ବିଶ୍ୱ ପାଇଁ ବଳ ବିପଦକୁ ଡାକି ଆଣି ପାରେ।

ନିକଟରେ ବାତ୍ୟା ଦାନାର ପ୍ରଭାବ ଟଳିଯାଇଛି। ତଥାପି ଏହା ଚାଷଜମି ପରିବା ଚାଷ, ଘରଦ୍ୱାର ନଷ୍ଟ କରିଦେଇଛି। ଅବଶ୍ୟ ଯାହା ଆଶଙ୍କା କରାଯାଉଥିଲା ଏହା ସେପରି ବିପର୍ଯ୍ୟୟ ସୃଷ୍ଟି କରିନଥିଲା। ହେନ୍ତାଳବନ ଯୋଗୁଁ ଏହାର ପ୍ରକୋପକୁ ପ୍ରତିହତ କରାଯାଇପାରିଛି। ତଥାପି କେଜାଣି କାହିଁକି ଅକ୍ଟୋବର ମାସ ଆସିଲେ ଓଡ଼ିଶାରେ ବାତ୍ୟାର ଭୟ ଆସେ। ସତେ ଯେମିତି ଲାଗୁଛି ବାତ୍ୟା ଓଡ଼ିଶାର ଚିର ସହଚର ପାଲଟିଛି। ବିଗତ ଦିନର ଘଟଣାଗୁଡ଼ିକୁ ମନେ ପକାଇଲେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟର ସ୍ମୃତି ଏବେବି ମନରୁ ଲିଭିନି। ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୂରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ। ଆଗାମୀ ଦିନରେ ପ୍ରକୃତିର ଏହି କ୍ରୂର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ। ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି। ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି। ଫଳସ୍ୱରୂପ, ବିଶ୍ୱ ତାପାୟନ ବଢ଼ି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢ଼ିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି। ଛଅ ଋତୁ ଆଜି ସାତ ସପନ। ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ। ଶୀତର ପ୍ରଭାବ ଢେର କମି ଗଲାଣି। ଗରମ ପୋଷାକ ଆଗ ଭଳି ଦରକାର ପଡୁନି। ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି। ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ। କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ। ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ। ଗ୍ରୀଷ୍ମଋତୁର ଅବଧି ବଢ଼ି ବଢ଼ି ଚାଲିଛି। କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା। ସବୁଠି ହା-ହୁତାଶମୟ ପରିବେଶ। ଘରେ ଗରମ ତ -ବାହାରେ ଅଗ୍ନିବର୍ଷା। ଅସହନୀୟ ହେଉଛି ଜୀବନ ଯାତ୍ରା। ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ। ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି। ଏବେ ମୌସୁମୀର ରହୁନି ଠିକଣା। ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି। ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ। କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ଼ ହୋଇଛି। ଏହାର ଜ୍ଞାନ ହୋଇଛି। ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି। କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି। କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ। ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡ଼କ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୁତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃର୍ତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା। ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତା'ହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ। ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢ଼ିଯିବ। ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢ଼ିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି?

ବିଶ୍ୱ ପରିବେଶ ଏଭଳି ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବା ବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସେହିପରି ୧୯୭୧ ମସିହାରୁ ମାର୍ଚ୍ଚ ୨୧ ତାରିଖକୁ ବିଶ୍ୱ ଜଙ୍ଗଲ ଦିବସ ରୂପେ ପାଳନ କରାଯାଉଛି। ଏବେ ଏହି ପ୍ଲାଷ୍ଟିକ ପ୍ରଦୂଷଣ ଆମ ଚିନ୍ତାକୁ ବହୁଗୁଣିତ କରିଛି। ଏବେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ବିଶ୍ୱରେ ଆବର୍ଜନାର ପାହାଡ଼ ସୃଷ୍ଟି କରିଛି ପୃଥିବୀର ସବୁଠାରୁ ଧନଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ହେଉ ବା ଭାରତ ଓ ଚୀନ୍ ପରି ଜନବହୁଳ ଦେଶ ହେଉ ସବୁଠି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର। ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା। ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ। ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି। ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ। ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି ଜାତୀୟ ବନୀକରଣ ଓ ପରିବେଶ ବିକାଶ ପରିଷଦ। ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ। କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନଥିବ। ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ। ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ। ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢ଼ି ବଢ଼ି ଚାଲିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେବଳ ଧନଜୀବନ ନୁହେଁ ପଶୁପକ୍ଷୀଙ୍କର ଅବସ୍ଥା କଥା ମଧ୍ୟ ନକହିଲେ ଭଲ। ଏକ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ପ୍ରାୟ ୫ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ। ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀର ଏକ ଚତୁର୍ଥାଂଶ ଜନସଂଖ୍ୟା ଉପରେ ପଡିବାର ସମ୍ଭାବନା ରହିଛି।

ଜଙ୍ଗଲ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ। ଏହି ଆହ୍ୱାନର ସାମ୍ନା କରିବାକୁ ହେବ ବ୍ୟକ୍ତିଗତ ଭାବେ ଓ ସମଷ୍ଟିଗତ ଭାବେ। ଏହାର ନିରାକରଣ ପାଇଁ ବ୍ୟାପକ ଭାବରେ ବୃକ୍ଷରୋପଣ, ସାମାଜିକ ବନୀକରଣ, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଅଗ୍ରାଧିକାର ଦେବାକୁ ହେବ। ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସଂପୂର୍ଣ୍ଣ ସଫଳ ହେବା ଅସମ୍ଭବ। ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଚାବିକାଠି। ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷଟିଏ ଲଗାଇ ତାକୁ ବଞ୍ଚାଇ ରଖି ପାରିଲେ ଏହା ହେବ ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କରିବାର ସହଜତମ ଉପାୟ ।







ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ସଂସଦରେକେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଭାରତରନ୍ ଆମ୍ବେଦକରଙ୍କ ନାମକୁ ନେଇ ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ  ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତରନ୍ ବାବା ସାହେବ୍ ଆମ୍ବେଦକର ହେଉଛନ୍ତି ଭାରତ ସମ୍ବିଧାନ ର ପ୍ରାଣଯତା, ତାଙ୍କରି ନାମକୁ ନେଇ ଅମିତ ସାହା ଏପରି ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ମାଲକାନଗିରି ବସଷ୍ଟାଣ୍ଡ ଠାରେ ଥିବା ଆମ୍ବେଦକରଙ୍କ ଷ୍ଟେଚ୍ୟୁ ପାଖରୁ ବାହାରି ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜାଇ ସେଠାର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିବା ପରେ ସେଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପୁଣି ଏକ ବିରାଟ ରାଲିରେ ଜାଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାରର ନାରାବାଜି ଦେବାସହ ବିକ୍ଷୋଭ  ପ୍ରଦର୍ଶନ କରିଥିଲେ । ଏଥିରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ର, ମାଳା ମାଢ଼ି , ପି. କେଶୁ , ସରୋଜ ପାତ୍ର, ପର୍ଶୁରାମ ଭକ୍ତ, ଜି. ଶ୍ରୀନିବାସ ରାଓ, ବହୁ ମହିଳା ନେତ୍ରୀଙ୍କ ସମେତ ଶତାଧିକ  କଂଗ୍ରେସ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।



## ପୂର୍ବ ଉପକୂଳର ପ୍ରୟୋଗଶାଳା ହେବ ପାରାଦୀପ: ଧର୍ମେନ୍ଦ୍ର



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଜୟଦେବ ସଦନ ଠାରେ ସୋମବାର ଦିନ ଆୟୋଜିତ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମେ ବଡପଡ଼ିଆ ଥାନା ଛକ ଠାରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସଭା ସ୍ଥଳକୁ ନିଆଯାଥିଲା । ଏହାପରେ ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ପରେ ବିଜେପି ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ ବିଭିନ୍ନ ନେତୃସ୍ଥାନୀୟ ବ୍ୟକ୍ତି ମାନେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଜେପି ବିଧାୟକ ପ୍ରାର୍ଥୀ ରାଜ କିଶୋର ବେହେରା, ଏରସମା-ବାଲିକୁଦା ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ ପ୍ରଧାନ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ଏହି ଭାବାବେଗ ଉଚ୍ଛସିତ ସମ୍ବର୍ଦ୍ଧନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ସର୍ବୋପରି ଲୋକ ହିତକର ଓ ଗରିବ କଲ୍ୟାଣ ବିଜେପି ଡବଲ ଇଞ୍ଜିନ ସରକାରର ପ୍ରାଥମିକତା ବୋଲି କହିଥିଲେ । ଏତଦବ୍ୟତୀତ ୬୧ ହଜାର କୋଟି ଟଙ୍କା ବ୍ୟୟରେ ତୈଳ ବିଶୋଧନାଗାର ନିକଟରେ ନିର୍ମାଣ ହେବାକୁ ଯାଉଥିବା ପ୍ରକଳ୍ପରେ ଛୋଟ ବଡ଼ ୫ ଶହ ଉଦ୍ୟମୀ ତିଆରି ହେବେ । ଦୀର୍ଘ ଦିନ ଧରି ବନ୍ଦ ରହିଥିବା ତିର୍ତ୍ତୋଲ ସୂତାକଳର ପୁନଃ ଉଦ୍ଧାର ହୋଇ ଟେକ୍ସଟାଇଲ ଫାଇବର ଭାବେ ସାରା ଭାରତକୁ ଯୋଗାଇ ଦିଆଯିବ । ସେହିପରି ପାରାଦୀପ ଓ ରାଜ୍ୟର ଅନ୍ୟ ଶିଳ୍ପାଞ୍ଚଳ ମାନଙ୍କରେ ସ୍ଥାନୀୟ ନିଯୁକ୍ତି ସୁନିଶ୍ଚିତ ପାଇଁ ବୈଷୟିକ ଶିକ୍ଷା ପଦ୍ଧତିକୁ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ ପାରାଦୀପରେ ଥିବା ସିପେଟ ପ୍ରଶିକ୍ଷଣ ସଂସ୍ଥା ର ସମ୍ପ୍ରସାରଣ, ପାରାଦୀପରେ ମେରିଟାଇମ ୟୁନିଭର୍ସିଟି ପ୍ରତିଷ୍ଠା ସମେତ ପାରାଦୀପ ପୂର୍ବ ଉପକୂଳର ପ୍ରୟୋଗଶାଳା ହେବାକୁ ଯାଉଛି ବୋଲି ଶ୍ରୀ ପ୍ରଧାନ କହିଥିଲେ । ସେହିପରି ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ପାରାଦୀପ ମାଟିରେ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ କରି କହିଥିଲେ ଯେ, ଉଜ୍ଜ୍ୱଳା ମ୍ୟାନ ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ର ମନ୍ତ୍ରୀ ଥିବା ବେଳେ ମହିଳା ମାନଙ୍କ କଷ୍ଟ ଓ ଦୁଃଖ ଦୂର କରିବା ପାଇଁ ଦେଶ ତଥା ରାଜ୍ୟରେ ମାଗଣାରେ ଗ୍ୟାସ ବଣ୍ଟନ କରିଥିଲେ । ସେହିପରି ବର୍ତ୍ତମାନ କେନ୍ଦ୍ରର ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱରେ ରହି ଶିକ୍ଷା ନୀତିରେ ବୈପ୍ଳବିକ ଉନ୍ନତି ଆଣିବା ତାଙ୍କର କାର୍ଯ୍ୟଦକ୍ଷତା କୁ ପ୍ରତିପାଦନ କରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦିଗଦର୍ଶନରେ ବୁଲେଟ ଟ୍ରେନ ପରି ବିକଶିତ ହେବ ପାରାଦୀପ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ସେହିପରି ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରଶଂସା କରି ତାଙ୍କର ଦକ୍ଷତା ଏବଂ ସହଯୋଗରେ ଆଗାମୀ ଦିନରେ ପାରାଦୀପ ଓ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ହେବାକୁ ଯାଉଥିବା ନେଇ ସୂଚନା ଦେଇଥିଲେ ।

## ଜବରଦଖଲକାରୀଙ୍କ କବ୍‌ଜାରେ ମହାପ୍ରଭୁଙ୍କ ଜମି

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଅଂଞ୍ଚଳରେ ବ୍ୟାପକ ପରିମାଣରେ ଜଗନ୍ନାଥ ମହାପ୍ରଭୁଙ୍କ ସଂପତ୍ତ ଜବରଦଖଲରେ ରହିଥିବା ବେଳେ କେତେଜଣ ବ୍ୟକ୍ତି ଜଗନ୍ନାଥଙ୍କ ମାର୍ଫତଦାର ବୋଲାଇ ଚୁକ୍ତିପତ୍ର ମାଧ୍ୟମରେ ଜମି ବିକ୍ରି କରି କୋଟି କୋଟି ଟଙ୍କା ହାତେଇ ଥିବା ବେଳେ କେତେଜଣ ବ୍ୟକ୍ତି କେତେକ ଅନୁଷ୍ଠାନକୁ ନକଲି କବଲା ଦ୍ୱାରା ଜମି ନେଇ ଯାଇଥିବା ଘଟଣାକୁ ନେଇ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି । ମହାପ୍ରଭୁଙ୍କ ହଜାର ହଜାର କୋଟି ଟଙ୍କାର ସଂପତ୍ତିକୁ ଜବରଦଖଲକାରୀମାନେ ଦଖଲ କରିବା ସହ କୋଠାଘର ନିର୍ମାଣ କରି ରହିଛନ୍ତି । ଯାହାକୁ ନେଇ ଅସନ୍ତୋଷ ବଢୁଥିବା ବେଳେ କ'ଣ ପାଇଁ ଏହି ଜବର ଦଖଲକାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାର ପଦକ୍ଷେପ ନେଉନାହାନ୍ତି ତାହା ଚିନ୍ତା ପ୍ରକଟ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲ ଅଞ୍ଚଳରେ ହଜାର ହଜାର କୋଟି ଟଙ୍କାର ଜଗନ୍ନାଥ ମହାପ୍ରଭୁଙ୍କ ସଂପତ୍ତିକୁ ଜବର ଦଖଲକାରୀମାନେ ଜବରଦଖଲ କରିବା ସହ କୋଠାଘର ନିର୍ମାଣ କରୁଛନ୍ତି । ଅନ୍ୟ କେତେକ ବ୍ୟକ୍ତି କୋଠାଘର ନିର୍ମାଣ କରି ଭଡ଼ା ସୂତ୍ରେ ଦେଇଛନ୍ତି । ନିମାପଡ଼ା ତହସିଲ ପାଟପୁର ରାଜସ୍ୱ ସର୍କଲ ଅରିଷଣ୍ଡ ରାଜସ୍ୱ ମୌଜାରେ ବ୍ୟାପକ ପରିମାଣରେ ମହାପ୍ରଭୁଙ୍କ ସଂପତ୍ତି ରହିଛି । ଜଗନ୍ନାଥ ମହାପ୍ରଭୁ ମାର୍ଫତ ଶ୍ରୀନିବାସ ରାମାନୁଜ, ଗୁରୁମହନ୍ତ ଗଦାଧର ରାମାନୁଜ, କାଳିକା ଦେବୀସାହି ପୁରୀଙ୍କ ନାମରେ ରେକର୍ଡ଼ ଦରଜ ଥାଇ ନୂତନ ବନ୍ଦୋବସ୍ତ ନ ହେବା କାରଣରୁ ଜଗନ୍ନାଥ ମହାପ୍ରଭୁ ବିଜେଙ୍କ ଖାତାକୁ ଯାଇପାରି ନାହିଁ । ଏହାର ସୁଯୋଗ ନେଇ ଅନେକ ବ୍ୟକ୍ତି କୋଠାଘର ନିର୍ମାଣ କରିବା ସହ ଜଗନ୍ନାଥଙ୍କ ସଂପତିକୁ ବିକ୍ରିବଟା ଚୁକ୍ତିପତ୍ର ମାଧ୍ୟମରେ କରି ଦେଉଛନ୍ତି । ଅନେକ ପୋଖରୀ ମହାପ୍ରଭୁଙ୍କ ନାମରେ ଥିବା ବେଳେ କେତେଜଣ ବ୍ୟକ୍ତି ଏହି ପୋଖରୀକୁ ଜବରଦଖଲ କରୁଥିବା ବେଳେ ଅନ୍ୟ କେତେକ ପୋଖରୀ ନିମାପଡ଼ା ପଞ୍ଚାୟତ ସମିତି କୁତ ଦେଉଛି । ମହାପ୍ରଭୁଙ୍କ ସଂପତ୍ତିରେ ଥିବା ମୂଲ୍ୟବାନ ଗଛକୁ କେତେକ ବ୍ୟକ୍ତି ହାଣି ବିକ୍ରି କରିବା ସହ ସଂପତ୍ତିକୁ ଜବର ଦଖଲ କରୁଛନ୍ତି । ତେରବାଟି ମୌଜା, ଅରିଷଣ୍ଡ ମୌଜା, ପାର୍ବତୀପୁର ମୌଜା, ବାମଦେଇପୁର ମୌଜା, ବିଜିପୁର ମୌଜାରେ ଅଚଳାଚଳ ସଂପତି ଥିବା ବେଳେ ତୁଳସୀପୁରରେ ମଧ୍ୟ ଶହ ଶହ କୋଟି ଟଙ୍କାରସଂପତ୍ତି ରହିଛି । ଜଣେ ବ୍ୟକ୍ତି ନିଜକୁ ମାର୍ଫତଦାର ପୁରୀ ଗୋସାଇଁ ବୋଲାଇ ମହାପ୍ରଭୁଙ୍କ ସଂପତ୍ତିକୁ ଚୁକ୍ତିପତ୍ର ମାଧ୍ୟମରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ବ୍ରହ୍ମକୁଣ୍ଡି ମୁଦୁଲି ସାହି ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତା କଡ଼ରେ ଥିବା ବହୁ ମୂଲ୍ୟବାନ ସଂପତ୍ତିକୁ ଗୋସାଇଁ ଜଣେ ବ୍ୟକ୍ତିକୁ ବିକିବା ପାଇଁ ଚୁକ୍ତି କରି ଟଙ୍କା ନେଇଥିବା ବେଳେ ଏହି ସଂପତ୍ତିରେ ଏକ କ୍ୟାବିନ୍ କରାଯାଇ ଦଖଲ କରାଯାଇଛି । ସଂପତ୍ତିରେ ମୂଲ୍ୟବାନ ଗଛ ରହିଥିବା ବେଳେ ତାହାକୁ କାଟି ବିକ୍ରି କରାଯାଉଛି । ଏହି ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଜବରଦଖଲ ଉଚ୍ଛେଦ କରିବାକୁ ସଚେତନ ନାଗରିକଙ୍କ ପକ୍ଷରୁ ଦାବି ହୋଇଛି ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ (ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅନ୍ତର୍ଗତ ବ୍ଲକ ଛକ ନିକଟ ପୁରୀ ମୁଖ୍ୟ କେନାଲରୁ ଏକ ଅଜଣା ବ୍ୟକ୍ତିର ମୃତଦେହ ସୋମବାର ଉଦ୍ଧାର କରାଯାଇଛି । ମୃତକଙ୍କ ପରିଚୟ ମିଳିନାହିଁ । ମୃତକର ବୟସ ପ୍ରାୟ ୩୫ରୁ ୪୦ବର୍ଷ ବୟସ ହେବ ବୋଲି ପୋଲିସ ଅନୁମାନ କରିଛି । ସୋମବାର ଦିନ ୧୦ ଟାରେ ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଶବକୁ ଉଦ୍ଧାର କରିଥିଲା । ପୋଲିସ୍ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରିବା ସହ  ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ଡାକ୍ତରଖାନାକୁ ପଠାଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

## ବାରଙ୍ଗ: ୩ ଦିନରେ ୩ ଲୁଟ୍

ବାରଙ୍ଗ (ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଲୁଟୁଛନ୍ତି ଲୁଟେରା । ବ୍ୟବସାୟୀଙ୍କୁ ଟାର୍ଗେଟ କରୁଛନ୍ତି ଲୁଟେରା । ସୋମବାର ଭୋର୍ ୪ଟା ସମୟରେ ସାନମୁଣ୍ଡଳି ଗ୍ରାମର ବସନ୍ତ ଲେଙ୍କା ବ୍ୟବସାୟ ପାଇଁ କଟକ ଯାଉଥିବା ବେଳେ ନରାଜ ଫାୟାରିଂ ରେଞ୍ଜ ନିକଟରେ ବନ୍ଧୁକ ଦେଖାଇ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି ଲୁଟେରା । ସମାନ ଢଙ୍ଗରେ ଗତକାଲି ଷଣ୍ଢପୁରରେ ବ୍ୟବସାୟୀ ଛକଡି ସିଙ୍କଠାରୁ ୧୦ ହଜାର ଟଙ୍କା ନେଇଥିବା ବେଳେ ଏହାର ପୂର୍ବଦିନ ବାଆଁରା ଗ୍ରାମର ବ୍ୟବସାୟୀଙ୍କଠୁ ଗୋଡିସାହି ସ୍କୁଲ ଏବଂ ଷଣ୍ଢପୁର କେନାଲ ରାସ୍ତାରୁ ପାଖାପାଖି ୨୫ଶହ ଟଙ୍କା ଲୁଟିଥିଲେ । ପୋଲିସ ଛାନ୍ ବିନ ଯାରିରଖିଥିବା ବେଳେ ଅପରାଧୀଙ୍କ ପାଖରେ ପହଞ୍ଚି ପାରିନି ।

## ସୁନା ରଣ ନାଁରେ ଟଙ୍କା ହଡପ ଘଟଣା: ଆଉ ଜଣେ ଗିରଫ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଆକ୍ସିସ ବ୍ୟାଙ୍କରେ ସୁନା ରୁଣ ନାମରେ ଠକେଇ ଅଭିଯୋଗରେ ଆଜି ଆଉଜଣେ ଅଭିଯୁକ୍ତକୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି ମାଲକାନଗିରି ଆଦର୍ଶ ଥାନା ପୋଲିସ । ସୂଚନା ଅନୁଯାୟୀ ପୂର୍ବରୁ ଆକ୍ସିସ ବ୍ୟାଙ୍କରେ ସୁନା ରୁଣ ନାମରେ ମହା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହି ଘଟଣାରେ ପୂର୍ବରୁ ୩ ଜଣ ବ୍ୟାଙ୍କ କର୍ମଚାରୀ ଗିରଫ ହୋଇଥିଲେ । ତେବେ ଏହି ଘଟଣାରେ ସାମିଲ ଥିବା ଅଭିଯୁକ୍ତ ସୌମ୍ୟରଞ୍ଜନ ଦାସ ଅଭିଯୋଗ ପରେ ଫେରାର ହୋଇଯାଇଥିଲା । ପୋଲସ ସୋମ୍ୟକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଅଭିଯୁକ୍ତ ସୌମ୍ୟ ଭୁବନେଶ୍ୱରରେ ଲୁଚି ରହିଥିବା ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସର ଏକ ଟିମ ଚଢାଉ କରି ସୋମ୍ୟକୁ ଗିରଫ କରି ମାଲକାନଗିରି ଆଣିଥିଲେ । ତେବେ ସୋମବାର ପୋଲିସ ପକ୍ଷରୁ ଅଭିଯୁକ୍ତ ସୋମ୍ୟକୁ କୋର୍ଟଚାଲାଣ କରାଯାଇଛି । ମିଥ୍ୟା ପ୍ରମାଣ ପତ୍ର ଦେଇ ଓ ଅନେକ ଗ୍ରାହକଙ୍କ ନକଲି ଦସ୍ତଖତ କରି ଏହି ଅଭିଯୁକ୍ତ ମାନେ ମୋଟ ୧୬୪୮.୭୦ ଗ୍ରାମ ସୁନା ବନ୍ଧକ ଦର୍ଶାଇ ମୋଟ ୮୩. ୮୦ ଲକ୍ଷ ଟଙ୍କା ଲୁଟ କରିଥିଲେ । ତେବେ ପ୍ରକୃତରେ କିନ୍ତୁ ଏହି ପରିମାଣର ସୁନା ବ୍ୟାଙ୍କରେ ଜମା ନଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ପରେ ଏହି ଘଟଣାର ସାମ୍ନାକୁ ଆସିଥିଲା ଓ ଏନେଇ ଥାନାରେ ଲିଖିତ ଅଭିଯୋଗ କରଯାଇ ମୋଟ ସାତ ଜଣଙ୍କ ନାମ ରେ ମାମଲା ରୁଜୁ କରାଯାଇଥିଲା । ଯେଉଁ ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ ଜଣ ଗିରଫ ହୋଇଥିବା ବେଳେ ଆଗକୁ ଏହି ଘଟଣାରେ ଆଉ କିଏ କିଏ ସାମିଲ ଅଛନ୍ତି କି ନାହି ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

## ହାଟ ବଜାର ପାଲଟିଛି ନିଶାଖୋରଙ୍କ ଆଡ୍ଡାସ୍ଥଳୀ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ନିଶା ବ୍ୟବସାୟ ସାଙ୍ଗକୁ ଅପରାଧିକ କାର୍ଯ୍ୟ ବଢ଼ି ଚାଲିଛି । ଧଳାଜହର ସେବନକାରୀଙ୍କର ଭୂସ୍ୱର୍ଗ ପାଲଟିଛି ନିଛାଟିଆ ଜାଗା । ନିମାପଡ଼ା ହାଟ ଚାଳିରେ ରାତିଦିନ ଅପରାଧି ମାନଙ୍କର ମେଳି ହେଉଛି । ଏଠାରେ ପ୍ରଚୁର ପରିମାଣରେ ନିଶା କାରବାର ଚାଲିଥିବା ସହ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଆସର ଜମୁଛି । ଏହି ରାସ୍ତା ଦେଇ ଭଦ୍ର ମହିଳାମାନେ ରାତ୍ର ସମୟରେ ଯାତାୟତ କରିବା ପାଇଁ ନିରାପଦ ମଣୁ ନାହାନ୍ତି । ନିମାପଡ଼ା ପୂର୍ବ ପଟ କୁଶଭଦ୍ରା ନଦୀବନ୍ଧ ସିଦ୍ଧେଶ୍ୱର ଠାକୁରଙ୍କ ଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ରାତ୍ର ସମୟରେ ବ୍ୟାପକ ନିଶା କାରବାର ଚାଲୁଥିବା ବେଳେ ଅନୈତିକ କାର୍ଯ୍ୟ ଚାଲୁଥିବା ଜଣାପଡ଼ିଛି । କ'ଣ ପାଇଁ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଅନେକବାର ଏହି ଘଟଣା ଉପରେ ପ୍ରତିବାଦ ସ୍ୱର ଉଠୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ।

## ଧାମନଗରରେ ଜନଶୁଣାଣି ଶିବିର



ଭଦ୍ରକ (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଧାମନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଏସ୍.ପି. ବାସୁଦେବ ସ୍ୱାଇଁ  ଯୋଗ ଦେଇ ସମୁଦାୟ ୧୧୯ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୯୭ ଟି ବ୍ୟକ୍ତିଗତ ଓ ୨୨ ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା । ଏଥି ମଧ୍ୟରୁ ତତ୍‌କ୍ଷଣାତ ୪ଟି ସମସ୍ୟା ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ନେଞ୍ଚୋରା ଗ୍ରାମର ନିରୁପମା ସାହୁଙ୍କୁ ୩ ହଜାର ଟଙ୍କା ଏବଂ ଫତେପୁର ଗ୍ରାମର  ବାସନ୍ତୀ ସ୍ୱାଇଁଙ୍କୁ  ୨ ହଜାର ଟଙ୍କା ରେଡ୍‌କ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା ।  କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଧାମନଗର ବି.ଡି.ଓ. ବନବିହାରୀ ଦିଣ୍ଡା ଓ ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ ।

## ବ୍ଲକ୍‌ରେ ରାଜନେତାଙ୍କ ଘନ ଘନ ସମୀକ୍ଷା ବୈଠକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧି ମାନେ ରହସ୍ୟ ଜନକ ଭାବେ ଘନ ଘନ ସମୀକ୍ଷା ବୈଠକ କରୁଥିବାର ଅଭିଯୋଗ ହୋଇଛି । ଏହି ବୈଠକ ରାତ୍ରର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ କରାଯାଉଥିବା ଘଟଣାକୁ ନେଇ କର୍ମଚାରୀ ମାନେ ଅତିଷ୍ଠ ହୋଇପଡିଛନ୍ତି । ସ୍ଥାନୀୟ ରାଜନେତାଙ୍କ ଏହି ସମୀକ୍ଷାବୈଠକକୁ ନେଇ ସାଧାରଣରେ ଚପା ଗୁଞ୍ଜରଣ ପ୍ରକାଶ ପାଇଛି । ଠିକାଦାରମାନେ ବକେୟା ପ୍ରାପ୍ୟ ପାଇବା ନିମନ୍ତେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡିଦୌଡି ନିରାଶ ହେଉଥିବାର ଜଣାଯାଇଛି । ମୋଟା ଅଙ୍କର ପିସି ନଦେଲେ ସେମାନଙ୍କ ପ୍ରାପ୍ୟ ଦିଆଯାଉନାହିଁ । ଠିକାଦାର ମାନଙ୍କୁ ବାରମ୍ବାର ମାନସିକ ନିର୍ଯ୍ୟାତନ ଦିଆଯାଉଥିବାର ବହୁ ଠିକାଦାର ସେମାନଙ୍କ ନାମ ଗୋପନରଖି ପ୍ରକାଶ କରିଛନ୍ତି । ପିସି ନଦେଲେ ସେମାନଙ୍କ ବକେୟା ପ୍ରାପ୍ୟ ଦିଆଯାଉନାହିଁ । ଏପରିକି ଏହି ବ୍ଲକ ଅଂଚଳରେ ବହୁ ପ୍ରକଳ୍ପ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି । ତେବେ ସ୍ଥାନୀୟରାଜନେତା ରହସ୍ୟ ଜନକ ଭାବେ ଏହି ବ୍ଲକ ପରିସରରେ ବିଭିନ୍ନ ଆଳ ଦେଖାଇ ଘନ ଘନ ସମୀକ୍ଷା ବୈଠକ କରୁଥିବାର ଦେଖିବାକୁ ମିଳିଛି ।

## ୧୯୯୨ ବ୍ୟାଚ୍ ବାଣିଜ୍ୟ ବିଭାଗର ବନ୍ଧୁମିଳନ

ବାରିପଦା (ଭାସ୍କର ନ୍ୟୁଜ): ମହାରଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ୧୯୯୨ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବନ୍ଧୁମିଳନ ପର୍ବ ରବିବାର ସ୍ଥାନୀୟ ଗୁରୁଜୀ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ ପର୍ବରେ ପ୍ରାୟ ୮୦ ରୁ ଉର୍ଦ୍ଧ ତାଙ୍କର ପରିବାର ବର୍ଗଙ୍କ ନିଜକୁ ସାମିଲ କରିଥିଲେ । ସମସ୍ତ ସଦସ୍ୟଙ୍କ କଲ୍ୟାଣ ପାଇଁ ଏକ ସଂଗଠନ ଗଢ଼ିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆ ଯାଇଥିଲା । ଏହି ସଂଗଠନର ନାମ 'ଏମପିସି କମର୍ସ ୧୯୯୨ ଫ୍ରେଣ୍ଡସ ଓ୍ୱେଲଫେୟାର ସୋସାଇଟି' ରଖିବାକୁ ସ୍ଥିର ହୋଇଥିଲା । ସଂସ୍ଥାର ସଭାପତି ଭାବେ ଅମୀୟ କୁମାର ଦଳେଇ, ଉପ ସଭାପତି ଭାବେ ଗୌତମ ଶଙ୍କର ରାୟ ଓ ପ୍ରଭାତ ପାତ୍ର, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ମହାନ୍ତି, ସହ ସମ୍ପାଦକ ଭାବେ ଜ୍ଞାନରଞ୍ଜନ ପଣ୍ଡା ଓ ଅଶୋକ ଦାସ, କୋଷାଧକ୍ଷ ଭାବେ ସୁଦିପ ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସଫଳ କରିଥିବାରୁ ସଭାପତି ଅମୀୟ କୁମାର ଦଳେଇ ସମସ୍ତ ବନ୍ଧୁ ବାନ୍ଧବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି ଆଲୋକପାତ କରିଥିଲେ ।

## କଂଗ୍ରେସର ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଦେଶର ପବିତ୍ର ଗୃହରେ ଖୋଦ୍ ଗୃହ ମନ୍ତ୍ରୀ ଯେଉଁଭଳି ଭାବରେ ସମ୍ବିଧାନ ପ୍ରଣେତା ବାବା ସେହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତି ଅପମାନ ସୂଚକ ଅରୁଚି ମନ୍ତବ୍ୟ ପ୍ରଦାନ କଲେ ଏଥରୁ ବିଜେପି ର ଦଳିତ ବିରୋଧୀ ଅସଲ ମୁଖା ଖୋଲି ଯାଇଛି । ଏଣୁ ଗୃହ ମନ୍ତ୍ରୀ ଏଥିପାଇଁ ଦେଶବାସୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ । ସେହିପରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଉପରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଦେଇଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର କରନ୍ତୁ ଆଦି ଦାବିରେ ଜାତୀୟ କଂଗ୍ରେସ ପକ୍ଷରୁ ଭଞ୍ଜନଗର ଠାରେ ସୋମବାର ସଭା, ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ କଂଗ୍ରେସ ନେତା ପ୍ରଶାନ୍ତ ବିଶୋୟୀଙ୍କ ନେତୃତ୍ୱରେ ଦଳୀୟ କର୍ମୀ ମାନେ ଷ୍ଟେଟବ୍ୟାଙ୍କ ଛକ ଠାରେ ଏକାଠି ହୋଇଥିଲେ । ସେଠାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ତଳେ ବିଜେପି ବିରୋଧୀ ନାରାବାଜି ଦେଇ ଗୃହ ମନ୍ତ୍ରୀ ଅମିତ ଶାହା ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ପଥପ୍ରାନ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କଂଗ୍ରେସ ସଂପାଦକ ସୁକାନ୍ତ ଦିଗାଲ, ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ସୋରଡା ରୁ ହରି କୃଷ୍ଣ ରଥ ପ୍ରମୁଖ ଉଦବୋଧନ ଦେଇଥିଲେ । ଶୋଭାଯାତ୍ରାକୁ ରଙ୍କ ଗୌଡ, ଲୋକନାଥ ସେଠୀ, ବାଲ୍ୟ ବେହେରା ଓ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ସଞ୍ଚାଳନ କରିଥିଲେ ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



କେନ୍ଦ୍ରପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ଗରିବ ମହିଳାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଲଘୁଚାପ ବର୍ଷା ପରେ ପରେ ପ୍ରବଳ ଶୀତ ଲାଗି ରହିଛି । ସେହି ଶୀତରୁ ରକ୍ଷା ପାଇବା ନିମନ୍ତେ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ନିଆଳ ଗ୍ରାମର ଗରିବ ମହିଳାମାନଙ୍କୁ ଶିତବସ୍ତ୍ର କମ୍ବଳ ବଣ୍ଟନ କରିଛନ୍ତି ।  ଏହି କାର୍ଯ୍ୟକ୍ରମକୁ ଆଶ୍ରମର ବ୍ରହ୍ମଚାରୀ ନୃସିଂହ ଦାସ ପରିଚାଳନା କରିଥିଲେ ।

## ଅମ୍ବାଦଳା ପଞ୍ଚାୟତରେ ଜନଶୁଣାଣି ଶିବିର

ମୁନିଗୁଡ଼ା (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ପଞ୍ଚାୟତ ପରିସରରେ ଆଜି ପଞ୍ଚାୟତ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତ ଅଧିନ ଥିବା ବିଭିନ୍ନ ଗ୍ରାମର ମୋଟ ଦଳଗତ ଏବଂ ବ୍ୟକ୍ତିଗତ ମିଶି ୨୬ ଗୋଟି ଅଭିଯୋଗ ପଞ୍ଜିକୃତ କରିଥିଲେ । ଏହି ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତ ଆବାସ ଓ ରେସନ କାର୍ଡ ଏବଂ ପାନୀୟ ଜଳ ଇତ୍ୟାଦି ସମ୍ପର୍କିତ ଅଭିଯୋଗ ରହିଥିଲା । ଏହି ଶିବିରରେ ମୁନିଗୁଡା ଗୋଷ୍ଠୀ ଉନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି, ଅମ୍ବାଦଳା ଗ୍ରାମ ପଞ୍ଚାୟତର ସରପଞ୍ଚ ଚଞ୍ଚଳା ମାଝୀ, ନିର୍ବାହି ଅଧିକାରୀ ସନ୍ୟାସୀ ଟାକ୍ରି, କନିଷ୍ଠ ଯନ୍ତ୍ରୀ ଅଭିଳାଷ ଦେ, ଡିଇଓ ଭାସ୍କର ପ୍ରସାଦ ସାହୁ, ଏଫ ଇ ଓ ମାର୍ଶଲ ପ୍ରଧାନ, ଅମ୍ବାଦଳା ବନ ବିଭାଗ କର୍ମଚାରୀ ଶର୍ମିଷ୍ଠା ବଡ଼ଜେନା, ବିପିସି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କର୍ମଚାରୀ, ସାଂସଦ ପ୍ରତିନିଧି ରଜନୀ ପାଢାଲ, ପଞ୍ଚାୟତ ଓ୍ୱାର୍ଡ ମେମ୍ବର ଏବଂ ପଞ୍ଚାୟତର କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୫ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପରିଚାଳନା  ସଭାପତି ଗୁରୁ ନାରାୟଣ ମହାନ୍ତି ଏଥିରେ ପୌରାହିତ୍ୟ କରିଥିବାବେଳେ ମୁଖ୍ୟ ଅତିଥିଭାବେ ନାଇଜରର କୁଳସଚିବ ଡ଼ଃ ଅଭୟ କୁମାର ନାୟକ ଯୋଗଦେଇ ପିଲାମାନେ ଏକାଗ୍ରତା ଓ ଅର୍ନ୍ତର ନିହିତ ଶକ୍ତିକୁ ପ୍ରୟୋଗ ପାରିଲେ ସେ ଜଣେ ଉନ୍ନତ ମଣିଷ ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାନ୍ତ ସଂପାଦକ ପ୍ରମୁଖ ସର୍ବେଶ୍ୱର ବେହେରା ଯୋଗଦେଇ କହିଥିଲେ ଯେ, ଭାରତ ବର୍ଷରେ ଏକ ମାତ୍ର ବିଦ୍ୟାଳୟ ସରସ୍ୱତୀ ଶିଶୁ ମନ୍ଦିର ଯିଏ ବିଦ୍ୟାର୍ଥୀ ମାନଙ୍କୁ ରାଷ୍ଟ୍ର ଗଠନର ଶିକ୍ଷାଦେଇଥାଏ । କମିଟିର ସଂପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଗୁରୁ ମା ସୁଭାଷୀନି କର । ଶେଷରେ ଗୁରୁଜୀ ରୁଦ୍ର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା ଓ କର୍ମଚାରୀ ମାନେ ଏହି ଉତ୍ସବକୁ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ପି ପି କଲେଜ ନିକଟରେ ଏକ ଦୁର୍ଘଟଣାରେ ଜଣେ ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ସ୍ଥାନାନ୍ତରିତ କରାଯାଇଛି । ଆଜି ସନ୍ଧ୍ୟାରେ ଜଣେ ଅଚିହ୍ନା ଯୁବକ ସ୍କୁଟି ନଂ ଓଡି ୦୨ ୫୭୫୯ ଯୋଗେ ନିଶ୍ଚିନ୍ତକୋଇଲି ବଜାରରୁ ବେପରୁଆ ଭାବେ ଦୃତ ଗତିରେ ଗାଡି ଚାଳନା କରି କେନ୍ଦ୍ରାପଡା ଅଭିମୁଖେ ଯାଉଥିଲେ । ଏହି ସମୟରେ କେନ୍ଦ୍ରାପଡା ଆଡୁ କଟକ ଅଭିମୁଖେ ଆସୁଥିବା କାର ନଂ ଓଡି ୦୨ ସିଓ୍ୱାଇ ୯୧୮୧କୁ ସ୍କୁଟିଟି ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## 'କ୍ରୋମନଗର ମହୋତ୍ସବ' ଲୋଗୋ ଉନ୍ମୋଚିତ



କାଳିଆପାଣି (ଭାସ୍କର ନ୍ୟୁଜ): କାଳିଆପାଣି କ୍ରୋମ ଖଣି ଅଞ୍ଚଳରେ ଆସନ୍ତା ନବବର୍ଷର ଜାନୁଆରୀ ମାସରେ ଆୟୋଜିତ ହେବାକୁ ଯାଉଛି ପ୍ରଥମ ବାର୍ଷିକ କ୍ରୋମନଗର ମହୋତ୍ସବ । ଗତ ସାଧାରଣ ନିର୍ବାଚନ ପରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବିଜେପି ଜିତିବା ପରେ ପ୍ରଥମ କରି ଏହି ମହୋତ୍ସବ କାଳିଆପାଣି କ୍ରୋମନଗର ଠାରେ ଆୟୋଜିତ ହେବାକୁ ଯାଉଛି । ସୁକିନ୍ଦା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସ୍ୱତନ୍ତ୍ର ପ୍ରଚେଷ୍ଟାରେ ଏହି କ୍ରୋମନଗର ମହୋତ୍ସବ ଆସନ୍ତା ନୂଆବର୍ଷରୁ ଆରମ୍ଭ ହେବ । ସୋମବାର ଦିନ ଖଣିନିଗମ କାଳିଆପାଣି ଟାଉନସିପ କମ୍ୟୁନିଟି ସେଣ୍ଟର ଠାରେ ଏକ ନିରାଡମ୍ବର ଉତ୍ସବରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଏହାର ଲୋଗୋ ଉନ୍ମୋଚନ କରିଛନ୍ତି । କ୍ରୋମନଗର ଅଞ୍ଚଳରେ ଏହାର ସଫଳ ଆୟୋଜନ ଏବଂ ସହଯୋଗ ନିମନ୍ତେ ମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଆସନ୍ତା ୨୦୨୫ ଜାନୁଆରୀ ମାସ ୧୦,୧୧ ଓ ୧୨ ତାରିଖରେ ଏହି କ୍ରୋମନଗର ମହୋତ୍ସବ ଆୟୋଜିତ ହେବାର ସ୍ଥିରୀକୃତ ହୋଇଛି । ଏହି ଲୋଗୋ ଉନ୍ମୋଚନ ଉତ୍ସବରେ ଅମଳେନ୍ଦୁ ବେହୁରା, ବିଦ୍ୟାଧର ପାତ୍ର, ବେଣୁଧର ମହାନ୍ତ, ଲମ୍ବୋଦର ମହାନ୍ତ, ଦୀପକ କୁମାର ପାତ୍ର, ବେଣୁଧର ମହାକୁଡ଼, ମନୋଜ କୁମାର ମହାନ୍ତ, ଯଦୁମଣି ମହାନ୍ତ, କୁନା ମହାନ୍ତଙ୍କ ସମେତ ଖଣି ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ପଞ୍ଚାୟତ ବିଜେଡି ସଭାପତି କେଳୁଚରଣ ସାହୁଙ୍କର ତାଙ୍କ ନଟରାସ୍ଥିତ ବାସଭବନରେ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ହୋଇଥିଲା । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁଣ୍ୟତୋୟା ଚିତ୍ରୋତ୍ପଳା ଶଯ୍ୟାରେ ଦାହ କରାଯାଇଥିଲା । ତାଙ୍କର ପୁତ୍ର ମନୋରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧକ୍ଷ ଅଶୋକ କୁମାର ଓଝା, ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦିପ୍ତ କୁମାର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ଉପଖଣ୍ଡସ୍ତରୀୟ ଶିଶୁ ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା



ବାରିପଦା (ଭାସ୍କର ନ୍ୟୁଜ): ଶିଶୁ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ପ୍ରତ୍ୟେକ ଶିଶୁକୁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଜିଲ୍ଲାପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ଏହି ପରିପ୍ରେକ୍ଷିରେ ଶନିବାର ଦିନ କରଞ୍ଜିଆ ବ୍ଲକ୍ ଅଧିନସ୍ଥ ରସମତଳା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମନ୍ତ ସଏ ଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମସ୍ତ ଉପଖଣ୍ଡରେ ଚାଲୁଅଛି । କରଞ୍ଜିଆ ଉପଖଣ୍ଡ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥୀ ଭାବରେ କରଞ୍ଜିଆ ଭାରପ୍ରାପ୍ତ ବ୍ଲକଶିକ୍ଷା ଅଧୀକାରିଣୀ ତରୁ ନାଏକ ଉପସ୍ଥିତ ଥିବାବେଳେ ରସମତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବେହେରା ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିଶୁସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲିପ କୁମାର ପଣ୍ଡା ଉପସ୍ଥିତ ରହି ଶିଶୁ ସୁରକ୍ଷାର ବିଭିନ୍ନଦିଗ ସମ୍ପର୍କରେ ଆଲେଚନା କରିଥିଲେ । ଆକ୍ସନ ଏଡ଼ର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ତଥା ଶିଶୁଙ୍କୁ ଉପଯୁକ୍ତ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ବିଦ୍ୟାଳୟର ଶିକ୍ଷକ ଚନ୍ଦନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ କର୍ମଶାଳାରେ ଶିଶୁ ମାନଙ୍କର ସମସ୍ୟା ଏବଂ ସେମାନଙ୍କର ସଠିକ୍ ଥଇଥାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହିପରି କାର୍ଯ୍ୟକ୍ରମକୁ ସମସ୍ତ ଉପଖଣ୍ଡ ସ୍ତରରେ ଆୟୋଜନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ପରିଚାଳକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସହଯୋଗ କରିଛନ୍ତି ।



ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ଶିକ୍ଷା ନିକେତନ ବିଦ୍ୟାଳୟର ବାର୍ଷିକୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇବ ଭ୍ୟାଲି ମହାପ୍ରବନ୍ଧକ ଅଧ୍ୱ କିଶୋର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଇବ ଭ୍ୟାଲି ସିଏସଆର ଓ ପିଆର ନୋଡାଲ ଅଫିସର ନବରୁନ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ବିରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ପିଉ ବାନାର୍ଜୀ ଓ ମହେଶ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ବର୍ଷ ପାଇଁ ତନିଷି ସ ଶ୍ରେଷ୍ଠ ଛାତ୍ରୀ ବିବେଚିତ ହୋଇଥିବା ବେଳେ ଶ୍ରେଷ୍ଠ ହାଉସ ଭାବେ ଗ୍ରୀନ ହାଉସ ବିବେଚିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ରଘୁନାଥପୁର,(ଭାସ୍କରନ୍ୟୁଜ): ରଘୁନାଥପୁର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ପାରାଦ୍ୱୀପଠାରେ ପ୍ଲାଷ୍ଟିକ ପାର୍କ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବାପାଇଁ କାର୍ଯ୍ୟକ୍ରମ ରହିଥିଲା। ଏହି ଅବସରରେ ରଘୁନାଥପୁର ବ୍ଲକଦେଇ ତାଙ୍କର ଗ୍ରସ୍ତ ସମୟରେ ପୂର୍ବପ୍ରସ୍ତୁତି ଅନୁଯାୟୀ ରଘୁନାଥପୁର ବିଜେପି ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟକ ପ୍ରାର୍ଥୀ ଆଇନଜୀବୀ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଆଇନଜୀବୀ ଗଗନ ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ବିରିଡି, ଜଗତସିଂହପୁର ବ୍ଲକର ମଣ୍ଡଳ ସଭାପତି, କାର୍ଯ୍ୟକାରୀ ସଭାପତି, ଛାମୁଆ ନେତା ଓ ହଜାର ହଜାର ପୁରୁଷ ଓ ମହିଳା କର୍ମୀମାନେ ଯୋଗଦେଇଥିଲେ। ଏଠାରେ ରାଜ୍ୟ ଏସ୍‌ୟୁଜେ ସାମ୍ବାଦିକ ସଙ୍ଘ ରଘୁନାଥପୁର ବ୍ଲକ ଶାଖା ପକ୍ଷରୁ ସଭାପତି ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନ୍ ଓ ପ୍ରଦିପ୍ତ ନାୟକଙ୍କ ନେତୃତ୍ୱରେ ସାମ୍ବାଦିକ ରଞ୍ଜନ କୁମାର ଲେଙ୍କା, ଅମୁଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଧନଞ୍ଜୟ ମଲ୍ଲିକ, ପ୍ରଦିପ୍ତ ମହାଲୀଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କୁ ମଧ ସମ୍ବର୍ଦ୍ଧାନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ରଘୁନାଥପୁର ବ୍ଲକ ଛକ ଏକ ପ୍ରକାର ଲୋକାରଣ୍ୟ ହୋଇଥିବାର ଦେଖିବାକୁ ମିଳିଥିଲା। ଆଇନ ଶୃଙ୍ଖଳ ରକ୍ଷା କରିବା ପାଇଁ ମାଜିଷ୍ଟ୍ରେଟ ଭାବେ ରଘୁନାଥପୁର ତହସିଲଦାର ଅଭିସ୍ପା ପଟ୍ଟନାୟକ, ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଏସ୍‌ଆଇ ଯୋଗେଶ୍ୱର ବେହେରା ସଦଳବଳେ ଉପସ୍ଥିତ ରହିଥିଲେ। ସେହିପରି ଏହି ବ୍ଲକ ବାଇପାସ ଛକରେ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳି ସଂଯୋଜକ ସୁବଧ ବାରିଙ୍କ ଓ ଏସି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ ନେତୃତ୍ୱରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଜଇପୁର ଛକରେ ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତିଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଜାଲ୍ କାଗଜପତ୍ରରେ ଜମି କିଣାବିକା

## ଭାଇଭଉଣୀଙ୍କ ସମେତ ୪ ଗିରଫ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ୍): ନକଲି କାଗଜପତ୍ର ଦାଖଲ କରି ବ୍ରହ୍ମପୁର ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ-୨ରେ ଏକ ଜମିକୁ ପଞ୍ଜିକରଣ କରିବାକୁ ଉଦ୍ୟମ କରୁଥିବା ୪ଜଣ ଅଭିଯୁକ୍ତଙ୍କୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରମ୍ଭା ନିକଟ ହରିପୁର ବୁରୁଡି ଗ୍ରାମର ପ୍ରଶାନ୍ତି ନାହାକ (୩୦), ପୁଷ୍ପାଞ୍ଜଳି ନାହାକ ଓରଫ ମିନି(୩୧), ତାଙ୍କ ଭାଇ ସାନ୍ତନୁ କୁମାର ନାହାକ(୩୫) ଓ ଶିପକୁଡା ଗ୍ରାମର ବାସନ୍ତି ନାହାକ ଓରଫ ପାଞ୍ଚେଇ(୫୨)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଇ-ଷ୍ଟାଂପ ପେପର, ପାର୍ଟିସନ ଡିଡ୍, ଟ୍ରେସ ମ୍ୟାପ, ଆଧାର କାର୍ଡ, ଇସି ସାର୍ଟିଫିକେଟ, ମନି ରସିଦ, ସେଲ୍ ଡିଡ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍‌ଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ଅଭିଯୁକ୍ତ ମହିଳା ପ୍ରଶାନ୍ତ ନାହାକ ଏବଂ ମଧୁରବୁଆ ଗ୍ରାମର ମହିଳା କବିତା ନାହାକ ଗୁଜୁରାଟରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ରହିଥିଲା। ୨୦୧୯ ମସିହାରେ ଉଭୟ କରାପଲ୍ଲୀ ମୌଜାରେ ଏକ ଜମିକୁ ଯୁଗ୍ମଭାବେ କିଣିଥିଲେ। ତେବେ ସେହି ଜମିଟି ଦୀର୍ଘ ଦିନ ଧରି ପ୍ରଶାନ୍ତି ଓ କବିତାଙ୍କ ନାମରେ ପଞ୍ଜୀକରଣ ହୋଇନଥିବାରୁ ବର୍ତ୍ତମାନ ସୁଦ୍ଧା ଉକ୍ତ ଜମିର ପ୍ରକୃତ ମାଲିକ ବା ବିକ୍ରି କରିଥିବା ବ୍ୟକ୍ତିଙ୍କ ନାମରେ ରହିଥିଲା। ସେହିକ୍ରମରେ ପ୍ରଶାନ୍ତି ଉକ୍ତ ଜମିକୁ ନିଜର ଏବଂ କବିତାଙ୍କ ନାମରେ କରିବାକୁ ବ୍ରହ୍ମପୁର ସବ୍ ରେଜିଷ୍ଟ୍ରାର-୨ଙ୍କ କାର୍ଯ୍ୟାଳୟକୁ ଯାଇ ଉକ୍ତ ଜମିର ସଂଶୋଧିତ ଦସ୍ତାବିଜ ପାଇଁ ଆବେଦନ କରିଥିଲେ। ଏହାପରେ କବିତାଙ୍କୁ ଗୁଜୁରାଟରୁ ବ୍ରହ୍ମପୁର ଆସିବାକୁ କହିଥିଲେ। ହେଲେ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁଁ କବିତା ବର୍ତ୍ତମାନ ବ୍ରହ୍ମପୁର ଆସିବା ସମ୍ଭବପର ନୁହେଁ ବୋଲି କହିଥିଲେ। ସେହି କ୍ରମରେ ପ୍ରଶାନ୍ତି ଉକ୍ତ ଜମି ପଞ୍ଜୀକରଣ ପାଇଁ କବିତାଙ୍କ ବଦଳରେ ଅନ୍ୟଜଣେ ମହିଳାଙ୍କୁ ସବ୍ ରେଜିଷ୍ଟ୍ରରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ କରାଇ ଜମି ପଞ୍ଜୀକରଣ ପାଇଁ ଯୋଜନା କରିଥିଲେ। ପ୍ରଶାନ୍ତିଙ୍କ କହିବା ମୁତାବକ ଅଭିଯୁକ୍ତ ମହିଳା ବାସନ୍ତି ନାହାକ ନିଜକୁ କବିତା ନାହାକ ବୋଲି ଦର୍ଶାଇ ସବ୍ ରେଜିଷ୍ଟ୍ରରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ସେହିପରି ଅଭିଯୁକ୍ତ ମହିଳା ପୁଷ୍ପାଞ୍ଜଳି ଓ ତାଙ୍କ ଭାଇ ସାନ୍ତନୁ ସାକ୍ଷୀ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ବାସନ୍ତି ଜମି ପଞ୍ଜୀକରଣ ପାଇଁ ନିଜ ଆଧାର କାର୍ଡ ଦେଇଥିଲେ। ତେବେ ଆଖି ଓ ଫିଙ୍ଗର ପ୍ରିଣ୍ଟ ଯାଞ୍ଚବେଳେ ପ୍ରକୃତ ଜମି ମାଲିକ କବିତାଙ୍କ ତଥ୍ୟ ସହ ତାହା ମେଳ ଖାଇନଥିଲା। ବାସନ୍ତି ପ୍ରକୃତ ଜମି ମାଲିକ ତଥା କବିତା ନୁହଁ ବୋଲି ଜଣାପଡ଼ିଥିଲା। ସେହି କ୍ରମରେ ସବ୍ ରେଜିଷ୍ଟ୍ରାର ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଅଧାର କରି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଏକ ମାମଲା ରୁଜୁ କରିବା ସହ ଏସଆଇ ବିଭୂତି ଭୂଷଣ ସେଠୀଙ୍କୁ ଏହି ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ସେଠୀ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।




# ରେଡ ଡେ ଉତ୍ସବ ଆୟୋଜିତ



ବରଗଡ଼,(ଭାସ୍କର ନ୍ୟୁଜ୍): କୌଟିଲ୍ୟ ଗ୍ଲୋବାଲ ସ୍କୁଲରେ ରେଡ ଡେ ଉତ୍ସବ ସଫଳତାର ସହିତ ପାଳିତ ହୋଇଛି। ଏହି ଦିନଟି ଲାଲ ରଙ୍ଗରେ ରଙ୍ଗାନ୍ତର କରିବାକୁ, ଯାହା ମନୋରଞ୍ଜନ ଓ ସୃଜନଶୀଳତାର ପ୍ରତୀକ ଭାବରେ ଚିହ୍ନିତ ଲାଲ ରଙ୍ଗ ପ୍ରେମ, ଉର୍ଜା, ଓ ଯୁଥବନ୍ଧନକୁ ସଙ୍ଗୀକ ହୋଇଥାଏ। ଏହି ଉତ୍ସବ ସମ୍ପୂର୍ଣ୍ଣ ସ୍କୁଲ ପରିବେଶକୁ ଏକ ନୂତନ ଆଲୋକ ଓ ଉଜ୍ଜ୍ୱଳତା ସହିତ ପ୍ରଭାବିତ କରିଛି। ଉତ୍ସବର ଆରମ୍ଭ ହେଲା ଏହାର ସ୍ୱାଗତ କ୍ରିୟାକଳାପ ସହିତ। ମାତା ଓ ଶିଶୁମାନଙ୍କୁ ପ୍ରଥମେ ତିଳକ ଲଗାଇ ସ୍ୱାଗତ କରାଯାଇଥିଲା । ଅଧକ୍ଷ ସୁମନ୍ତ କୁମାର ଆଚାର୍ଯ୍ୟଙ୍କ ଉଦ୍‌ବୋଧନ ସହିତ ଉତ୍ସବର ଆରମ୍ଭ ହୋଇଥିଲା। ସେ ଲାଲ ରଙ୍ଗର ସାର୍ଥକତା ଓ ଏହି ଅବସରରେ ସୃଜନଶୀଳତାକୁ ଉତ୍ସାହିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସ୍କୁଲର ଶିଶୁମାନେ ଗୀତ ଓ ନୃତ୍ୟରେ ଅଦ୍ଭୁତ ପ୍ରଦର୍ଶନ କରିଥିଲେ। ଛାତ୍ରୀମାନେ ‘ମୈନେ ପାୟଲ ହୈ ଛାନ୍‌କାଇ’ ଗୀତରେ ଅଦ୍ଭୁତ ନୃତ୍ୟ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ପୁଅମାନଙ୍କର ‘ଜିଙ୍ଗଲ ବେଲ’ ଗୀତରେ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ଆନନ୍ଦ ଦେଇଥିଲେ। ସେହିପରି, ଏହି ଦିନରେ ମାତାମାନେ ଓ ଶିଶୁମାନେ କାର୍ଡ ମେକିଂ କ୍ରିୟାକଳାପରେ ସାମିଲ ହୋଇ ସୃଜନଶୀଳତାର ପ୍ରତୀକ ଭାବେ ଏହାର ପ୍ରଦର୍ଶନ କରିଥିଲେ। କ୍ରିୟାକଳାପ ପରେ, ପ୍ରତିଭା ଓ ସୃଜନଶୀଳତାର ଆଲୋକରେ ପ୍ରତିଭାଗ୍ରହୀତ କରାଯାଇଥିଲା। ସେହିପରି, କେକ୍ କଟିବା ସମାରୋହ ଅନୁଷ୍ଠିତ ହେଲା, ଯେଉଁଥିରେ ସମସ୍ତଙ୍କୁ ଅନନ୍ୟ ଆନନ୍ଦ ଲାଗିଲା। ସମ୍ପୂର୍ଣ୍ଣ ସ୍କୁଲ ପରିବେଶରେ ଏହି ସାଂସ୍କୃତିକ କ୍ରିୟାକଳାପ ଏକ ଅଦ୍ଭୁତ ଅନୁଭୂତିକୁ ଜନ୍ମ ଦେଇଥିଲା। ସେହିପରି, ଚେୟାରମେନ ସଞ୍ଜୟ ବର୍ମନ ଏହି ସଫଳ ଉତ୍ସବ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ, ‘ଲାଲ ରଙ୍ଗର ଉତ୍ସବ ଆମକୁ ସୃଜନଶୀଳତା ଓ ସମ୍ବେଦନା ଅନୁଭବ କରାଇଛି, ଏହା ଆମକୁ ଏକତା ଓ ସମ୍ପୂର୍ଣ୍ଣତାର ସୂତ୍ରରେ ବନ୍ଧିଛି। ‘ମିନାକ୍ଷୀ ସୁହୁଲା ଏବଂ ଶୋଭନା ପଟ୍ଟନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନମ୍ରତା ଭୋଇ ଓ କମଳିନୀ ମହାପାତ୍ର ସହଯୋଗ କରିଥିଲେ ।

# ଟାଲେଣ୍ଟ ପ୍ରତିଯୋଗିତାକୁ ନେଇ ଖୁବ୍ ଉତ୍ସାହିତ ଛାତ୍ରଛାତ୍ରୀ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ମିନାକ୍ଷୀନଗର ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ତିନି ଦିନ ଧରି ଆୟୋଜିତ ହୋଇଛି ଇଣ୍ଟର ଜାଭିୟର୍ସ ଟାଲେଣ୍ଟ ପ୍ରତିଯୋଗିତା। ଏହି ପ୍ରତି ଯୋଗିତାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ଦ୍ୱିତୀୟ ଦିବସରେ ଅନୁରୂପ ବିଭିନ୍ନ ପ୍ରତିଯୋଗିତାରେ ଗଞ୍ଜାମ ସମେତ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟଣା, ଉତ୍ତରପ୍ରଦେଶ, ଆଦି ସ୍ଥାନର ଜାଭିୟର୍ସ୍ ସ୍କୁଲ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ସମସ୍ତ ପ୍ରତିଯୋଗିତା ଯଥା, ଇଲୋକ୍ୱନ, ପେଣ୍ଟିଂ, ଅର୍କେଷ୍ଟ୍ରା, କୁକିଂ, ଭାରତୀୟ ଲୋକନୃତ୍ୟ, ବେଷ୍ଟ ଅଫ ଓ୍ୱେଷ୍ଟରେ ଛାତ୍ରଛାତ୍ରୀମାନେ ଖୁସିର ସହ ଅଂଶ ଗ୍ରହଣ କରି ଥିଲେ। ବିଚାରକ ରୂପେ ଡ଼ା ସ୍ୱାତୀ ଦାସ, ପୁଷ୍ପଲତା ପାଣିଗ୍ରାହି, ପ୍ରତିମା ଶତପଥୀ, ସ୍ମୃତିମୟୀ ପଟ୍ଟନାୟକ, ରାଧେଶ୍ୟାମ ତରାଇ, ସଂଗୀତା ପାଣିଗ୍ରାହୀ, ନୀଳକଣ୍ଠ ସାହୁ, ସବିତା ସାହୁ, କ୍ଷୀରସିନ୍ଧୁ ମହାନ୍ତି, ଉଜ୍ଜଳ ସାହୁ, ସତ୍ୟ ମହାରଣା, ସରୋଜ କୁମାର ପ୍ରଧାନ, ମନୋରଞ୍ଜନ ସିଂ, ଗୋପାଳ ପଟ୍ଟନାୟକ, ଯତୀନ ଦାସ, ଅଶ୍ୱିନୀ ମହାପାତ୍ର, ଗୁଲମ ରସୁଲ ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସଭାରେ ବିଧାୟକ କେ ଅନିଲ କୁର୍ମା, ମେୟର ସଂଘମିତ୍ରା ଦଳାଇ, ଖ୍ୟାତୀ ସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଜାଭିୟର୍ସ ନିର୍ଦ୍ଦେଶକ ଡ. ପିସି ମହାନ୍ତି, ମୁକେଶ ସରାଫ, ସଂପାଦିକା ପ୍ରିୟମ୍ବଦା ଦାସ, ସ୍କୁଲ ଅଧକ୍ଷ ପ୍ରଫେସର୍ କେସି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍କୁଲ ନିର୍ଦ୍ଦେଶକ ଡ଼, ଗୋରୀ ଶଙ୍କର ପଣ୍ଡା ସ୍ୱାଗତ ଭାଷଣ ଆଉ ଚେୟାରମେନ ତଥା ପରିଚାଳନା ନିର୍ଦ୍ଦେଶକ ଡ ଜି. ଏସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାଷ୍ଟର ଅଫ ସେରମୋନି ଇଂ କୁନାଲ କୌଶିକ ପଣ୍ଡା କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ସୁଚନା ଦେଇଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଆଉ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ। ଅଧକ୍ଷ କାହ୍ନୁ ଚରଣ ପଣ୍ଡା, ରାହୁଲ ରାଜ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରା ଯାଇଥିଲା। ୨୪ ତାରିଖ ସନ୍ଧ୍ୟାରେ ଏ କାର୍ଯ୍ୟକ୍ରମ ଉଦଯାପିତ ହେବ ।



# ପୂର୍ବତନ କାଉନସିଲରଙ୍କ ଶ୍ରଦ୍ଧାଞ୍ଜଳି ସଭା

ବେଲପାହାଡ଼,(ଭାସ୍କର ନ୍ୟୁଜ୍ ): ବେଲପାହାଡ଼ ପୌର ପରିଷଦର ପୂର୍ବତନ କାଉନସିଲର କୁନା ଭୋଇଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ବେଲପାହାଡ଼ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଯୁବା କ୍ଲବ୍ ଏବଂ ସମଡ଼ା ଶନି ଛକ ପୂଜା କମିଟି ସଦସ୍ୟମାନଙ୍କ ମିଳିତ ଆନୁକୁଲ୍ୟରେ ସ୍ୱର୍ଗତ ଭୋଇଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଉପସ୍ଥିତ ସଦସ୍ୟ ମାନେ ଶ୍ରୀ ଭୋଇଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଦେଇଥିବାବେଳେ ଏହି ସଭାକୁ ମକରଧ୍ୱଜ ଖମାରୀ ପରିଚାଳନା କରିଥିଲେ । ଯୁବା କ୍ଲବ୍ ସଭାପତି ସତ୍ୟପ୍ରକାଶ ମହାନ୍ତି, ଭାସ୍କର ପଟେଲ, ଗୋପୀନାଥ ବେହେରା, ଟୁଲୁ ମେହେର, ପ୍ରମୁଖ ସ୍ମୃତିଚାରନ କରିଥିବାବେଳେ ଜଗଦୀଶ ମେହେର, ନେତ୍ରାନନ୍ଦ ପ୍ରଧାନ, ରମା ଭୋଲ, ଦୀପକ ଭାଇଁସାଲ, ସୌମ୍ୟ ରଞ୍ଜନ ସାହୁ, ମାନସ ସାହୁ, ହେମାସାଗର ପଟ୍ଟନାୟକ ସମେତ ଯୁବା କ୍ଲବ୍ ଏବଂ ସମଡ଼ା ଶନି ଛକ ପୂଜା କମିଟିର ସମସ୍ତ ସଦସ୍ୟ ଓ ବେଲପାହାଡ଼ର ଅନେକ ଯୁବକ ଏବଂ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଅଭୁତପୂର୍ବ ସଫଳତା

କେନ୍ଦୁଝର,(ଭାସ୍କର ନ୍ୟୁଜ୍): ଚଳିତ ମାସ ୧୪ ଓ ୧୫ ତାରିଖ ଦିନ ନୂଆ ଦିଲ୍ଲୀ ସ୍ଥିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନର୍ଥ କ୍ୟାମ୍ପସ ପରିସରରେ ୟୁସିମାସ୍, ମାଲେସିଆ ଓ ୟୁସିମାସ୍ ଇଣ୍ଡିଆ ତରଫରୁ ଏକ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଆବାକସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୃଥିବୀର ୩୬ଟି ଦେଶରୁ ୬୦୦୦ରୁ ଅଧିକ ଶିଶୁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜିନିୟସ୍ ଏକାଡେମୀର ନିର୍ଦ୍ଦେଶକ ଶ୍ରୀ ବିଭୁଦେନ୍ଦ୍ର ପ୍ରତାପ ଷଡ଼ଙ୍ଗୀ ଓ ମୁଖ୍ୟ ସଂଚାଳିକା ପ୍ରିୟାଙ୍କା ପ୍ରିୟଦର୍ଶିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଓ ପ୍ରମୋଦ କୁମାର ମହାପାତ୍ରଙ୍କ ସହଯୋଗରେ ଯାଇଥିବା ଓଡ଼ିଶାର ବିଭିନ୍ନ ଜିଲ୍ଲାର ସହଯୋଗୀ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଏଥିରେ ଭାଗନେଇଥିଲେ। ତନ୍ମଧ୍ୟରୁ ମାଇନିଙ୍ଗ ରୋଡ଼ ସ୍ଥିତ ୟୁସିମାସ୍ କେନ୍ଦୁଝର ତରଫରୁ ଏଗାର ଜଣ ଛାତ୍ରଛାତ୍ରୀ ଅନୁଷ୍ଠାନର ପରିଚାଳିକା କଳ୍ପନା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାଗନେଇ ଆନ୍ତର୍ଜାତିକ ସ୍ତରରେ ହୋଇଥିବା ଏହି ପ୍ରତିଯୋଗୀତାରେ ବିଭିନ୍ନ ବର୍ଗରେ ଥାର୍ଡ ରନରସ୍ ଅଫ ଭାବେ ସମସ୍ତ ଏଗାର ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହେବା ସହିତ ବିଭିନ୍ନ ପ୍ରତିଯୋଗୀ ଦେଶର ୟୁସିମାସ୍ କର୍ମକର୍ତ୍ତାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସେମାନଙ୍କ ଏହି ସଫଳତା କେବଳ କେନ୍ଦୁଝର ଜିଲ୍ଲା ପାଇଁ ନୁହେଁ ସମଗ୍ର ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସେହି ଛାତ୍ରଛାତ୍ରୀମାନେ ହେଲେ ପ୍ରିୟାଂସୁ ଦାଶ, ନିହଲ ମହାନ୍ତି, ନିଭ୍ରିତି ନାଏକ, ଓମ୍ ପ୍ରକାଶ ମାଝୀ, ସୌଭୀତ୍ କର, ଦୁର୍ଗାମାଧବ ପଣ୍ଡା, ରାଜବିର କେରାଇ, ସାଇ ସ୍ପନ୍ଦନ ଖୀଲାର, ଅର୍ପିତ ବାରିକ, ଶରନ୍ୟା ସାମଲ ଓ ଆୟୁଷ୍ମାନ ମିଶ୍ର । ଏ ଖବର ଶୁଣି ବିଜୟୀ ପ୍ରତିଯୋଗୀମାନଙ୍କ ଅଭିଭାବକ ମାନଙ୍କ ନିକଟକୁ ଜିଲ୍ଲାର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଆଇନଜୀବୀ ମାନେ ଓ ଅନ୍ୟାନ୍ୟ ବର୍ଗର ଲୋକମାନେ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଭାଗନେଇଥିବା ଓ ଅନ୍ୟ ସମସ୍ତ ଅଭିଭାବକ ମାନେ ପିଲାମାନଙ୍କ ପାଇଁ ୟୁସିମାସ୍ ଆବାକାଶ୍‌ର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି।



# ‘ଚଇତି’ ଇଡିତାଲ ଉଦ୍‌ଯାପିତ




ଗୁଣୁପୁର(ଭାସ୍କର ନ୍ୟୁଜ୍): ଉପଖଣ୍ଡସ୍ତରୀୟ ‘ଚଇତି’ ଇଡିତାଲର ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଣୁପୁର ତହସିଲ୍ କାର୍ଯ୍ୟାଳୟ ନିକଟ ପଡିଆ ଠାରେ ଉଦଯାପିତ ହୋଇଯାଇଛି। ଉଦଯାପନି ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ସମ୍ମାନିତ ଅତିଥି ଭାବେ ରାୟଗଡା ବିଧାୟକ ଆପଲସ୍ୱାମି କାଡ୍ରାକା, ବିଷମକଟକ ବିଧାୟକ ନିଳମାଧବ ହିକକା, ରାୟଗଡା ଜିଲ୍ଲାପରିଷଦ ସଭାନେତ୍ରୀ ସରସ୍ୱତୀ ମାଝି, ଗୁଣପୁର ପୌରପରିଷଦ ଅଧକ୍ଷ ମମତା ଗୌଡ ଓ ଗୁଣପୁର ବ୍ଲକ ଅଧକ୍ଷ ଝିଲି ଯୋଗଦେଇ ଗୁଣପୁର ମାଟି ଅନେକ ବରପୁତ୍ର ଓ ସଂଗ୍ରାମିକୁ ବିଶ୍ୱ ଦରବାରରେ ପହଂଚାଇଛି। ଲୋପ ପାଉଥିବା ଆଦିବାସୀ କଳା, ସଂସ୍କୃତିକୁ ପୁନର୍ଜୀବୀତ କରିବା ସହ ଭାଇଚାରା ସୃଷ୍ଟି କରିବାରେ ଚଇତି ଇଡିତଲ ମଂଚ ଗୁରୁତ୍ୱ ବହନ କରିପାରିଛି ବୋଲି କହିଥିଲେ। ଗୁଣୁପୁର ଉପଜିଲ୍ଲାପାଳ କିରନ ଦୀପ୍ କୌର ସାହୋତାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଇତି ଆବାହକ ଡକ୍ଟର ଚନ୍ଦ୍ର ଧ୍ୱଜ ପଣ୍ଡ ଅତିଥି ଭାବେ ମଞ୍ଚାସିନ ରହିଥିଲେ। ଏହାପରେ କଣ୍ଠଶିଳ୍ପୀ ଡ ଚନ୍ଦନ ଗନ୍ତାୟତ ଓ ଅନୁରାଧା ପାଣିଗ୍ରାହିଙ୍କ ସଂଗିତ ଦର୍ଶକଙ୍କୁ ବିଭୋର କରିଥିଲା। ଏହାପରେ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ଦ୍ୱାରା ଲାଞ୍ଜିଆ ସୌରା ଓ ଡଙ୍ଗରିଆ କନ୍ଧଙ୍କ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ନାଚଗୀତରେ ମଞ୍ଚ ଦୁଲୁକିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୁଣପୁର ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲିଳାବତୀ ଆଚାର୍ଜି, ଏସ୍‌ଡିପିଆରଓ ଧନଜଂୟ ବେହେରା ସହଯୋଗ କରିଥିଲେ। ତେବେ ଜଣେ ବରିଷ୍ଠ ସାମ୍ବାଦିକ ଫଟୋ ଉତ୍ତୋଳନ କରିବା ସମୟରେ ପୁଲିସ କର୍ମିଙ୍କ ଦ୍ୱାରା ଦୁର୍ବ୍ୟବହାରକୁ ନେଇ ଉପସ୍ଥିତ ସାମ୍ବାଦିକ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦ ସ୍ୱରୂପ ସଭାସ୍ଥଳି ଛାଡି ପଳାଇଥିଲେ। ସାମ୍ବାଦିକଙ୍କ ପ୍ରତି ଏଭଳି ଦୁର୍ବ୍ୟବହାରକୁ ନେଇ ବୁଦ୍ଧିଜୀବୀ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# କଟନି ଛଟନି ସାଜିଛି ଦୁଃଖ

କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍): ଧାନର ମୂଲ୍ୟ ବୃଦ୍ଧି କରିବା ନାମରେ ଚଳିତବର୍ଷ ନିର୍ବାଚନ ବୈତରଣୀ ପାର ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶାସନକୁ ଆସିବା ପରେ କେନ୍ଦ୍ର ସରକାର ଧାନର ମୂଲ୍ୟ ବୃଦ୍ଧି କରି ୨୩୦୦ ଟଙ୍କା ଘୋଷଣା କରିଥିଲେ। ଏହା ସହିତ ଚଳିତବର୍ଷ ଠାରୁ ରାଜ୍ୟ ସରକାର ୮୦୦ ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରଯାଇଥିଲା। ଏଥି ସହ କଳା ବଜାରି ରୋକିବା ନିମନ୍ତେ ସମସ୍ତ ଧାନ ମଣ୍ଡିରେ ଚଳିତବର୍ଷ ଠାରୁ ବିଭିନ୍ନ ଧାନ ମଣ୍ଡିରେ ବିଭିନ୍ନ ପଦାଧିକାରୀଙ୍କୁ ସୁପରିଚାଳନା ନିମନ୍ତେ ନୋଡାଲ ଅଫିସର ଭାବେ ମୁତୟନ କରାଯାଇଛି। ଚଳିତବର୍ଷ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ମାଲକାନଗିରି ଜିଲ୍ଲାର ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ, କିନ୍ତୁ ସରକାରଙ୍କ ସହ ମିଲରଙ୍କ ମଧ୍ୟରେ ଚୁକ୍ତିରେ କିଛି ଦିନ ବିଳମ୍ବ ହେତୁ ମଣ୍ଡିରେ ଧାନ ଉଠି ପାରିନଥିଲା । ଏଥି ମଧ୍ୟରେ ଅଦିନିଆ ବର୍ଷାର ଆଶଙ୍କାରେ ଚାଷୀ ଚିନ୍ତିତ ହୋଇ ପଡ଼ିଥିଲେ, ଏହାର ସୁଯୋଗ ନେଇ ମିଲ ମାଲିକ କୋରୁକୋଣ୍ଡା ସଦର ମଣ୍ଡିରେ କଟନି ଛଟନି ନିମନ୍ତେ ନୋଡାଲ ଅଫିସର ଭାବେ ମୁତୟନ ହୋଇଥିବା ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ବରାଡ, ଆର୍‌ଏମ୍‌ସି କର୍ମଚାରୀ, ଲ୍ୟାମ୍ପ କର୍ମଚାରୀ ଓ ସ୍ଥାନୀୟ ଚାଷୀଙ୍କୁ ନେଇ ମଣ୍ଡି ପରିସରେ ଏକ ବୈଠକ ଆୟଜନ କରି ନିମ୍ନମାନର ଧାନ ହେତୁ କ୍ୟୁଣ୍ଟାଲ ପ୍ରତି ୪କେଜି ଲେଖାଏଁ ଅଧିକ ଧାନ ନ ଦେଲେ କୌଣସି ମିଲର ଏହାକୁ ଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ଚାଷୀ ଏଥିରେ ରାଜି ନ ହେବାରୁ ନିମ୍ନମାନର ଧାନ ଦେଖାଇ ଏହାକୁ ଆମେ ଗ୍ରହଣ କରିବୁ ନାହିଁ ବୋଲି ଡରାଇଥିଲେ। ଅମଳର ଦୀର୍ଘ ଦିନ ପରେ ମଧ ଧାନ ବିକ୍ରି ହେଉନଥବା ଓ ଅଦିନିଆ ବର୍ଷା ଭୟରେ ଚାଷୀ କ୍ୟୁଣ୍ଟାଲ ପ୍ରତି ୨ରୁ ଅଢ଼େଇ କେଜି ଲେଖାଏଁ ଅଧିକା କଟନୀ ଛଟନୀ ବାବଦରେ ଦେବାକୁ ବାଧ ହେଇଥିଲେ। ଉକ୍ତ ବୈଠକର ଖବର ପାଇ ଆମ ପ୍ରତିନିଧି ସେଠାରେ ପହଞ୍ଚି ଫୋଟୋ ଓ ଭିଡ଼ିଓ ଉତ୍ତୋଳନ ବେଳେ ଉପସ୍ଥିତ ମିଲର୍ ଆମ ପ୍ରତିନିଧିକୁ ଭୟଭୀତ କରାଇ ସେଇ ଫୋଟୋ ଓ ଭିଡ଼ିଓକୁ ଫୋନରୁ ଡିଲେଟ କରିବାକୁ ବାଧ କରିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ କଟନି ଛଟନି ବୈଠକ ନିମନ୍ତେ ଅନୁମତି ଦେଲା କିଏ? ଉପସ୍ଥିତି ଓ ଜାଣତରେ ହେଉଛି କି କଟନି ଛଟନି?



# ଭତ୍ତା ପାଇଁ ହନ୍ତସନ୍ତ ଭିନ୍ନକ୍ଷମ ବୃଦ୍ଧା

ରାୟଗଡ଼ା,(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପଞ୍ଚାୟତ ସମିତିରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ବୁଡ଼ାଗୁଡା ପଞ୍ଚାୟତର ଭିନ୍ନକ୍ଷମ ବୃଦ୍ଧା ମାୟାଧର କଲଡ଼ିଆ ଭତ୍ତା ପାଇଁ (୬୪) ଦ୍ୱାରସ୍ଥ ହୋଇଛନ୍ତି, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ, ମାୟାଧର ଅତି ଗରିବ ଶ୍ରେଣୀର ହୋଇଥିବାରୁ କ’ଣ ଖାଇବେ କେମିତି ବଞ୍ଚିବେ ତାକୁ ନେଇ ଚିନ୍ତାରେ ମାୟାଧର। ସେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କଲେ ମଧ ସରକାରୀ ବାବୁମାନେ କେହି ମଧ ତାଙ୍କ ଦୁଃଖ ବୁଝୁ ନାହାନ୍ତି। ବୟସ ଛୁଇଁଲା ଷାଠିଏ। ଏପଟେ ଭିନ୍ନକ୍ଷମ। କିଛି ବର୍ଷ ହେବ ଶଯ୍ୟାଶାୟୀ ହୋଇ ଦେହ ଅସୁସ୍ଥ ହେବାରୁ ଏବେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ଖଣ୍ଡିଏ ଭତ୍ତା ପାଇଁ ମାୟାଧର। ସରକାରଙ୍କର ମାଳ ମାଳ ଯୋଜନା କିନ୍ତୁ ସ୍ୱଷ୍ଟ ଚିତ୍ରରେ ଦେଖିଲେ ଜଣାପଡୁଛି ଯେ, ସରକାରଙ୍କର ଯୋଜନା ଲୋକଙ୍କ ପାଖକୁ କେତେ ଦୂର ପହଞ୍ଚି ପାରୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନଥିବାରୁ ଆଜି ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇଛନ୍ତି ମାୟାଧର। ଏହି ଗରିବ ଭିନ୍ନକ୍ଷମ ପ୍ରାପ୍ତ ବୟସ୍କ ବୃଦ୍ଧାଙ୍କୁ କେବେ ମିଳିବ ଭତ୍ତା ତାକୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ।





କରଞ୍ଜିଆ (ଭାସ୍କର ନ୍ୟୁଜ) : ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାଞ୍ଚପିଡ଼ ଉପଖଣ୍ଡର ବିଭିନ୍ନ ବ୍ଲକରୁ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଆତ୍ମନିର୍ଭରଶୀଳ ଓ ଜୀବନ ଜୀବିକା ନିମନ୍ତେ ଇ-ରିକ୍ସା ପ୍ରଦାନ କରାଯାଉଛି। ଏଥିନିମନ୍ତେ ଆଜି କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉତ୍ତମ ମୁନି, ଏସ୍‌ଏସ୍‌ଏସ୍‌ଓ ଗୋପୀନାଥ ସୋଏ, ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଶେଖର ଦତ୍ତ, କାର୍ଯ୍ୟାଳୟର ସେକ୍ସନ ଅଫିସର ଦିନେଶ କୁମାର୍ ସାହୁ, ଧୀରେନ୍ କୁମାର ଭୋଇଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ଇ-ରିକ୍ସା ପ୍ରଦାନ କରିଥିଲେ। ହିତାଧିକାରୀମାନେ ହେଲେ କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ଗ୍ରାମର ହେମନ୍ତ କୁମାର ସେଠି, ଯଶିପୁର ବ୍ଲକ ଧୋବଡିହାର ମିନ୍ଟୁ ମାଟିଆ, ରରୁଆ ବ୍ଲକ ଡେନୁଆ ଗ୍ରାମର ମାନସିଂହ ହେମ୍ବ୍ରମ, ଶୁକୁଳି ବ୍ଲକ ସାରଧା ଗ୍ରାମର ଦୀନବନ୍ଧୁ ନାଏକ ଓ ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମର ଭୀମସେନ ବାରିକଙ୍କୁ ଇ-ରିକ୍ସା ପ୍ରଦାନ କରିଥିଲେ। ଇ-ରିକ୍ସା ପାଇବା ପରେ ହିତାଧିକାରୀମାନେ ଖୁସି ଜାହିର କରି ପ୍ୟାସେଞ୍ଜର ବୋହି ନିଜର ପେଟ ପୋଷି ପାରିବେ ବୋଲି ଦୃଢତାର ସହିତ ପ୍ରକାଶ କରିଥିଲେ।

## 'ମଞ୍ଚ ନାଟକ ବଞ୍ଚିଲେ, କଳାକାର ବଞ୍ଚିବେ'




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ସହରର ୨୦ରୁ ଊର୍ଦ୍ଧ୍ୱ ନାଟ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନକୁ ନେଇ ଗଠିତ 'ବ୍ରହ୍ମପୁର କଳାକାର ଏକତା ମଞ୍ଚ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ବ୍ରହ୍ମପୁର ପ୍ରକାଶମ ହଲରେ ଅନୁଷ୍ଠିତ ହୋଇଯାଇଛି। କଳାକାର ଏକତା ମଞ୍ଚ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟକାର ମେଜର ରମା ରମଣ ପାଢ଼ୀ ଓ କଳାପ୍ରେମୀ ଇଂ. ଯାମିନିକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବ୍ରହ୍ମପୁର କଳାକାର ଏକତା ମଞ୍ଚର ଗଠନ ଓ ଅଭିମୁଖ୍ୟର ପ୍ରଶଂସା କରିଥିଲେ। କଳାକାର ଏକତା ମଞ୍ଚ ଉପସଭାପତି ରାଜ ଗୋପାଳ ପାଢ଼ୀ, ସାଧାରଣ ସମ୍ପାଦକ ଡା. ମିହୀର କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମପୁର ସହରରେ ନାଟ୍ୟ ପ୍ରେକ୍ଷାଳୟର ଅଭାବ ଅହେତୁକ ଦର ନେଇ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନିଲ ପାତ୍ର ଓ ସୁନିଲ ସ୍ୱାଇଁ ଅତିଥି ସମ୍ବର୍ଦ୍ଧନାରେ ସହଯୋଗ କରିଥିଲେ। ବ୍ରହ୍ମପୁର କଳାକାର ଏକତା ମଞ୍ଚରେ ସାମିଲ ସମସ୍ତ ନାଟ୍ୟ ଅନୁଷ୍ଠାନର ମୁଖିଆଙ୍କ ସହ ମଞ୍ଚସ୍ଥ ନାଟକର ନାଟ୍ୟକାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ଏକତାମଞ୍ଚର ଉପସଭାପତି ରାଜ ଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଳାକାର ଏକତା ମଞ୍ଚର ଯୁଗ୍ମ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ଏକତା ମଞ୍ଚ କୋଷାଧକ୍ଷ ସତ୍ୟ ମହାରଣାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବ୍ରହ୍ମପୁର କଳାକାର ଏକତା ମଂଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ନାଟ୍ୟକାର ମଦନ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଓଲଟା ପାଲଟା' ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ନାଟକରେ ଅରୁଣ ସାହୁ ସଙ୍ଗୀତ ଦାୟିତ୍ୱ ତୁଲାଇଥିବା ବେଳେ ନାଟକରେ ଡା. ମିହୀର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ଡି. ଶିବଶଙ୍କର, କୈଳାସ ପାଣିଗ୍ରାହୀ, ସ୍ୱରାଷ୍ଟ୍ର ବାଡ଼ତ୍ୟା, ପ୍ରଶାନ୍ତ ପ୍ରତିନିଧି, ଆରତୀ ପାତ୍ର, କୁନି ପଣ୍ଡା ଓ ଜାହ୍ନବୀ ପଣ୍ଡା ନିଖୁଣ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର କଳାକାର ଏକତା ମଞ୍ଚର ସମସ୍ତ ଉପଦେଷ୍ଟା, କର୍ମକର୍ତ୍ତା ଓ ସଦସ୍ୟଙ୍କ ସଜ ଅନ୍ୟ କଳାପ୍ରେମୀମାନେ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ।

### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

## ପରିଚାଳନା ଅଭାବରୁ ପାଣିରେ ପଡ଼ିଲା ସରକାରୀ ଅର୍ଥ




ଚମ୍ପୁଆ (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ଚମ୍ପୁଆ ସ୍ଥିତ ଉଠା ଜଳସେଚନ କାର୍ଯ୍ୟାଳୟ ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ଗଣେଶ ଖିଲାର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ନାବାର୍ଡର ଡିଡିଏମ୍ ଦୀପ୍ତିରଞ୍ଜନ ମଲ୍ଲିକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବନମାଳୀ ପାତ୍ର, ଯୋଡା ଏସ୍‌ଇଇ ମନୋରଞ୍ଜନ ଜେନା, ଏଏଚ୍‌ଓ ଏସ୍ ଶୁଭଲକ୍ଷ୍ମୀ ଓ ସହକାରୀ କୃଷି ଅଧିକାରୀ ହରିଓମ୍ ପାଣିଗ୍ରାହୀ ଯୋଗ ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉଠା ଜଳସେଚନ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ରହି ନଥିବା ବେଳେ ନଗଣ୍ୟ ସଂଖ୍ୟାରେ ଚାଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚାଷୀମାନେ ଜଳର ସୁବିନିଯୋଗ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପ୍ରତିବର୍ଷ ସରକାରଙ୍କ ତରଫରୁ ୧୫ଦିନ ଧରି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ସେ ଦିଗରେ ସଚେତନତା କରିବାକୁ ମଧ୍ୟ ସରକାର ପର୍ଯ୍ୟାପ୍ତ ପରିମାଣରେ ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ ଚମ୍ପୁଆରେ ଏହି ପକ୍ଷ ପାଳନ ବାଟବଣା ହୋଇଛି। ଚମ୍ପୁଆ ଉପଖଣ୍ଡରେ ପ୍ରାୟ ୨୫୦ଟି ଉଠାଜଳସେଚନ ପ୍ରକଳ୍ପ ଥିବାବେଳେ ପ୍ରଚାର ପ୍ରସାର ଅଭାବରୁ ଏହି କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଚାଷୀଙ୍କ ସଂଖ୍ୟା ୫୦/୬୦ ମଧ୍ୟରେ ସୀମିତ ରହିଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ଜନସାଧାରଣ ଉପସ୍ଥିତ ଥିବାବେଳେ ତନ୍ମଧ୍ୟରୁ ଅଧିକାଂଶ ଚମ୍ପୁଆ ଉଠା ଜଳସେଚନ ବିଭାଗ ତରଫରୁ ଅୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ, ଶିକ୍ଷକଙ୍କ ସହିତ ଉଠା ଜଳସେଚନ ବିଭାଗ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ସମଗ୍ର ଚମ୍ପୁଆ ଉପଖଣ୍ଡରେ ୨୫୦ଟି ଉଠା ଜଳସେଚନ ପ୍ରକଳ୍ପ ରହିଥିବା ବେଳେ କାର୍ଯ୍ୟକ୍ରମରେ ମାତ୍ର ୫୦/୬୦ ଜଣ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଯୋଗ ଦେବା ଯୋଗୁଁ କାର୍ଯ୍ୟକ୍ରମଟି ଅସଫଳ ହେବା ସହିତ ଏହା ପ୍ରକୃତ ଉଦ୍ଦେଶ୍ୟ ସାଧନ କରି ନପାରିବା ପରିଲକ୍ଷିତ ହୋଇଛି। ଓଡ଼ିଶା ସରକାର ଏହି ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରିବା ସହିତ ଚାଷୀମାନଙ୍କୁ ଜଳର ସୁବିନିଯୋଗ କରିବା ଓ ବିଭିନ୍ନ ସରକାରୀ ଯୋଜନା ଗୁଡିକ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ପରିଚାଳନା ଅଭାବରୁ ଚମ୍ପୁଆ ଉଠା ଜଳସେଚନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ପାଣିରେ ପଡ଼ିଲା ପରି ଅନୁଭବ ହେଉଛି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସମଲ ବ୍ୟାରେଜ ଜଳ ସମ୍ପଦ ବିଭାଗର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ରବିବାର ପାଳିତ ହୋଇଯାଇଛି। ସମଲ ଜଳ ସମ୍ପଦ ବିଭାଗ ତରଫରୁ ଅତିଥି ଭବନ ଠାରେ ଗତକାଲି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇ ଚାଷୀଙ୍କ ପାଣି ସମସ୍ୟା ଉପରେ ଆଲୋଚନା କରିଥିଲେ। ନଦୀରେ ନଦୀବନ୍ଧ କରି ପାଣି କେନାଲରେ ଛାଡି ଚାଷୀଙ୍କ ହିତରେ ଲାଗିବା କଥା ମାତ୍ର ତାହା ନକରି କଳକାରଖାନାକୁ ପାଣି ଦିଆଯାଉଛି କେନାଲରେ ଚାଷୀଙ୍କୁ ପାଣି ଠିକ୍‌ରେ ଦିଆଯାଉ ନଥିବାରୁ କୁଲେଇ ସମିତି ସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି କ୍ଷୋଭ ପ୍ରକାଶ କରିଥିଲେ ଏବଂ ବିଧାୟକ ଏ ଦିଗରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ବିଧାୟକ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଇ ବାମପାର୍ଶ୍ୱ କେନାଲର ମାଣିକମରା ଏବଂ ଦକ୍ଷିଣ ପାର୍ଶ୍ୱ କେନାଲର ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଯେମିତି ଚାଷୀ ପାଣି ପାଇ ଚାଷ କରିବେ, ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜକା ଗ୍ରାମର ଚାଷୀ ଓ କୁଲେଇ ଗାଁର ଚାଷୀ ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ମଧ୍ୟ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ହୋଇଥିବା ପ୍ରବନ୍ଧ, ତର୍କ, ବିଜ୍ଞାନ ଓ ଚିତ୍ରକାରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଗୋଡ଼ିବନ୍ଧ ହାଇସ୍କୁଲ, ସମଲ ବ୍ୟାରେଜ ହାଇସ୍କୁଲ, ପଞ୍ଚପଡା ହାଇ ସ୍କୁଲ, କଣିହାଁ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଶହ ଅର୍ଥ ଉପହାର ପ୍ରଦାନ କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀରେ ବିଜେତା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୨ହଜାର, ୧୫ଶହ ଓ ୧ହଜାର ନଗଦ ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଦାସ ସଭାପତିତ୍ୱ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ବେହେରା ମଞ୍ଚ ସଂଚାଳନ କରିଥିଲେ। ଉକ୍ତ ପାଣି ପଞ୍ଚାୟତ ପକ୍ଷ ପାଳନରେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, କୁଲେଇ ସମିତି ସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି, ସରପଞ୍ଚ କୁଲେଇ ଜ୍ୟୋତ୍ସ୍ନା ମୟୀ ଗଡ଼ନାୟକ, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ବରିଷ୍ଠ ଚାଷୀ ଗଣେଶ୍ୱର ମାଝୀ, ବିଦେଶୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ଏସଡିଓ ଅକ୍ଷୟ କୁମାର ଦାସ, ସହକାରୀ ଯନ୍ତ୍ରୀ ବିଜୟ କୁମାର ବେହେରା, ପୂର୍ବତନ କର୍ମଚାରୀ ଅକ୍ଷୟ କୁମାର ସାମଲ, ବି ଜି ଦୀପ୍ତି ମୟୀ, ଯନ୍ତ୍ରୀ ଇନ୍ଦୁ ଭୂଷଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆଲୋଚନାଚକ୍ର

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷାର ଉତ୍କର୍ଷ' ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସ୍ମିତାରାଣୀ ସାହୁଙ୍କ ଅଧକ୍ଷତାରେ ପଦ୍ମଶ୍ରୀ, ବାଣୀ ଭାରତୀ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ବିଦ୍ୟାଳୟରେ ଯୋଗଦେଇ ଓଡ଼ିଆ ଭାଷା ଉପରେ ଓଡ଼ିଆ ଅଧ୍ୟାପକ, ଅଧ୍ୟାପିକା ଓ ବିଭାଗର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ଓଜସ୍ୱିନୀ ବକ୍ତବ୍ୟ ବିସ୍ତୃତ ଭାବେ ପ୍ରତିପାଦନ କରି ସମସ୍ତଙ୍କୁ ଓଡ଼ିଆ ଭାଷାକୁ ନେଇ କିଛି ସମୟ ପାଇଁ ବିମୋହିତ କରିଥିଲେ।




ଆନୁଷ୍ଠାନିକ ଭାବେ ଜଗନ୍ନାଥଙ୍କ ନିକଟରେ ଧୂପ-ଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ମଙ୍ଗଳାଚରଣ ପାଠ କରି ଥିବାବେଳେ, ବିଭାଗୀୟ ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ କୁଳମଣି ମେହେର ସଭା ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ପ୍ରଧାନ, ସାହିତ୍ୟିକା ନିର୍ମଳା ମହାପାତ୍ର, ସାହିତ୍ୟିକ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ମଞ୍ଚାସିନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଜୟଯୁକ୍ତା ପଟନାୟକ, ଅଧ୍ୟାପକ ଦେବୀକୃପା ଦଳବେହେରା, ବିଶିକେଶନ କର୍ଣ୍ଣ, ଅଧ୍ୟାପିକା କବିତା ସ୍ୱାଇଁ, ମୌସୁମୀ ବାଘ, ଆଲୋଚନାଚକ୍ର ସମ୍ପାଦିକା ଦୀପାଞ୍ଜଳି ସାହୁଙ୍କ ସମେତ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉତ୍ସାହର ସହିତ ଯୋଗ ଦେଇଥିଲେ। ପରିଶେଷରେ ମଞ୍ଚାସିନ ଥିବା ଅତିଥିଙ୍କୁ ଅଧ୍ୟାପକ ଅଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## କୋରେଇରେ ବିଜେପିର ମହାମିଶ୍ରଣ ପର୍ବ



କୋରେଇ (ଭାସ୍କର ନ୍ୟୁଜ୍) : କୋରେଇ ନିର୍ବାଚନ ମଣ୍ଡଳୀରେ ଆଜି ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ୧୫ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଶତାଧିକ ଆଗଧାଡିର ନେତା ଓ କର୍ମୀ ବିଜେଡ଼ି ଓ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। କୋରାଇ ବିଧାୟକ ଆକାଶ ଦାସ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ରବିନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ବଡଚଣା ବିଧାୟକ ଅମର ନାୟକ, ବିଜେପି ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଜି କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ସାହୁ, ଗୋଲେଇପୁର ସରପଞ୍ଚ ସସ୍ମିତା ମାଝୀ, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ହଳଦୀଗଡିଆ ସମିତିସଭ୍ୟ ଉଦୟ କୁମାର ନାୟକ, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଂଜନ ପରିଡ଼ା, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ତଣ୍ଡରା ସରପଞ୍ଚ ମାମୁନି ମହାନ୍ତିଙ୍କ ସମେତ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ସରପଞ୍ଚ ସର୍ବେଶ୍ୱର ସାହୁ, ଟିକରପଡା ସରପଞ୍ଚ ପଦ୍ମାବତୀ ଭଦ୍ର, ବାହାଦଲାପୁର ସମିତିସଭ୍ୟ ମାମି ମହାନ୍ତି, ମୁଗୁପାଳ ସରପଞ୍ଚ ପ୍ରଜ୍ଞା ପରମିତା ମଲ୍ଲିକ ଓ ମୁଗପାଳ ସମିତିସଭ୍ୟ ନରୋତ୍ତମ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ବିଜେଡି କର୍ମୀ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ୫ ହଜାରରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ ହୋଇଥିଲେ।

### ଅନାବାଦି ଜାଗାରେ ବାସ କରୁଥିବା ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବି

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଖଲ୍ଲିକୋଟ ତହସିଲ ଅନ୍ତର୍ଗତ କଞ୍ଚଣା ଗ୍ରାମ ପଞ୍ଚାୟତର ପୁସ୍ତପୁର ଗ୍ରାମରେ ଦୀର୍ଘ ୫୦ରୁ ୬୦ବର୍ଷ ହେବ ଅନାବାଦି ଜାଗାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ଆସୁଅଛନ୍ତି। ସେମାନେ ଦୀର୍ଘଦିନ ଧରି ଘର ଡିହ ପଟ୍ଟା ପ୍ରଦାନ ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଯାହାଫଳରେ ସେମାନଙ୍କ ପରିବାର ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବା ସହ ସେମାନଙ୍କ ପିଲାମାନଙ୍କ ପାଠପଢ଼ା, ଚାକିରି କ୍ଷେତ୍ରରେ ଏବଂ ଜାତିଗତ ପ୍ରମାଣପତ୍ର ଆଦିରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ସେମାନେ ଅତ୍ୟନ୍ତ ଗରିବ ଶ୍ରେଣୀର, ଏଣୁ ଅନ୍ୟତ୍ର ଜାଗା କିଣି ଘର କରିବା ସେମାନଙ୍କ ପକ୍ଷେ ଅସମ୍ଭବ। ଏହା ସହ ଦୀର୍ଘ ୨୦ବର୍ଷ ଧରି ଉକ୍ତ ଜାଗାର ସିସ୍ତୁ ମଧ୍ୟ ବାନ୍ଧି ଆସୁଥିଲେ, କିନ୍ତୁ ୨୦୨୧ ମସିହା ପରଠାରୁ ଆଉ ସିସ୍ତୁ ମଧ୍ୟ ବନ୍ଧା ହୋଇ ପାରୁନାହିଁ। ଏଣୁ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରି ଘରଡିହ ପଟ୍ଟା ପ୍ରଦାନ ପାଇଁ ଗ୍ରାମବାସୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବେଆଇନ ବାକ୍ସ ଜାଲ, ବାଉଁଶ ଆଡ଼ିବନ୍ଧ ଉଚ୍ଛେଦ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ନଗର ଗ୍ରାମ ପଞ୍ଚାୟତ ନିକଟରେ ବହିଯାଇଥିବା ଦେବୀ ନଦୀର ଶାଖା ନଦୀ ଧୋବାନାଳୀ ନିକଟରେ ପ୍ରବାହିତ ନଦୀରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ନଦୀ ମଧ୍ୟରେ ବାକ୍ସ ଜାଲ, ବାଉଁଶ ଭଲା ଦେଇ ନଦୀମଧ୍ୟରୁ ମାଛ ସଂଗ୍ରହ କରୁଥିଲେ। ଯାହାକି ବାକ୍ସ ଜାଲ ସମ୍ପୂର୍ଣ୍ଣ ବେଆଇନ। ଏହା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ନଦୀରେ ଦୀର୍ଘଦିନ ହେବ ନିଜକୁ କରିତ୍ କର୍ମା ଦର୍ଶାଇ ଜୋରଜବରଦସ୍ତ ମାଛ ଧରୁଥିଲେ। ଅସ୍ତରଙ୍ଗ ତହସିଲଦାରଙ୍କ ତତ୍ତ୍ୱାବଧାନରେ ସୋମବାର ମଧ୍ୟାହ୍ନ ସମୟରେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡାଙ୍କ ଉପସ୍ଥିତରେ ଦେବୀନଦୀ କିସମ ଧୋବାନାଳ ମଧ୍ୟରେ ସୃଷ୍ଟି କରାଯାଇଥିବା ବାଉଁଶ ଆଡି ବନ୍ଧ ଦେଇ ବାକ୍ସ ଜାଲକୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ ଗତ କିଛିମାସ ହେବ ନିଜକୁ ପ୍ରଭାବଶାଳୀ କହି ସ୍ଥାନୀୟ ଅଞ୍ଚଳ ସମସ୍ୟାକୁ ଭୃକ୍ଷେପ ନକରି ନିଜେ ରୋଜଗାର କରିବା ଲକ୍ଷ୍ୟରେ ଦେବୀ ନଦୀ ନିକଟସ୍ଥ ଧୋବାନାଳରେ ଲୁଣି ପାଣି ପ୍ରବେଶ କରାଇ ନଦୀ ମଧ୍ୟରେ ସୁଦୃଢ ଭାବେ ବାଉଁଶର ଆଡିବନ୍ଧ ସହ ମାଛକୁ ରୋକିବା ପାଇଁ ବାକ୍ସ ଜାଲ ପ୍ରସ୍ତୁତ ବନ୍ଧ ନିର୍ମାଣ କରିଥିଲେ। ଯାହାକି ସ୍ଥାନୀୟ ଅଞ୍ଚଳ ଅନ୍ୟ ମତ୍ସ୍ୟଜୀବୀଙ୍କୁ ମାଛ ଧରିବା ବାଧାପ୍ରାପ୍ତ ହେଉଥିଲା। ନିର୍ଦ୍ଦିଷ୍ଟ ରାଜସ୍ୱ ଗ୍ରାମର ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ପରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ, ଏଏସ୍‌ଆଇ ପ୍ରଶାନ୍ତ ବିଶ୍ୱାଳ, ନଗର ରାଜସ୍ୱ ନିରୀକ୍ଷକ ସତ୍ୟରାଜ ବେହେରା, ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର ଟପୋ ବାକ୍ସ ଜାଲ, ବାଉଁଶ ଆଡିବନ୍ଧ ଉଚ୍ଛେଦ ଅଭିଯାନ ସୋମବାର ସକାଳ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଚାଲିଥିଲା। ଏହି ଉଚ୍ଛେଦ କାର୍ଯ୍ୟକ୍ରମଟି ଏକକାଳୀନ ସେନାପତି ସାହି ନିକଟ ଧୋବାନାଳୀ ଠାରୁ ନୂଆଗଡ କଲଭଟ ପର୍ଯ୍ୟନ୍ତ ଅଞ୍ଚଳରେ ଥିବା ସମସ୍ତ ସ୍ଥାନରେ ଭଙ୍ଗା ହୋଇଥିଲା। ବାକ୍ସ ଜାଲ, ବାଉଁଶ ଆଡିବନ୍ଧ ଉଚ୍ଛେଦରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଯଦି ଆଗାମୀ ଦିନରେ କୌଣସି ବ୍ୟକ୍ତି ବିଶେଷ ବାକ୍ସ ଜାଲ ବସାଇବେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି।

## ଶ୍ୟାମବାବାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



କରଞ୍ଜିଆ(ଭାସ୍କର ନ୍ୟୁଜ୍) : କରଞ୍ଜିଆରେ ମାରୱାଡ଼ି ସମାଜର ଶ୍ରୀଶ୍ୟାମବାବାଙ୍କ ୨୨ତମ ପ୍ରାଣ ପ୍ରତିଷ୍ଠା ଉତ୍ସବ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଦିନରେ ସମାଜର ପୁରୁଷ, ମହିଳା, ଯୁବକ, ଯୁବତୀମାନେ ଏକ ରଙ୍ଗର ପୋଷାକ ପିନ୍ଧି ହାତରେ ନିଶାନ ଧରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ଥିଲା ଶ୍ୟାମବାବା ଏକ ଘୋଡ଼ା ଗାଡ଼ିରେ ବିଜେ କରି ସହର ପରିକ୍ରମା କରିଥିଲେ। କରଞ୍ଜିଆ ସହରର ୱାର୍ଡ଼ ନମ୍ବର ୧୨ରେ ଶ୍ରୀ ଶ୍ୟାମ ଉତ୍ସବ ମଣ୍ଡପରୁ ଉକ୍ତ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉତ୍ସବ ମଣ୍ଡପ ଠାରେ ପହଞ୍ଚିଥିଲା। ସେଠାରେ ଦୁଇଦିନ ଧରି ଶ୍ରୀ ଶ୍ୟାମ ବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ସମାଜ ପକ୍ଷରୁ ଶ୍ୟାମବାବାଙ୍କୁ ସ୍ୱର୍ଣ୍ଣ ମୁକୁଟ ଲାଗି କରାଯାଇଅଛି। ଏଥିପାଇଁ ଶ୍ରୀ ଶ୍ୟାମ ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଦିନ ସୁଦୂର କଲିକତା, ମୁମ୍ବାଇରୁ ଭଜନ ଗାୟିକାମାନେ ଯୋଗ ଦେଇ ଭଜନ ପରିବେଷଣ କରିଥିଲେ। ଉତ୍ସବ ମଣ୍ଡପ ନିକଟରେ ଦିବାରାତ୍ର ପ୍ରସାଦ ବଣ୍ଟନ କରଯାଇଥିଲା। କମିଟିର ନିରଞ୍ଜନ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲା, ଗୋପାଲ ଅଗ୍ରୱାଲା ଦିପେଶ ଅଗ୍ରୱାଲ, ପବନ ଅଗ୍ରୱାଲ ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ସମାଜର ସୁଧିର ଭାରୁକା, ରବି ଅଗ୍ରୱାଲା, ରୂପେଶ ସରାଫ, ମାରୱାଡି ଯୁବା ମଞ୍ଚ ଓ ଶକ୍ତି ଶାଖାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ୨୨ତମ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ମାରୱାଡ଼ି ଭାଇ ଭଉଣୀମାନେ ଯୋଗ ଦେଇଥିବାରୁ ଦୁଇଦିନ ଯାକ କରଞ୍ଜିଆ ସହର ଉତ୍ସବ ମୁଖର ହୋଇ ପଡ଼ିଥିଲା। ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ ପାଇଁ କରଞ୍ଜିଆ ପୋଲିସ ସହଯୋଗ କରିଥିଲା। ପ୍ରାଣ ପ୍ରତିଷ୍ଠା ପାଇଁ ସହରରେ ଶୋଭାଯାତ୍ରା ସହିତ ପ୍ରସାଦ ବଣ୍ଟନ, ଭଜନ ସନ୍ଧ୍ୟା, ଆଧ୍ୟାତ୍ମିକ ପ୍ରବଚନ କାଯ୍ୟକ୍ରମରେ ସହର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ବିଶିଷ୍ଟ ତାବଲା ବାଦକଙ୍କ ପରଲୋକ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଅର୍ତାମୂଳ ଗ୍ରାମର ବିଶିଷ୍ଟ ତାବଲା ବାଦକ ଗୁରୁ ନିଶାକର ବଳଙ୍କ ୯୧ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ଦୁଇବର୍ଷ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ଶିଷ୍ୟ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ସ୍ୱର୍ଗତ ବଳଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନପୁଅ ମୁଖାଗ୍ନି ଦେଇଥିଲେ । ସୂଚନା ଯୋଗ୍ୟ ସ୍ୱର୍ଗତ ବଳଙ୍କର ବଡ଼ପୁଅ ଦୁଇମାସ ହେବ ମସ୍ତିଷ୍କାଘାତ ରୋଗରେ ଆକ୍ରାନ୍ତ ହୋଇ ଘରେ ଶଯ୍ୟାଶାୟୀ ଅଛନ୍ତି ।

## ରାଶିଫଳ

**ମଙ୍ଗଳବାର, ୨୪ ଡିସେମ୍ବର ୨୦୨୪**



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ଗାଡି ଚଳାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ଓ ଚାକିରି ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜଭୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧବୃଦ୍ଧାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନ୍‌ସନ୍ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଦିନଟି ଶୁଭ ଖବର ଦେବ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜିର ଦିନଟି ଶୁଭ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ ୨୩/୧୧(ଭାସ୍କର ନ୍ୟୁଜ) ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ସ୍ଥାନୀୟ ନବରନ୍ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ଶକୁନ୍ତଳା ବେହେରା, ମୁଖ୍ୟ ବକ୍ତା ରୂପ ଖପ୍ରାଖୋଲ ବ୍ଲକ ଉପାଧ୍ୟକ୍ଷ ସୁଖ୍ରାମ ଷାଣ୍ଡ , ସମ୍ମାନିତ ଅତିଥି ରୂପେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପ୍ରବିଶି , ମନ ଭୋଇ , ମହାଦେବ ମାଝୀ ଯୋଗ ଦେଇଥିଲେ କ୍ଷ ଏହି ଅବସରରେ ସଭା ପରିଚାଳନା ରାଜେନ୍ଦ୍ର ବେହେରା,କରିଥିବା ବେଳେ ବାର୍ଷିକ କ୍ରୀଡା ଉତ୍ସବ ରେ ଖୋଖୋ, କବାଡି, କ୍ରିକେଟ, ଲମ୍ଫ ଡିଆଁ ,ଉଚ୍ଚ ଡିଆଁ ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଖେଳ ପରିଚାଳନା ଶାରୀରିକ ଶିକ୍ଷା ଶିକ୍ଷକ ପ୍ରମୋଦ କୁମାର ବାଗ କରିଥିବା ବେଳେ ଶଶିକାନ୍ତ ବାଗ , କୁମୁଦ ଚନ୍ଦ୍ର ଠାକୁର, ପ୍ରଶାନ୍ତ ବେହେରା, ଗୋଲାପ ପୋଢ଼ ପ୍ରମୁଖ ସହଯୋଗ କରିଥିଲେ ।



# ୨୮ ଦିନରେ ଗନ୍ଧମାର୍ଦ୍ଧନ ସୁରକ୍ଷା ଯୁବ ପରିଷଦର ଗଣଧାରଣା

ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ୨୮ ଦିନରେ ପହଞ୍ଚିଛି । ସରକାର ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ୍ ପାରିତ ପାଇଁ କୌଣସି ନିଷ୍ପତି ନ ନେବାରୁ ଆଗାମୀ ଦିନରେ ମହାସମାବେଶ ପାଇଁ ପ୍ରସ୍ତୁତି ବୈଠକ ଆବାହକ ଜୟସିଂ ପୁଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକ ରେ ବଲାଙ୍ଗିର ବରଗଡ଼ ଓ ନୂଆପଡ଼ାର ଲୋକଙ୍କୁ ନେଇ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଏକ ମହାସମାବେଶ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି । ଉକ୍ତ




ସମାବେଶ ରେ ଆଗାମୀ ଦିନର ରଣନୀତିକୁ ନେଇ ଅତିଥିମାନେ ନିଜ ନିଜ ମତ ରଖିବେ ବୋଲି ଉପସ୍ଥିତ ବିଭିନ୍ନ ସଂଗଠନର ସଦସ୍ୟମାନେ ମତ ରଖିଥିଲେ । ଏହା ସହ କିପରି ଭାବରେ ଜନ ସମାଗମ କରାଯିବ ସେ ନେଇ ଆଲୋଚନା ହୋଇଥିବା ସୁରକ୍ଷା ପରିଷଦ ତରଫରୁ ସୂଚନା ଦିଆଯାଇଛି । ଏହାସହ ସମାବେଶରେ ସମସ୍ତ ଦଳ, ବିଭିନ୍ନ ସଙ୍ଗଠନ ଓ ସାଧାରଣ ଜନତା ଭାଗ ନେବା ପାଇଁ ନିବେଦନ କରାଯିବ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ସରୋଜ ମେହେର , କଂଗ୍ରେସ ସଦସ୍ୟ ଅନିଲ ମେହେର , ପୂର୍ବତନ ଆବାହକ ରାଜ କୁମାର ସେଠ , ସୁଶିଲ ନାଏକ ଆଇନଜୀବୀ ପ୍ରଶାନ୍ତ ମାଝୀ , ଏଲ୍ ଡି ଏ ସଂଗଠନ ର ଅଧ୍ୟକ୍ଷ ଲବ ସୁନା ,ରଘୁନାଥ ସିଂ ବରିହା , ତନ୍ତ ଧାରୁଆ , ବିପ୍ର ବିଶି , ବ୍ଲକ ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ , ରମେଶ ପଧାନ, ବଂଶୀ ବେହେରା , ଟେକେନ୍ଦ୍ର ଜାଲ , ଜଳନ୍ଧର ତାଣ୍ଡି , ବୃନ୍ଦାବନ ବାରିକ , ସନ୍ତୋଷ ପଧାନ ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ପ୍ରଧାନଡେରା ନିକଟସ୍ଥ ଜାତୀୟ ରାଜପଥ ୪୯ ରେ ଶନିବାର ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ପୋଲିସ ଏହି ମାମଲାରେ ସଂପୃକ୍ତ ଟ୍ରକ ଚାଳକ ବିହାର ରାଜ୍ୟ ଭୋଜପୁର ଅଞ୍ଚଳର ମୂଳ ନିବାସୀ ମୁଖଲାଲ କୁମାର (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଦୁର୍ଘଟଣାରେ ବାଇକ ଆରୋହୀ ଜାମଗାଁ ଗ୍ରାମର ସରୋଜ ଭୋଇ (୩୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହିତ ଥିବା ସେହି ଗ୍ରାମର ପୁରୁଷୋତ୍ତମ ଗଡ୍ଡୱାଲ୍ (୩୨) ଗୁରୁତର ହୋଇ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନାରୁ ପ୍ରକାଶ ଯେ, ଗତ ଶନିବାର ସକାଳେ ସରୋଜ ଓ ପୁରୁଷୋତ୍ତମ କୌଣସି କାର୍ଯ୍ୟ ପାଇଁ ଏକ ବାଇକ (ସିଜି-



ଟ୍ରକ୍ ଚାଳକ ଗିରଫ

୧୩ୟୁ-୭୮୫୪) ଯୋଗେ ଜାମଗାଁ ଗ୍ରାମରୁ ଲଖନପୁର ଅଭିମୁଖେ ଯାଉଥିଲେ। ସକାଳ ପ୍ରାୟ ୯ ଟାରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ଓଆର-୨୩ଏଫ୍-୧୧୫୨) ସେମାନଙ୍କୁ ପ୍ରଧାନଡେରା ନିକଟସ୍ଥ ଜାତୀୟ ରାଜପଥ ୪୯ ରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସରୋଜଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୁଷୋତ୍ତମ ଗୁରୁତର ଆହତ ହୋଇଥିଲେ। ପୁରୁଷୋତ୍ତମଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ତୁରନ୍ତ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁଣି ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ରେଙ୍ଗାଲି ଥାନାରେ ପୋଲିସ କେସ ନମ୍ବର ୨୮୨/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଟ୍ରକ ଓ ବାଇକକୁ ଜବତ କରିବା ସହ ଟ୍ରକ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଛି।

# ସର୍ଗିଫୁଲରେ ସଇଁତଲା ଏସ୍ଏସ୍ଡି ଛାତ୍ରୀଙ୍କ କୃତୀତ୍ୱ

ସଇଁତଲା, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ୟୁନିଟ- ୧ ସ୍ଥିତ ଆଦିବାସୀ ପଡିଆ ଠାରେ ଗତ ୪ ଦିନ ଧରି ହୋଇଥିବା ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ସଇଁତଲା ଏସଏସଡି ବାଳିକା ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତୀତ୍ୱ ଅର୍ଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ସଇଁତଲା ଏସ୍ଏସ୍ଡି ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୋନାଲି ବାଗ, ଶ୍ରୁତିମୟୀ କୁମାର, ଲଭଲି ଭୋଇ, ଅର୍ଚ୍ଚିତା କୁମାର, ରୋଷନୀ ମହାନନ୍ଦ ଓ ସନ୍ତୋଷିନୀମାଝୀ ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ସାଧାରଣ ଜ୍ଞାନ କନିଷ୍ଠ ଓ ବରିଷ୍ଠ ବିଭାଗରେ ରଜସ୍ମିତା କୁମାର ଓ ଅଲିଭା କୁମାର ଦ୍ୱିତୀୟ ସ୍ଥାନ, ଏକକ ସଂଗୀତରେ କନିଷ୍ଠ ବିଭାଗରେ ଅଙ୍କିତା ବାରିକ ପ୍ରଥମ ଓ ବରିଷ୍ଠ ବିଭାଗରେ ଇଶା ମହାନନ୍ଦ ଦ୍ୱିତୀୟ ସ୍ଥାନ, ଏକକ ନୃତ୍ୟରେ କନିଷ୍ଠ ବିଭାଗରେ ଲିଜା ତାଣ୍ଡି ପ୍ରଥମ, ବାଦ୍ୟଯନ୍ତ୍ର ବରିଷ୍ଠ ବିଭାଗରେ ସୀମା ମହାନନ୍ଦ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏଭଳି ସଫଳତା ଖବର ଆସିଲା ପରେ ସଇଁତଲା ଏସ୍ଏସ୍ଡି ସରକାରୀ ଉଚ୍ଚବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ଓ ସଂଗୀତ ଶିକ୍ଷୟିତ୍ରୀ କଳ୍ପନା ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କୃତି ଛାତ୍ରୀମାନେ ବିଦ୍ୟାଳୟକୁ ପହଞ୍ଚିବା ପରେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଛନ୍ତି।

# ମନରେଗାରେ ମେସିନ ଲଗାଇ ସାରିଦେଲେ ରାସ୍ତାକାମ

ମାଲକାନଗିରି, (ଭାସ୍କର ନ୍ୟୁଜ): ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳର ବିକାଶ ଲାଗି ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭିନ୍ନ ଯୋଜନାରେ ଲୋକଙ୍କୁ ସାମିଲ କରାଇ ନିଜ ଅଞ୍ଚଳର ବିକାଶ କରାଯାଉଥିବା ବେଳେ ଗରିବ ଓ ଅସହାୟମାନେ ବର୍ଷକୁ ଅନୁନ୍ୟ ଶହେ ଦିନର କାମ କରି ନିଜର ପେଟ ପାଇଁ ଦାନା ଯୋଗାଡ କରିବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଭଳି ବୃହତ୍ ଯୋଜନା ପ୍ରଣୟନ କରିଥିବା ବେଳେ ଦୁର୍ଗମ ତଥା ଆଦିବାସି ଅଧ୍ୟୁଷିତ ଅଞ୍ଚଳରେ କିଛି ସରକାରୀ କର୍ମଚାରୀଙ୍କ ପାଇଁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା କାଲିମେଲ ବ୍ଲକ, ଲୁଗେଲ ପଞ୍ଚାୟତ ଅନ୍ତର୍ଗତ ଏମ.ଭି-୮୩ ଗ୍ରାମର ୧୨ ନମ୍ବର ୱାର୍ଡ ରାସ୍ତାର ମାଟିରାସ୍ତା ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ମନରେଗା ମାଧ୍ୟମରେ କରାଯାଇଥିବା ବେଳେ ଏଥିପାଇଁ ପୋକ୍ଲିନ ବ୍ୟବହାର କରାଯାଉଥିବା ତଥା ବିନା ଫଳକରେ କାମ ଚାଲି ଥିବାର ଅଭିଯୋଗ ହୋଇଛି । ଗରିବ ଓ ଅସହାୟଙ୍କୁ କାମ ଯୋଗାଇବା ପାଇଁ ଗ୍ରାମାଞ୍ଚଳରେ ମନରେଗା ରେ ବିଭିନ୍ନ

## ତଦନ୍ତ ଦାବି

ପ୍ରକଳ୍ପ କରା ଯାଉଥିବା ବେଳେ ତରବରିଆ ଭାବେ ବିଭାଗର ଠିକାଦାରଙ୍କ ଦ୍ୱାରା ମେସିନରେ କାମ କରାଯିବା ନିଶ୍ଚିନ୍ତ ଭାବରେ ଢ଼ିଲାପଣକୁ ପଦାରେ ପକାଇଛି । ସ୍ଥାନୀୟ ଠିକାଦାର ଏବଂ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ମେସିନ ବ୍ୟବହାର କରାଯାଉଥିବା ରାସ୍ତା କାମର ଦୁର୍ନୀତିର ସ୍ପଷ୍ଟ ଚିତ୍ରକୁ ଦର୍ଶାଉଛି ଓ ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର ପିଇଓ ଏବଂ ଏସିଡ଼ିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ପାରି ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ । ତେଣୁ ଏହାର ସଠିକ୍ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାସନ୍ତୀ ମାଝୀ ହେଲେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଉମରକୋଟ ବ୍ଲକର ପ୍ରତ୍ୟେକ ସମସ୍ୟାର ସମାଧାନ କିପରି କରାଯିବ ସେଥିପାଇଁ ଉମରକୋଟ ବ୍ଲକ ପ୍ରତିନିଧି ଭାବେ ସିଂସାରୀ ଗ୍ରାମର ବାସନ୍ତୀ ମାଝୀଙ୍କୁ ନାନୋନୀତ କରିଛନ୍ତି। ଏନେଇ ଏକ ସ୍ମାରକ ପତ୍ର ଉମରକୋଟ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କୁ ପ୍ରଦାନ କରାଯାଇଛି।ଶ୍ରୀମତୀ ମାଝୀ ଦୀର୍ଘବର୍ଷ ହେବ ଭାରତୀୟ ଜନତା ପାର୍ଟି ରେ ରହି ଜନସାଧାରଣଙ୍କ ହିତରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତା'ସହ ଦଳରେ ରହି ପ୍ରମୁଖ ଭୂମିକା ମଧ୍ୟ ନିଭେଇ ଆସୁଛନ୍ତି। ତେଣୁ ଦଳ ତାଙ୍କୁ ଉମରକୋଟ ବ୍ଲକ ସାଂସଦ ପ୍ରତିନିଧି ଭାବେ ମନୋନୀତ କରିଥିବା ସାଂସଦ ବଳଭଦ୍ର ମାଝୀ କହିଛନ୍ତି। ସାଂସଦ ଙ୍କ ଅନୁପସ୍ଥିତି ରେ ବାସନ୍ତୀ ମାଝୀ ସାଂସଦଙ୍କ ସମସ୍ତ କାର୍ଯ୍ୟ ତୁଲେଇବା ସହ ଜନସାଧାରଣଙ୍କ ସମସ୍ତ ସମସ୍ୟା ର ସମାଧାନ କରିବେ ବୋଲି ସେ ନିଜେ ପ୍ରତିକ୍ରିୟାରେ କହିଛନ୍ତି ବାସନ୍ତୀ ମାଝୀ।

# ମକର ମେଳା ପାଇଁ ପ୍ରସ୍ତୁତି ବୈଠକ

ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥାନୀୟ ଗୁମାଡେରା ଜଗନ୍ନାଥ ମନ୍ଦିର ଆର୍ତ୍ତତ୍ରାଣ କ୍ଷେତ୍ରରେ ଆଗାମୀ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଅବସରରେ ମକର ମେଳା ପାଇଁ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମକର ମେଳାକୁ ମହାପ୍ରଭୁ ଜଗନ୍ନାଥ ଓ ଶିବଙ୍କ ପୃଥକ ଭାବେ ରଥ ଟଣା ଯାଇ ଗୁମାଡେରା ସ୍ଥିତ ମା' ବାଟ ମଙ୍ଗଳା ଓ କନକ ଦୁର୍ଗା ମନ୍ଦିର ସମ୍ମୁଖରେ ହରି ଓ ହରଙ୍କ ମକର ମିଳନକୁ ଆହୁରି ମହାସମାରୋହରେ ଆୟୋଜନ କରାଯିବ ବୋଲି ନିଷ୍ପତି ହୋଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସୁବିଧା ସହ ଭଜନ କୀର୍ତ୍ତନ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟିର ସଭାପତି ଜମିଦାର ବ୍ରଜକିଶୋର ସିଂଦେଓ, ପୌର କାଉନସିଲର କହ୍ନେଇ ଚରଣ ସେଠ, ଏସକେ ମହାପାତ୍ର, ବନମାଳୀ ପଣ୍ଡା, ବ୍ରଜସୁନ୍ଦର ଶତପଥୀ, ଯୁଧିଷ୍ଠିର ସେଣ, କିରଣ ମହାନ୍ତି, କୁଳମଣି ବଗାର, ପୀତବାସ ପ୍ରଧାନ, ଟିକିନ ବିଶ୍ୱାଳ, ଅଶୋକ ବିଶ୍ୱାଳ ପ୍ରମୁଖ ସାମିଲ ରହି ଆଲୋଚନା କରିଥିଲେ।

# ଜାତୀୟସ୍ତରୀୟ ବିଜ୍ଞାନ ମେଳାରେ ଚିତ୍ରକୋଣ୍ଡା ଛାତ୍ରୀ ମନୋନୀତ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲାର ଦୁର୍ଗମ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଆରଏସ୍‌ସି-୬ ସରକାରୀ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ କୁମାରୀ ଲଳିତା ଖିଲ ଜାତୀୟ ସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇ ନିଜ ଅଞ୍ଚଳରୁ ନାମକୁ ଗୌରବାନ୍ୱିତ କରିଛନ୍ତି। ଚଳିତ ମାସ ୧୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ୧୨୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥି ମଧ୍ୟରୁ ଶ୍ରେଷ୍ଠ ୨୮ ଟି ପ୍ରକଳ୍ପକୁ ଜାତୀୟସ୍ତର ନିମନ୍ତେ ମନୋନୀତ କରାଯାଇଥିଲା। ଲଳିତା ଙ୍କ ପ୍ରକଳ୍ପ ମଧ୍ୟ ଜାତୀୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲା। ଲଳିତା ବିପର୍ଯ୍ୟୟ ପରିଚାଳନା ବିଷୟରେ ପ୍ରକଳ୍ପ ପ୍ରଦର୍ଶନ କରି ସଫଳତା ପାଇଥିଲେ । ତାଙ୍କ ପ୍ରକଳ୍ପର ନାମ ଥିଲା 'ନିରାପଦ ଡ଼ଙ୍ଗା' । ଲଳିତା ଙ୍କ ଏହି ସଫଳତା ପଛରେ ସହାୟକ ଶିକ୍ଷକ ଦେବବ୍ରତ ଦାସ ପଟନାୟକ, ପ୍ରଧାନଶିକ୍ଷକ ଉମ୍ବରୁଧର ଗୋଲରୀ ଓ ଚିତ୍ରକୋଣ୍ଡା ବିଇଓ ଗାୟତ୍ରୀ ଦେବୀଙ୍କ ସହଯୋଗ ଓ ପ୍ରେରଣା ରହିଥିବା ଜଣା ପଡ଼ିଛି । ଏହି ଖବର ପ୍ରଚାରିତ ହେବା ପରେ ଲଳିତାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ବ୍ଲକ୍‌ସ୍ତରୀୟ ସୁପର-୫୦ କାର୍ଯ୍ୟକ୍ରମ

ଉମରକୋଟ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ବ୍ଲକ୍ ସ୍ତରୀୟ ସୁପର -୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ନିର୍ଦ୍ଦେଶକ୍ରମେ ୨୦୨୫ ମସିହାର ମାଟ୍ରିକ୍ ପରୀକ୍ଷା ଫଳରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ବ୍ଲକ୍ ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଉରକୋଟ ବ୍ଲକ୍ ର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୪୦ ରୁ ଉର୍ଦ୍ଧ୍ୱ ଦଶମ ଶ୍ରେଣୀର ପ୍ରତ୍ୟେକ ବିଦ୍ୟାଳୟରୁ ଦୁଇ ଜଣ ଅଗ୍ରଣୀ ଛାତ୍ର ଛାତ୍ରୀ ଆଜି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗୁଡ଼ାଠାରେ ପହଞ୍ଚିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ବାଳିକା ଉଚ୍ଚ ବିଦ୍ୟାଳୟର



ପ୍ରଧାନଶିକ୍ଷକ ଅସୀମ ଦାସ ଏବଂ ଚଢ଼େଇଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାତଃ ୧୦ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟର ଅଭିନବ ପଦ୍ଧତିରେ ସାଧନକର୍ମୀ ସରୋଜ କୁମାର ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଇନ୍ଦ୍ର ମାଳି, ନବୀନ ବିଶ୍ୱାସ, ସୁରେନ୍ଦ୍ର ଗଣ୍ଡ ପ୍ରମୁଖ ଶିକ୍ଷାଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ରାଉତଙ୍କ ସହାୟତାରେ ସର୍ବଶ୍ରୀ ସୁଦର୍ଶନ ହରିଜନ, ଆକୁଳ ବିଶ୍ୱାସ, ଶ୍ରୀନିବାସ ପାଢ଼ୀ, ଆଦିତ୍ୟ ପ୍ରତାପ ମହାରଣା, ବିଜୟ ପ୍ରଧାନ, ଭାଗବତ ଚନ୍ଦ୍ର ଦାସ, ଲୁନାରାଣୀ ରାଉତ, ତ୍ରିଲୋଚନ ହରିଜନ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ ।

## ଜିଲ୍ଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘର ନିର୍ବାଚନ

# ସଭାପତି ହେଲେ ଜଗନ୍ନାଥ, ସମ୍ପାଦକ ମାନସ

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ଜିଲ୍ଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘର ନିର୍ବାଚନ କ ନୂଆଗାଁ ଠାରେ ହୋଇଯାଇଛି। ଏହି ନିର୍ବାଚନ ରେ ଶ୍ରୀ ଜଗନ୍ନାଥ ରଣା(ସଭାପତି),ଶ୍ରୀ ପ୍ରିୟବ୍ରତ ସାହୁ(ଉପସଭାପତି),ଶ୍ରୀ ମାନସ ରଞ୍ଜନ ପାଣିଗ୍ରାହୀ(ସମ୍ପାଦକ),ସୁଶ୍ରୀ ଶ୍ରଦ୍ଧାଞ୍ଜଳି ରାଉତ(ସହ ସମ୍ପାଦକ),ଶ୍ରୀ ଜିତେନ୍ଦ୍ର ପରିଡା(କୋଷାଦକ୍ଷ),ଶ୍ରୀ ଲକ୍ଷ୍ୟାଂସୁ ଶେଖର ଦାଶ(ସଂଗଠନ ସଭାପତି),ଶ୍ରୀ ମହେଶ କୁମାର ପଟ୍ଟନାୟକଙ୍କ (ଉପଦେଷ୍ଟା),ସୁଶ୍ରୀ ସ୍ୱାତିଶ୍ରୀ ପ୍ରଧାନ(ସଂଗଠନ ସଂପାଦକ), ଙ୍କ ସମେତ ୫ ଜଣ ରାଜ୍ୟ ସଂଯୋଜକ ପଦବୀ ସୁକାନ୍ତ କୁମାର ପଟ୍ଟନାୟକ, ବିଘ୍ନେସ୍ୱର ଦିଗାଲ, ରୋସନ ରଥ, ସୁନୀଲ ବେହେରା, ଚିନ୍ମୟ ସାସମାଲ ନିମନ୍ତେ ନିର୍ବାଚିତ ହୋଇଛନ୍ତି।ଏହି ନୂତନ ନିର୍ବାଚିତ ସଭ୍ୟ ମାନଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ ର ସଦସ୍ୟ ମାନେ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ।ନୂତନ ଭାବେ ଭାବେ ନିର୍ବାଚିତ ହୋଇଥିବା ସଭାପତି, ଉପସଭାପତି, ସମ୍ପାଦକ ଜିଲ୍ଲା ର ସମସ୍ୟା, ଆମ୍ଭମାନଙ୍କ ଯେଉଁ ସମସ୍ୟା ରହୁଛି ତାହାକୁ କିପରି ଠିକ ଭାବରେ ପରିଚାଳନା କରିବା, ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଧ୍ୟାନ ଦେବା ସହିତ ସରକାର ଙ୍କ ଯୋଜନା କୁ ଜ ସାଧାରଣ ଙ୍କ ନିକଟରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ ହେବ ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ କାର୍ଯ୍ୟକ୍ରମ

ପାରଳାଖିମୁଣ୍ଡି, (ଭାସ୍କର ନ୍ୟୁଜ୍): କାଶୀନଗର ବ୍ଲକ ଅନ୍ତର୍ଗତ ନିଳପୁର ଗ୍ରାମ ନିକଟରେ ଗଜପତି ଜିଲ୍ଲାର ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପାଣି ପଞ୍ଚାୟତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଉପ ଜିଲ୍ଲାପାଳ ଅନୁପ କୁମାର ପଣ୍ଡା, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଗୋଷଣି ବ୍ଲକ ଅଧ୍ୟକ୍ଷ, କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କିରଣ କୁମାର ସୁବୁଦ୍ଧି ମଞ୍ଚାସିନ ହୋଇଥିଲେ. କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା ର ତିନୋଟି ବ୍ଲକ ମଧ୍ୟରୁ ପାଣି ପଞ୍ଚାୟତ ସଭ୍ୟ ସଭ୍ୟା ସମ୍ପାଦକ ଓ ସଭାପତିମାନେ ଉପସ୍ଥିତ ରହି ଥିଲେ। ପାଣି ପଞ୍ଚାୟତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ପାଣିଗ୍ରାହୀ ଜଳସମ୍ପଦ ମୁଖ୍ୟତଃ ଚାଷୀ ମାନଙ୍କ ମୁଖ୍ୟ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଳସମ୍ପଦର ସୁପରିଚାଳନା ପାଇଁ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କ ଜମିକୁ ଜଳ ସେଚିତ କରିବା ଓ ସେମାନେ କିମିତି ପାଣି ପଞ୍ଚାୟତ ମାଧ୍ୟମରେ ଚାଷ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଉପଯୁକ୍ତ ଯୋଜନା ମାନ ଜାଣି ପାରିବେ ସେଥିପାଇଁ ବିଭାଗ ଦୃଷ୍ଟି ଦେବା ଦରକାର ଏବଂ ଚାଷୀ ସବୁବେଳେ ବର୍ଷା ଧାରକୁ ଅପେକ୍ଷା ନ କରି ଏହି ଜଳ ସେଚନକୁ ବ୍ୟବହାର କରି ଯେମିତି ଫସଲ କରି ପାରିବ ସେଥିପାଇଁ ଗୁରୁତ୍ୱ ଦେବେ ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ ଜିଲ୍ଲା ମଧ୍ୟରେ ଜଳ ସେଚନ ବିଭାଗ ଦ୍ୱାରା ହେଉଥିବା ଉନ୍ନୟନ ମୂଳକ କାମ ସବୁ କରିବା ପୂର୍ବରୁ ଜନସାଧାରଣ ଙ୍କ ଅବଗତି ନିମନ୍ତେ ବୋର୍ଡ଼ କରିବାକୁ କହି ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ଉପସ୍ଥିତ ଥିବା ଚାଷୀ ମାନେ ଗଜପତି ଜିଲ୍ଲା ର କୃଷ୍ଣ ସାଗର, ରାମ ସାଗର, ମେଲିପୋଟୁ ଜୋରୀ ବନ୍ଧ, ଗରିବନ୍ଧା ବନ୍ଧ ଏମିତି ବିଭିନ୍ନ କାର୍ଯ୍ୟ ମାନ ଅବହେଳିତ ହୋଇ ପଡିରହିଥିବା ଦର୍ଶାଇ ବିଭାଗୀୟ ଅଧିକାରୀମାନଙ୍କ ଉପରେ ବିମର୍ଷ ହୋଇଥିବା ଦୃଷ୍ଟିକୁ ଆସିଥିଲା ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ଚାଷୀମାନଙ୍କ ସମସ୍ୟା ଯାହା ସବୁ ଏଠାରେ ପ୍ରକାଶିତ ହୋଇଛି ତାହା କିପରି ସାମଧାନ ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସାମଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମଧ୍ୟରେ ଥିବା ଜଳ ସେଚନ ପ୍ରକଳ୍ପ ଗୁଡିକ କିପରି କାର୍ଯ୍ୟ କ୍ଷମ ହେବ ସେଥିପାଇଁ ପଦକ୍ଷେପ ନେବା ଓ ପାଣି ପଞ୍ଚାୟତ ଗଠନ ସମୟରେ ମହିଳା ମାନଙ୍କୁ ସାମିଲ କରିବା ପାଇଁ ବ୍ଲକ ଅଧ୍ୟକ୍ଷା ସାଇମ୍ମା କହିଥିଲେ। ବିଭିନ୍ନ ବିଦ୍ୟାଳୟ ରେ ପୂର୍ବରୁ ପାଣି ପଞ୍ଚାୟତ ବିଷୟରେ ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସିଆରସିସିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ କୁର୍ମାନୁର କ୍ଲଷ୍ଟରର ପୂର୍ବତନ ସିଆରସିସି ପ୍ରଶାନ୍ତ ସର୍ଦ୍ଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ କୁର୍ମାନୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ କୋଣ୍ଡାରେଡ୍ଡୀ ଜିଲ୍ଲା ସଭାପତି ରାମାରାଓ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସରପଞ୍ଚ ସନିଆ ଗୋଲୋରୀ, ୱାର୍ଡ ମେମ୍ବର ଚିନାରାଓ ପଲାସି, ମହେଶ୍ୱର ପଣ୍ଡା, ସାଧନ ମଲିକ, ବିଶ୍ୱନାଥ ସରକାର, ଜଗତପତି ମଲିକ, ଜୟନ୍ତୀ ରାଉତ, ଶ୍ୟାମଳ ଲୋଚନ ରାଓ, ତପନ ଢ଼ାଲି ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ସର୍ଦ୍ଦାର ଏହି ଦୁର୍ଗମ ଅଞ୍ଚଳରେ ପ୍ରଥମେ ୨୦୧୧ ମସିହାରେ ଆଲୁରକୋଟା ବିଦ୍ୟାଳୟର ଦାୟିତ୍ୱ ନେଇଥିଲେ। ପରେ ସେ କୁର୍ମାନୁର ପଞ୍ଚାୟତରେ ୨୦୧୯ରୁ ୨୦୨୪ ମସିହା ପର୍ଯ୍ୟନ୍ତ ସିଆରସିସି ଭାବେ କାର୍ଯ୍ୟ କରିଥିଲେ । ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ତାଙ୍କର ଅବଦାନ ଯଥେଷ୍ଟ ଥିଲା । ଏହି ସଭାକୁ କୁର୍ମାନୁର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନସ୍ୱାମୀ ହନ୍ତାଳ ପରିଚାଳନା କରିଥିଲେ। ଶିକ୍ଷକ ତପନ କୁମାର ଢାଲିଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ପ୍ରଶାନ୍ତ ସର୍ଦ୍ଦାରଙ୍କୁ ସମ୍ମାନିତ କରିଥିଲେ। ସେହିପରି ନୂତନ ଭାବେ ଯୋଗଦାନ କରିଥିବା ସିଆରସିସି ଦେବବ୍ରତ ସରକାରଙ୍କୁ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମ୍ମିଳନୀ

ରାୟଗଡା, (ଭାସ୍କର ନ୍ୟୁଜ୍): ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ ଅଧୀନରେ ଥିବା ସ୍ଥାନୀୟ ସିଲ୍ଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ପାଳନ କରାଯାଇଅଛି। ଏହି ସମାରୋହରେ ମୁଖ୍ୟ ଅତିଥଭାବେ ବିଧାୟକ, ରାୟଗଡ଼ା କାଡ୍ରାକା ଆପଲ୍ଲା ସ୍ୱାମୀ ଓ ସମ୍ମାନିତ ଅତିଥିଭାବେ ବିଧାୟକ, ବିଷମକଟକ, ନୀଳମାଧବ ହିକକା , ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସରସ୍ୱତୀ ମାଝୀ, ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦୁସି ସୁଧାକର କୁମାର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ କର, କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ଶଦୟାନିଧି ରାଉତ ଓ କ୍ଷୁଦ୍ର ଜଳସେଚନ ବିଭାଜନର ସମସ୍ତ ଯନ୍ତ୍ରୀ ଏବଂ ସମସ୍ତ ପାଣି ପଞ୍ଚାୟତର ସଭ୍ୟମାନେ ଯୋଗ ଦେଇଥିଲେ।



ଉକ୍ତ ସମାରୋହରେ ଜଳର ସୁପରିଚାଳନା, ସୁବିନିଯୋଗ ଏବଂ ସୁଷମ ବଣ୍ଟନରେ ପାଣି ପଞ୍ଚାୟତର କାର୍ଯ୍ୟ ଓ ଏହାର ଭୂମିକା କ'ଣ ସେ ବିଷୟରେ ଉପସ୍ଥିତ ଅତିଥିମାନେ ସେମାନଙ୍କ ଅଭିଭାଷଣ ରଖିଥିଲେ। ତତ୍‌ସହିତ ୮ମ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭାଜନସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ମଡେଲର ପ୍ରଦର୍ଶନୀ ପ୍ରତଯୋଗୀତାରେ କୃତକାର୍ଯ୍ୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଗଲା। ଏତଦ୍ ସହିତ ଉପସ୍ଥିତ ଥିବା ଚାଷୀ ଭାଇମାନେ ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିଥିଲେ ଏବଂ ସେମାନଙ୍କ ସୁବିଧା ଓ ଅସୁବିଧା ବିଧାୟକଙ୍କ ଆଗରେ ଉପସ୍ଥାପନା କରିଥିଲେ। ଉକ୍ତ ସମାରୋହ ଉପସ୍ଥିତଥିବା ସମସ୍ତ ଚାଷୀ, ପାଣି ପଞ୍ଚାୟତ ସଦସ୍ୟ, ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# ପୁଣି କାଶୀନଗର ବନାଞ୍ଚଳକୁ ଲେଉଟିଲେ ହାତୀପୋଲ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ହେଲା କାଶୀନଗର ବନାଞ୍ଚଳ ହରିପୁର ସିଆଳି ଜୀବନଦାସ ଗୁଡାରେ ହାତୀ ଉପଦ୍ରବ ଚାଲିଥିଲା। ବନାଞ୍ଚଳରୁ ନଦୀ ପାର ହୋଇ ହାତୀପଲ ଆନ୍ଧ୍ରକୁ ଚାଲି ଯାଇଥିଲେ। ସୋମବାର ପ୍ରାତଃ କାଳରୁ ପୁଣି ହାତୀ ପଲ ଖାଣ୍ଡବା ପଞ୍ଚାୟତ ଭାନ୍ନା ଗ୍ରାମ ଠାରେ ଦେଖିବାକୁ ମିଳୁଛି। ବର୍ତ୍ତମାନ କିଛି ଚାଷୀ ଲଘୁଚାପ ଜନିତ ଝଡି ଯୋଗୁଁ ଚଷୀ ମାନେ ଖଳା ରେ ଧାନ ଗଦେଇ ରଖି ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତର୍ପଲିନ ଘୋଡ଼ାଇ ରଖିଥିବା ବେଳେ ଧାନ ଫସଲ ଅମଳ ବେଳେ ହାତୀ ମାନେ ଫସଲ ନଷ୍ଟ କରୁଥିବା ସୂଚନା ମିଳୁଛି। ବନ ବିଭାଗ ରେଞ୍ଜର ସୁନୀଲ କୁମାର ବେହେରା ଓ ଅନ୍ୟ କର୍ମଚାରୀ ମାନେ ହାତୀପଲକୁ ଘଉଡ଼େଇବା ପାଇଁ ଚେଷ୍ଟା କରୁଥିବା ସୂଚନା ମିଳୁଛି ।

# 'ଶାଳପର୍ଣ୍ଣି ସାହିତ୍ୟ ସଂସଦ' ଫିରିଙ୍ଗିଆର ବାର୍ଷିକ ଉତ୍ସବ

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ ଆଇଟିଡିଏ ସମିଳନୀ କକ୍ଷରେ ଶାଳପର୍ଣ୍ଣି ସାହିତ୍ୟ ସଂସଦ, ଫିରିଙ୍ଗିଆର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ପଦ୍ମଶ୍ରୀ ଉପାଧି ତାଡିସରୁବାଇ ମୁଖ୍ୟ ଆକର୍ଷଣ ଅତିଥିରୂପେ ଆସନ ଅଳଙ୍କୃତ ହୋଇଥିଲେ। ଏହି ସଭାମଞ୍ଚରେ ସଭାପତି ଭାବେରବୀନ୍ଦ୍ର ନାଥ ମିଶ୍ର, ମୁଖ୍ୟଅତିଥି ଡ.ଗୋପୀନାଥ ବାଗ, ମୁଖ୍ୟବକ୍ତା ଡ଼. ଲକ୍ଷ୍ମୀପ୍ରିୟା ବେହେରା, ସମ୍ମାନିତବକ୍ତା ଡ଼. ପରମେଶ୍ୱର ମୁଣ୍ଡ, ଡ଼. ନଳିନୀ କୁମାର ପ୍ରାଣିଗ୍ରାହୀ ଉପସ୍ଥିତ ରହି ନିଜ ନିଜର ବହୁମୂଲ୍ୟ ଅଭିଭାଷଣ କରି ସଭାକୁ ସାଫଲ୍ୟ ମଣ୍ଡିତ କରିପାରିଛନ୍ତି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଡ଼. ବିରଞ୍ଚି ନାରାୟଣ ସାହୁଙ୍କ ଗବେଷଣାତ୍ମକ ପୁସ୍ତକ 'ତାଡିସରୁବାଇ ଓଡ଼ିଆ ଭକ୍ତିଗୀତ', କବି ବେଦେଶୀ ନାୟକଙ୍କ ପୁସ୍ତକ'ପ୍ରଣୟର ପାଣ୍ଡୁଲିପି'ର ଶୁଭ ଉନ୍ମୋଚନ କରାଯାଇଥିଲା। ଏଥିସହିତ କନ୍ଧମାଳ ଜିଲ୍ଲାର ସମସ୍ତ ସାହିତ୍ୟ




ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଶାଳପର୍ଣ୍ଣି ସାହିତ୍ୟ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କନ୍ଧମାଳ ଜିଲ୍ଲାର ସାମ୍ବାଦିକ, ସଂଗୀତକଙ୍କୁ ଅନୁଷ୍ଠାନ ସିପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ କବିତାପାଠ ଉତ୍ସବ ରେ ୫୦ରୁ ଉର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ର ଶେଷ ପର୍ଯ୍ୟାୟରେ ଶାଳପର୍ଣ୍ଣି ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ଼. ବିରଞ୍ଚି ନାରାୟଣ ସାହୁ ଉପସ୍ଥିତ ଥିବା ମୁଖ୍ୟଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା, କାର୍ଯ୍ୟକ୍ରମର ସଭାପତିଙ୍କୁ ଅତି ଆଦର ସମ୍ମାନ ସହିତ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପକ ଡ଼. ଚନ୍ଦ୍ରଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ହରପ୍ରିୟା ମିଶ୍ର କାର୍ଯ୍ୟକ୍ରମ ତଥା କବିତା ସଂଯୋଜନା କରିଥିବା ବେଳେ କବି ବିଦେଶୀ ନାୟକ ସଂଯୋଜକ ରୂପେ ସହଯୋଗ କରିଥିଲେ। କବିତାପାଠ ସମାରୋହର ସଭାପତି ଡ଼. ମଧୁସୁଦନ ମହାପାତ୍ର, ସମୀକ୍ଷକଡ଼. ଚିତ୍ତରଞ୍ଜନ ମିଶ୍ର, ସମୀକ୍ଷକ ଡ଼.ପ୍ରାଣବ ନନ୍ଦ ପାଟଯୋଶୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପୂର୍ଣ୍ଣତା ପ୍ରଦାନ କରିଥିଲେ।ଶାଳପର୍ଣ୍ଣି ସାହିତ୍ୟ ସଂସଦର ସଂପାଦିକା ପ୍ରଭାତୀ ପାତ୍ର, ମାର୍ଗଦର୍ଶିକା ଡ଼. ମଧୁମିତା ଷଡଙ୍ଗୀ, କୋଷାଦକ୍ଷ ଆଶିଷ କୁମାର ବେହେରା ଙ୍କ ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।



ଟାଙ୍ଗୀ(ଭାସ୍କର ନ୍ୟୁଜ): କୁହୁଡ଼ି ଗ୍ରାମର ମହାବୀର ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଜନତା ଷ୍ଟାଡିୟମ୍ ରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ମହାବୀର କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ କୋଲକାତା ପୋଲିସ (କୋଲକାତା) ସହିତ ମଙ୍ଗଳା କ୍ଲବ (କଟକ) ମଧ୍ୟରେ ହୋଇଥିଲା । ମଙ୍ଗଳା କ୍ଲବ୍ (କଟକ)କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡ ରେ ପ୍ରବେଶ କରିଛି କୋଲକାତା ପୋଲିସ ଫୁଟବଲ ଦଳ । ଶେଖାବତ ଖାଁ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ସହାୟତା କରିଥିଲେ ବିଦେଶୀ କୁମାର ନାୟକ, ଗୋପାଳ ସାମନ୍ତରାୟ, ରବି ନାୟକ ଓ ଅପର୍ତ୍ତି ବେହେରା । ଆଜିର ଅତିଥି ଭାବରେ ଟୁକୁନା ପ୍ରଧାନ, କମିଟିର ସମ୍ପାଦକ ମନୋଜ କୁମାର ମାନସିଂହ, ସଭାପତି ରଘୁନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରାଜକିଶୋର ବୈରିଗଞ୍ଜନ, ସର୍ବେଶ୍ୱର ପ୍ରଧାନ, ଦାମୋଦର ସାହୁ, କେଦାର ଦାସ, ସାମ୍ବାଦିକ ରମେଶ ନାଇଡୁ, ହରିବନ୍ଧୁ ସାମନ୍ତରାୟ, ଗଦାଧର ପ୍ରଧାନ, କେଦାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ହେବ ଆତ୍ମନିର୍ଭର – ଧର୍ମେନ୍ଦ୍ର



ପାରାଦୀପ (ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ 'ପୂର୍ବୋଦୟ' ମିଶନରେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସୋମବାର ପାରାଦୀପ ପ୍ଲାଷ୍ଟିକ ପାର୍କ ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ କାରଖାନା' ଉଦଘାଟିତ ହୋଇଯାଇଛି । ଏହି ପଦକ୍ଷେପ ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ପ୍ଲାଷ୍ଟିକ ପାର୍କ ଧୀରେ ଧୀରେ ସମ୍ପ୍ରସାରିତ ହେଉଛି । ପାରାଦୀପ ଅଏଲ ରିଫାଇନାରୀରେ ଏକ ଆନ୍ସିଲାରୀ କ୍ଲଷ୍ଟର ତିଆରି କରିବାର ପୂର୍ବରୁ ମୂଳ ଉଦ୍ଦେଶ୍ୟ ରହିଥିଲା । ସେ ଦିଗରେ ପ୍ଲାଷ୍ଟିକ ପାର୍କରେ ପ୍ରାୟ ୧୬ଟି କାରଖାନା ଇଡକୋ ଓ ଇଣ୍ଡିଆନ ଅଏଲର ପ୍ଲାଷ୍ଟିକ ପାର୍କ କର୍ପୋରେସନରୁ ଜମି ନେଇଛନ୍ତି । ଏଥିମଧ୍ୟରୁ ୩ଟି କାରଖାନା କାର୍ଯ୍ୟକ୍ଷମ ହୋଇଛି । ତନ୍ମଧ୍ୟରୁ ଆଜି ଲୋକାର୍ପିତ ହୋଇଥିବା ଏହି ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା ରଭରକ୍ସଶକ୍ଟଭ ଚକ୍ଟକ୍ଷଚଙ୍କବସ୍ପସମଗ୍ବ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଛି । ଏଠାରେ ପଲିପ୍ରପିଲିନ କାରଖାନାର କଞ୍ଚାମାଲକୁ ନେଇ ଏନରଗନ ପ୍ଲାଷ୍ଟିକ ବ୍ୟାଗ୍ ତିଆରି କରିବାର ଏକ ପ୍ରଡକ୍ଟ ଲାଇନ ତିଆରି କରିପାରିଥିବାରୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଅଧିକ ଆତ୍ମନିର୍ଭର ହେବ ।

# କର୍କଟ ରୋଗ ଉପରେ ଅଧିକ ଗବେଷଣା ଜରୁରି : ଡାକ୍ତର ବାରିକ



ଯାଜପୁରରୋଡ (ଭାସ୍କର ନ୍ୟୁଜ) : କ୍ୟାନ୍ସର ବା କର୍କଟ ରୋଗ ଏବେ ବିଭିନ୍ନ କାରଣରୁ ସାରା ବିଶ୍ୱରେ ବ୍ୟାପିବାରେ ଲାଗିଛି। ଭାରତରେ ପ୍ରତିବର୍ଷ ୧୦ଲକ୍ଷରୁ ଉର୍ଦ୍ଧ୍ୱ କର୍କଟରୋଗୀ ଚିହ୍ନଟ ହେଉଛନ୍ତି। ଏସବୁକୁ ବିଚାର କଲେ କର୍କଟ ରୋଗର ନିରାକରଣ ନେଇ ଅଧିକରୁ ଅଧିକ ଗବେଷଣା ହେବା ଦରକାର। କ୍ରିଷ୍ଣା ଚାରିଟେବୁଲ ପ୍ରୋଗେସିଭ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଏମ୍ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ଡାକ୍ତର ସନ୍ଦିପ କୁମାର ବାରିକ ଏଭଳି ମତ ଦେଇଛନ୍ତି। ସେ କହିଛନ୍ତି ଯେ, ରୁଷ ଏବେ ଏକ ଟିକା ବାହାର କରିଛି। କିନ୍ତୁ ସେ ଟିକା ବାସ୍ତବରେ କ୍ୟାନ୍ସର ନିରାକରଣ କ୍ଷେତ୍ରରେ ସହାୟତା ହେବ କି ନାହିଁ ତାହାର ଅଧିକ ଗବେଷଣା ହେବା ଉଚିତ୍। ମାନବ ପରୀକ୍ଷଣରେ ଯଦି ଏହି ଟିକା ସଫଳ ହୁଏ ତେବେ ନିଶ୍ଚିତ ତାହା କର୍କଟ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। କେବଳ ଏତିକି ନୁହେଁ ଲୋକମାନେ ମଧ୍ୟ କର୍କଟ ରୋଗ ସଂପର୍କରେ ଅଧିକ ସଚେତନ ହେବା ଉଚିତ୍। ପ୍ରାଥମିକ ସ୍ତରରେ କର୍କଟକୁ ସଂପୂର୍ଣ୍ଣ ଭଲ କରାଯାଇ ପାରୁଥିବାରୁ ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଡାକ୍ତର ବାରିକ କହିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଡଃ କୁଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଡାକ୍ତର ହେମନ୍ତ ସାହୁ ମଧ୍ୟ ଉପସ୍ଥିତ ଥିଲେ। କ୍ରିଷ୍ଣା ସ୍କୁଲର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ।

# ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲ ରେ ଚାଲିଥିବା ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । କ୍ରୀଡା ପ୍ରତିଯୋଗିତାରେ ଛାତ୍ର ଛାତ୍ରୀଙ୍କ ନିମନ୍ତେ, ଉଚ୍ଚ ଡିଆ, ଲମ୍ବ ଡ଼ିଆଁ, ଦୌଡ଼,ବେଙ୍ଗ ଡିଆ, ଆଳୁ ଚାମୁଚ ଦୌଡ଼, ବେଲୁନ ଫୁଟା, ମ୍ୟୁଜିକ୍ ଚେୟାର, ଡିସ୍କସ୍ ଥ୍ରୋ, ଆଦି ଅନୁଷ୍ଠିତ ହୋଇଥିଲା । ଆଜିର ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବି ଇ ଓ ନିରଞ୍ଜନ ଦଳେଇ ଓ ଅବସର ପ୍ରାପ୍ତ ଏ ବି ଓ ବିପିନ ବିହାରୀ ବାରିକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧକ୍ଷ ହିମାଂଶୁ ଶେଖର ଘଡେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର ସଂଜୟ ପଣ୍ଡା, ଉପାଧକ୍ଷ ଇଲା ସାହୁ, ସମ୍ପାଦକ ରେଖା ଅଗ୍ରୱାଲା, ପରିଚାଳନା କରିଥିବା ବେଳେ ଅତିଥି କ୍ରୀଡା ଶିକ୍ଷକ କାବୁଲ ଚନ୍ଦ୍ର ରାଉଳ ଯୋଗଦେଇ ସହଯୋଗ କରିଥିଲେ ।


## WANTED

Wanted hardworking hotel staff-housekeeping, bathroom cleaning, front desk, kitchen help and cleaning for Hotel in Solaur (near Pune). Free stay and food. Salary 15000/-. Contact: 9823485155


# ଓଡିଶା ଆଦର୍ଶ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ



ଶୁଳିଆପଦା(ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ 'ସଂସ୍କ୍ରିତି' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ପୁଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଏବିଇଓ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶୁଳିଆପଦା ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ୫୪ ନଂ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ଆଡିସନାଲ୍ ତହସିଲଦାର ଭୁବନାନନ୍ଦ ନାୟକ, କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଓ ଛାତ୍ରୀ ନିବାସର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ନିର୍ମାଣାଧୀନ ଛାତ୍ରାବାସ ହସ୍ତାନ୍ତର ବାବଦରେ ପୂର୍ତ୍ତ ବିଭାଗ ଅଧିକାରୀ ଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଆସନ୍ତା ଜାନୁୟାରୀ ମାସ ୧୦ ତାରିଖ ଦିନ ସେ ନିଜେ ଛାତ୍ରାବାସର ଉଦଘାଟନ କରିବେ ବୋଲି କହିଥିଲେ। ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଦାଶ୍ ମଞ୍ଚ ପରିଚାଳନା କରିଥିବା ବେଳେ ଟିଜିଟି ସରିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ସେମାନେ ହେଲେ ଏକାଦଶ ଶ୍ରେଣୀର ଅଙ୍କିତା ନାୟକ ଶ୍ରେଷ୍ଠ ଛାତ୍ର,ଦଶମ ଶ୍ରେଣୀର ରହିତ୍ ଦେହୁରୀ ଶ୍ରେଷ୍ଠ ସ୍ୱେଚ୍ଛାସେବୀ,ସିବିଏସଇ ଟପ୍ପର ଅଙ୍କିତା ନାଏକ୍ (୧୦ମ),ପବିତ୍ର କୁମାର ପାତ୍ର (୧୨ଶ),ଶତ ପ୍ରତିଶତ ଉପସ୍ଥାନ ପଦ୍ମଲୋଚନ ନାଏକ୍,ସମସ୍ତ ଶ୍ରେଣୀରେ ଟପ୍ପର ଅଙ୍କିତା ନାଏକ୍ ଓ ଉସସୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଜୀବନ ଜ୍ୟୋତି ପଣ୍ଡା,ହିରଣ୍ମୟ ବେହେରା, ଶଙ୍କର ଦୟାଲ ହେମ୍ବ୍ରମ, ବିଭୂତି ଭୂଷଣ ଭୋଇ,ରଞ୍ଜିତ ପରିୟାଲ,ଶିକ୍ଷୟତ୍ରୀ ମଧୁସ୍ମିତା ହେମ୍ବ୍ରମ, ପ୍ରତୀକ୍ଷା ଦାସ,ଲକ୍ଷ୍ମୀପ୍ରିୟା ସାହୁ, ରାଜକିଶରୀ ପଣ୍ଡା, ଲୋପାମୁଦ୍ରା ମହାନ୍ତ,ନିରୁପାୟ ସେନାପତି, ମୋନାଲିସା ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରିଥିଲେ।

# ବଡ଼ ଦିନ ପର୍ବ ଅବ୍ୟବହିତ ପୂର୍ବରୁ ନିରବ ଶୋଭାଯାତ୍ରା

ପୁରୀ (ଭାସ୍କର ନ୍ୟୁଜ) : କାଥଲିକ ଗୀର୍ଜାରୁ ଉକ୍ତ ଶୋଭାଯାତ୍ରା ଆରମ୍ଭ ହୋଇ ଗାନ୍ଧୀ ସ୍ମୃତି ପିଠରେ ଉଦଯାପିତ କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ଦ୍ୱାରା ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ଏହି ବିଶ୍ୱ ଶାନ୍ତି ଅଭିଯାନ ଶୋଭାଯାତ୍ରାରେ ପୁରୀ ସହରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି, ଶାନ୍ତି ପ୍ରିୟ ଓ ବୁଦ୍ଧିଜୀବି ମାନଙ୍କ ସହଭାଗିତା ହୋଇଥିଲା। ଫାଦର ପିଟେର୍ ଭାଟାକେରିଲ୍ ସଞ୍ଚାଳକ ସତ୍ୟ ସନ୍ଧାନ ନିକେତନ କାଥଲିକ୍ ଗୀର୍ଜା ପାଠାଗାର, ପୁରୀ ଏହାର ଆବାହକ ଥିଲେ। ପୁରୀ କାଥଲିକ୍ ଗୀର୍ଜାର ଫାଦର ସାଞ୍ଜିବ ଡୁଙ୍ଗ ଡୁଙ୍ଗ,ଫାଦର ବାପଟିଷ୍ଟ ସଞ୍ଚାଳକ କରୁଣାଳୟ ଆଶ୍ରମ,ଫାଦର ସରୋଜ,ଫାଦର ଆଶିଷ ପରିଛା, ସର୍ବୋଦୟ ମେଳା ସଂପାଦକ ଶିବ ପ୍ରସାଦ ମିଶ୍ର,ଅଖିଳ ଭାରତ ହିନ୍ଦୁ ମହାସଭା ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ଡଃ ବଳରାମ ଦାଶ ସଭାପତି ବୁଦ୍ଧ ଚକ୍ର, ସହ ସଭାପତି ଗୀର୍ଜା ପାଢି। କୋଡ଼ ପ୍ରତିଷ୍ଠାତା ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ମହାନ୍ତି। ଶାନ୍ତି ସଭା ଆୟୋଜକ ହେକ୍ଟର ମିଶ୍ର ,କାଥଲିକ୍ ଗୀର୍ଜାର ଭାଇ ଓ ଭଉଣୀମାନେ ଏବଂ ସ୍ଥାନୀୟ ଅଧିବାସୀ ଯୋଗ ଦେଇଥିଲେ। ଫାଦର ପିଟେରେ,ଫାଦର ଆଶିଷ ଏବଂ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଶାନ୍ତି ବିଷୟରେ ଉଦବୋଧନ ଦେଇଥିଲେ।


## OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, KHUNTI

e-Procurement Notice
VERY SHORT TENDER
(2nd Call)

Re. E_Tender Reference No. RCD/KHUNTI/1083 Date :- 23.12.2024

| | | |
|---|---|---|
| 1. | Name of the work | Improvement of Riding Quality Programme of Konsa - Bakaspur-Govindpur- Karra Road in Km.0.00 to 30.120 |
| 2. | Estimated Cost (Rs.) | Rs. 22,35,23,858.00 Rs. Twenty Two Crore Thirty Five Lakh Twenty Three Thousand Eight Hundred Fifty Eight only. |
| 3. | Bid Security (Rs.) | Rs. 22,35,300.00 Rs Twenty Two Lakh Thirty Five Thousand Three Hundred Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 06 Months |
| 6. | Last date / Time for receipt of bids | 31.12.2024 up to 12:00 Noon |
| 7. | Date of Publication of Tender on website | 24.12.2024 at 12:00 Noon |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in

*Executive Engineer,*
*R.C.D., Road Division, Khunti*

PR 342656 Road(24-25)D


# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ):କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ଗୋଲଦି ତ୍ରିନାଥଙ୍କ ଅଧକ୍ଷୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ କୀର୍ତିଭାଷନ.ଭି ଯୋଗ ଦେଇ ସମୁଦାୟ ୫୨ଟି ଅଭିଯୋଗର ଶୁଣାଣି କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା,ଉପଜିଲ୍ଲାପାଳ ବେଣୁଧର ଶବର, ତହସିଲଦାର ଦେବା ବ୍ରତ ମହାରଣା, ଉପାଧକ୍ଷା ରିନୁ ଦାସ,ଏଇ ଶୁଶାନ୍ତ ମହାଲିକ,ସରପଞ୍ଚ ପିଲିବ ଶିରିକା ପ୍ରଭୃତି ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ନାରାୟଣ ପାଟଣା ବିଡିଓ ପିୟୁଷ ଲୋହାର ପରିଚାଳନା କରିଥିବା ବେଳେ ସୁରକ୍ଷା ଦୃଷ୍ଟି କୋଣରୁ ନାରାୟଣ ପାଟଣା ଥାନା ଆଇଆଇସି ପ୍ରମୋଦ ନୟାକଙ୍କ ଅଧକ୍ଷତା ରେ ବ୍ୟାପକ ପୋଲିସ ମୃତୟନ ହୋଇଥିଲେ।ଏଥିରେ ସବୁ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପରେ ସମୂହ ବିଜାଘାଟି ପଞ୍ଚାୟତ ର କାଳିଆ ମାଳି ପାହାଡ଼ ପରିଦର୍ଶନରେ ବାହାରିଥିଲେ। ସେଠାରେ ପହଞ୍ଚି ପ୍ରକୃତିର ମନଲୋଭା ଦୃଶ୍ୟ ଦେଖି ସଭିଏଁ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବହୁତ ଶୀଘ୍ର ରାସ୍ତା,ପାନୀୟ ଜଳ ସୁବିଧା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଗଲେ ଆଗାମୀ ଦିନରେ କୋରାପୁଟ ଜିଲାରେ ଥିବା ସମସ୍ତ ପଯ୍ୟଟନ କ୍ଷେତ୍ର ସହ କାଳିଆ ମାଳି ପାହାଡ଼କୁ ମିଶେଇ ପୁଣି ଏକ ମାଇଲ ଖୁଣ୍ଟ ଯୋଡ଼ି ହେଇ ପାରିବ ବୋଲି ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜଳିଗଲା...

ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଥମେ ଏଠାକୁ ଦୁଇଟି ଦମକଳ ଗାଡ଼ି ଆସିଥିଲା। ପରେ ପୁଣି ୪ଟି ଦମକଳ ଗାଡ଼ି ପହଞ୍ଚିଥିଲେ ସୁଦ୍ଧା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇନଥିଲେ। ପୁଣି ଅଗ୍ନିଶମବାହିନୀର ଆଉ ୯ଟି ଦମକଳ ଗାଡ଼ି ସେଠାରେପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତଥାପି ନିଆଁ ଲିଭାଇବାକୁ ଅଗ୍ନିଶମ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପର୍ଯ୍ୟାୟକ୍ରମେ କଳ୍ପନା ଦମକଳ କେନ୍ଦ୍ର ଓ ବରମୁଣ୍ଡାର ପ୍ରାୟ ୨୫୦ଜଣ ଅଗ୍ନିଶମ କର୍ମଚାରୀ ଏହି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ରହିଥିଲେ। ସେହିପରି ନିଆଁ ଲିଭାଇବା ପାଇଁ ପ୍ରଥମ ଥରପାଇଁ ଫାୟାରଫାଇଟ୍ ରୋବଟିକ ଭେହିକିଲ ନିୟୋଜିତ କରାଯାଇଥିଲା ବୋଲି ଅଗ୍ନିଶମବାହିନୀର ମୁଖ୍ୟ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି। ଶ୍ରୀ ମାଝୀଙ୍କ ସୂଚନା ଅନୁଯାୟୀ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ନିଆଁ ଲାଗିଥିବା ନେଇ ଆମ ପାଖକୁ ଖବର ଆସିଥିଲା। ପରେ ଫାୟାର ଷ୍ଟାଇକ୍ ଅଫିସର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଯୋଜନା କରିଥିଲେ। ଏହାବ୍ୟତୀତ ନିଆଁର ମାତ୍ରା ବୃଦ୍ଧି ପାଇବାରୁ କିପରି ଗୋଦାମର ପାର୍ଶ୍ୱବର୍ତ୍ତୀ ଘରଗୁଡ଼ିକୁ ନ ବ୍ୟାପିବ ସେଥିପ୍ରତି ଅଗ୍ନିଶମ ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେଇଥିଲେ ବୋଲି ଶ୍ରୀ ମାଝୀ ତାଙ୍କ ପ୍ରତିକ୍ରିୟାରେକହିଛନ୍ତି । ଏଠାରେ ସୂଚନାଯୋଗ୍ୟ, ଏହି ଗୋଦାମ ଘରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମହଜୁଦ ରହିଥିଲା। ଏହି ସାମଗ୍ରୀଗୁଡ଼ିକ କାଗଜ ପେଟି ଭିତରେ ଶୋଲ ଦ୍ୱାରା ରହିଥିବାରୁ ନିଆଁ ଅତି ସହଜରେ ବ୍ୟାପିଥିଲା। ଅପରପକ୍ଷରେ ଏହି ଗୋଦାମରେ କୋଟିକୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରହିଥିଲା। ଏହିସବୁ ସାମଗ୍ରୀ ପିଏସ୍‌ପି ଡିଷ୍ଟ୍ରିବ୍ୟୁଟରର ବୋଲି ଜଣାପଡ଼ିଛି। ଏ ନେଇ ଡିଷ୍ଟ୍ରିବ୍ୟୁଟର ମାଲିକଙ୍କ ଭାଇ ରବି କୁମାର ପାତ୍ର କହିଛନ୍ତି ଯେ ଏହା ପ୍ରମୋଦ କୁମାର ପାତ୍ରଙ୍କ ନାମରେ ରହିଛି। ଯାହାର ମୂଲ୍ୟ ପ୍ରାୟ ୫ରୁ ୭ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ନିଆଁର ପ୍ରକୋପ ଏତେ ମାତ୍ରାରେ ବଢିଥିଲା ଯେ ତାହାକୁ ଆୟତ୍ତ କରିବା କଷ୍ଟକର ହୋଇ ପଡ଼ିଥିଲା। ତେବେ ଅଗ୍ନିକାଣ୍ଡ ଘଟିବାର କାରଣ ଅସ୍ପଷ୍ଟ ରହିଥିବାବେଳେ ସଟ୍‌ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

### ୩ ଖଲିସ୍ତାନୀ...

ପଞ୍ଜାବ ପୋଲିସର ଏକ ଟିମ୍ ତାଙ୍କ ପିଛା କରିଥିଲା। ପୋଲିସ ଟିମ୍‌କୁ ଦେଖିବା ପରେ ୩ ଆତଙ୍କବାଦୀ ପ୍ରଥମେ ଗୁଳିମାଡ଼ କରିଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଏଥିରେ ୩ ଆତଙ୍କୀ ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସର ଏହି ଏନକାଉଣ୍ଟରକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ...

ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗ ଦେବାର ସ୍ଥିର ହୋଇଥିବାବେଳେ ଏହାପରେ ଉତ୍କର୍ଷ ଓଡ଼ିଶା ଓ ଓଡ଼ିଶା କନକ୍ଲେଭରେ ପ୍ରଧାନମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏଥିପୂର୍ବରୁ ଆସନ୍ତା ୨୮ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମ୍ବଲପୁର ଗସ୍ତରେ ଆସିବେ ବୋଲି ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇଥିଲେ। କୁହାଯାଉଛି, ମୋଦୀଙ୍କ ଘନଘନ ଓଡ଼ିଶା ଗସ୍ତ ଓଡ଼ିଶାର ବିକାଶ ପାଇଁ ଉଦ୍ଦିଷ୍ଟ। ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ମୋଦୀ ଓ ଶାହ ଉଦ୍ୟମ କରୁଥିବା ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱ କହିଛନ୍ତି।


i-382

## ପଞ୍ଚାୟତ ସମିତି ସେମିଳିଗୁଡା

MAIL ID:-ori-Semiliguda@nic.in
PANCHAYAT SAMITI : SEMILIGUDA
Phone No.-06853 -225783

No. 5334 /VII-47/2024 Date: 23/12/2024

CORRIGENDUM

In partial modification to this office Tender call notice No. 4985 dated:03.12.2024 published online at https://www.tendersodisha.gov.in and official website of Koraput https://koraput.odisha.gov.in that the last date of selling and submission of online tender is hereby reschedule to 31.12.2024 till 17:30 Hrs. Further, the opening of Online tender is rescheduled to 02.01.2025 at 11.30 Hrs. due to unavoidable circumstances in connection with this office Corrigendum No. 5292 date:20.12.24 .

All other terms and condition in the tender call notice remain unaltered.

Sd/- Block Development Officer
Semiliguda

OIPR 19066/11/0002/2425



O-997

E-Mail - sencrwangul@yahoo.co.in
☎ 06764 - 236404

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE,ANGUL

No. 3074 // Dt. 21.12.2024 //

## Cancellation of Tender for Road work

The tender for Road works invited vide this office Tender Call Notice No.2749 dt.14.11.2024 ( Bid Identification No. Road Online-AGL- 12 / 2024-25 ) by the Procurement officer, Chief Engineer, Rural Works Circle, Angul is hereby cancelled.

Sd/-Chief Engineer
Rural Works Circle,Angul

OIPR 25180/11/0026/2425



C-1309

## ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦ, ଖଣ୍ଡପଡ଼ା

OFFICE OF THE NOTIFIED AREA COUNCIL : KHANDAPADA
E-Mail Id-nackpg89@gmail.com

Letter No - 2644 Date. 20.12.2024

SHORT TENDER CALL NOTICE

The Executive Officer, NAC, Khandapada invites sealed tenders from the intending Odisha Govt. registered electrical contractor for execution of the works. The tenderers are essentially required to enclose certificate copies of their up to date valid Contractor License, valid GST certificate copy, PAN card copy along with their tendered offers, failing which their offers will not be taken in to consideration. The sale of the tender documents shall start from Dt.24/12/2024 on payment of cost (non refundable), EMD (refundable) and will be closed on Dt.03/01/2025 at 5.00 PM during the working days. The tender will be received on Dt.04/01/2025 up to 2.00P.M and opened on Dt.04/01/2025 day at 4.00 PM in the Office of the undersigned in presence of the respective tenderers or their authorized representatives. The detail about the works can be had from office during office hours up to 5.00P.M till **Dtd.03/01/2025.**

Sd/-Executive Officer
NAC, Khandapada

OIPR 13147/11/0017/2425



i-376

OFFICE OF THE PANCHAYAT SAMITI, KAPTIPADA, MAYURBHANJ
(At/P.O.- Kaptipada,Dist.- Mayurbhanj, Odisha,
E-Mail: ori-kaptipada@nic.in)

TCN NO 06 /2024-25

Advt.No: 5055 Date: 20.12.2024 //

1. The Block Development Officer, Kaptipada invites Sealed tender in offline/online mode on percentage rate basis for **08 (Eight) nos. of Construction works** as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D.
2. No. of work : 08 (Eight) Nos.

| | Name of the Work | Estimated Cost |
|---|---|---|
| A. | Construction of GPLF Office Buildig with Market Complex at Badbisole GP | Rs.24,45,476/- |
| B. | Construction of GPLF Office Buildig with Market Complex at Pingu GP | Rs.24,45,476/- |
| C. | Construction of GPLF Office Buildig with Market Complex at Pedagadi GP | Rs.24,45,476/- |
| D. | Construction of GPLF Office Buildig with Market Complex at Jadida GP | Rs.24,45,476/- |
| E. | Construction of GPLF Office Buildig with Market Complex at Nudadiha GP | Rs.24,45,476/- |
| F. | Construction of GPLF Office Buildig with Market Complex at Saradiha GP | Rs.24,45,476/- |
| G. | Construction of GPLF Office Buildig with Market Complex at Badakhaladi GP | Rs.24,45,476/- |
| H. | Construction of Additional Class Room (ACR) at Kaptipada College | Rs.27,31,092/- |

3. Cost of Tender Paper : Rs. 6,000/- per unit for each work respectively.
4. Class of Contractors : "B&C" Contractors
5. Date & Time of available the Tender document (DTCN & BOQ) : In district NIC Website (www.mayurbhanj.odisha.gov.in) from Dt.26.12.2024 to Dt.09.01.2025 till 05.00 P.M (on working days only)
6. Last date of Receipt of Bids : Dt.09.01.2025 up to 05.00 P.M
7. Mode of receipt : Through Speed post/Regd. Post only and Tender Box.
8. Date of Tender Opening : Dt. 10.01.2025 at 11.00 A.M.

# For more details, visit our District Administration website (www.mayurbhanj.odisha.gov.in).
# All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

Sd/-
Block Development Officer,
Kaptipada

OIPR 19370/11/0005/2425



A-745

## GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER
UPPER INDRAVATI PROJECT
AT/PO: MUKHIGUDA DIST:KALAHANDI
ODISHA, PIN: 766026
e-mail address: cceuip1987@gmail.com/louiipbbsr@gmail.com

1. Type of Work : Road works.
2. Total No. of Works : 04 nos.
3. Approximate value of work : Rs. 2.51 to 2.52 Cr (Excluding GST)
4. Tender Paper Cost : Rs. 10,000/-(online)
5. Bid Security/E.M.D : Rs.2,51,072.00 – Rs.2,52,109.00 (Online)
6. Period of Completion : 10 (Ten calendar months).
7. Class of Contractor : 'B' & 'A' Class

| Procurement Officer | e-procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | | 3 | 4 | 5 | 6 | 7 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO-MUKHIGUDA, DIST-KALAHANDI, ODISHA, PIN-766026. | CCE, UIP-04(01-04)/2024-25, Dt. 17.12.2024 | Rs.2.51 cr to Rs.2.52 cr (Excluding GST) | 26.12.2024 (10.00 AM) | 10.01.2025 (up to 5.00 PM) | 26.12.2024 to 30.12.2024 During office hour. | 26.12.2024 (10.00 AM) to 10.01.2025 (up to 5.00 PM) | 15.01.2025 at 12:00 Noon |

Date of opening of technical bid :**Dt-15.01.2025 at 12.00 PM** in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
Date of opening of financial bid : To be decided after finalization of Technical Bid.
Further details can be seen from the Govt. Website **www.tendersorissa.gov.in**

Sd/- Chief Construction Engineer
Upper Indravati Project
Mukhiguda

OIPR 32352/11/0010/2425



O-965

e-mail : eerw sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA

e-Procurement Notice for Building works
Identification No Online Tender /08-RWD-SBD-2024-25

Letter No. 4928 Date: 20.12.2024

01. Name of the work :: Building work Semiliguda, Nandapur, Narayanpatna Lamtaput, block
02. Total Number of works :: 12 nos work
03. Estimated cost :: 63.00 to 66.00 lakhs
04. Class of Contractor :: "B" Class
05. Period of Completion :: 06 months
06. Other Details

| Procurement Officer | Bid Identification No. | Availability of tender online for bidding | | Last date & time for seeking tender Clarification | Date of opening of tender | |
|---|---|---|---|---|---|---|
| | | From | To | | Technical | Financial |
| Superintending Engineer, R.W. Division, Sunabeda | Online Tender/08/ RWD-SBD /2024-25 | 27.12.2024 at 11.00 a.m | 16.01.2025 upto 17.00 p.m | 15.01.2025 up 01.00 PM | 17.01.2025 at 11.00 a.m | To be intimated separately |

Further details can be seen from the website www.tendersorissa.gov.in

Sd/- Superintending Engineer,
Rural Works Division: Sunabeda.

OIPR 25059/11/0008/2425

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ





ସମ୍ବଲ : ଉତ୍ତରପ୍ରଦେଶର ସମ୍ବଲସ୍ଥିତ ଚନ୍ଦୌସିଠାରେ ରବିବାର ଏକ ଜମିକୁ ଖନନ କରାଯାଉଥିବାବେଳେ ୧୫୦ ବର୍ଷର ପୁରୁଣା ଏକ ବିଶାଳକାୟ ପାହାଚ ବିଶିଷ୍ଟ କୂଅ ମିଳିଛି। ସେହିପରି ଜେସିବି ମେସିନ ଦ୍ୱାରା ଉକ୍ତ କୂଅକୁ ଖନନ କରିବା ପରେ ସେଠାରୁ ପ୍ରାଚୀନ ଏବଂ ଗଭୀର ସୁଡ଼ଙ୍ଗ ଆବିଷ୍କୃତ ହୋଇଛି। ଖନନ ସମୟରେ ଘଟଣାସ୍ଥଳରେ ସମ୍ବଲ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଉପସ୍ଥିତ ଥିଲେ। ସେହିପରି ଖନନ ସମୟରେ କିଛି ପ୍ରାଚୀନ ଫାଟକ ମଧ୍ୟ ମିଳିଥିବା ଜିଲାପାଳ କହିଛନ୍ତି। ଚନ୍ଦୌସି ତହସିଲଦାରଙ୍କ ଅନୁଯାୟୀ, ପ୍ରାଚୀନ ପାହାଚ ବିଶିଷ୍ଟ କୂଅ ଏକ ସରକାରୀ ସ୍ଥାନରୁ ମିଳିଛି। ୧୮୫୭ ସିପାହି ବିଦ୍ରୋହ ସମୟରେ ବ୍ରିଟିଶ୍? ମାନଙ୍କଠାରୁ ରକ୍ଷା ପାଇବା ପାଇଁ ବିପ୍ଳବୀମାନେ ଉକ୍ତ ସୁଡ଼ଙ୍ଗକୁ ବ୍ୟବହାର କରୁଥିଲେ। ପ୍ରକାଶ ଯେ, ଗତ ସପ୍ତାହରେ ଜବରଦଖଲ ଉଚ୍ଛେଦ ଅଭିଯାନ ଅନ୍ତର୍ଗତ ସମ୍ବଲ ଜିଲା ପ୍ରଶାସନ ପକ୍ଷରୁ ଦୀପା ସରାୟ ଅଞ୍ଚଳରେ ବନ୍ଦ ହୋଇ ପଡ଼ିଥିବା ୪୬ ବର୍ଷ ତଳର ଏକ ପ୍ରାଚୀନ ଶିବ ମନ୍ଦିରକୁ ଖୋଲା ଯାଇଥିଲା। ଏବେ ଏହି ମନ୍ଦିରକୁ ଦୈନିକ ଅନେକ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରୁଛନ୍ତି।

## 'ଭାରତକୁ ବିଶ୍ୱର ଖାଦ୍ୟ ଝୁଡିରେ ପରିଣତ ପାଇଁ ସରକାର ପଦକ୍ଷେପ ନେଉଛନ୍ତି'



ନୂଆଦିଲ୍ଲୀ: ଦେଶର ଜିଡିପିରେ କୃଷି କ୍ଷେତ୍ରର ଅବଦାନ ୧୮ ପ୍ରତିଶତ ରହିଛି । ବିଶେଷ କରି କୋଭିଡ୍ ସମୟରେ ସମଗ୍ର ବିଶ୍ୱ ଭାରତର କୃଷି କ୍ଷେତ୍ର ଅନ୍ୟ ଦେଶ ତୁଳନାରେ ଅଧିକ ମଜଭୁତ ବୋଲି ଜାଣିବାକୁ ପାଇଛି । ଏହି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ ପ୍ରୟାସ ଜାରି ରଖିଛନ୍ତି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି କ୍ଷେତ୍ର ପ୍ରତି ମୋଦୀ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ପ୍ରକାଶ କରି କହିଥିଲେ, ଭାରତକୁ ବିଶ୍ୱର ଖାଦ୍ୟ ଝୁଡିରେ ପରିଣତ କରିବା ଦିଗରେ ତାଙ୍କ ସରକାର କୌଣସି କାର୍ଯ୍ୟ ବାକି ରଖୁନାହାନ୍ତି । ସୋମବାର ପୁଣେସ୍ଥିତ ଗୋଖଲେ ଇନଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସର ପ୍ଲାଟିନମ୍ ଜୟନ୍ତୀ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଗବେଷକଙ୍କ କାର୍ଯ୍ୟ କେବଳ ପରୀକ୍ଷାଗାରରେ ସୀମିତ ରହିବା ଉଚିତ ନୁହେଁ ବରଂ ଏହାକୁ କୃଷକଙ୍କ ପାଇଁ ମଧ୍ୟ ବ୍ୟାପକ କରାଯିବା ଉଚିତ । ତାଙ୍କ ସରକାର ଏହା ଉପରେ ଅନେକ ଦିଗରେ କାର୍ଯ୍ୟ କରୁଛନ୍ତି। ଭାରତର ସଂସ୍କୃତି ଓ ସଭ୍ୟତା ବହୁ ପୁରାତନ । କୃଷି କ୍ଷେତ୍ର ମଧ୍ୟ ଏହା ସହ ଜଡ଼ିତ। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ହିଁ ସମଗ୍ର ବିଶ୍ୱକୁ ଏକ ପରିବାର ଭାବରେ ଦେଖିବାର କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ସମଗ୍ର ବିଶ୍ୱକୁ ଏହି ଦିଗରେ ମାର୍ଗଦର୍ଶନ କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ରେ ନଦୀ ସଂଯୋଗ ପ୍ରକଳ୍ପର ଶୁଭାରମ୍ଭ କରିବେ । ଯୋଜନା ସମ୍ପର୍କରେ ସେ କହିଛନ୍ତି ଯେ ଦେଶର ଅନେକ ସ୍ଥାନରେ କେତେବେଳେ ବନ୍ୟା ପରିସ୍ଥିତି ଉପୁଜୁଥିବା ବେଳେ ଆଉ କେତେକ ସ୍ଥାନରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ଏହାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖୁବ୍ ଶୀଘ୍ର ଏକ ସ୍ୱତନ୍ତ୍ର ନଦୀ ସଂଯୋଗ ପ୍ରକଳ୍ପର ଶୁଭାରମ୍ଭ କରାଯିବ । ଯୋଜନା ଦ୍ୱାରା ପ୍ରବଳ ବର୍ଷା ହେଉଥିବା ଅଞ୍ଚଳ ଏବଂ ମରୁଡ଼ିକୁ ସାମନା କରୁଥିବା ଅଞ୍ଚଳ ଉପକୃତ ହେବେ । ଆମେ ଏପରି ଜ୍ଞାନକୌଶଳ ବିକଶିତ କରିବା ଉଚିତ ଯାହା ଦ୍ୱାରା କମ୍ ପାଣିରେ ଅଧିକ ଜଳସେଚନ କରାଯାଇପାରିବ । କୃଷିକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ପାଦନ ଖର୍ଚ୍ଚ ହ୍ରାସ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ଗତ ବର୍ଷ ତାଙ୍କ ସରକାର କୃଷକଙ୍କୁ ୧.୯୪ ମେଟ୍ରିକ ଟନ୍ ରିହାତି ପ୍ରଦାନ କରିଥିଲେ। ଯଦି ଜଣେ କୃଷକ ତୁରନ୍ତ ଟଙ୍କା ଆବଶ୍ୟକ କରନ୍ତି, ତେବେ ଏଥିପାଇଁ ତାଙ୍କୁ ଋଣଦାତାଙ୍କ ପାଖକୁ ଯିବାକୁ ପଡିବନି। ସେଥିପାଇଁ ସରକାର ତାଙ୍କୁ ତୁରନ୍ତ ଟଙ୍କା ଯୋଗାଇ ଦେବା ଲାଗି କିଷାନ କ୍ରେଡିଟ୍ କାର୍ଡର ସୁବିଧା ପ୍ରଦାନ କରିଛନ୍ତି । ୨୦୧୪ରୁ ୨୦୨୪ ମଧ୍ୟରେ ତାଙ୍କ ସରକାର ଅନେକ ଉତ୍ପାଦ ଉପରେ ଦୁଇଗୁଣା ସର୍ବନିମ୍ନ ସହାୟକ ମୂଲ୍ୟ ଦେଉଛନ୍ତି, ଯେଉଁ କାରଣରୁ କୃଷକମାନଙ୍କୁ ବହୁତ ଆଶ୍ୱସ୍ତି ମିଳୁଛି।

## ରେଷ୍ଟୁରାଣ୍ଟରେ ଗୁଳିମାଡ: ଦୁଇ ମୃତ

ଚଣ୍ଡୀଗଡ଼: ହରିୟାଣାର ପଞ୍ଚକୁଲାସ୍ଥିତ ଏକ ରେଷ୍ଟୁରାଣ୍ଟରେ ଗୁଳି ବିନିମୟ। ବିଳମ୍ବିତ ରାତିରେ ଗୁଳି ଚାଳନାରେ ଜଣେ ଯୁବତୀ ଏବଂ ଦୁଇ ଜଣ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ରାତି ପ୍ରାୟ ୩ ଟା ସମୟରେ ମୋର୍ନି ରୋଡର ବୁର୍ଜାକୋଟିୟା ରୋଡରେ ଥିବା ସୁଲତାନତ ରେଷ୍ଟୁରାଣ୍ଟରେ କରାଯାଇଥିଲା। ମୃତକମାନେ ଦିଲ୍ଲୀର ବାସିନ୍ଦା ବୋଲି କୁହାଯାଉଛି। ପୋଲିସ ସୂଚନାନୁସାରେ, ୨୦ ବର୍ଷର ଯୁବତୀଙ୍କ ସହି ଦୁଇ ଯୁବକ ସୁଲତାନ ରେଷ୍ଟୁରାଣ୍ଟରେ ଜନ୍ମଦିନ ପାର୍ଟି କରିଥିଲେ। ସୂଚନା ଅନୁଯାୟୀ, ପୁରୁଣା ଶତ୍ରୁତା ହେତୁ ଏହି ତିନିଜଣଙ୍କୁ ହତ୍ୟା କରାଯାଇଛି । ମୃତକଙ୍କ ବୟସ ୨୦ ରୁ ୨୫ ବର୍ଷ ଅଟେ । ତିନି ଯୁବକ ଏକ ଇଟିଓଏସ୍ କାରରେ ଆସି ଗୁଳି ଚଳାଇ ହତ୍ୟା କରିବା ପରେ ପଳାଇ ଯାଇଥିଲେ।

### ସଂସଦରେ ଠେଲାପେଲା ଘଟଣା

## ହସ୍ପିଟାଲରୁ ବାହାରିଲେ ଦୁଇ ଏମ୍‌ପି



ନୂଆଦିଲ୍ଲୀ : ସଂସଦ କମ୍ପ୍ଲେକ୍ସରେ ବିରୋଧୀ ଓ ଏନଡିଏ ସଦସ୍ୟଙ୍କ ମଧ୍ୟରେ ନିକଟରେ ଠେଲାପେଲା ହୋଇଥିଲା। ଏହି ସମୟରେ ଦୁଇ ଭାଜପା ଏମ୍‌ପି ପ୍ରତାପ ଷଡଙ୍ଗୀ ଏବଂ ମୁକେଶ ରାଜପୁତ ଆହତ ହୋଇଥିଲେ। ଡିସେମ୍ବର ୧୯ରେ ମୁଣ୍ଡରେ ଆଘାତ ଲାଗିଥିବାରୁ ଉଭୟଙ୍କୁ ସଂସଦରୁ ଡାକ୍ତରଖାନା ଅଣାଯାଇଥିଲା। ବର୍ତ୍ତମାନ ଉଭୟଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି। ତାଙ୍କୁ ଦିଲ୍ଲୀର ରାମ ମନୋହର ଲୋହିଆ (ଆରଏମଏଲ) ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉଭୟ ଲୋକ ସଭା ଏମ୍‌ପିଙ୍କୁ ଆଇସିୟୁରେ ଅବଜରଭେଶନରେ ରଖି ଡିସେମ୍ବର ୨୧ରେ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଜଣେ ବରିଷ୍ଠ ଡାକ୍ତର କହିଛନ୍ତି ଯେ ବର୍ତ୍ତମାନ ଉଭୟଙ୍କ ଅବସ୍ଥା ବହୁତ ଭଲ ଏବଂ ସେମାନଙ୍କୁ ଡିସଚାର୍ଜ କରାଯାଇଛି। ଆରଏମଏଲ ହସ୍ପିଟାଲର ଡକ୍ଟର ଶୁକ୍ଳା ଏମଏସ ପୂର୍ବରୁ କହିଥିଲେ ଯେ ଏମଆରଆଇ ଏବଂ ସିଟି ସ୍କାନରେ ଆଘାତ ସମ୍ବନ୍ଧରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇ ନାହିଁ। ଡକ୍ଟର ଶୁକ୍ଳାଙ୍କ ଅନୁଯାୟୀ, ଯେତେବେଳେ ପ୍ରତାପ ଷଡଙ୍ଗୀଙ୍କୁ ଅଣାଯାଇଥିଲା, ସେତେବେଳେ ତାଙ୍କର ପ୍ରବଳ ରକ୍ତସ୍ରାବ ହେଉଥିଲା। ତାଙ୍କ କପାଳରେ ଗଭୀର କ୍ଷତ ଥିଲା ଏବଂ ତାଙ୍କୁ ଷ୍ଟିଚ୍ କରିବାକୁ ପଡିଲା। ମୁକେଶ ରାଜପୁତଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଥିଲା ଯାହା ପରେ ସେ ଚେତା ଶୂନ୍ୟ ହୋଇଯାଇଥିଲେ। ତେବେ ଉଭୟଙ୍କୁ ଡାକ୍ତରଖାନା ଅଣାଯିବା ପରେ ସେ ଠିକ୍ ହୋଇଥିଲେ। ତାଙ୍କର ରକ୍ତଚାପ ସ୍ତର ବୃଦ୍ଧି ପାଇଥିଲା।

## ଭାରତକୁ ବାଂଲାଦେଶର ପତ୍ର : ଶେଖ୍ ହସିନାଙ୍କୁ ପଠାଅ



ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ପ୍ରତ୍ୟାର୍ପଣ କରିବାକୁ ଭାରତକୁ ଚିଠି ଲେଖିଛନ୍ତି ବାଂଲାଦେଶର ଅନ୍ତରୀଣ ସରକାର । ବାଂଲାଦେଶର ଅନ୍ତରୀଣ ସରକାରର ବୈଦେଶିକ ବ୍ୟାପାର ପରାମର୍ଶଦାତା ତୌହିଦ ହୁସେନ କହିଛନ୍ତି, ଆମେ ଭାରତ ସରକାରଙ୍କୁ ଜଣାଇଛୁ ଯେ ବାଂଲାଦେଶ ସରକାର ଚାହୁଁଛନ୍ତି ଯେ ଶେଖ୍ ହସିନା ନ୍ୟାୟିକ ପ୍ରକ୍ରିୟା ସମ୍ମୁଖୀନ ହେବା ପାଇଁ ବାଂଲାଦେଶ ଫେରି ଯାଆନ୍ତୁ। ସୋମବାର ବାଂଲାଦେଶର ଗୃହ ପରାମର୍ଶଦାତା ଜାହାଙ୍ଗୀର ଆଲାମ କହିଛନ୍ତି ଯେ ତାଙ୍କ ମନ୍ତ୍ରଣାଳୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖି ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଭାରତରୁ ଫେରାଇ ଆଣିବାକୁ ଅନୁରୋଧ କରିଛି । ସୋମବାର ବାଂଲାଦେଶର ଗୃହ ପରାମର୍ଶଦାତା ଜାହାଙ୍ଗୀର ଆଲାମ କହିଛନ୍ତି ଯେ ତାଙ୍କ ମନ୍ତ୍ରଣାଳୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖି ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଭାରତରୁ ଫେରାଇ ଆଣିବାକୁ ଅନୁରୋଧ କରିଛି। ୨୦୧୩ରେ ଭାରତ ଓ ବାଂଲାଦେଶ ସରକାରଙ୍କ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୧୩ ମସିହାରୁ ଭାରତ କଏଦୀ ଓ ଅଭିଯୁକ୍ତ କିମ୍ବା ପଳାତକ ଅଭିଯୁକ୍ତଙ୍କୁ 'ଅତିରିକ୍ତ ଅପରାଧ ମାମଲା'ରେ ପ୍ରତ୍ୟର୍ପଣ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ବାଂଲାଦେଶ ସରକାର କହିଛନ୍ତି ଯେ ଏହି ଚୁକ୍ତି ଅନୁଯାୟୀ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ ଚାହୁଁଛନ୍ତି। ତେବେ ପ୍ରତ୍ୟର୍ପଣ ଚୁକ୍ତିର ଏକ ଧାରାରେ କୁହାଯାଇଛି ଯେ ପ୍ରତ୍ୟର୍ପଣ ହେବାକୁ ଥିବା ବ୍ୟକ୍ତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ରାଜନୈତିକ ପ୍ରକୃତିର ହେଲେ ଏହି ଅନୁରୋଧକୁ ଖାରଜ କରାଯାଇପାରେ।

### ନିବେଶକଙ୍କୁ ବିଷ୍ଣୁଦେବଙ୍କ ପ୍ରତିଶ୍ରୁତି

## ଛତିଶଗଡ଼ରେ ନିବେଶ ପାଇଁ ଅସୀମ ସମ୍ଭାବନା



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ନୂଆଦିଲ୍ଲୀରେ ଆୟୋଜିତ ନିବେଶକଙ୍କ ସମ୍ମିଳନୀରେ ଦେଶର ପ୍ରମୁଖ ଉଦ୍ୟୋଗପତିଙ୍କୁ ଛତିଶଗଡ଼ରେ ନିବେଶ ପାଇଁ ଆମନ୍ତ୍ରଣ ଜଣାଇଥିଲେ । ରାଜ୍ୟର ୨୦୨୪-୩୦ ପର୍ଯ୍ୟନ୍ତ କରାଯାଇଥିବା ଉଦ୍ୟୋଗିକ ନୀତି ନିବେଶକାରୀଙ୍କ ପାଇଁ ଅନୁକୂଳ ହେବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଉଦ୍ୟୋଗପତିମାନେ ସାମିଲ୍ ହୋଇ ୧୫୧୮୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଦେଇଥିଲେ । ନିବେଶକମାନଙ୍କୁ ସମ୍ବୋଧିତ କରି ଶ୍ରୀ ସାଏ କହିଥିଲେ ଛତିଶଗଡ଼ ହେଉଛି ନିବେଶ ପାଇଁ ସମ୍ଭାବନାର ରାଜ୍ୟ । ଆମର ନୂଆ ଉଦ୍ୟୋଗ ନୀତି ଅନୁଯାୟୀ, ଜମି, ବିଜୁଳି ଏବଂ ସମସ୍ତ ସୁବିଧା ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯାଇଛି । ଏହା କେବଳ ଉଦ୍ୟୋଗ ସ୍ଥାପନ ପାଇଁ ନୁହେଁ, ବରଂ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଅପାର ସମ୍ଭାବନା ରଖିଛି ବୋଲି ଶ୍ରୀ ସାଏ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛତିଶଗଡ଼ରେ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଉର୍ଜା ଏବଂ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି । ନୂଆ ଉଦ୍ୟୋଗ ନୀତି ଅନୁଯାୟୀ ନିବେଶକାରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ଡିଜିଟାଲ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ସମସ୍ତ କାର୍ଯ୍ୟ ସମାପନ କରାଯିବ ବୋଲି ଶ୍ରୀ ସାଏ କହିଥିଲେ । ସେ ଆହୁରି କହିଥିଲେ ଯେ, ଉଦ୍ୟୋଗ ସ୍ଥାପନ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ନିମନ୍ତେ ୩୦ ପ୍ରତିଶତ ଟିକସ ଛାଡ଼ କରାଯିବ । ୬୦ ଦିନ ମଧ୍ୟରେ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରାଯିବ । ସେ ଆହୁରି କହିଥିଲେ ଯେ, ମୁଁ ସୁନିଶ୍ଚିତ କରୁଛି ଏହି ଉଦ୍ୟୋଗ ସ୍ଥାପନ ଓ ପରିଚାଳନା କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ କରାଯିବ ନାହିଁ । ସମସ୍ତ କାର୍ଯ୍ୟ ଅନଲାଇନ୍ ମାଧ୍ୟମରେ କରାଯିବ । ଏଥିପାଇଁ କୌଣସି ଅଧିକାରୀଙ୍କ ଦ୍ୱାରସ୍ଥ ହେବାର ଆବଶ୍ୟକତା ନାହିଁ । କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ କହିଥିଲେ ଯେ, ମୁଁ ଆପଣଙ୍କୁ ଭରସା ଦେଉଛି, ଆପଣମାନେ ଛତିଶଗଡ଼ରେ ଶିଳ୍ପ ସ୍ଥାପନ କରନ୍ତୁ ଏବଂ ନିର୍ବିଘ୍ନରେ କାର୍ଯ୍ୟ କରିଚାଲନ୍ତୁ ।

## ଭୂକମ୍ପରେ ଥରିଲା ଗୁଜରାଟ



ନୂଆଦିଲ୍ଲୀ : ଗୁଜରାଟର କଚ୍ଛରେ ଭୂକମ୍ପ ଅନୁଭୂତ ହୋଇଛି। ସୋମବାର ସକାଳେ ୩.୭ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଛି। ଇନଷ୍ଟିଚ୍ୟୁଟ୍ ଅଫ୍ ସେସମିକ୍ ରିସର୍ଚ୍ଚ ଏହି ସୂଚନା ଦେଇଛି । ଜିଲ୍ଲା ପ୍ରଶାସନ କହିଛି ଯେ ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ହେବାର ସୂଚନା ନାହିଁ। ସକାଳ ୧୦.୪୪ ରେ ଏହି ଭୂକମ୍ପ ଘଟିଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଲକ୍ଷ୍ମପତର ଉତ୍ତର-ଉତ୍ତର ପୂର୍ବରେ ୭୬କିଲୋମିଟର ଦୂରରେ ଥିଲା। ଚଳିତ ମାସ ପର୍ଯ୍ୟନ୍ତ ଜିଲ୍ଲାରେ ଦୁଇଥର ତିନିରୁ ଅଧିକ ମ୍ୟାଗ୍ନିଚ୍ୟୁଡର ଭୂକମ୍ପ ଅନୁଭୂତ ହୋଇଛି। ଆଇଏସଆର ଅନୁଯାୟୀ, ଡିସେମ୍ବର ୭ରେ ଜିଲ୍ଲାରେ ଘଟିଥିବା ଭୂକମ୍ପର ତୀବ୍ରତା ୩.୨ ରେକର୍ଡ କରାଯାଇଥିଲା। ଗତ ମାସରେ, ନଭେମ୍ବର ୧୮ରେ, କୁଚ୍ଛରେ ୪ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ରେକର୍ଡ କରାଯାଇଥିଲା। ଆଇଏସଆର ତଥ୍ୟ ଅନୁଯାୟୀ, ନଭେମ୍ବର ୧୫ ରେ ଉତ୍ତର ଗୁଜୁରାଟର ପାଟାନରେ ୪.୨ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଥିଲା। ଗୁଜୁରାଟ ଏକ ଉଚ୍ଚ ଭୂକମ୍ପ ବିପଦ କ୍ଷେତ୍ର ଅଟେ।

# ବାଣିଜ୍ୟ



ନୂଆଦିଲ୍ଲୀ: କିଆ ଇଣ୍ଡିଆ ଶୁଭାରମ୍ଭ କରିଛି, ବହୁ ପ୍ରତିକ୍ଷୀତ କିଆ ସାଇରସ, ଏକ ବୈପ୍ଳବାତ୍ମିକ ଏସୟୁଭି, ଯାହାକି ଦୃଢ଼ତାର ସହିତ ଏକ ନୂତନ ମାନକକୁ ବ୍ୟବସ୍ଥିତ କରିବାକୁ ଯାଉଛି ଯେଉଁଥିରେ ରହିଛି ଗଠନ, କୌଶଳ ତଥା ସ୍ଥାନ। ରିଇନଫୋରସଡ଼ କେଆଇ ପ୍ଲାଟଫର୍ମରେ ଗଠିତ ଏହି ସାଇରସ ସହରୀ ଚାଳକମାନଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ ତଥା ଏଥିରେ ଭରି ରହିଛି କୁଶଳୀ-ଅଭିଜ୍ଞ ସାହସିକତା, ବହୁମୁଖୀ ମିଶ୍ରଣ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳତା। ଏହି ମଡ଼େଲ ପ୍ରଥମ ଥର ପାଇଁ ଏହାର ସବୁ ବିଭାଗ ମଧ୍ୟରୁ ଉପସ୍ଥାପନ କରୁଛି ପଛପାର୍ଶ୍ୱ ସିଟ୍ ସ୍ଲାଇଡ଼ ସହିତ ଢ଼ଳି ରହିବା ଅବସ୍ଥାରେ ବାୟୁ ଚଳାଚଳ ସୁବିଧା ବ୍ୟବସ୍ଥା ଏଥିସହିତ ଅନ୍ୟ ଯେଉଁ ଲୁକ୍କାୟିତ ବିଶେଷତ୍ୱ ଏଥିରେ ରହିଛ । ଗ୍ୱାଙ୍ଗୁ ଲି, ଏମଡ଼ି ଏବଂ ସିଇଓ, କିଆ ଇଣ୍ଡିଆ, ବ୍ରାଣ୍ଡର ଦୂରଦୃଷ୍ଟିତାକୁ ସ୍ପଷ୍ଟ କରିବା ସହିତ ନିଜର ମତ ରଖି କହିଛନ୍ତି, କିଆ ଇଣ୍ଡିଆ ସବୁବେଳେ ଏକ ଆହ୍ୱାନର ପରିବେଶକୁ ନେଇ ଆଗେଇ ଚାଲିଛି ଯାହାକି ଅଟୋମୋବାଇଲ ଶିଳ୍ପରେ ଏକ ନୂତନ ମାଇଲଖୁଣ୍ଟ ପ୍ରତିଷ୍ଠା କରିବା ସହିତ ଅଭିନବୀକରଣ, ଜ୍ଞାନକୌଶଳ ତଥା ଗ୍ରାହକ କୈନ୍ଦ୍ରିକ ଗଠନକୁ ନେଇ ରହିଥିବା ଆମର ବଚନବଦ୍ଧତାକୁ ଉପସ୍ଥାପନ କରିପାରିଛି। ଆମର ଏହି ଯାତ୍ରା ବ୍ରାଣ୍ଡର ଶୁଭାରମ୍ଭ ହେବା ପରଠାରୁ କେବଳ ଉଲ୍ଲେଖନୀୟ ହୋଇ ରହିନାହିଁ ଏହା ସମଗ୍ର ଦେଶରେ ଏକ ଉଚ୍ଚ ଗୁଣବତା ତଥା ବହୁ ଆକାଂକ୍ଷିତ ଯାନ ଭାବରେ ନିଜର ଏକ ପରିଚୟ ସୃଷ୍ଟି କରିବା ସହିତ ବିକାଶର ଧାରାରେ ଆଗକୁ ବଢ଼ି ଚାଲିଛି।

## ହରିଦ୍ୱାରରେ ପରିବର୍ତ୍ତନକାରୀ ଶୈକ୍ଷଣିକ ସଂଗୋଷ୍ଠୀ ଉଦ୍‌ଯାପିତ



ହରିଦ୍ୱାର: ପ୍ରାଚୀନ ଭାରତୀୟ ଜ୍ଞାନ ଏବଂ ପରମ୍ପରା ସହ ଆଧୁନିକ ଶିକ୍ଷାର ସମ୍ମିଳିତ ଉଦ୍ଦେଶ୍ୟରେ ଗଠିତ ତଥା ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଏବଂ ପତଞ୍ଜଳି ଯୋଗପୀଠ ଦ୍ୱାରା ପ୍ରାୟୋଜିତ ନବୀନ ରାଷ୍ଟ୍ରୀୟ ବିଦ୍ୟାଳୟ, ଭାରତୀୟ ଶିକ୍ଷାବୋର୍ଡର ମିଳିତ ଆନୁକୂଲ୍ୟରେ ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ପରିବର୍ତ୍ତନକାରୀ ଶୈକ୍ଷଣିକ ସଂଗୋଷ୍ଠୀ ଉଦ୍‌ଯାପିତ ହୋଇଯାଇଛି । ଗତ ୧୪ ଏବଂ ୧୫ ତାରିଖ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ର ଉପରେ ଆଲୋଚନା କରାଯିବା ସହ ଅତିଥିମାନେ ଶିକ୍ଷା କ୍ଷେତ୍ର ପାଇଁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଶିକ୍ଷକ ସଂସ୍ଥାନ, ଭାରତୀୟ ଶିକ୍ଷକ ମଣ୍ଡଳ, ଇସା ଯୋଗା ଫାଉଣ୍ଡେସନ, ରାମକୃଷ୍ଣ ମିଶନ, ଶିକ୍ଷା ଏବଂ ଅନୁସନ୍ଧାନ, ଅଗସ୍ତ୍ୟ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ, ଚୀନା ଜିଅର ସ୍ୱାମୀ ସଂଗଠନ, ସ୍ୱାମୀ ନାରାୟଣ ଗୁରୁକୁଳ ସଂସ୍ଥାନ, ବିବେକାନନ୍ଦ କେନ୍ଦ୍ର, ଶ୍ରୀ ଅରବିନ୍ଦ ସୋସାଇଟି, ଭିକ୍ଷୁ ସଂଘ ସେନା, ଜୈନ ଏଜୁକେଶନ୍ ଟ୍ରଷ୍ଟ, ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସନାତନ ଧର୍ମ ପ୍ରତିନିଧି ସଭା ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାମାନଙ୍କ ଦ୍ୱାରା ଭବିଷ୍ୟତରେ ହେବାକୁ ଥିବା ଶିକ୍ଷା ଦୃଷ୍ଟିକୋଣ ଉପରେ ମାନସ ମନ୍ଥନ କରାଯାଇଥିଲା । ଏହାକୁ ପରମ ପୂଜ୍ୟ ସ୍ୱାମୀ ରାମଦେବ ଜୀ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ସମ୍ଭାଷଣରେ କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ ଆଜି ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି, ସେ ନେଇ ବିଦ୍ୟାର୍ଥୀମାନେ ସଚେତନ ହେବା ଜରୁରି । ସେହିପରି ଆଚାର୍ଯ୍ୟ ବାଳକୃଷ୍ଣ ବିଦ୍ୟାଳୟ, ଶିକ୍ଷା, ସାଂସ୍କୃତିକ ଲୋକାଚାର ବୃଦ୍ଧି ଉପରେ ନିଜର ଅଭିବ୍ୟକ୍ତି ରଖି ଏହାକୁ କାର୍ଯ୍ୟକାରୀ କରାଯିବା ଉଚିତ୍ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାର ଭବିଷ୍ୟତ, ନୂଆ ପ୍ରକାର ଦେବା ପାଇଁ ନୂତନ ଦିଶା ସୃଷ୍ଟି କରିବାକୁ ବାଳକୃଷ୍ଣ ଆହ୍ୱାନ ଦେଇଥିଲେ ।

### ଜୟଦେବ ଅଞ୍ଚଳର ଭାଗ୍ୟ ବଦଳାଇବ 'କଲରଟୋନ୍'

## ୨୫୦ କୋଟିର ଗାରମେଣ୍ଟ କମ୍ପାନୀର ଶିଳାନ୍ୟାସ କଲେ ସାଂସଦ ଅପରାଜିତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଜୟଦେବ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଜଗନ୍ନାଥପୁର ଠାରେ ମହିଳା ସଶକ୍ତି କରଣ ଏବଂ ସ୍ୱରୋଜଗାର ନିମନ୍ତେ ଏକ ବଡ଼ ଗାରମେଣ୍ଟ କମ୍ପାନୀର ଭିତ୍ତି ପ୍ରସ୍ତର ହୋଇଯାଇଛି । ଭୁବନେଶ୍ୱର ଲୋକସଭା କ୍ଷେତ୍ରର ମାନନୀୟା ସାଂସଦ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀଙ୍କ କର କମଳରେ କଲରଟୋନ୍ ନାମକ ମେଗା ଗାରମେଣ୍ଟ କମ୍ପାନୀର ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଯାଇଛି । ଭୁବନେଶ୍ୱର ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜଗନ୍ନାଥପୁର ଅଞ୍ଚଳରେ ଏହି ଅବସରରେ ଏକ ଭବ୍ୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଆୟୋଜିତ ଉତ୍ସବରରେ ଭୁବନେଶ୍ୱର ସାଂସଦ ମାନନୀୟା ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଖୋର୍ଦ୍ଧା ଏବଂ ଜୟଦେବ ବିଧାୟକଙ୍କ ଉପସ୍ଥିତିରେ ମେଗା ଗାରମେଣ୍ଟ କମ୍ପାନୀର ଶିଳାନ୍ୟାସ ହୋଇଯାଇଛି । ଏହି ଅସବରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ନିଜ ଅଭିଭାଷଣରେ ସାଂସଦ ଅପରାଜିତା କହିଛନ୍ତି, ଜୟଦେବ ବିଧାନସଭା ମଣ୍ଡଳୀର ଆଖପାଖ ଲୋକ ଏହାଦ୍ୱାରା ଉପକୃତ ହେବେ । ବିଶେଷ କରି ଏହି ଗାରମେଣ୍ଟ କମ୍ପାନୀ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ୨୫୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ଗାରମେଣ୍ଟ କମ୍ପାନୀ ସ୍ଥାପନ ହେବ । କଲରଟୋନ୍ ନାମକ ଗାରମେଣ୍ଟ କମ୍ପାନୀ, ସ୍ଥାନୀୟ ଅଂଚଳର ଆର୍ଥିକ ବିକାଶରେ ସହାୟକ ହେବ ବୋଲି କହିଛନ୍ତି ମାଡାମ୍ ଅପରାଜିତା । ଏହିକମ୍ପାନୀ ଦ୍ୱାରା ବିଶେଷ ଭାବରେ ୫ ହଜାର ମହିଳାଙ୍କ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇପାରିବ । ଜଗନ୍ନାଥପୁର ଅଞ୍ଚଳର ମହିଳାଙ୍କୁ କାହାକୁ ହାତ ପତାଇବାକୁ ପଡିବ ନାହିଁ, ଏହି ଗାରମେଣ୍ଟ କମ୍ପାନୀ ଦ୍ୱାରା ନିଯୁକ୍ତି ସୁଯୋଗ ପାଇ ମାସିକ ୧୦ରୁ ୧୨ ହଜାର ଟଙ୍କା ରୋଜଗାର କରିପାରିବେ ମହିଳାମାନେ ବୋଲି ନିଜର ସମ୍ବୋଧନରେ କହିଛନ୍ତି ଭୁବନେଶ୍ୱର ସାଂସଦ । କଲରଟୋନ୍ ମେଗା ଗାରମେଣ୍ଟ କମ୍ପାନୀ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ୍, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ସିଂ ରାଣା, କଲରଟୋନ୍ ଗାରମେଣ୍ଟ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ମନୀଷ ପାଠୀ, କମ୍ପାନୀ ଜିଏମ, ଏଚଆର ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଖ୍ରୀଷ୍ଟମାସରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ଭୁବନେଶ୍ୱରରେ ଉତ୍ସବର ଆନନ୍ଦ ଅନୁଭବ କରନ୍ତୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟମାସ ଋତୁରେ ନେକ୍ସସ୍‌ଏସ୍‌ପ୍ଲାନେଡ୍, ଭୁବନେଶ୍ୱର ଆପଣଙ୍କୁ ଏକ ଅଭୂତପୂର୍ବ ଅନୁଭୂତି ସହିତ ଉତ୍ସବକୁ ଉପଭୋଗ କରିବାକୁ ସ୍ୱାଗତ କରୁଛି । ଚିତ୍ତାକର୍ଷକ ସଂଗୀତ ରାତିଠାରୁ ଆରମ୍ଭ କରି ଅପୂରଣୀୟ ସପିଂ ପୁରସ୍କାର ପର୍ଯ୍ୟନ୍ତ ଆମେ ସମସ୍ତଙ୍କ ପାଇଁ ଏକ ଯାଦୁକରୀ ଉତ୍ସବ ହେବ ବୋଲି ଆଶା କରୁଛୁ । ଆମର ଗ୍ରାଣ୍ଡ ଖ୍ରୀଷ୍ଟମାସ ସେଟ୍‌ଅପ୍ ସହିତ ଛୁଟିଦିନ ଯାଦୁରେ ନିଜକୁ ସାମିଲ କରନ୍ତୁ, ଚମତ୍କାର ସାଜସଜା ଏବଂ ଚିତ୍ତାକର୍ଷକ ପ୍ରଦର୍ଶନରେ ସୁସଜିତ ଆପଣଙ୍କ ପ୍ରିୟଜନଙ୍କ ସହିତ ପ୍ରିୟ ମୁହୂର୍ତ୍ତଗୁଡିକ ସ୍ମରଣୀୟ କରିବା ପାଇଁ ଉପଯୁକ୍ତ । ଏକ ଚମତ୍କାର ଖ୍ରୀଷ୍ଟମାସ ସେଟ୍‌ଅପ୍,ବଗିଚାରେ ଯାଦୁଗରୀ ସଂଗୀତ ଭିତ୍ତିକ ରାତି, ସଂଗୀତ ଭିତ୍ତିକ ରାତି, ଛୁଟି ଦିନର ମନୋରଞ୍ଜନକାରୀ ଶାନ୍ତିମୟ ମେଲୋଡି, ବ୍ରାଣ୍ଡ ପ୍ରଦର୍ଶନ ହେବ ।



## ଟିପିଏସ୍‌ଓଡିଏଲ୍ ପକ୍ଷରୁ ୧୬ ଏମ୍‌ଭିଏ ଟ୍ରାନ୍ସଫର୍ମର ସ୍ଥାପନ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ବ୍ରହ୍ମପୁରର ନିମଖଣ୍ଡି ସ୍ଥିତ ପ୍ରାଇମେରୀ ସବ ଷ୍ଟେସନରେ ପ୍ରଥମ ଥର ପାଇଁ ୧୬ ଏମଭିଏ ପାୱାର ଟ୍ରାନ୍ସଫର୍ମର ସ୍ଥାପନ କରିଛି। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଫଳରେ ଏହି ଅଞ୍ଚଳର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିବ। ଏହି ୧୬ ଏମଭିଏ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରରେ ବର୍ତ୍ତମାନ ୧୨.୫ ଏମଭିଏ କାର୍ଯ୍ୟକ୍ଷମ ହୋଇଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଜୁଳି ଚାହିଦା ପୂରଣ ହୋଇପାରୁଛି ଏବଂ ଭବିଷ୍ୟତରେ ଏହାର କ୍ଷମତା ବୃଦ୍ଧି ମଧ୍ୟ କରାଯାଇପାରିବ। ନୂତନ ଟ୍ରାନ୍ସଫର୍ମର ସ୍ଥାପନ ହେବା ପୂର୍ବରୁ ଏହି ଅଞ୍ଚଳର ଉପଭୋକ୍ତାମାନେ ଏକ ୮ ଏମଭିଏ ପିଟିଆର ଉପରେ ନିର୍ଭର କରୁଥିଲେ। ଯାହା ଫଳରେ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବାରେ ସମସ୍ୟା ହେଉଥିଲା। ନୂତନ ପାୱାର ଟ୍ରାନ୍ସଫର୍ମର ସ୍ଥାପନ ହେବା ପରେ ଦୀର୍ଘ ଦିନ ଧରି ଲୋକେ ସାମ୍ନା କରୁଥିବା ଓଭର ଲୋଡ୍ ସମସ୍ୟା ଦୂର ହୋଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବା ଉପରେ ଆମର ପ୍ରାଥମିକତା ରହି ଆସିଛି। ଭିତ୍ତିଭୂମି ଉନ୍ନତ କରିବା ସହ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ସମୟ ଅନୁଯାୟୀ ଆମେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଅଛୁ। ଏହି ନୂତନ ପାୱାର ଟ୍ରାନ୍ସଫର୍ମର ସ୍ଥାପନା ଲୋକଙ୍କ ଚାହିଦା ମେଣ୍ଟାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅତ୍ୟାଧୁନିକ ପଦକ୍ଷେପ ବ୍ରହ୍ମପୁର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିଛି। ଯାହା ଫଳରେ ଏକ ଅଭିନବ ଓ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଟିପିଏସ୍‌ଓଡିଏଲ ଅଗ୍ରଣୀ ସଂସ୍ଥା ଭାବେ ପରିଣତ ହୋଇପାରିଛି।

### ଓଡ଼ିଶା ସୌର ନିବେଶକ ସମ୍ମିଳନୀ

## ଇରେଡା ପକ୍ଷରୁ ୩ ହଜାର କୋଟି ଟଙ୍କା ମଞ୍ଜୁର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗ୍ରିଡକୋ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ସୌର ନିବେଶକ ସମ୍ମିଳନୀରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଏକ ସ୍ୱତନ୍ତ୍ର ଅଭିଭାଷଣ ଦେଇଥିଲେ। ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ଉପଲବ୍ଧ ଆର୍ଥିକ ସହାୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶ୍ରୀ ଦାସ ଆଲୋକପାତ କରିଥିଲେ । ୨୦୩୦ ସୁଦ୍ଧା ୧୦ ଗିଗାୱାଟ କ୍ଷମତା ହାସଲ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଇରେଡାର ସିଏମଡି ଓଡ଼ିଶାର ଉଚ୍ଚାକାଂକ୍ଷୀ ଅକ୍ଷୟ ଶକ୍ତି ଲକ୍ଷ୍ୟ ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି। ସୌର, ଜଳ, ଇଥାନଲ ଏବଂ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅର୍ନ୍ତଭୁକ୍ତ ସମଗ୍ର ଓଡ଼ିଶାରେ ସବୁଜ ଶକ୍ତି ପ୍ରକଳ୍ପ ପାଇଁ ଇରେଡା ୩,୦୦୦ କୋଟି ଟଙ୍କାରୁ ଅଧିକ ମଞ୍ଜୁର କରିସାରିଛି। ଏକ ଅଗ୍ରଣୀ ସୌର ଶକ୍ତି ଉତ୍ପାଦନକାରୀ ଏବଂ ସୌର ଉପକରଣ ଉତ୍ପାଦନର ହବ ଭାବେ ଉଭା ହେବା ପାଇଁ ଓଡ଼ିଶାର ସମ୍ଭାବନା ଉପରେ ଶ୍ରୀ ଦାସ ଆଲୋକପାତ କରିଥିଲେ। ଇରେଡାର ରାଷ୍ଟ୍ରୀୟ ଅବଦାନ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, କମ୍ପାନୀ ୨.୦୮ ଲକ୍ଷ କୋଟିରୁ ଅଧିକ ମଞ୍ଜୁର କରିଛି ଏବଂ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକ ପାଇଁ ୧.୩୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି ଯାହା ଇଥାନଲ, ଇଭି ଫ୍ଲିଟ୍ ଫାଇନାନ୍ସିଂ, ପମ୍ପଡ୍ ଷ୍ଟୋରେଜ୍ ଜଳ ବିଦ୍ୟୁତ୍ ଏବଂ ଗ୍ରୀନ ଆମୋନିଆ ଇତ୍ୟାଦି ଉଦୀୟମାନ ଅକ୍ଷୟ ଶକ୍ତି ପ୍ରଯୁକ୍ତିରେ ବଜାର ଗଠନ ପାଇଁ ଉତ୍ପ୍ରେରକ ଭାବରେ କମ୍ପାନୀ ନିଜକୁ ଅବସ୍ଥାପିତ କରିଛି।



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ବିନୋଦ କାମ୍ବଲି ଗତ କିଛି ଦିନ ହେବ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇ ସଂଘର୍ଷ କରୁଛନ୍ତି। ସୋମବାର କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ବିଗିଡ଼ିଯାଇଛି। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଥାନେର ଆକୃତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେ ଚିକିତ୍ସିତ ହେଉଛନ୍ତି। ଡାକ୍ତରମାନଙ୍କ ଏକ ଟିମ ଏବେ ତାଙ୍କର ଚିକିତ୍ସା କରୁଛନ୍ତି। ନିକଟରେ ବିନୋଦ କାମ୍ବଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଭିଡିଓରେ ସେ ସଚିନ ତେନ୍ଦୁଲକରଙ୍କ ସହ ନଜର ଆସିଥିଲେ, ଯେଉଁଥିରେ ସେ ବହୁତ ଅସୁସ୍ଥ ଦେଖାଯାଉଥିଲେ। ସେବେଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ଚିନ୍ତା ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ସମସ୍ୟା ସହ ବିନୋଦ କାମ୍ବଲିଙ୍କ ଆର୍ଥିକ ସ୍ଥିତି ମଧ ଭଲ ନାହିଁ। ନିକଟରେ ଜଣେ ପ୍ରଶଂସକ ବିନୋଦ କାମ୍ବଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ସେୟାର କରିଥିଲେ । ଏହି ଭିଡିଓରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କର ସମସ୍ତ ଆବଶ୍ୟକୀୟ ପରୀକ୍ଷା କରାଯାଉଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଚିନ୍ତାଜନକ ରହିଛି। ନିକଟରେ କାମ୍ବଲି ଏକ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ସାକ୍ଷାତକାରରେ କହିଥିଲେ ଯେ ସେ ଗମ୍ଭୀର ପରିସ୍ରା ସଂକ୍ରମଣରେ ପୀଡ଼ିତ ଥିଲେ, ଯାହା କାରଣରୁ ସେ ଗତ ମାସରେ ଅଚେତ ହୋଇଯାଇଥିଲେ ଏବଂ ଭିଡିଓ ଭାଇରାଲ ହୋଇଥିଲା।

## ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜ୍

# ଭାରତର ଏକତରଫା ବିଜୟ




ନୂଆଦିଲ୍ଲୀ : ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳା ଯାଉଥିବା ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଏକତରଫା ଭାବେ ଭାରତ ଜିତିନେଇଛି। ପ୍ରଥମେ ବ୍ୟାଟରମାନେ ନିଜର ଜଲୱା ଦେଖାଇ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୧୪ ରନ କରିଥିଲେ। ବ୍ୟାଟିଂ ପରେ ବଲରେ କମାଲ କରିଛନ୍ତି ଦ୍ରୁତ ବୋଲର ରେଣୁକା ସିଂହ ଠାକୁର। ସେ ୧୦ ଓଭରରେ ମାତ୍ର ୨୯ ରନ ଦେଇ ଇଣ୍ଡିଜ ଟିମର ୫ ବ୍ୟାଟରଙ୍କୁ ଆଉଟ କରିଛନ୍ତି। ତାଙ୍କର ଏହି ଘାତକ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ମହିଳା ଦଳ ୨୬.୨ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୦୩ ରନ କରିପାରିଛି। ଭାରତ ଏହି ମ୍ୟାଚକୁ ରେକର୍ଡ ୨୧୧ରେ ଜିତି ୩ ଟିକିଆ ଦିନିକିଆ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି। ଦିନିକିଆରେ ଏହା ଭାରତର ଦ୍ୱିତୀୟ ସର୍ବବୃହତ୍ତ (ରନ ବ୍ୟବଧାନ) ବିଜୟ। ଏହାପୂର୍ବରୁ ଦଳ ୨୦୧୭ରେ ଦଳ ଆୟର୍ଲ୍ୟାଣ୍ଡ ବିପକ୍ଷ ଦିନିକିଆକୁ ୨୪୯ ରନ ବ୍ୟବଧାନରେ ଜିତିଥିଲା। ସେହିପରି ୨୦୦୮ରେ ଦଳ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨୦୭ ରନରେ ମାତ ଦେଇଥିଲା। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଭିଜ୍ଞ ସ୍ମୃତି ମନ୍ଧାନାଙ୍କ ସହ ଡେବ୍ୟୁଟାଣ୍ଟ ପ୍ରତିକା ରାୱଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୧୧୦ ରନ ଯୋଡ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ପ୍ରତିକା ୪୪ ରନର ଇନିଂସ ଖେଳିଥିବା ବେଳେ ମନ୍ଧାତା ଶତକ ଠାରୁ ୯ ରନ ଦୂରରେ ରହିଯାଇଥିଲେ। ସେ ୧୩ଟି ୪ ଚୌକା ବଲରେ ୯୧ ରନ କରି ଆଉଟ ହୋଇଥିଲେ। ୩ନଂରେ ବ୍ୟାଟିଂ କରୁଥିବା ହରଲୀନ ଦେୱଲ ୪୪, ଅଧିନାୟକ ହରମନପ୍ରୀତ କୌର ୩୪, ରିଚା ଘୋଷ ୧୩ ବଲରେ ୨୬, ଜେମିମା ରୋଡ୍ରିଗସ ୧୯ ବଲରେ ୩୧, ସାଇମା ଠାକୁର ୪, ତିତାସ ସାନ୍ଧୁ ୪, ରେଣୁକା ସିଂହ ୦ ଓ ଦୀପ୍ତି ଶର୍ମା ଅପରାଜିତ ୧୨ ରନ କରିଥିଲେ। ଏଥିଯୋଗୁ ଭାରତ ୯ ୱିକେଟ ହରାଇ ୩୧୪ ରନ କରିଥିଲା। ୩୧୫ ରନର ଟାର୍ଗେଟ ପାଇଥିବା ୱେଷ୍ଟଇଣ୍ଡିଜକୁ ଆରମ୍ଭରୁ ରେଣୁକା ଘାଣ୍ଟିଥିଲେ। ଏହାପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଥମ ବଲରେ ରନ ଆଉଟ ରୂପେ କ୍ୱିନା ଯୋଶେଫ (୦)ଙ୍କୁ ହରାଇଥିଲା। ତୃତୀୟ ଓଭରରୁ ରେଣୁକା ଜଲୱା ଦେଖାଇଥିଲେ। ସେ ତୃତୀୟ ଓଭରର ପ୍ରଥମ ବଲରେ ଇଣ୍ଡିଜ ଟିମର ଅଧିନାୟକ ହେଲୀ ମାଥ୍ୟୁସ(୦)ଙ୍କୁ ଆଉଟ କରିଥିଲେ। ଡି ଡୋଟିନ(୮) ରେଣୁକାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ରାଶାଦା ୱିଲୟମ୍ସ(୩)ଙ୍କୁ ଆଉଟ କରି ସାନ୍ଧୁ ଇଣ୍ଡିଜକୁ ୪ର୍ଥ ଝଟକା ଦେଇଥିଲେ। ୧୧ ରନରେ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଭ୍ରମଣକାରୀ ଦଳକୁ ରେଣୁକା ଆହୁରି ବ୍ୟାକଫୁଟକୁ ଠେଲି ଦେଇଥିଲେ। ସେ ୧୩ ରନ କରିଥିବା ଆଲିୟା ଆଲେନ ଓ ୩ ରନ କରିଥିବା ଶାବିକା ଗଜନବୀଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏହାପରେ ଭଲ ଲୟରେ ରହି ୨୧ ରନ କରିଥିବା ଶେମାଇନ କାମ୍ବେଲଙ୍କୁ ଆଉଟ କରି ବ୍ୟକ୍ତିଗତ ୫ ୱିକେଟ ନେବାର ସଫଳତା ହାସଲ କରିଥିଲେ। ରେଣୁକା ନିଜର ୫ମ ୱିକେଟ ନେବା ପୂର୍ବରୁ ପ୍ରିୟା ମିଶ୍ରା ୯ ରନ କରିଥିବା ଜାମିଦା ଜେମ୍ସଙ୍କୁ ଆଉଟ କରି ସାରିଥିଲେ। ୱେଷ୍ଟଇଣ୍ଡିଜ ୬୬ ରନରେ ୮ ୱିକେଟ ହରାଇ ଥିବା ବେଳେ ତା' ମଧ୍ୟରୁ ଏକାକୀ ରେଣୁକାଙ୍କ ଖାତାକୁ ୫ ସଫଳତା ଯାଇଥିଲା। ଶେଷ ଦୁଇଟି ୱିକେଟ ମଧ୍ୟରୁ ଗୋଟିଏ ଦୀପ୍ତି ଶର୍ମା ଓ ଆଉ ଗୋଟିଏ ପ୍ରିୟା ମିଶ୍ରା ନେଇଛନ୍ତି। ଶାମିଲା କୋନ୍ନେଲଙ୍କୁ ଆଉଟ କରି ପ୍ରିୟା ଇଣ୍ଡିଜ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ଟିମ ୨୬.୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୩ ରନରେ ଅଟକି ଯାଇଥିଲା।

# ବିବାହ ବନ୍ଧନରେ ଆବଦ୍ଧ ହେଲେ ପିଭି ସିନ୍ଧୁ



ମୁମ୍ବାଇ : ରବିବାର ରାଜସ୍ଥାନର ଉଦୟପୁରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବ୍ୟାଡ୍‌ମିଣ୍ଟନ ଷ୍ଟାର ପିଭି ସିନ୍ଧୁ ହାଇଦ୍ରାବର ଭେଙ୍କଟ ଦତ୍ତା ସାଇଙ୍କ ସହ ବିବାହ କରିଛନ୍ତି। ଭେଙ୍କଟ ପେସାରେ ଜଣେ ବିଜନେସ୍ ମ୍ୟାନ୍। ସେ ପ୍ରୋସାଇଡେକ୍ସ ଟେକ୍ନୋଲଜିର ଏଗ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଟନ୍ତି। ସେମାନଙ୍କ ବିବାହ ବହୁତ ଧୁମ ଧାମରେ ହୋଇଥିବା ନେଇ ଦେଖିବାକୁ ମିଳିଛି । ପ୍ରଶଂସକମାନେ ଉଭୟଙ୍କୁ ବିବାହ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ହିନ୍ଦୁ ରୀତିନୀତି ଅନୁଯାୟୀ ସିନ୍ଧୁ ଏବଂ ଭେଙ୍କଟ ପରସ୍ପରର ହାତ ଧରିଛନ୍ତି । ଏମାନଙ୍କ ବିବାହର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ବିବାହ ପରେ ଫ୍ୟାନ୍ସ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କର ଏହି ବିବାହର ଫଟୋ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏକ୍ସରେ ସେୟାର କରିଛନ୍ତି । ସିନ୍ଧୁଙ୍କ ବିବାହରେ ରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ ଉପସ୍ଥିତ ଥିଲେ । ବିବାହରେ କେବଳ ନିକଟ ସଂପର୍କୀୟ ଏବଂ ପରିବାର ଲୋକଙ୍କ ସହ ରାଜନେତା ସାମିଲ ଥିଲେ । ତେବେ ପିଭି ସିନ୍ଧୁଙ୍କ ରିସେପସନ ଡିସେମ୍ବର ୨୪ ହାଇଦ୍ରାବାଦରେ ହେବ। ଏଥିରେ ଖେଳ ଜଗତ ଛଡା ଫିଲ୍ମ ଏବଂ ରାଜନୈତିକ ଜଗତର ବଡ ବଡ ବ୍ୟକ୍ତି ଯୋଗ ଦେବେ।

# ଦକ୍ଷିଣ ଆଫ୍ରିକାକୁ ହରାଇ ପାକିସ୍ତାନର ଐତିହାସିକ ବିଜୟ




ନୂଆଦିଲ୍ଲୀ,୨୩।୧୨:ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ସିରିଜର ତୃତୀୟ ତଥା ଶେଷ ମ୍ୟାଚରେ ଡକ୍ ?ୱର୍ଥ-ଲୁଇସ୍ ? ନିୟମ ଅଧୀନରେ ପାକିସ୍ତାନ ୩୬ ରନ ଜିତିଥିଲା। ଏହି ବିଜୟ ସହିତ ପାକିସ୍ତାନ ବିଶ୍ୱ ରେକର୍ଡ ହାସଲ କରିଛି। ବର୍ତ୍ତମାନ ପାକିସ୍ତାନ ନିଜ ଘରୋଇ ଗ୍ରାଉଣ୍ଡରେ ଏକ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକାକୁ ଘରୋଇ ମାଟିରେ କ୍ଲିନ୍ ? ସୁଇପ୍ ? କରିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି। ମହମ୍ମଦ ରିଜୱାନଙ୍କ ଅଧିନାୟକତ୍ୱରେ ପାକିସ୍ତାନ ଏହି ପ୍ରଦର୍ଶନ କରିଛି। ଜୋହାନ୍ସବର୍ଗରେ ପାକିସ୍ତାନ ଏବଂ ଆଫ୍ରିକା ମଧ୍ୟରେ ତୃତୀୟ ଦିନିକିଆ ଖେଳାଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ପାକିସ୍ତାନ ପକ୍ଷରୁ ଭଲ ବ୍ୟାଟିଂ ଏବଂ ପରେ ଚମତ୍କାର ବୋଲିଂ ଦେଖିବାକୁ ମିଳିଥିଲା। ଦକ୍ଷିଣ ଆଫ୍ରିକା ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ୪୭ ଓଭରରେ ବୋର୍ଡରେ ୩୦୮/୯ ରନ ସଂଗ୍ରହ କରିଥିଲା। ବର୍ଷା ହେତୁ ଦଳ କେବଳ ୪୭ ଓଭର ପାଇଁ ବ୍ୟାଟିଂ କରିପାରିବ। ଏହି ସମୟ ମଧ୍ୟରେ ଦଳ ପାଇଁ ଖୋଲିବାକୁ ଆସିଥିବା ସାମ ଆୟୁବ ଏକ ଚମତ୍କାର ଇନିଂସ ଖେଳି ୯୪ ବଲରେ ୧୩ ଚୌକା ଓ ୨ ଛକା ସହାୟତାରେ ୧୦୧ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ୪୨ଓଭରରେ ୨୭୧ ରନରେ ଅଲଆଉଟ୍ ? ହୋଇଥିଲା।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସେମିରେ ଭାଲିଆବାଡି

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଠାବାଡ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇଛି । ଏଥିରେ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଉଦଘାଟକ, ସାମାଜିକକର୍ମୀ ଶିବ ନାରାୟଣ ମିଶ୍ର ମୁଖ୍ୟ ଅତିଥି, ଡ଼ଃ ବିଷ୍ଣୁ ଚରଣ ଦାଶ, ପୂର୍ବତନ କ୍ରିକେଟ ଖେଳାଳୀ ରାଧାଶ୍ୟାମ ପାଣିଗ୍ରାହୀ ଓ ସାମାଜିକକର୍ମୀ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଆଜିର ମ୍ୟାଚ ଭାଲିଆବାଡି ସ୍ପୋର୍ଟସ ଆସୋସିଏସନ ଓ କିଆଝର ସ୍ମାର୍ଟ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ଭାଲିଆବାଡି ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ କିଆଝର ଦଳ ସମସ୍ତ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରି ପରାଜୟ ବରଣ କରିଛି । ଏହି ଖେଳରେ ପ୍ରଥମ ଦଳ ଭାବେ ଭାଲିଆବାଡି ସେମି ଫାଇନାଲରେ ପ୍ରବେଶ କରିଛି। ଭାଲିଆବାଡି ଦଳର ସିଏସ କାନୁନଗୋ ଶ୍ରେଷ୍ଠ ବୋଲର ଭାବେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଖେଳକୁ ଅମ୍ପାୟର ଶ୍ରୀକାନ୍ତ ବାହିନୀପତି ଓ ବିନୟ କୁମାର ପାଇକରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ମାନସ ରାଉତରାୟ, ସୂର୍ଯ୍ୟ ନାରାୟଣ ଓଝା ଓ ସୁନିଲ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

# 'ନିଷ୍ଠା, ସାଧନା ଦ୍ୱାରା କ୍ରୀଡାର ବିକାଶ ସମ୍ଭବ'



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟରେ ୭ମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ପଂଚାୟତସମିତି ଅଧକ୍ଷା ଆରତୀ ନାୟକ, ସଂମାନୀତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଶ୍ରୀମତୀ ନାୟକ ଅଭିଭାଷଣ ରେ କହିଥିଲେ 'ନିଷ୍ଠା ଓ ସାଧନା ଦ୍ୱାରା କ୍ରୀଡାର ବିକାଶ ସମ୍ଭବ ହୋଇ ପାରିବ। ସମ୍ମାନୀତ ଅତିଥି ସରପଞ୍ଚ ରାମଚନ୍ଦ୍ର କାଣ୍ଡି କହିଥିଲେ 'ସର୍ବାଙ୍ଗୀନ ବିକାଶରେ କ୍ରୀଡାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟତମ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରମାକାନ୍ତ ବସ୍ତିଆ ଯୋଗଦେଇ ନିଜର ଏକାଗ୍ରତ ଓ ସାଧନା ବଳରେ ଜଣେ ଅସାଧ ସାଧନ କରି ଶୀର୍ଷ ସୀମାରେ ପହଂଚି ପାରିବ ବୋଲି କହିଥିଲେ।ମଞ୍ଚରେ ଉପସ୍ଥିତ ଅତିଥି ମାନଙ୍କ ପରିଚୟ ତଥା ସ୍ୱାଗତ ଭାଷଣ ସହିତ 'ଶିକ୍ଷା, ସଂସ୍କାର ଓ ନୈତିକ ଜ୍ଞାନ ସହିତ ଶାରୀରିକ ଯୋଗ ମାଧ୍ୟମରେ ଦେଶ ତଥା ଅଞ୍ଚଳରେ ଗୌରବ ଅର୍ଜନ କରିହେବ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ମାର୍ଗ ଦର୍ଶନ କରିଥିଲେ। ୨ଦିନ ବ୍ୟାପି ଚାଲିଥିବା ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ବିଦ୍ୟାଳୟ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା ଶିକ୍ଷା କମିଟି ତରଫରୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଚଳିତ ବର୍ଷର ଚମ୍ପିୟାନ ତଥା ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରୀତିରେଖା ପ୍ରଧାନ ଓ ସୋମ୍ୟ ପ୍ରସାଦ ଛାଟୋଇ ସବୁଜ ଶାଖା କମିଟି ତରଫରୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦୌଡ଼, ଲମ୍ଫଡିଆ, ଉଚ୍ଚ ଡିଆଁ, ଜାଭେଲିନି ଥ୍ରୋ, ଡ଼ିସକସ ଥ୍ରୋ ସମେତ ବିଭିନ୍ନ ପ୍ରକାର ଖେଳର ଆୟୋଜନ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତାର ସୁପରିଚାଳନା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ। ଶିକ୍ଷକ ଯତିନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରୁଥିବା ବେଳେ ରଙ୍ଗଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ସୁନୀଲ ସାହୁ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଓଝା, ସ୍ମୃତିରେଖା ଦେବୀ ସକ୍ରିୟ ସହଯୋଗରେ ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିବାରୁ ସବୁଜ ଶାଖା ସଦସ୍ୟ ମାନେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା: ଚନ୍ଦ୍ରଙ୍କୁ ରୌପ୍ୟ



ବାଲିମେଳା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଚନ୍ଦ୍ର ପଡ଼ିଆମୀ ରାଜ୍ୟସ୍ତରୀୟ ଭାର ଉତ୍ତୋଳନ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ବାଲିମେଳା ସହର ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ସପ୍ତାହରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ୪ ଜଣ ଛାତ୍ର ବାଲିମେଳା ଇଣ୍ଡୋର ଷ୍ଟାଡିୟମ ପକ୍ଷରୁ ଚୟନ କରାଯାଇ ପଠାଯାଇଥିଲା। ତନ୍ମଧ୍ୟରୁ ଚନ୍ଦ୍ର ନାମକ ଏହି ଛାତ୍ର ୪୪ କିଲୋ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ରୌପ୍ୟ ହାସଲ କରିଛି। ତେବେ ସେ ଆଜି ଫେରିବା ପରେ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ କରାଯାଇ ଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟତ୍ରୀ ସୁଶିଳା ହିଆଲ, ପିଇଟି ଶିକ୍ଷକ ଭାଗିରଥି ସାହୁ, ଇଣ୍ଡୋର ଷ୍ଟାଡିୟମ ଇନ ଚାର୍ଜ ଲକ୍ଷ୍ମୀକାନ୍ତ ପୂଜାରୀ, କୋଚ୍ ରଘୁନାଥ ଖିଲ ଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଏକ ବର୍ଣ୍ଣାଢ୍ୟ ପରିବେଶ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ରବୀନ୍ଦ୍ର ବିଦ୍ୟା ନିକେତନ, କେନ୍ଦୁଝରର ଏକାଦଶତମ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଉଦଯାପିତ ହୋଇଯାଇଛି। ୨୦ ଏବଂ ୨୧ତାରିଖରେ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ଥିଲେ ୨୦୨୪ ପାରା ଅଲିମ୍ପିକର ବ୍ୟାଡ଼ମିଣ୍ଟନ ବ୍ରୋଞ୍ଜ ପଦକ ବିଜୟିନୀ ନିଥ୍ୟା ଶ୍ରେ ସିଭାନ ଏବଂ ଧନୁର୍ବିଦ୍ୟାରେ ଚତୁର୍ଥ ସ୍ଥାନ ହାସଲ କରିଥିବା ଧୀରାଜ ବୋମାଦେଭରା, ଯେଉଁମାନେକି ଏହି ଉଦଯାପନୀ ଉତ୍ସବର ମୁଖ୍ୟମନ୍ତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ୮୦୦ ଛାତ୍ରଛାତ୍ରୀ ଏହି ଦୌଡ଼କୁଦ ପ୍ରତିଯୋଗିତାର ୨୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଲଙ୍ଗ ଜମ୍ପ, ହାଇ ଜମ୍ପ, ଡିସ୍କସ ଥ୍ରୋ, ସଟପୁଟ ଥ୍ରୋ, ଜାଭେଲିନ ଥ୍ରୋ ଏବଂ ୧୫୦୦ ମିଟର, ୮୦୦ ମିଟର, ୪୦୦ ମିଟର ଆଦି ବିଭିନ୍ନ କିସମର ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ପିଟି, ଡାମ୍ବେଲ ଏବଂ ଲେଜ୍ୟୁମ ଏହାକୁ ଅଧିକ ଆକର୍ଷଣୀୟ କରିଥିଲା। ଏହାକୁ ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଟାଇକୋଣ୍ଡ ମାରସିଆଲ ଆର୍ଟ୍ସ ଉଦଯାପନୀ ଉତ୍ସବକୁ ଅଧିକ ରଙ୍ଗୀନ କରିଥିଲା। ମେଣ୍ଟର ନନ୍ଦିନୀ ମୁଖାର୍ଜୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଭାରପ୍ରାପ୍ତ ଅଧକ୍ଷ ଡ଼. ଜନ୍ମେଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ମାଣ୍ଡିଆପଦର ଗ୍ରାମଦେବୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସୃଜିଆକୁ ହରାଇ ଲୋଇସିଂହା ଚାମ୍ପିଅନ



ବଲାଙ୍ଗୀର (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ମାଣ୍ଡିଆପଦର ଗ୍ରାମରେ ଚାଲିଥିବା ଜୟ ମା' ଗ୍ରାମଦେବୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଟ୍ରାଇବେକରରେ ୩-୦ ଗୋଲରେ ସୃଜିଆକୁ ହରାଇ ଲୋଇସିଂହା ଚମ୍ପିୟନ ହୋଇଛି। ସ୍ଥାନୀୟ ଖେଳପଡିଆରେ ଗତ ୧୯ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଏ ଗ୍ରୁପ୍ ଲୋଇସିଂହା ଓ ବି ଗ୍ରୁପରୁ ସୁଜିଆ ଦଳ ଫାଇନାଲକୁ ଉନ୍ନିତ ହୋଇଥିଲେ । ରବିବାର ଫାଇନାଲ ଖେଳ ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ବରାବର ରହିଥିଲା । ରେଫରିଙ୍କ ନିଷ୍ପତ୍ତି କ୍ରମେ ଟ୍ରାଇବେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଅଧାପକ ସୁରେଶ ଷଡଙ୍ଗୀ ମୁଖ୍ୟବକ୍ତା, ସରପଞ୍ଚ ରମାକାନ୍ତ ବିଶ୍ୱାଳ, ଯୁବ ନେତା ଜୟପ୍ରକାଶ ପତି ସମେତ ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଚମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ ।

### ସର୍ବ ଭାରତୀୟ 'ମହାବୀର କପ' ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସେମି ଫାଇନାଲ୍‌ରେ ଛତିଶଗଡ ଓ ମଣିପୁର

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର କୁହୁଡ଼ି ଗ୍ରାମର ମହାବୀର ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଜନତା ଷ୍ଟାଡିୟମ ରେ ଅନୁଷ୍ଠିତ ହେଉଥିବା ୬୫ ତମ ସର୍ବ ଭାରତୀୟ ମହାବୀର କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଡବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ଦକ୍ଷିଣ ପୂର୍ବ ରେଳବାଇ (ଚକ୍ରଧରପୁର) ସହିତ ଆର୍ କେ.ଏମ୍. ଫୁଟବଲ ଏକାଡେମୀ (ଛତିଶଗଡ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଶଗଡ ଦଳ ସେମି ଫାଇନାଲରେ ଏଣ୍ଟ୍ରି କରିଛି । ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଇମ୍ଫାଲ (ମଣିପୁର) ସହିତ ବେଲଗରିୟା ୨୪ ପ୍ରଗନ୍ (ୱେଷ୍ଟ ବେଙ୍ଗଲ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣିପୁର ଫୁଟବଲ ଦଳ ସେମି ଫାଇନାଲରେ ଏଣ୍ଟ୍ରି କରିଛି। ଏହି ଦୁଇଟି ଯାକ ମ୍ୟାଚରେ ଅତିଥି ଭାବରେ ଆୟୋଜକ କମିଟିର ସମ୍ପାଦକ ମନୋଜ କୁମାର ମାନସିଂହ, ସଭାପତି ରଘୁନାଥ ସ୍ୱାଇଁ, ସମାଜସେବୀ ବୁଲା ଖାଁ, ପୂର୍ବତନ ସରପଞ୍ଚ (କୁହୁଡ଼ି) ଜୟଦେବ ବେହେରା, ରାଜ ବୈରୀଗଞ୍ଜନ, କେଦାର ଦାସ, ସାମ୍ବାଦିକ ରମେଶ ନାଇଡୁ, ଶିକ୍ଷାବିତ୍ ଶଙ୍କର ଜେନା, ଲଳିତ ପଟ୍ଟନାୟକ, ହରିବନ୍ଧୁ ସାମନ୍ତରାୟ, ଗଦାଧର ପ୍ରଧାନ, କେଦାର ପତାଳସିଂହ, ରତ୍ନାକର ସାମନ୍ତରାୟ, ଲୁଲୁ ମହାପାତ୍ର,ରାମଚନ୍ଦ୍ର ନାୟକ, କମଳ ସାମନ୍ତରାୟ, ଆନନ୍ଦ ରାଓ, ଆପତି ବେହେରା ଓ ଲକ୍ଷ୍ମୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରିୟବ୍ରତ ବାହିନୀପତି, ଗୋପାଳ ସାମନ୍ତରାୟ, ରବି ନାୟକ, ବିଜୟ ରାଉତ, ରବି ନାୟକ, ଟୁଟୁ ବାହିନୀପତି, ଅଭିନାଶ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# ବିବିଧବର୍ଣ୍ଣା



ଆପଣ ଜାଣିଥିବେ କୌଣସି ଖାଦ୍ୟରେ କାଜୁ ପଡ଼ିଥିଲେ ଲୋକେ ତାକୁ ସର୍ବ ପ୍ରଥମେ ଖାଇଥାନ୍ତି । ମିଠା ଲାଗୁଥିବାରୁ ଲୋକ ମାନେ ତାକୁ ବୋହୁତ ପସନ୍ଦ କରନ୍ତି । କାଜୁରେ ଭିଟାମିନ, ତମ୍ବା, ଫସଫରସ, ଆଇରନ ଆଦିର ପରିମାଣ ଭରପୁର ହୋଇ ରହିଥାଏ, ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରାରେ ରହିଥାଏ । ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରା ରେ ରହିଥାଏ । ଏହା ଆମ ଶରୀର ପାଇ ବୋହୁତ ଲଭ ଦାୟକ ଅଟେ । ଆସନ୍ତୁ ଜାଣିବା ସବୁଦିନ ରାତିରେ ୨ ଟି କାଜୁ ଖାଇବା ଦ୍ୱାରା ଆମ ଶରୀରରେ ବା ଆମ ମଧ୍ୟ ରେ କଣ ସବୁ ପରିବର୍ତ୍ତନ ଘଟିଥାଏ । ହୃଦୟ ପାଇଁ ଭଲ ଅଟେ। ଏହା ମଧ୍ୟ ରେ ଥିବା ପୋଟାସିୟମ ବା କ୍ୟାଲସିୟମ ରହିଥାଏ। କାଜୁରେ ପ୍ରଚୁର ପରିମାଣରେ ଭିଟାମିନ ଏଲୋସିନ ମହଜୁଦ ଥାଏ । ଯଦି ଆପଣ କାଜୁ ପ୍ରତି ଦିନ ସେବନ କରିବେ ତେବେ ଆଖି ରୋଗ ହେବନାହି । ଏହା ସହ ଜଲ୍‌ଦି ଆଖି ରେ ମୋତିଆ ବିନ୍ଦୁ ହୁଏ ନାହି । କାଜୁରେ ଆଇରନ ଭରପୂର, ତେଣୁ ରକ୍ତହୀନତା ଦ୍ୱାରା କାଜୁ ବ୍ୟବହାର ଦୂର ହୁଏ । ଯଦି ଆପଣ ନିୟମିତ ଭାବରେ କାଜୁ ଖାଆନ୍ତି, ତେବେ ଆପଣଙ୍କର ସ୍ମରଣ ଶକ୍ତି ବୃଦ୍ଧି ହେବ। କାଜୁରେ ଭିଟାମିନ୍ ବି ଭରପୂର ଅଟେ, ତେଣୁ ଖାଲି ପେଟରେ ୨ଟି କାଜୁ ସହ ମହୁ ମିଶାଇ ଖାଇବା ଦ୍ୱାରା ଆପଣ ସୁସ୍ଥ ରହିଥାନ୍ତି ।





## ପ୍ରଶଂସକଙ୍କୁ ଖୁସିଖବର ଦେଲେ ନାଗା

ସାଉଥର ଚର୍ଚ୍ଚିତ ଯୋଡ଼ି ନାଗା ଚୈତନ୍ୟ ଏବଂ ଶୋଭିତା ଧୁଲିପାଲା ଡିସେମ୍ବର ୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ଉଭୟ ବିବାହ କରିଥିଲେ। ଆଜିକୁ ବିବାହର ୧୫ ଦିନ ପୁରିଛି। ଏମିତିରେ ଅଭିନେତା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ପ୍ରଶଂସକଙ୍କୁ ଖୁସିଖବର ଜଣାଇଛନ୍ତି। ଏହାକୁ ନେଇ ପ୍ରଶଂସକଙ୍କ ଉତ୍କଣ୍ଠା ବଢ଼ିଛି। ତେବେ ବିବାହ ପରେ ନାଗା ନିଜର ଅପକମିଂ ଫିଲ୍ମ 'ଥଣ୍ଡେଲ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମଟି ଫେବୃଆରୀ ୭ରେ ପରଦାକୁ ଆସିବ। ଏନେଇ ନାଗା ସୋସିଆଲ ମିଡିଆରେ ପୋଷ୍ଟର ଶେୟାର କରିଛନ୍ତି। ପୋଷ୍ଟରରେ ସାଇ ପଲ୍ଲବୀ ଏବଂ ନାଗା ଚେତନ୍ୟ ନଜର ଆସୁଛନ୍ତି। ଏହା ଫିଲ୍ମର ଦ୍ୱିତୀୟ ଗୀତର ହୋଇଥିବା ବେଳେ କାଶୀର ଦିବ୍ୟ ଘାଟରେ ରିଲିଜ କରାଯିବ ବୋଲି ସେ ପ୍ରଶଂସକଙ୍କୁ କହିଛନ୍ତି। କହିରଖୁଛୁ, 'ଥଣ୍ଡେଲ'ର ପ୍ରଥମ ଗୀତ 'ବୁଜ୍ଜି ଥଲ୍ଲୀ' ନଭେମ୍ବର ୨୧ରେ ରିଲିଜ ହୋଇଥିଲା। ଏଥିରେ ଉଭୟ ନାୟକ-ନାୟିକାଙ୍କ କେମିଷ୍ଟ୍ରି ପ୍ରଶଂସକଙ୍କ ହୃଦୟ ଜିତିଥିଲା।



## ପ୍ରେସର କୁକରରେ ଭାତ-ଡାଲି କରୁଥିଲେ....



ସାଧାରଣତଃ ଘରେ ପ୍ରତିଦିନ ଭାତ, ଡାଲି, ତରକାରୀ ଇତ୍ୟାଦି ପ୍ରସ୍ତୁତ କରିଥାଉ। ଏଥିରେ ଥିବା ଷ୍ଟିମ୍ ସିଷ୍ଟମ ପାଇଁ ଖାଦ୍ୟ ଶୀଘ୍ର ପ୍ରସ୍ତୁତ ହୋଇଥାଏ। ଡାଲିରେ ପ୍ରୋଟିନ୍, ଭିଟାମିନ୍, କାର୍ବୋହାଇଡ୍ରେଟ୍,, ଫ୍ୟାଟ୍, ମିନେରାଲ୍ସ ଇତ୍ୟାଦି ବିଶେଷ ଭାବରେ ମିଳିଥାଏ।

ବୈଜ୍ଞାନିକଙ୍କ ମତରେ ଯେତେବେଳେ ଡାଲି ଆଉ ଚାଉଳ ଏକା ସାଙ୍ଗରେ ରନ୍ଧାଯାଏ ସେଥିରେ ଥିବା ପୋଷକ ତତ୍ତ୍ୱ ବାହାରକୁ ଆସେ ଏବଂ ଲୋକେ ଏହାକୁ ଖାଇବା ଦ୍ୱାରା ହଜମ ଶୀଘ୍ର ହୋଇଥାଏ। ଏହାସହିତ ପୁଷ୍ଟିକର ଉପାଦାନଗୁଡିକ ଶରୀରରେ ସିଧାସଳଖ ପହଞ୍ଚି ଆବଶ୍ୟକ ପୁଷ୍ଟିକର ପ୍ରଦାନ କରିଥାଏ। ହେଲେ ଏହି ଖାଦ୍ୟ କେଉଁଥିରେ ପ୍ରସ୍ତୁତ ହୋଇଛି ତାହା ଜାଣିବା ଜରୁରୀ। ପ୍ରେସର କୁକରରେ ନା, ମାଟିପାତ୍ରରେ ନା କଡେଇରେ ତିଆରି କରୁଛେ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ।

### ପ୍ରେସର କୁକରରେ ଖାଦ୍ୟ ରାନ୍ଧିବା ଭଲ ନା କ୍ଷତିକାରକ:

ନିକଟରେ ଆସିଏମଆର ଦ୍ୱାରା ପ୍ରକାଶିତ ଗାଇଡଲାଇନ ଅନୁଯାୟୀ ଡାଲି, ଚାଉଳ ଏବଂ ଶସ୍ୟରେ କିଛି ଆଣ୍ଟି-ପୁଷ୍ଟିକର ସହିତ ଏନଜାଇମ୍ ରହିଥାଏ। ଯାହା ରାନ୍ଧିବା ପରେ କିମ୍ବା ପ୍ରେସର କୁକରରେ ଫୁଟିବା ପରେ ନଷ୍ଟ ହୋଇଯାଏ। ଏହାବ୍ୟତୀତ ଫାଇଟିକ୍ ଏସିଡ୍ ପରି ଉପାଦାନ ମଧ୍ୟ କମିଯାଏ। ଯେଉଁ କାରଣରୁ ଖାଦ୍ୟ ହଜମ କରିବା ଏବଂ ଜିଙ୍କ, ଆଇରନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଗ୍ରହଣ କରିବାର କ୍ଷମତା ବଢିଥାଏ। ଏଥିପାଇଁ ପ୍ରେସର କୁକରରେ ରୋଷେଇ କରିବା ଲାଭଦାୟକ ହୋଇଥାଏ।

ପ୍ରେସର କୁକରରେ ଡାଲି, ଚାଉଳ ଏବଂ ଦଲିଆ ରୋଷେଇ କରୁଥିଲେ ବିଶେଷ ଧ୍ୟାନ ଦିଅନ୍ତୁ, ଯେପରି ପାଣି ସୀମିତ ପରିମାଣରେ ଦେବେ ଏବଂ ଅଧିକ ସିଟି ଦେବେ ନାହିଁ। ଅତ୍ୟଧିକ ସିଝିବା ଦ୍ୱାରା ସେଥିରେ ଥିବା ପ୍ରୋଟିନ୍ ନଷ୍ଟ ହୋଇଯାଏ। ଲାଇସେନ୍ ଭଳି ପୋଷକ ତତ୍ତ୍ୱ ନଷ୍ଟ ହୋଇଯିବାର ସମ୍ଭାବନା ଅଧିକ ରହିଥାଏ।

ତେବେ ପ୍ରେସର କୁକରରେ ରୋଷେଇ କରିବା ନେଇ ମନରେ ଦ୍ୱନ୍ଦ୍ୱ ରଖନ୍ତୁ ନାହିଁ। ଏଥିରେ ଆପଣ ଭାତ, ଡାଲି, ଦଲିଆ ଭଳି ଖାଦ୍ୟ ପ୍ରସ୍ତୁତ କରି ଖାଇପାରିବେ। ଏଥିରୁ ପୁଷ୍ଟିକର ତତ୍ତ୍ୱ ମଧ୍ୟ ପାଇପାରିବେ।

## ମକରାସାନ ଦୂର କରିବ ମେରୁଦଣ୍ଡ ସମସ୍ୟା



ମକରାସନ ନାମକରଣ କୁମ୍ଭୀର (ମକର) ଶବ୍ଦରୁ ରଖାଯାଇଛି । ଏହି ଆସନ କୁମ୍ଭୀରର ଶରୀର ରଚନା ଅନୁସାରେ ହୋଇଥିବାରୁ ମକରାସନ କୁହାଯାଏ । ଏହି ମକରାସନର ଲାଭ , ବିଧି ବିଷୟରେ ଆସନ୍ତୁ ଜାଣିବ ।

### ପ୍ରତିଦିନ ମକରାସନ କଲେ ଏହି ସବୁ ଲାଭ ମିଳିଥାଏ

-ଉଚ୍ଚରକ୍ତଚାପ, ଆସ୍ଥମା ,ସ୍ଲିପ ଡିସ୍କ, ସାଇଟିକା, ମେରୁଦଣ୍ଡ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।

-ପାଚନଶକ୍ତି ଠିକ୍ କରେ

-ଅନିଦ୍ରା ଦୂର କରେ

-ଶରୀରରେ ରକ୍ତ ସଞ୍ଚାଳନ ଠିକ୍ କରେ

-ଥକି ଯାଇଥିଲେ ଶରୀରକୁ ଆରାମ ପ୍ରଦାନ କରିବାକୁ ଏହି ଆସନ କରି ପାରିବେ ।

ବିଧି: ଗୋଡ ଲମ୍ବାଇ ପେଟ ମାଡି ଶୋଇ ଯାଆନ୍ତୁ । ମୁଣ୍ଡ ଓ କାନ୍ଧକୁ ଉପରକୁ ଉଠାନ୍ତୁ। କହୁଣିକୁ ଭୂମିରେ ରଖି , ଦୁଇ ହାତ ପାପୁଲିରେ ଥୋମଣିକୁ ଧରି ରଖନ୍ତୁ । ମନ ରଖନ୍ତୁ ମକରାସନ ପ୍ରଭାବ ବେକ, ତଳ ପିଠି ଉପରେ ପଡିଥାଏ । ଯଦି କହୁଣିକୁ ବହୁତ ଆଗରେ ରଖିବେ ବେକରେ ଅଧିକ ପ୍ରେସର ପଡିବ , କହୁଣିକୁ ଯଦି ଛାତି ପାଖରେ ଲଗାଇ ରଖିବେ ତଳି ପିଠିରେ ଅଧିକ ଚାପ ପଡିବ । ଏଣୁ ଏହି ଆସନରେ କହୁଣିକୁ ଏହି ଦୁଇ ଜାଗାର ମଝିରେ ରଖିବେ ଯେମିତି ବେକ ଓ ପିଠିରେ ସମାନ ଚାପ ପଡିବ । ଏହି ସ୍ଥିତିରେ ଯେତେ ସମୟ ପାରିବେ ରହିବେ ଓ ନିଶ୍ୱାସପ୍ରଶ୍ୱାସ ଉପରେ ଧ୍ୟାନ ଦେବେ ।

ଯଦି ଗୁରୁତର ପିଠି ପୀଡା ଅଛି ଏହି ଆସନ କରନ୍ତୁ ନାହିଁ । ମକରାସନ ପରେ କିଛି ସମୟ ଶବାସାନ ଅବଶ୍ୟ କରନ୍ତୁ ।

## ୧୦୦ କୋଟି ଦେଲେ ବି ଶାଶୂ ରୋଲ କରିବିନି: ଅମୀଷା



ଅଭିନେତ୍ରୀ ଅମୀଷା ପଟେଲ 'ଗଦର-୨' ନିର୍ଦ୍ଦେଶକ ଅନିଲ ଶର୍ମାଙ୍କର ଏକ ବୟାନକୁ ନେଇ ରାଗିଯାଇଛନ୍ତି । ନିକଟରେ ଏକ ସାକ୍ଷାତକାରରେ ଅନୀଲ ତାଙ୍କ ବୟସକୁ ନେଇ ଆଲୋଚନା କରିଥିଲେ । କହିଥିଲେ ଯେ ଅମୀଷା 'ଗଦର ୨ 'ରେ ଶାଶୂ ଭୂମିକା ନିର୍ବାହ କରିବାକୁ ରାଜି ନ ଥିଲେ । ସେ ନିଜ ବୟସ ଦେଖିବା କଥା । ଅନିଲଙ୍କ ବୟାନର ଜବାବ ଦେଇ ଅମୀଷା କହିଛନ୍ତି, ୧୦୦ କୋଟି ମିଳିଲେ ବି ସେ ଶାଶୂ ଭୂମିକା ନିର୍ବାହ କରିବେ ନାହିଁ । ଅମୀଷା ଅନିଲଙ୍କ ସାକ୍ଷାତକାରକୁ ଏକ୍ସ ପ୍ଲାଟ୍‌ଫର୍ମରେ ପୁନଃ ପୋଷ୍ଟ୍ କରି କହିଛନ୍ତି 'ପ୍ରିୟ ଅନିଲ ଜୀ, ଏହା ପ୍ରକୃତ ପରିବାରର ବାସ୍ତବତା ନୁହେଁ, ବରଂ ଏକ ଫିଲ୍ମ। ମୋତେ କ'ଣ କରିବା କଥା ଓ କ'ଣ ନୁହେଁ, ତାହା କହିବାରେ ମୋର ପୂରା ଅଧିକାର ଅଛି । ମୁଁ ଆପଣଙ୍କୁ ସମ୍ମାନ ଦିଏ । ଯଦି ଆପଣ ମୋତେ ୧୦୦ କୋଟି ବି ଦେବେ, ଗଦର କିମ୍ବା ଅନ୍ୟ କୌଣସି ଫିଲ୍ମରେ ମୁଁ ଶାଶୂ ଭୂମିକା ନିର୍ବାହ କରିବି ନାହିଁ । ଅନିଲ ସାକ୍ଷାତାକରରେ 'ଗଦର-୨ 'ରେ ଅମୀଷାଙ୍କର ଅନେକ ଅଭିଳାଷ ବିଷୟରେ କହିଥିଲେ- ମୂଳ ଫିଲ୍ମ ଭଳି ସିକ୍ୱେଲରେ ତାଙ୍କୁ ସେତିକି ସ୍କ୍ରିନ୍‌ସ୍ପେସ୍ ମିଳିନଥିଲା । ସେ ସୁନ୍ଦର, ନିଜ ପରିଶ୍ରମରେ କାମ କରୁଛନ୍ତି । କିନ୍ତୁ ବୟସ ମଧ୍ୟ ଏକ ବଡ଼ କାରକ । ଫିଲ୍ମରେ ଜିତେର ମା' ହେଲେ, ତାଙ୍କ ପନ୍ୀର ଶାଶୂ ବି ହେବାକୁ ପଡ଼ିବ । ନ ?ଗିସ ମଧ୍ୟ ଯୁବ ବୟସରେ 'ମଦର ଇଣ୍ଡିଆ' ଫିଲ୍ମରେ ମା' ହୋଇଥିଲେ । ଏହା କରିବାକୁ ପଡ଼େ । କହିବାକୁ ଗଲେ ୨୦୨୩ରେ 'ଗଦର-୨' ରିଲିଜ୍ ପୂର୍ବରୁ ଅମୀଷା ଓ ଅନିଲଙ୍କ ମଧ୍ୟରେ ମନୋମାଳିନ୍ୟ ସାମ୍ନାକୁ ଆସିଥିଲା । ଫିଲ୍ମ ରିଲିଜ୍‌ର କିଛି ଦିନ ପୂର୍ବରୁ ଅନିଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ଅମୀଷା । ସୁଟିଂ ସମୟରେ ସେ କ୍ରୁ ସଦସ୍ୟଙ୍କୁ ଟଙ୍କା ଦେଇନଥିବା କଥା ଉଠାଇ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ୍ ଲେଖିଥିଲେ । ସୃଜନାତ୍ମକ ମତପାର୍ଥକ୍ୟ ଯୋଗୁ ଫିଲ୍ମ ସୁଟିଂ ସମୟରେ ଉଭୟ ପରସ୍ପର ସହ କଥା ହେଉନଥିଲେ ବୋଲି ଅମୀଷା ଅନେକ ସାକ୍ଷାତକାରରେ କହିଥିଲେ ।





## ଆୟୁଷ୍ମାନଙ୍କ ସହ ସ୍କ୍ରିନସେୟାର କରିବେ ରଶ୍ମିକା

ସାଉଥ ଅଭିନେତ୍ରୀ ଅଭିନେତ୍ରୀ ରଶ୍ମିକା ମନ୍ଦାନା । ଆୟୁଷ୍ମାନ ଖୁରାନା ନିକଟରେ ନିଜର ଅପ୍‌କମିଂ ଫିଲ୍ମ 'ଥାମା' ସଂପର୍କରେ ଘୋଷଣା କରିଥିଲେ । ଏବେ ଏହି ଫିଲ୍ମ ସହ ଜଡ଼ିତ ଆଉ ଏକ ଅପ୍‌ଡେଟ୍ ସାମ୍ନାକୁ ଆସିଛି । ସେ ଅନୁସାରେ, ମୁମ୍ବାଇର ଚିତ୍ରା ଷ୍ଟୁଡିଓରେ ଫିଲ୍ମର ପ୍ରଥମ ପର୍ଯ୍ୟାୟ ସୁଟିଂ ଆରମ୍ଭ ହୋଇଯାଇଛି । ଜାନୁଆରୀରେ ଦିଲ୍ଲୀରେ ପୁଣି ସୁଟିଂ ଆରମ୍ଭ ହେବ । ଏହାପରେ ଫେବ୍ରୁଆରୀ ମାସରେ ଉଟିର ଜଙ୍ଗଲରେ ଫିଲ୍ମର ଅନେକ ଦୃଶ୍ୟର ସୁଟିଂ କରାଯିବାର ଯୋଜନା ରହିଛି । ଏଥିରେ ରଶ୍ମିକା-ଆୟୁଷ୍ମାନଙ୍କ ବ୍ୟତୀତ ନୱାଜୁଦ୍ଦିନ ସିଦ୍ଦିକି ଓ ପରେଶ ରାୱଲଙ୍କୁ ମଧ୍ୟ ଦେଖିବାକୁ ମିଳିବ । ନୱାଜୁଦ୍ଦିନ୍ ? ସିଦ୍ଦିକି ନେଗେଟିଭ୍ ରୋଲ୍‌ରେ ଅଛନ୍ତି। 'ଥାମା' ଏକ ହରର' କମେଡି ହୋଇଥିବାବେଳେ ଅକ୍ଟୋବରରେ ଫିଲ୍ମର ସୁଟିଂ ଆରମ୍ଭ ହେବାର ଥିଲ । କିନ୍ତୁ ତାହା ବିଭିନ୍ନ କାରଣରୁ ବିଳମ୍ବିତ ହୋଇଥିଲା । ଆସନ୍ତାବର୍ଷ ଦୀପାବଳିରେ ଫିଲ୍ମଟି ରିଲିଜ୍ ହେବାର ଅଛି । ଏଥିରେ ପ୍ରଥମ ଥର ଲାଗି ଆୟୁଷ୍ମାନ ଖୁରାନା ଓ ରଶ୍ମିକାଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ । 'ଥାମା' ବ୍ୟତୀତ ରଶ୍ମିକା 'ସିକନ୍ଦର', 'ଛାୱା'ରେ ମଧ୍ୟ ନଜର ଆସିବେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବାରଙ୍ଗ (ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣି ଶିବିରରେ କଟକ ଡିସିପି ଜଗ ମୋହନ ମିନା, କଟକ ଅତିରିକ୍ତ ମାଜିଷ୍ଟ୍ରେଟ ଶିବ ଟୋପୋ, ଡେପୁଟି କଲେକଟର ଶର୍ମିଷ୍ଠା ଦାସ, ବାରଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣିରେ ମୋଟ ୩୪ ଗୋଟି ଅଭିଯୋଗ ଗ୍ରହଣ କରଯାଇଥିଲା। ସେଥି ମଧ୍ୟରୁ ୭ଜଣଙ୍କର ବ୍ୟକ୍ତିଗତଭାବେ ଜମିଜିମା ମାମଲା ରହିଥିବାବେଳେ ଦିବ୍ୟାଙ୍ଗ ଭତ୍ତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସମସ୍ୟା ଉପର ଅଭିଯୋଗ ମଧ୍ୟ ହୋଇଥିଲା। ମୁଣ୍ଡଳୀ ସରପଞ୍ଚ କଣ୍ଟେଇ ସାହୁ ମୁଣ୍ଡଳୀ ନିକଟବର୍ତ୍ତୀ ବାଆଁରା ପଞ୍ଚାୟତ ଅଧିନସ୍ଥରେ ଥିବା ଇଥାନାଲ କମ୍ପାନୀ କାରଖାନାରୁ ପ୍ରଦ୍ୟୁଷଣରୁ ଅଞ୍ଚଳର ଜନ ସାଧାରଣ ଅତିଷ୍ଟ ହେବା ସହ ଚର୍ମ ରୋଗରେ ପୀଡିତ ହେବାର ଆଶଙ୍କା ଥିବାରୁ ଲୋକଙ୍କ ହିତ ପାଇଁ ଏହି କାରଖାନାକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।



# ଅଦିନିଆ ବର୍ଷା, ଉଜୁଡ଼ିଗଲା ଧାନ ଓ ପନିପରିବା ଫସଲ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ତିନିଦିନ ହେଲା କ୍ରମାଗତ ଭାବେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ୪୧ଟି ଗ୍ରାମପଂଚାୟତ ଅଂଚଳରେ ଲଘୁଚାପ ଜନିତ ତୁହାକୁ ତୁହା ବର୍ଷା ଲାଗି ରହିଛି। ଚାଷୀ ଖରିଫ ଫସଲ ଅମଳ କରିବା ପାଇଁ ଅଣ୍ଟା ଭିଡିଥିବା ବେଳେ ବର୍ଷା ସେମାନଙ୍କ ଆହାର ମୁହଁରେ ପାହାର ଦେଇଛି। କିଏ ଧାନ କାଟି ବିଲରେ ପକାଇଛି ତ କିଏ ହିଡ ମୁଣ୍ଡରେ ଧାନ ବିଡାକୁ ପାଣିରୁ ଛାଣି ରଖୁଥିବା ଦେଖାଯାଇଛି। ଏପରକି ଖଳାକୁ ଆଣିଥିବା ଧାନ ମଧ୍ୟ ଭିଜି ଯାଇଥିବାରୁ ଚାଷୀମୁଣ୍ଡରେ ଚଡକ ପଡିଛି। ଚଳିତ ବର୍ଷ ଧାନର ଦର ବୃଦ୍ଧି ସହ ଧାନର ମାନ ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ କ୍ଷେତରେ କିଛି ଲୋକଙ୍କ ଧାନ ଠିଆ ହୋଇଥିଲେ ମଧ୍ୟ ବର୍ଷା ଖାଇ ତାହା ତଳେପଡି ନଷ୍ଟ ହେବାକୁ ବସିଲାଣି। ଭିଜା ଧାନକୁ ଚାଷୀ କଣ କରିବେ କିପରି ବିକିବେ ଚିନ୍ତାରେ ଥିବା ବେଳେ ପୁଣି ଏକ ଲଘୁଚାପ ବର୍ଷାର ସୂଚନା ପାଇ ଚାଷୀ ମୁଣ୍ଡରେ ଚଡକ ପଡିଛି। କେବଳ ଧାନ ଚାଷୀ ନୁହଁନ୍ତି ପରିବା ଚାଷୀମାନେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ହେବା ଯୋଗୁ କୋବି କ୍ଷେତ ନଷ୍ଟ ହୋଇଯାଇଥିବା ବେଳେ ତରବରିଆ ଭାବେ ଚାଷୀ କୋବି ଆଣି ହାଟ ବଜାରରେ ବିକିବା ପାଇଁ ନାକେଦମ ହେଉଛନ୍ତି। ୩୦ଟଙ୍କା କୋବିର ବଜାର ଦର ଥିବା ବେଳେ ଗ୍ରହକମାନେ ୧୦ଟଙ୍କା ଦେବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ପଚିଯିବା ଭୟରେ କୋବି ଚାଷୀ ଶାଗମାଛ ଦରରେ କୋବି ବିକୁଥିବା ବେଳେ ଶିତଦିନିଆ ପରିବା ଫସଲ ଯଥା ବିନ, ବିଲାତି ବାଇଗଣ, କଲରା, ଝୁଡଙ୍ଗ ଛୁଇଁ ଓ ଭେଣ୍ଡି ପ୍ରଭୃତି ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ସରକାର ତୁରନ୍ତ ଚାଷୀଙ୍କ ହୋଇଥିବା କ୍ଷୟକ୍ଷତିର ଆକଳନ କରି ସହାୟତା ଦେବାକୁ କୃଷକ ସଙ୍ଗଠନ ଗୁଡିକ ଦାବି କରିଛନ୍ତି। ଏପରିକି ଧାନ କ୍ରୟ ସମୟରେ ଧାନର ମାନ ନିର୍ଦ୍ଧାରଣ ସମୟରେ କୋହଳ ମନୋଭାବ ପୋଷଣ କରିବାକୁ ସରକାରୀ ନିର୍ଦ୍ଦେଶ ଆସିବା ଦରକାର ବୋଲି ସିପିଆଇ ନେତା ତ୍ରୈଲୋକ୍ୟ ନାଥ ଦାବି କରିଛନ୍ତି। କୃଷି ଅଧିକାରୀ ସିଦ୍ଧାର୍ଥ ସାରଥି ପରିଡା କୁହନ୍ତି କଟାହୋଇ ବିଲରେ ପଡିଥିବା ଧାନ ପ୍ରଭାବିତ ହେବ। ଠିଆ ହୋଇଥିବା ଧାନ ଅଧିକ ପ୍ରଭାବିତ ହୋଇନପାରେ। କ୍ଷୟକ୍ଷତି ଆକଳନ ପାଇଁ ସରକାରୀ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

# ଦଣ୍ଡାଧାର ପର୍ଯ୍ୟଟନ ସ୍ଥଳୀ ଲୋକାର୍ପିତ କଲେ ଉପ ମୁଖ୍ୟମନ୍ତ୍ରୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ): କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ ଦଣ୍ଡାଧାର ପର୍ଯ୍ୟଟନ ସ୍ଥଳୀକୁ ଉପ-ମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡ଼ା ଲୋକାର୍ପିତ କରିଛନ୍ତି। ୫ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ଏହି ପର୍ଯ୍ୟଟନ ସ୍ଥଳୀରେ ପାର୍କିଂ ବ୍ୟବସ୍ଥା, ଶିଶୁ କ୍ରୀଡ଼ା କ୍ଷେତ୍ର, ଭୋଜି ପିଣ୍ଡି, ଚଲାରାସ୍ତା,ଶୌଚାଳୟ, ଫୁଡ୍ ପ୍ଲାଜା ନିର୍ମାଣ ଆଦି ଉନ୍ନତିକରଣ କାର୍ଯ୍ୟ କରା ଯାଇଛି। ଆବଶ୍ୟକ ପଡିଲେ ଆହୁରି ୧୦ କୋଟି ଟଙ୍କା ମଂଜୁର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ବିକଶିତ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ସମସ୍ତ ପ୍ରକାରର ଉଦ୍ୟମ କରୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଢେଙ୍କାନାଳ ଜିଲ୍ଲାକୁ ଅଗ୍ରାଧିକାର ଦିଆ ଯାଇଛି ବୋଲି କହିଥିଲେ। ମହିଳାମାନଙ୍କ ବିକାଶ, ସୁରକ୍ଷା ଏବଂ ସ୍ୱାର୍ଥ୍ୟରକ୍ଷା ସରକାରଙ୍କ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ । ସୁଭଦ୍ରା ଯୋଜନାରୁ ଜଣେ ହେଲେ ହିତାଧିକାରୀଙ୍କୁ ବଂଚିତ କରାଯିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ଆକର୍ଷଣ ବୃଦ୍ଧି ପାଇବ, ଏଥି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳିତ



ଭଞ୍ଜନଗର (ଭାସ୍କର ନ୍ୟୁଜ): ଜଳ ସଂପଦ ବିଭାଗ ପକ୍ଷରୁ ରବିବାର ଭଞ୍ଜନଗର ଜଳସେଚନ ବିଭାଜନ ଅଧିନ ସୋରିଷମୂଳୀ ବ୍ୟାରେଜ୍ ନିକଟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିକ୍ଷଣ ଯନ୍ତ୍ରୀ ଇଂ.ରବିନ୍ଦ୍ରନାଥ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ଯୋଜନା ବାବଦରେ କହିଥିଲେ। ଏହା ସହ ଭଞ୍ଜନଗର ଉପଖଣ୍ଡ ଅଧିନ ସମସ୍ତ ବ୍ଲକର ଚାଷ ଜମି ଆଗାମୀ ଦିନରେ କିଭଳି ଜଳସେଚିତ ହୋଇ ପାରିବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କହିଥିଲେ। ମେଗା ଜଳସେଚିତ ପ୍ରକଳ୍ପ ଗୁଡିକୁ ସଜଡାଯିବ। ନଦୀରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ସବୁ ଜମିକୁ ଜଳସେଚିତ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି। ସରକାରଙ୍କ ବହୁ ଜନହିତକର ଯୋଜନା ସହ ଚାଷୀଙ୍କ ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ସୋରଡା ବିଧାୟକ ନିଳମଣୀ ବିଷୋୟୀ କହିଥିଲେ। ବିଭିନ୍ନ ସମସ୍ୟା ବାବଦରେ ଇଂ ଶ୍ରୀ ସେଠୀ ଦୁଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିତା ମହାପାତ୍ର, ବାଘୁଆ ପାଣି ପଞ୍ଚାୟତ ସଭାପତି ଗଙ୍ଗାଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀଙ୍କ ସମେତ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳସଂପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ମାମଲାରେ ଆସାମୀଙ୍କୁ ୭ ବର୍ଷ ଜେଲ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସହକାରୀ ଦୌରା ଜର୍ଜ (ମହିଳା ଅଦାଲତ) ବବିତା ଦାସ ଏକ ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି । ଉକ୍ତ ମାମଲାରେ ସମ୍ପୃକ୍ତ ଥିବା ଆସାମୀଙ୍କୁ ୭ ବର୍ଷ ଜେଲ ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଭରିବା ପାଇଁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ପ୍ରକାଶ ଥାଉ କି, ଗତ ୦୨.୦୨.୨୦୦୯ ତାରିଖରେ ମୁଦୁଲିପଡା ଥାନାରେ ଜଣେ ୫୦ ବର୍ଷୀୟ ମହିଳା ଏକ ଅଭିଯୋଗ କରିଥିଲେ ଯେ, ଗତ ୦୧.୦୨.୨୦୦୯ ତାରିଖ ଦିନ ଖଇରପୁଟ ବ୍ଲକ ଅନ୍ତର୍ଗତ ଅନ୍ଦୁଆଝୋଲି ଗ୍ରାମର ଜଣେ ମହିଳା ନିକଟସ୍ଥ ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ କରିବା ନିମନ୍ତେ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ସେଖ୍ ସୁରି ନାମକ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ତାଙ୍କ ଦୁଇଟି ହାତକୁ ଜୋରଜବରଦସ୍ତ ବାନ୍ଧି ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ ପରେ ଯଦି ଏ ସମ୍ବନ୍ଧରେ ଗ୍ରାମବାସୀ କିମ୍ବା ପୋଲିସକୁ କହିଲେ ତାଙ୍କୁ ଜୀବନରେ ମାରିଦେବା ଧମକ ମଧ୍ୟ ଦେଇଥିଲେ। ମହିଳା ଜଣକ ଜଙ୍ଗଲରୁ ଘରକୁ ଫେରିବା ପରେ ଏହି ଘଟଣା ସମ୍ବନ୍ଧରେ ତାଙ୍କ ଝିଅକୁ କହିଥିଲେ । ତାଙ୍କ ଝିଅ ଓ ମହିଳା ଜଣକ ୦୨.୦୨.୨୦୦୯ ତାରିଖ ଦିନ ଏ ସମ୍ବନ୍ଧରେ ମୁଦୁଲିପଡା ଥାନାରେ ଅଭି ଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ମୁଦୁଲିପଡା ଥାନା ପୋଲିସ ଏ ସମ୍ବନ୍ଧରେ ତଦନ୍ତ କରିବା ସହ ମହିଳା ଜଣଙ୍କ ଡାକ୍ତରୀ ପରୀକ୍ଷା, ଘଟଣା ସ୍ଥଳକୁ ଯାଇ ସେଠାରେ ତଦନ୍ତ କରିବା ପରେ ଆସାମୀ ସେଖ ସୁରିଙ୍କୁ ଗିରଫ କରିଥିଲେ। ତେବେ ଏହି ମାମଲା ଆଜକୁ ୧୫ ବର୍ଷ ବିତି ଯାଇଥିବା ବେଳେ ଆଜି ଏହି ମାମଲାର ରାୟ ଶୁଣା ଯାଇଛି।

# କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ

ବାରପଦା (ଭାସ୍କର ନ୍ୟୁଜ): ପୋଷଣ ଅଭିଯାନ ଅଧୀନରେ ଏକ ପ୍ରେରଣାଦାୟକ ପଦକ୍ଷେପରେ ଶିମିଳିପାଳ ଅଞ୍ଚଳର ରଙ୍ଗାମାଟିଆ, ଝିନେଇ ଏବଂ ସୀତାକୁଣ୍ଡ ଗ୍ରାମରେ ଥିବା ମାଙ୍କିଡିଆ ଏବଂ ଖଡିଆ ଜାତି ଓ ଅନ୍ୟ ଜନଜାତିଙ୍କୁ ପ୍ରୋଟିନ ସପ୍ଲିମେଣ୍ଟ ଏବଂ କମ୍ବଳ ବଣ୍ଟନ କରାଯାଇଛି। ୨୨ ଏବଂ ୨୩ ଡିସେମ୍ବର ୨୦୨୪ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜାତିମାନେ ପ୍ରାୟତଃ ଚାଳିଆ ଘରେ ଜୀବନ ଯାପନ କରନ୍ତି ଏବଂ ସ୍ଥାୟୀ ଆଶ୍ରୟର ଅଭାବରେ ଅତ୍ୟନ୍ତ କଠିନ ପରିସ୍ଥିତିରେ ବସବାସ କରିଥାନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଜୀବନ ଧାରଣ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିବା ସହିତ ସମାଜର ଓ ଲୋକ ଲୋଚନକୁ ତାଙ୍କ ସମସ୍ୟା ସମୂହକୁ ଆଣିବା। କାର୍ଯ୍ୟକ୍ରମ ଏମପିସି ଅଟୋନୋମସ୍ କଲେଜର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏଥିରେ ଏନଏସଏସ୍, ରେଡ୍ କ୍ରସ୍ ଏବଂ ରୋଭର-ରେଞ୍ଜର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ଏକ ଉତ୍ସର୍ଗୀକୃତ ଏବଂ ସମାନତାର ଆଦର୍ଶରେ ଅନୁପ୍ରାଣିତ କରି ଆଜିର ଯୁବପିଢ଼ିଙ୍କୁ ଗୋଟିଏ ପ୍ଲାଟଫର୍ମ ତଳେ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ଏକତ୍ରିତ କରିଥିଲା। ଏହି ଅଞ୍ଚଳରେ ଏବେ ଥିବା ଅନ୍ୟ ସମସ୍ୟାଗୁଡ଼ିକ ସମାଧାନଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାର ନିଷ୍ପତ୍ତି ହୋଇଥିଲା। ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଏହି ପ୍ରୟାସର ଗୁରୁତ୍ୱ ଉଲ୍ଲେଖ କରି, କହିଛନ୍ତି ଯେ, “ଏପରି କାର୍ଯ୍ୟକ୍ରମ ଗୁଡ଼ିକ ଜନଜାତି ମାନଙ୍କର ପ୍ରଗତି ସାଧନରେ ଅତ୍ୟନ୍ତ ଆବଶ୍ୟକ। ଏହା ତାଙ୍କର ତତ୍କାଳୀନ ଆବଶ୍ୟକତା ଗୁଡ଼ିକ ପୂରଣ କରିବା ଦ୍ୱାରା ଦୀର୍ଘକାଳୀନ ସମାଧାନ ପାଇଁ ପଥପ୍ରଶସ୍ତ କରିଥାଏ।

# ବ୍ୟକ୍ତିଙ୍କୁ ଅପହରଣ ପରେ ହତ୍ୟା କଲେ ମାଓବାଦୀ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବୀଜାପୁର ଜିଲ୍ଲାର ରେଡି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିନେଇ ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାୟୀ ବୀଜାପୁର ଜିଲ୍ଲାର ଗଙ୍ଗାଲୁର ଥାନା ଅନ୍ତର୍ଗତ ରେଡି ଗ୍ରାମର ମୁକେଶ ହେମଲା ଗ୍ରାମ ନିକଟରେ ହେଉଥିବା ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ କିଛି ବନ୍ଧୁକ ଧରି ମାଓବାଦୀ ହଟାତ ପଶି ଆସି ମୁକେଶଙ୍କୁ ବନ୍ଧୁକ ମୁନରେ ଅପହରଣ କରି ନେଇଥିଲେ। ହାଟ ଠାରୁ କିଛି ଦୂରରେ ମାଓବାଦୀ ମାନେ ମୁକେଶଙ୍କୁ ନିର୍ମମ ଭାବେ ହତ୍ୟା କରି ସେଠାରେ ତାଙ୍କ ମର ଶରୀର ସହ ଗୋଟିଏ ହାତ ଲେଖା ଚିଠି ମଧ୍ୟ ଛାଡି ଚାଲି ଯାଇଥିବା ଦେଖିବାକୁ ମିଳିଛି। ଯେଉଁ ଚିଠିରେ ମୁକେଶ ପୋଲିସ ସୂଚନାଦାତା ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖି ରହିଛି। ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସ୍ୱାଇକ ହୋଲରେ ପଡି ଯବାନ ଆହତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ହିଂସାକାଣ୍ଡ ଥମିବାର ନା ଧରୁ ନାହିଁ । କେଉଁଠି ପୁଲିସକୁ ଟାର୍ଗେଟ କରି ଆକ୍ରମଣ କଲେଣି ତ ଆଉ କେଉଁଠି ପୁଲିସ ସୂଚନା ଦାତା ସନ୍ଦେହ ରେ ଗ୍ରାମ ବାସୀଙ୍କୁ ହତ୍ୟା କଲେଣି । ମାଓବାଦୀଙ୍କ ସ୍ୱାଇକ ହୋଲରେ ପଡି ଜଣେ ଯବାନ ଆହତ ହୋଇଛନ୍ତି। ଏମିତି ଦୁଇ ଦିନରେ ଦୁଇଟି ସ୍ଥାନ ରେ ପୃଥକ ପୃଥକ ଭାବେ ମାଓବାଦୀ ମାନେ ହିଂସାକାଣ୍ଡ ଘଟାଇ ପୁଲିସର ମୁଣ୍ଡବଥାର କାରଣ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଦନ୍ତେୱାର୍ଡ ଓ ବିଜେପୁର ଜିଲ୍ଲା ପୁଲିସ ଓ ଡିଆରଜି ଯବାନ ମାନେ ବାସାଗୁଡା ଥାନା ଅଞ୍ଚଳ ଜଙ୍ଗଲରେ ମିଳିତ ମାଓ ଅପରେସନରେ ଯାଇଥିଲେ। ଜଙ୍ଗଲରେ ଯାଉଥିବା ବେଳେ ପୂର୍ବରୁ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀ ଖୋଳିଥିବା ସ୍ୱାଇକ ହୋଲରେ ଆଶିଷ ନାଗ ନାମକ ଜଣେ ଡିଆରଜି ଯବାନ ଗାଳି ପଡି ଆହତ ହୋଇଛନ୍ତି । ତାଙ୍କୁ ସଙ୍ଗେ ସଙ୍ଗେ ଅନ୍ୟ ଯବାନ ମାନେ ଚିକିତ୍ସା ନିମନ୍ତେ ହସ୍ପିଟାଲ ରେ ଭର୍ତ୍ତି କରିଛନ୍ତି।

# ଦୁଃସାହସିକ କୋଷ୍ଟାଲ ଟ୍ରେକିଂ କାର୍ଯ୍ୟକ୍ରମ




ପୁରୀ (ଭାସ୍କର ନ୍ୟୁଜ): ସହରର ନଳାପାଣି ଓ ହୋଟେଲର ଆବର୍ଜନା ଜଳରେ ଏବେ ସମୁଦ୍ର ପ୍ରଦ୍ୟୁଷିତ। ପର୍ଯ୍ୟଟକଙ୍କ ବର୍ଜ୍ୟ ପ୍ଲାଷ୍ଟିକ,ପଲିଥିନ ଓ ବ୍ୟବହୃତ ଖାଦ୍ୟଦ୍ରବ୍ୟ ରେ ସାମୁଦ୍ରିକ ଜୀବନ ଅସୁରକ୍ଷିତ। ଏହି କାରଣରୁ ଚିଲିକା ଏବେ ଅଧା ପୋତି ହୋଇଗଲାଣି। ଡଲଫିନମାନେ ଅଦୃଶ୍ୟ ହେବା ଆରମ୍ଭ କଲେଣି ଓ ଅଲିଭ ରିଡଲେ କଇଁଛମାନେ ସମୁଦ୍ର ର ଯନ୍ତ୍ରଚାଳିତ ଟ୍ରଲର ଓ ଜାହାଜର ଶବ୍ଦାଘାତ ରେ କ୍ଷତାକ୍ତ ହେଲେଣି। ଏସବୁକୁ ଏଡାଇ ଏକ ସୁରକ୍ଷିତ ବେଳାଭୂମି,ପ୍ରଦ୍ୟୁଷଣମୁକ୍ତ ସମୁଦ୍ର ଓ ଚିଲିକା ସହ ସ୍ୱଚ୍ଛ ଓ ସବୁଜ ବେଳାଭୂମିର ସ୍ଲୋଗାନ ଧରି ମିଶନ ଓଡ଼ିଶାର ସଂପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେସ୍ୱେଚ୍ଛାସେବୀ ମିତ୍ରଭାନୁ ନାୟକ ଓ ବିବୁଲ ମଲ୍ଲିକ ପ୍ରଭୃତିଙ୍କୁ ନେଇ ଏକ ଦଳ ପୁରୀ ଲାଇଟ ହାଉସ୍ ବେଳାଭୂମି କୂଳେ କୂଳେ ୪୮କିଲୋମିଟର ଯାଇ ସାତପଡାରେ ପହଞ୍ଚିଛନ୍ତି। ପାହାନ୍ତି ସକାଳେ ପୁରୀ ଲାଇଟ୍ ହାଉସ୍ ଠାରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ର ଅଧିକାରୀ ହରେଶ ମିଶ୍ର, ପରିବେଶବିତ୍ ବଦ୍ରି ମିଶ୍ର, ଅନ୍ତଃଜାତୀୟ ବାଲୁକାଶିଳ୍ପୀ ମାନସ ସାହୁ, ପ୍ରକୃତି ବନ୍ଧୁ ଭାସ୍କର ପୂଜାରୀ,ମିଶନ ଓଡ଼ିଶାର କେଦାରନାଥ ମହାପାତ୍ର ଓ ଶିବରାମ ପ୍ରଧାନଙ୍କ ସମେତ ନେହେରୁ ଯୁବ କେନ୍ଦ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ର ଅଧିକାରୀମାନେ ଉପସ୍ଥିତ ରହି ଏହି କୋଷ୍ଟାଲ ଟ୍ରେକିଂ ଦଳର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ଏହି କାର୍ଯ୍ୟକ୍ରମ କୁ ନେହେରୁ ଯୁବ କେନ୍ଦ୍ର ଓ ମିଶନ ଓଡ଼ିଶା ମିଳିତ ଭାବେ-କେନ୍ଦ୍ର ସରକାରଙ୍କ ‘ମାଇ ଇଣ୍ଡିଆ‘କାର୍ଯ୍ୟକ୍ରମ ଜରିଆରେ ଏହି କୋଷ୍ଟାଲ ଟ୍ରେକିଂ କରୁଛନ୍ତି।

# ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି




ପୁରୀ (ଭାସ୍କର ନ୍ୟୁଜ): ସଦଭାବନା ସଭା ଗୃହ ଠାରେ ଗୁଡ଼ ଗଭର୍ଣ୍ଣାନ୍ସ ବା ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେମିତି ଲୋକ ମାନଙ୍କ ନିକଟରେ ସହଜରେ ଉପଲବ୍ଧ ହେବ ଓ ଲୋକ ମାନଙ୍କ ମୌଳିକ ଆବଶ୍ୟକତା, ସମସ୍ୟା ଓ ତାହାର ସମାଧାନ କ୍ଷେତ୍ରରେ ବିଭାଗ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବୋଧର ସହ କାର୍ଯ୍ୟ କରିବେ ତାହା ହିଁ ସୁଶାସନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସେଥିପାଇଁ ଅଭିଯୋଗ ଶୁଣାଣି କୁ ଗୁରୁତ୍ୱ ଦିଆଯାଇ ସକ୍ରିୟ କରାଯାଉଛି ବୋଲି ସେ ମତ ଦେବା ସହ ଜନ ସାଧାରଣ ଯେତେ ସଚେତନ ହେବେ ସେମାନଙ୍କ ସମସ୍ୟା ସମାଧାନ ସେତେ ସହଜ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ ସେମାନଙ୍କ ଲୋକାଭିମୁଖୀ ଯୋଜନାର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ବିବେକାନନ୍ଦ ସାହୁ, ସହଦେବ ସାହୁ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ତନ୍ମୟ ଦାସ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୫ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୫୮ ଟି,ଗ୍ରାମ୍ୟ ସମସ୍ୟା ୬ ଗୋଟି,ରେଡକ୍ରସରୁ ସହାୟତା ୧ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ତତ୍କାଳୀନ ୮ ଟି ର ସମାଧାନ ହୋଇଥିଲା।

# କତାମେଟା ଉତ୍ସବ ଆୟୋଜିତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କତାମେଟାରେ ପ୍ରଥମ ଥର ପାଇଁ କତାମେଟା ଉତ୍ସବ ଆରମ୍ଭ ହୋଇଛି। ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କତାମେଟା ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ପ୍ରଥମ ଥର ଏହି କତାମେଟା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମିନା ବଜାର ସହ ଅପେରା ଓ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୨୨ ତାରିଖ ରାତିରୁ ଏହି ଉତ୍ସବ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୮ ତାରିଖ ଯାଏଁ ଏହି ଉତ୍ସବ ଜାରି ରହିବ। ତେବେ ଏହି ଅବସରରେ ପ୍ରଥମ ଦିନର ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜନ ପ୍ରତିନିଧି ମାନେ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ। ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏହା ଆଗାମୀ ଦିନରେ ଆହୁରି ଅଧିକ ଉତ୍ସାହର ସହ ପାଳନ କରାଯିବ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି।

# ବାଣୀ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକୋତ୍ସବ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ୍ ନଡିଆଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଣୀ ସରକାରୀ ଉଚ୍ଚ ବିଦ୍ୟାପଠ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ ପ୍ରତିଷ୍ଠାତା ସଦସ୍ୟ କୈଳାସ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଓ ପୂର୍ଣ୍ଣାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ କ୍ଷୀରୋଦ କୁମାର ସାହୁ, ସମିତିସଭ୍ୟା ସନ୍ଧ୍ୟାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ସାହୁ, ପୂର୍ବତନ କ୍ରୀଡା ଶିକ୍ଷକ ଅକାରଣ ବେହେରା, ପୂର୍ବତନ ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷକ ହୃଷିକେଶ ମୁଦୁଲି, ବ୍ରଜ କିଶୋର ବେହେରା, ପୂର୍ବତନ କ୍ରୀଡା ଜୋନ୍ ସମ୍ପାଦକ ନରେଶ କୁମାର ମହାରଣା ଉପସ୍ଥିତ ଥିଲେ।

# ଏନ୍‌ଟିପିସିରେ ଠିକା କର୍ମଚାରୀଙ୍କ ମୃତ୍ୟୁ

କଣିହାଁ (ଭାସ୍କର ନ୍ୟୁଜ): କଣିହାଁସ୍ଥ ଏନଟିପିସି ପ୍ଲାଣ୍ଟର ମେଣ୍ଟନାନସରେ କାର୍ଯ୍ୟରତ ଜୁନିଅର ଅପରେଟର ପ୍ରଶାନ୍ତ ମହାକୁଡ (୫୮)ଙ୍କ ମୃତ୍ୟୁ ହୋଇଛି । ତାଙ୍କ ଘର ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ କଣ୍ଟାପାଳ ଗ୍ରାମରେ। ସେ ଏନଟିପିସି ପ୍ଲାଣ୍ଟ ସିଏଚପି ଟିପି-୨ ରେ ରବିବାର ରାତ୍ରି ଡ୍ୟୁଟିରେ ଥିଲେ । ସୋମବାର ସକାଳ ୬ଘଟିକା ସମୟରେ ଡ୍ୟୁଟି ସ୍ଥାନରେ ସ୍ୱାଭାବିକ ଭାବରେ ମରି ପଡ଼ିଥିବା ଦେଖିବାକୁ ପାଇ ଅନ୍ୟ କର୍ମଚାରୀ ମାନେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ପରେ ଘଟଣାସ୍ଥଳରେ ବିଭିନ୍ନ ଶ୍ରମିକ ସଂଗଠନ ର କର୍ମକର୍ତ୍ତା, ସଂପୃକ୍ତ ଠିକା ସଂସ୍ଥା, ଏନଟିପିସି ମ୍ୟାନେଜମେଣ୍ଟ, ପୋଲିସ ପହଞ୍ଚି ଆଲୋଚନା କରିବା ସହ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ମୃତକ ପରିବାରକୁ ସଂସ୍କାର ଓ ସୁଧକ୍ରିୟା ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିବା ସହ ଉତ୍ତରାଧିକାରି ପ୍ରମାଣ ପତ୍ର ପାଇବା ପରେ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ସହ ପରିବାରର ଜଣକୁ ମେଣ୍ଟନାନସ ରେ ନିଯୁକ୍ତି ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ପ୍ରଦାନ ପରେ ଦିନ ୧୧ଘଟିକା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଉଠିଥିଲା । ଏନଟିପିସି ପୋଲିସ ଏକ ମୋକଦ୍ଦମା କରି ତଦନ୍ତ ଚଳାଇଛି ।

# ଅବସରପ୍ରାପ୍ତ ରିଡରଙ୍କ ପରଲୋକ

ବାରିପଦା (ଭାସ୍କର ନ୍ୟୁଜ): ବାରିପଦା ତଥା ମୟୁରଭଞ୍ଜର ଜଣାଶୁଣା ସମାଜସେବୀ ଅମର କୁମାର ସେଠୀଙ୍କ ବଡ ଭିଣେଇ ବୈକୁଣ୍ଠନାଥ ସେଠୀ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲରେ ୭୮ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କ ବଡ଼ ପୁଅ ସୀତାଂଶୁ ଶେଖର ସେଠୀ, ସାନ ପୁଅ ଶାଶ୍ୱତ ଦେବଦତ୍ତ, ଦୁଇ ଝିଅ ଶ୍ରାବଣୀ ପ୍ରିୟଦର୍ଶିନୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଧର୍ମପତ୍ନୀ ଓ ଅର୍ପିତା ପ୍ରଜ୍ଞାପାରମିତା ତଥା ତାଙ୍କ ପତ୍ନୀ ସବିତା ସେଠୀ ଏବଂ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଟା ଷ୍ଟିଲ 'ରିସ୍ତା' ପ୍ରକଳ୍ପ ଅଧୀନରେ ମନ୍ଥନ ଯାତ୍ରା



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ରିସ୍ତା ପ୍ରକଳ୍ପ ଅନ୍ତର୍ଗତ ମନ୍ଥନ ଯାତ୍ରା ଢେଙ୍କାନାଳ ବାଙ୍ଗୁରସିଙ୍ଗ ପଞ୍ଚାୟତସ୍ଥିତ ବାଙ୍ଗୁରସିଙ୍ଗ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡାପଡା ବ୍ଲକର ୮୦ରୁ ଉର୍ଦ୍ଧ୍ୱ ଯୁବକ-ଯୁବତୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବଗୋଷ୍ଠୀଙ୍କୁ ପ୍ରେରଣା ଦେବା ଓ ସଶକ୍ତ କରିବା, ଯାହାଫଳରେ ସେମାନେ ନିଜ ସମୁଦାୟର ନେତୃତ୍ୱ ନେବା ସହ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହଯୋଗ କରିପାରିବେ। ମନ୍ଥନ ଯାତ୍ରା ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ, ନେତୃତ୍ୱ ସୃଷ୍ଟି କରିବା ସମ୍ପର୍କରେ ଗ୍ରୁପ ଡିସକସନ, ଡିଜିଟାଲ ସାକ୍ଷରତା ଏବଂ କୌଶଳ ବିକାଶ ତାଲିମ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ପଥପ୍ରାନ୍ତ ନାଟକ, ନୃତ୍ୟ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଡିଏସଡିଇଓ କେ ରୋଜା ଡୋରା, ଓଡପଡା ଏମଓଆଇସି ଅନନ୍ତ କୁମାର ରାଉଳ, ଓଡାପଡା ଏମଓ ଡ. ଦିବ୍ୟଜ୍ୟୋତି ମହାପାତ୍ର ଏବଂ ଗ୍ରାମ ମୁଖିଆ ଜଗବନ୍ଧୁ ଦଳେଇ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଅତିଥିମାନେ ଯୁବଗୋଷ୍ଠୀଙ୍କ ବିକାଶ ଏବଂ ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବଗୋଷ୍ଠୀ ଯେପରି ସକାରାତ୍ମକ ସାମାଜିକ ପରିବର୍ତ୍ତନରେ ନିଜର ଯୋଗଦାନ ଦେଇପାରିବେ ସେ ନେଇ ସେମାନଙ୍କ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀ, ବିଶେଷକରି ଝିଅମାନଙ୍କୁ ଏକ ସୁସ୍ଥ ଜୀବନ ଯାପନ ପାଇଁ ସଚେତନ କରଯାଇଥିଲା। ସୁସ୍ଥ ଓ ଜାଗ୍ରତ ସମାଜ ଗଠନ ଲାଗି ‘ରିସ୍ତା’ ଓଡାପଡା ବ୍ଲକର ପ୍ରାୟ ୧୫୦୦୦ କିଶୋର-କିଶୋରୀ ଓ ସେମାନଙ୍କ ଅଭିଭାବକଙ୍କ ସହ କାମ କରୁଛି। ‘ରିସ୍ତା’ର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ସେମାନଙ୍କର ଅଧିକାର ସମ୍ପର୍କରେ ସଚେତନ କରିବା ଓ ସମାଜରେ ସ୍ଥାୟୀ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କୁ ଆବଶ୍ୟକ ଜ୍ଞାନ ଓ କୌଶଳ ପ୍ରଶିକ୍ଷଣ ଦେବା।

# ବିଜେଡ଼ି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



ବୋଲଗଡ଼ (ଭାସ୍କର ନ୍ୟୁଜ): ବିଜୁଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୬ତାରିଖି ଦିନ ପାଳନ କରିବା ପାଇଁ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ନିର୍ବାଚନ ମଣ୍ଡଳୀ ପକ୍ଷରୁ ବେଗୁନିଆ ବିଜୁପଟ୍ଟନାୟକ ଟାଉନ ହଲ ଠାରେ ସୋମବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୋଲଗଡ଼ ବ୍ଲକ୍ ବିଜେଡି ସଭାପତି ବାନାମ୍ବର୍ ମାଝି ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ପ୍ରଦିପ କୁମାର ସାହୁ ଯୋଗଦେଇ ଆସନ୍ତା ୨୬ତାରିଖି ଦିନ ବେଗୁନିଆ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଦିନ ୧୧ଟା ସମୟରେ ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପାଳନ ଅବସରରେ ବିଜୁପଟ୍ଟନାୟକ ପାର୍କରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଭା କାର୍ଯ୍ୟ ହେବ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ଏହି ପ୍ରତିଷ୍ଠା ଦିବସ ପାଳନ ଦିନ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଜେଡିର ସଦସ୍ୟତା ଅଭିଯାନକୁ ଆହୁରି ବ୍ୟାପକ କରିବା, ଆସନ୍ତା ଜାନୁୟାରୀ ୬ତାରିଖି ଦିନ ଦରଦାମ ବୃଦ୍ଧି ଓ ସରକାରଙ୍କ ଜନ ବିରୋଧି ନୀତି ପ୍ରତିବାଦରେ ଭୁବନେଶ୍ୱର ଠାରେ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତିଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ବୋଲଗଡ଼ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବୋଲଗଡ଼ ବେଗୁନିଆ ର ୪୦ଗୋଟି ପଞ୍ଚାୟତର ବହୁ ସରପଞ୍ଚ ସମିତି ସଭ୍ୟ, ପଞ୍ଚାୟତ ସଭାପତି, ଛାତ୍ରୁଆ କର୍ମୀ ଓ ଶୁଭେଚ୍ଛୁ ବହୁମହିଳା ମାନେ ଯୋଗଦେଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରାଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଜାତୀୟ ଉଦ୍ୟାନ ଭିତର କନିକା ରେଞ୍ଜ କାର୍ଯ୍ୟାଳୟ ପରିସରରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ୨୦୨୪ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ଅଲିଭ ରିଡ଼ଲେ କଇଁଛ ମାନଙ୍କୁ କିପରି ସୁରକ୍ଷା ଦିଆଯିବ ତଥା ଟ୍ରଲର ମାଲିକ, ବୋଟ ମାଲିକ ଏବଂ ମସ୍ୟଜୀବୀ ମାନଙ୍କୁ ସଚେତନ କରାଇଥିଲେ । କାର୍ଯକ୍ରମକୁ ଗବେଷକ ପ୍ରସନ୍ନ କୁମାର ନାୟକ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଡା. ଶିବ ପ୍ରସାଦ ପରିଡା, ବୈଜ୍ଞାନିକ ଅଲିଭ ରିଡ଼ଲେ କଇଁଛ ବିଷୟରେ ତଥ୍ୟ ଭିତ୍ତିକ ଉପାଦେୟତା ଏବଂ ଉପକାରିତା ଉପସ୍ଥାନ କରିଥିଲେ । ରାଜନଗର ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ ସଚେତନତା ଶିବିରରେ ତାଳଚୂଆ ଟ୍ରଲର ମାଲିକ, ବୋଟ ମାଲିକ ଏବଂ ମସ୍ୟଜୀବୀ ମାନେ ଉପସ୍ଥିତ ଥିଲେ ।

## ଆୟୁଷ୍ମାନ ଆରୋଗ୍ୟ ଶିବିର ଜାରି

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ଆୟୁଷ୍ମାନ ଆରୋଗ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । କାମାକ୍ଷାନଗର ସବଡିଭିଜନ ମେଡିକାଲ ଅଧିକାରୀ ଡାକ୍ତର ଦିଗାମ୍ବର ସାହୁ ଉକ୍ତ ଶିବିରକୁ ଆସି ରୋଗୀ ମାନଙ୍କର ବିଭିନ୍ନ ପ୍ରକାର ରୋଗ ଉପରେ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଜନହିତକର କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ଚତୁର୍ଥ ସୋମବାର ଡକ୍ଟର ଆସି ଆରୋଗ୍ୟ ଶିବିରରେ ବିଭିନ୍ନ ରୋଗକୁ ପରୀକ୍ଷା କରି ସେବା ଜାରିରଖିବା ସରକାରଙ୍କ ଏକ ପ୍ରୟାସ ଏବଂ ଜନ ସଚେତନ ବାର୍ତ୍ତା ବୋଲି ବିଭାଗୀୟ ଅଧିକାରୀ ଡାକ୍ତର ସ୍ମୃତିରଞ୍ଜନ ବିଶ୍ୱାଳ ସୂଚନା ଦେଇଥିଲେ। ମନୁଷ୍ୟ ନିରୋଗ୍ୟ ରହିଲେ, ସୁସ୍ଥ ଜୀବନ, ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ସେଥି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହା ଏକ କାର୍ଯ୍ୟକ୍ରମ।

# ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକଉତ୍ସବ



କଟକ, (ଭାସ୍କର ନ୍ୟୁଜ): କଟକର ବକ୍ସିବଜାରସ୍ଥିତ ସ୍ଥାନୀୟ ନାୟକ ସାହିରେ ଥିବା ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଚିକିତ୍ସକ ଡାକ୍ତର ଶ୍ରୀଜୟ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଶିଷ୍ଟ ଶୈଲ୍ୟ ଚିକିତ୍ସକ ଡାକ୍ତର ଉମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଆଗେଇ ଯାଇଥିବାବେଳେ ମୁଖ୍ୟ ଅତିଥି ଭାବରେ ନଗେନ୍ଦ୍ର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତାଭାବେ ସ୍ତମ୍ଭକାର ସାହିତ୍ୟିକ ମୀରା ବେଉରା, ସମ୍ମାନିତ ଅତିଥି ଭାବେ ସୁଶ୍ରୀ ପୁଷ୍ପିତା ମହାପାତ୍ର, ସମ୍ମାନିତ ଅତିଥି ଗଜେନ୍ଦ୍ର ପାଣି ଯୋଗଦେଇ ଛାତ୍ର ଛାତ୍ରୀମାନେ କିପରି ସୁନାଗରିକ ତଥା ଭଲ ମଣିଷ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଚିତ୍ତ ରଞ୍ଜନ ପରିଡ଼ା ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିବାବେଳେ ବିଷ୍ଣୁପ୍ରିୟା ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଙ୍କଜିନୀ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସର୍ବ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ସୁଜାତା ଜେନା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ମଞ୍ଚର ଶୋଭା ବର୍ଦ୍ଧନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ସହଯୋଗ ଅତୁଳନୀୟ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକାର୍ଯ୍ୟଟୀ ସରସ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା

# ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଗଣଧାରଣା



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବିଦ୍ୟୁତ୍ କର୍ମଚାରୀଙ୍କ ନିଯୁକ୍ତି ଓ ଦରମା ସମେତ ବିଭିନ୍ନ ସମସ୍ୟା ସମାଧାନ ନହେବା ଯୋଗୁଁ କର୍ମଚାରୀମାନେ ସୋମବାର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । ସାରା ଓଡ଼ିଶାକୁ ଆଲୋକିତ କରୁଥିବା ବିଦ୍ୟୁତ୍ ଶ୍ରମିକଙ୍କ ଭାଗ୍ୟ ଆଜି ଅନ୍ଧାରରେ ଏହି ବାର୍ତ୍ତା ନେଇ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଡାକରାରେ ସାରା ଓଡିଶାରେ ବିଦ୍ୟୁତ୍ ବଣ୍ଟନ ବିଭାଗରେ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ପାରାଦୀପ ବିଦ୍ୟୁତ୍ ମଣ୍ଡଳ ଅଧିନସ୍ଥ କେନ୍ଦ୍ରାପଡା ସ୍ଥିତ ଟାଟା ପାୱାର ଦ୍ୱାରା ପରିଚାଳିତ କେଇଡି-୧ ଓ କେଇଡି-୨ର ବିଭାଗୀୟ ଦପ୍ତର ଆଗରେ ଆଜିଠାରୁ ଗଣଧାରଣା ଆରମ୍ଭ ହୋଇଛି । ୧୯୭୧ ମସିହାଠାରୁ ଆରମ୍ଭ ହୋଇଥିବା ବିଦ୍ୟୁତ୍ ଉତ୍ପାଦନ, ପ୍ରସାରଣ ଓ ବଣ୍ଟନ ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଆରମ୍ଭ ହୋଇଥିବା ଏକ ପାଞ୍ଚବର୍ଷିକ ମଜୁରୀ ନିର୍ଦ୍ଧାରଣ ପ୍ରକ୍ରିୟା ୨୦୨୦ଏପ୍ରିଲ ମାସରୁ ସମାଧାନ ନହୋଇ ପଡି ରହିଥିବା ବେଳେ ଶ୍ରମିକଙ୍କ ହିତରେ କାର୍ଯ୍ୟ ସମ୍ପାଦନ କରୁଥିବା ନୂତନ ସରକାରଙ୍କ ଆଗମନ ସହ ସମାଧାନ ହୋଇ ଅନୁମୋଦିତ ହୋଇଥିଲା । ପରେ କର୍ମଚାରୀମାନଙ୍କ ମଜୁରୀ ନିର୍ଦ୍ଧାରଣ ଦାୟିତ୍ୱ ଓଏସଇବି ଓ ଗ୍ରୀଡ୍‌କୋ ଏବଂ ପରବର୍ତ୍ତୀ ସମୟରେ ଓପିଟିସିଏଲ୍‌କୁ ହସ୍ତାନ୍ତର କରାଯାଇଥିଲା । ବର୍ତ୍ତମାନ ଓପିଟିସିଏଲ୍ ଦ୍ୱାରା ସମାଧାନ ହୋଇ ୬ ମାସ ବିତି ଯାଇଥିଲେ ସୁଦ୍ଧା ଚୁକ୍ତି ମୁତାବକ ପୂର୍ବ ସମସ୍ତ କର୍ମଚାରୀଙ୍କ ଚାକିରୀ ସର୍ତ୍ତାବଳୀ ଓ କ୍ୟାଡର ରୁଲ୍ ଅପରିବର୍ତ୍ତିତ ରଖିବାରେ ଟାଟା ପାୱାର ଦ୍ୱାରା ନିଯୁକ୍ତ ଅନଭିଜ୍ଞ ପରିଚାଳକଙ୍କ ଶ୍ରମିକ ମାରଣ ନୀତି ପାଇଁ ଆଜି ଶ୍ରମିକ ଓ କର୍ମଚାରୀ ଅବହେଳିତ । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଓପିଟିସିଏଲ୍‌ର ବିଭାଗୀୟ ବିଜ୍ଞପ୍ତି ପରେ ମଧ ଚାରୋଟି ବିଦ୍ୟୁତ୍ ବଣ୍ଟନ ବିଭାଗରେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକ ନିଜ ବକେୟା, ନୂତନ ମଜୁରୀ ଓ କ୍ୟାଡର ପୁନର୍ଗଠନର ସୁବିଧାରୁ ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀଙ୍କୁ ବଞ୍ଚିତ ରଖିବା, ବାରମ୍ବାର ଶ୍ରମ ବିଭାଗର ଦ୍ୱାରସ୍ତ ହେବା ପରେ ସୁଫଳ ନମିଳିବା, ବିଦ୍ୟୁତ୍ କର୍ମଚାରୀଙ୍କୁ ଛୋଟ ଛୋଟ କାରଣକୁ ନେଇ ଚାକିରୀରୁ ଛଟେଇ କରିବା ଭଳି ଘୃଣ୍ୟ ନୀତିକୁ ତୁରନ୍ତ ବନ୍ଦ କରିବା, ସମସ୍ତ ଛଟେଇ କର୍ମଚାରୀଙ୍କୁ ତୁରନ୍ତ ଥଇଥାନ କରିବା ତଥା ଖାଲି ପଡିଥିବା ପଦବୀରେ ତୁରନ୍ତ ନୂତନ ନିଯୁକ୍ତି ସହ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ୮ଘଣ୍ଟା ବଦଳରେ ୨୪ ଘଣ୍ଟା କାର୍ଯ୍ୟ ସମ୍ପାଦନ କରୁଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ପାରିଶ୍ରମିକ ନ ମିଳିବା ଭଳି ପ୍ରମୁଖ ଦାବିକୁ ନେଇ ବିଦ୍ୟୁତ୍ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ସହିତ ଓପିଟିସିଏଲ୍ ଦ୍ୱାରା ପ୍ରସ୍ତୁତ ନୀତି ଭଳି ସାତବର୍ଷିଆ କ୍ୟାଡର ପଦ୍ଧତି ଉପରେ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ଗଣ ବିକ୍ଷୋଭରେ ରାଜୀବ ମହାନ୍ତି, ଅମର କୁମାର, ପ୍ରତାପ ସିଂହ, ପ୍ରିୟବ୍ରତ ନାୟକ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଆଦିତ୍ୟ, ମନୋରଞ୍ଜନ, ରାଜୀବ, ନିକୁଞ୍ଜ, ପ୍ରସନ୍ନ, ସୁଶାନ୍ତ, ପ୍ରଦୀପ, ଅଖିଳ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ନଗରପାଳ ଯୁଧିଷ୍ଠିର ସାହୁଙ୍କ ପରଲୋକ



ଭୁବନ, (ଭାସ୍କର ନ୍ୟୁଜ): ଭୁବନ ଏନଏସିର ପୂର୍ବତନ ନଗରପାଳ ଯୁଧିଷ୍ଠିର ସାହୁ (୭୮) ଙ୍କ ରବିବାର ସଂଧ୍ୟାରେ ତାଙ୍କ ଲତବିଲ ସ୍ଥିତ ବାସଭବନରେ ପରଲୋକ ହୋଇ ଯାଇଛି । ସାହୁ ଗତ କିଛିଦିନ ହେଲା ଅସୁସ୍ଥ ଥିଲେ । ସାହୁଙ୍କ ପରଲୋକ ଖବର ପାଇ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳ ଶୁଭେନ୍ଦୁ ସାହୁ, ୧ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁଙ୍କ ସମେତ ବ୍ଲକ, ଏନ୍‌ଏସିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସାହୁ ୧୯୭୪ ମସିହାରେ ପ୍ରଥମେ କାଉନସିଲର ଏବଂ ପରେ ୧୯୮୪ ମସିହାରେ ଭୁବନ ଏନ୍‌ଏସିର ନଗରପାଳ ହୋଇ ବହୁ ବିକାଶମୂଳକ କାର୍ଯ୍ୟ କରିଥିଲେ। ଭୁବନରେ ସାଇ ଟକିଜ (ସିନେମା ହଲ)ପ୍ରତିଷ୍ଠା କରିଥିବାରୁ ଆଧୁନିକ ଭୁବନର ନିର୍ମାତା ବୋଲି କୁହାଯାଉଥିଲା। ଭାରତୀୟ ଜାତୀୟ କଂଗ୍ରେସର ଆଜୀବନ ସଦସ୍ୟ ଥିବା ସାହୁ ଭୁବନ ତଥା ଢେଙ୍କାନାଳ ଜିଲ୍ଲାରେ କଂଗ୍ରେସ ଦଳର ଜଣେ ଆଗ ଧାଡ଼ିର ନେତା ଭାବେ ପରିଚିତ ଥିଲେ। ଢେଙ୍କାନାଳ ରାଜାସାହେବ କେ.ପି ସିଂଦେଓଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ପରିବାର ସଦସ୍ୟ ଭଳି ଥିଲେ। ଅତ୍ୟନ୍ତ ଶାନ୍ତ, ସରଳ, ଭଦ୍ର, ନମ୍ର ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ମାଳଦା ସମିତିରେ ଯୋଗଦେଲେ ନୂତନ ସମ୍ପାଦକ



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍‌ର ମାଳଦା ପ୍ରାଥମିକ କୃଷି ସମବାୟ ସମିତିରେ ନୂତନ ଭାରପ୍ରାପ୍ତ ସମ୍ପାଦକ ଭାବେ ଅଜୟ କୁମାର ବେହେରା ସୋମବାର ଯୋଗ ଦେଇଛନ୍ତି। ସରସଦା ସମିତି ସମ୍ପାଦକ ଥିବା ବେହେରାଙ୍କ ମାଳଦାରେ ଯୋଗଦାନକୁ ସଭାପତି ମୁକୁନ୍ଦ ଚରଣ ମଲ୍ଲିକ ଗ୍ରହଣ କରିଥିଲେ। ମାଳଦା ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ନୂତନ ସମ୍ପାଦକଙ୍କ ଯୋଗଦାନ ବେଳେ ସମିତିରେ ଅନୁପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଖୋଳମପୁର ସରପଞ୍ଚ ପରମାନନ୍ଦ ନାୟକ, ମାଳଦା ପୂର୍ବତନ ସରପଞ୍ଚ ମୋହନ ରାୟ, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ା ଓ ସମିତି ପରିଚାଳନା କମିଟି ସଦସ୍ୟଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଗତ ୧୯ ତାରିଖରେ ସମବାୟ ସମିତି ସମୂହ ଭଦ୍ରକ ସହକାରୀ ଉପନିବନ୍ଧକଙ୍କ ପତ୍ର ସଂଖ୍ୟା ୨୬୬୦ରେ ବେହେରାଙ୍କୁ ମାଳଦା ସମ୍ପାଦକ ଭାବେ ଦାସଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିବା ସହ ଧାନ କ୍ରୟ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବାକୁ ଆଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିକଟରେ ମାଳଦା ସମିତି ପରିଚାଳନା କମିଟି ସମ୍ପାଦକ ଦାସଙ୍କ ବିରୋଧରେ ନାନା ଅଭିଯୋଗ କରିଥିଲେ।

# କୁନ୍ତଳା କୁମାରୀ ଆର୍ଟ ଓ କ୍ରାଫ୍ଟ ସ୍କୁଲର ବାର୍ଷିକଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମହିପାଳ ସ୍ଥିତ କୁନ୍ତଳା କୁମାରୀ ଆର୍ଟ ଓ କ୍ରାଫ୍ଟ ସ୍କୁଲର ବାର୍ଷିକଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମାଳତୀଲତା ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବକୁ ୨୦ନମ୍ବର ୱାର୍ଡ କାଉନସିଲର ଅସୀମା ନାୟକ ଉଦ୍‌ଘାଟନ କରି କୁନି କୁନି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଅତ୍ୟନ୍ତ ମନଲୋଭା ହୋଇଥିବା କହିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ନେଚର୍ସ କବର ବରଜା ପ୍ରସାଦ ପତି, ଆଇନଜୀବୀ ନେହେରୁ କୁମାର ସାହୁ, ସମାଜସେବୀ ପ୍ରଦିପ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଗୁରୁଜୀ ଅଶୋକ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ କଟକରୁ ଆସିଥିବା ପିଡିଲାଇଟ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷକ ଚିତଶିଳ୍ପୀ ପ୍ରମିତା ମଙ୍ଗରାଜ ଓ ତାଙ୍କ ସହକାରୀ ଗୃହିଣୀ ଓ ଚିତ୍ରକଳା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପି.ଡି.ଲାଇଟ କମ୍ପାନୀ ପକ୍ଷରୁ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ଘରସଜ୍ଜା ଓ ଘରକରଣା ସାମଗ୍ରୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅପରାହ୍ନରେ ପ୍ରଧାନ ଗୁରୁଜୀ ଅଶୋକ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ୬ନମ୍ବର ୱାର୍ଡ କାଉନସିଲର ପ୍ରଦୀପ୍ତ କୁମାର ଜେନା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ବିଜେପି ଜିଲ୍ଲା ମିଡିଆ ସେଲ ସଭାପତି ନେହେରୁ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚିତ୍ରକଳା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧିତ ହେବ ବୋଲି କହିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ବିଦ୍ୟାଳୟର ଏକ ଶାଖା ନସଡିପୁର ଠାରେ ଚାଲୁଅଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ବରିଷ୍ଠ ଆଇନଜୀବୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ଗୁରୁମା ଶୁଭଲକ୍ଷ୍ମୀ ପତ୍ରୀ ଓ ଅନିତା ନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିତୀସ୍ମିଗ୍ଧା ଦାସ, ତପସ୍ୱିନୀ ଲେଙ୍କା, ଜ୍ୟୋସ୍ନାମୟୀ ଦାସ, ସରୋଜ ମହାରଣାପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ନେନ୍ତିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ନାୟକଙ୍କୁ ଅବସରକାଳୀନ ବିଦାୟ ସୋମବାର ଦିଆଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ବିଇଓ ଅଧିର କୁମାର ତରାଇ ମୁଖ୍ୟ ଅତିଥି, କାର୍ତ୍ତିକ ସ୍ୱାଇଁ ମୁଖ୍ୟବକ୍ତା, କବି ନଟବର ରାଉଳ, ଶିକ୍ଷାସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଟ, ଗୌରାଙ୍ଗ ଚରଣ ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଶୀନାଥ ପତି, ଶିକ୍ଷକ ମାୟାଧର ଦାଶ, ସୁଦେଶ ଭଞ୍ଜ, ଶାନ୍ତିଲତା ରାଉତ, ମୀନାରାଣୀ ସାମଲ, କାନ୍ତ ରାୟ, ସୁନାକର ଧଳ, ଲକ୍ଷ୍ମୀଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟତ୍ରୀଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଶ୍ରୀମତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ ଓ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସିନୀ ସ୍ୱାଇଁ, ସଞ୍ଜୁଲତା ପାତ୍ର, ସୁସ୍ମିତା ନାୟକ ପ୍ରମୁଖ ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଶୁଳିଆପଦା(ଭାସ୍କର ନ୍ୟୁଜ): ବାଲି ଚୋରା ଚାଲାଣ ସମୟରେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି ଶୁଳିଆପଦା ଥାନା ଏସଆଇ ରୁପଶ୍ରୀ ସ୍ୱାଇଁ । ସୂଚନା ମୁତାବକ ଏସଆଇ ସ୍ୱାଇଁ ପେଟ୍ରୋଲିଂ ଯାଉଥିବା ସମୟରେ ମହାବିଲା ଠାରେ ଓଡି ୧୧ ଏଚ୍ ୭୩୨୯ ନମ୍ବର ଥିବା ବାଲି ଟ୍ରାକ୍ଟରକୁ ଜବତ୍ କରିବା ସହିତ ଗାଡି ଚାଳକ ରଜତ୍ ପଡିତ୍ତ ପିତା ଦିଲ୍ଲିପ ପଡିତ୍ତକୁ ଅଟକ ରଖିଛି ।

# ବିଜେଡିରେ ଯୋଗଦେଲେ ବିଜେପି କର୍ମୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଜୁ ଜନତା ଦଳରେ ଯୋଗ ଦେଇଥିବା ଜଣାଯାଇଛି । ବିଧାୟକ ସଞ୍ଜିବ କୁମାର ମଲ୍ଲିକଙ୍କ ଭଦ୍ରକ ବାସଭବନରେ ରବିବାର ଅନୁଷ୍ଠିତ ଡିଜିଟାଲ କର୍ମୀ ସମ୍ମିଳନୀ ଅବସରରେ ଗ୍ରାମର ବଳରାମ ମାଝୀ, ଓମପ୍ରକାଶ ନାୟକ, ରତ୍ନାକର ନାୟକ, ସୁଶାନ୍ତ ନାୟକ, ସତ୍ୟାନନ୍ଦ ଦାସ, ଶେଷଦେବ ନାୟକ ପ୍ରମୁଖ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ରହଣିଆ ପଞ୍ଚାୟତ ନେତା ତଥା ପୂର୍ବତନ ସରପଞ୍ଚ ବିରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନବାଗତମାନଙ୍କୁ ବିଧାୟକ ଦଳୀୟ ଉ□ରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# ୧୯୮୫ ବ୍ୟାଚର ବନ୍ଧୁମିଳନ



ବାରିପଦା (ଭାସ୍କର ନ୍ୟୁଜ): ଏମକେସି ୧୯୮୫ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମାନଙ୍କ ପକ୍ଷରୁ ଗତ ରବିବାର ପୂର୍ବାହ୍ନରେ ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଏମକେସି ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ ଓ ଉପଦେଷ୍ଟା ମାନସ ଷଡଙ୍ଗୀ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଚର ବନ୍ଧୁମାନେ ପଢୁଥିବା ବିଦ୍ୟାଳୟର ଶ୍ରେଣୀଗୃହକୁ ଯାଇ ନିଜ ନିଜର ଅତୀତ ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହାପରେ ତକତପୁରସ୍ଥିତ ହୋଲି ପ୍ୟାଲେସଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ବାହାରୁ ଆସିଥିବା ସହପାଠୀ ବନ୍ଧୁମାନଙ୍କୁ ଗୋଟିଏ ଗୋଟିଏ ଚାରା ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସମସ୍ତେ ସାମୂହିକଭାବେ ଯିଏ ଯେଉଁଠାରେ ରହିଥିଲେ ମଧ ନିଜ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ପିଲାମାନଙ୍କ ଜନ୍ମଦିବସରେ ଗୋଟିଏ ଗୋଟିଏ ଚାରା ରୋପଣ ସହିତ ପ୍ରକୃତି ସୁରକ୍ଷା ପାଇଁ ଶପଥ ନେଇଥିଲେ। ତତ୍‌ସହିତ ବନ୍ଧୁମିଳନର ଆଭିମୁଖ୍ୟ ନେଇ ପ୍ରଭାତ ନାୟକ, ଡ. ଅକ୍ଷୟ କୁମାର ଅଗରୱାଲା, ବୈକୁଣ୍ଠ ଭୁଜବଳ, ସୁବ୍ରତ ପଟ୍ଟନାୟକ, ଚିତ୍ତ ବାରିକ, ଉତ୍ତମ ମିଶ୍ର, ସଞ୍ଜୀବ ପରିଡା, ସୌମରଞ୍ଜନ ମିଶ୍ର ପ୍ରମୁଖଙ୍କ ପରିଚାଳନାରେ ଆୟୋଜିତ ଆଲୋଚନାଚକ୍ରରେ ସମସ୍ତେ ଅଂଶଗ୍ରହଣ କରିବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ମଧ ଖସଡା ପ୍ରସ୍ତୁତ କରାଯାଇଥିଲା।

### ବିଏମ୍‌ସି ଉଠାଦୋକାନୀ ଛକାପଞ୍ଝା

# ଉଚ୍ଛେଦ କରି ନପାରି ଫେରିଗଲା ଡ୍ରୋଜର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ବିଏମ୍‌ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ସୋମବାର ୩, ୮, ୯, ୧୨, ୧୩, ୧୬, ୫୪, ୫୫, ୫୯ ଓ ୬୦ ନମ୍ବର ୱାର୍ଡ଼ରେ ଉଠାଦୋକାନୀ ଉଚ୍ଛେଦ କରିବାକୁ ଯାଇଥିବା ବେଳେ ୬ଟି ୱାର୍ଡ଼ରେ ଉଠାଦୋକାନୀ ମହାସଂଘର ସ୍ୱାର୍ଡ଼ ଓ ବିଏମ୍‌ସି ଉଚ୍ଛେଦକାରୀ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚନ୍ଦ୍ରଶେଖରପୁର କେୟାର ହସ୍ପିଟାଲ ରୋଡ଼ରେ ଫଳ ଦୋକାନ ଉଚ୍ଛେଦ ସମୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭାରତ ପ୍ରେଟୋଲ ପମ୍ପ ନିକଟରେ ଥିବା ଉଠାଦୋକାନୀମାନେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ସ୍ଥଗିତାଦେଶ ଥିବା ଦର୍ଶାଇଥିଲେ ମଧ ବିଏମ୍‌ସି ଅଧିକାରୀମାନେ ଦୋକାନଗୁଡ଼ିକୁ ଜୋର ଜବରଦସ୍ତ ଭାଙ୍ଗିବା ସମୟରେ ଦୋକାନୀମାନେ ଉତ୍ୟକ୍ତ ହୋଇ ବିଏମ୍‌ସି ଗାଡ଼ି ଆଗରେ ଟାୟାର ରଖି ନିଆଁ ଜାଳିବା ସମୟରେ ବିଏମ୍‌ସି ଅଧିକାରୀମାନେ ସେଠାରୁ ଫେରି ଯାଇଥିଲେ। ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘର କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିପିନ ଜେନା, ଲଲାଟ କୁମାର ଓଝା, ସସ୍ମିତା ସାହୁ, ବିଜୟ କୁମାର ସେନାପତି, ମଙ୍ଗୁଳି ସାହୁ ପ୍ରମୁଖ ବିଏମ୍‌ସି ଅଧିକାରୀଙ୍କୁ ଘେରିବା ସହ ଉତ୍ତର ନିର୍ବାଚନ ମଣ୍ଡଳୀରେ କୌଣସି ଦୋକାନ ଉଚ୍ଛେଦ କରିବାକୁ ଦେଇନଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ବିଏମ୍‌ସି ଏବେ ଔଷଧ ଖାଇବା ବଦଳରେ ତାଡିଆ କାମୁଡ଼ା ନୀତିକୁ ଗ୍ରହଣ କରିନେଇଛି। ଉଠାଦୋକାନୀମାନଙ୍କୁ କେଭିଜରେ ୧୫ ଦିନ ଦୋକାନ ବନ୍ଦ ହେଲା ବୋଲି ଏକ ନୋଟିସ୍ ମାରି ଆଇନ ଉଲଘଂନ କରୁଛି ଏବଂ ଦୋକାନୀମାନଙ୍କ ପେଟରେ ଲାତ ମାରୁଛି। ଯାହାଫଳରେ ଦୋକାନୀମାନେ ଉତ୍ୟକ୍ତ ହୋଇ ଯଦି କୌଣସି ଅପ୍ରୀତିକର କାର୍ଯ୍ୟ କରିବେସନ୍ତି, ତେବେ ରାଜ୍ୟ ସରକାରଙ୍କ ସମେତ ବିଏମ୍‌ସି ଅଧିକାରୀ ଦାୟୀ ରହିବେ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗୁଆଁ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଶରତ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ ଓ ଏମପି ପ୍ରତିନିଧି ଭାବେ ପ୍ରକାଶ ବିଜୁଳୀଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଦୀପ୍ତିକାନ୍ତ ସେଠୀ, ଆରକ୍ଷୀ ଅଧିକ୍ଷିକା ସାଗରିକା ନାଥ ଓ ପ୍ରମୁଖଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗର ଅଧକାରୀ ମାନେ ଉପସ୍ଥିତ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମ ରେ ବୋଲଗଡ଼ ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ସମୁଦାୟ ୨୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ଭାବେ ୨୦୬ ଟି ଓ ସାମୁହିକ ଭାବେ ୧୪ ଟି ଅଭିଯୋଗ ରହିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୩ ଜଣଙ୍କୁ ୩୦ ହଜାର ଓ ରେଡକ୍ରସ ସହାୟତାରେ ୨ ଜଣଙ୍କୁ ୧୮ ହଜାର ଟଙ୍କା ପ୍ରଦାନ ପାଇଁ ନିଷ୍ପତି ହୋଇଥିଲା। ଶିବିରରେ ୪ଟି ଅଭିଯୋଗର ତତ୍‌କ୍ଷଣ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଧ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୧୭୩ ଜଣ ଦିବ୍ୟାଙ୍ଗଙ୍କ ପଞ୍ଜୀକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମାନସିକ ବିକଳାଙ୍ଗ ୩୩ ଜଣ, ଦୃଷ୍ଟିବାଧିତ ୧୫ଜଣ, ଶ୍ରବଣ ବାଧିତ ୪୮ ଜଣ ଓ ଶାରୀରିକ ବିକଳାଙ୍ଗ ବିଭାଗ ରେ ୭୭ଜଣ ଥିଲେ। ଏହି ଦିବ୍ୟାଙ୍ଗ ମାନଙ୍କୁ ବିଶେଷଜ୍ଞ ଡାକ୍ତର ମାନେ ପରୀକ୍ଷାନିରୀକ୍ଷା କରି ପରାମର୍ଶ ଦେବା ସହ ଦିବ୍ୟାଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ବିଡ଼ିଓ ଡା ରତିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରଲର ଜବତ, ୧୭ଜଣ ଗିରଫ

ରାଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରପଡା ଜିଲ୍ଲା ଭିତରକନିକା ସାମୁଦ୍ରିକ ଅଭୟାରଣ୍ୟ ଗହିରମଥା ରେଞ୍ଜରେ ବେନିୟମ ଭାବେ ମାଛମାରୁଥିବା ବଡ ଟ୍ରଲରକୁ ଆଜି ଏକକୁଳା ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ଜବତ କରିବା ସହ ୧୭ଜଣ ମସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।ଗିରଫ ବ୍ୟକ୍ତିମାନେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ହୋଇଥିବା ବେଳେ ଜଣେ କେବଳ ମୟୂରଭଞ୍ଜ ଜିଲାର ବୋଲି ଜଣାପଡିଛି। ମାଛ ମାରୁଥିବା ମହାଲକ୍ଷ୍ମୀ ନାମକ ଟ୍ରଲର ଜବତ ହେବା ସହ, ଭିଏଚଏଫ ୪, ଜିପିଏସ ୧, ଟ୍ରଲି ନେଟ ୩, ମାଛ ୧୫କୁଇଣ୍ଟାଲ ଓ ମୋବାଇଲ ଫୋନ ୩ଟି ଜବତ କରାଯାଇଥିବା ବନ ବିଭାଗ ଠାରୁ ସୂଚନା ମିଳିଛି ।

# ଶିକ୍ଷାବିତ ଦୀନବନ୍ଧୁ ପାତ୍ରଙ୍କ ବିୟୋଗରେ ଶୋକସଭା

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଦୀନବନ୍ଧୁ ପାତ୍ରଙ୍କ ବିୟୋଗରେ ସେକ ମତଲୁବ ଅଲି ସ୍ମୃତି ସଂସଦ ଓ ରବୀନ୍ଦ୍ର ସାହୁ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାହିତ୍ୟିକ ଡ଼କ୍ଟର ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରାକ୍ତନ ଅଧକ୍ଷ ପିତାମ୍ବର ମିଶ୍ର, ଡ଼କ୍ଟର କାର୍ତ୍ତିକ ଚନ୍ଦ୍ର ବରାଳ, ଶିକ୍ଷାବିତ ପ୍ରଫୁଲ କୁମାର ସାହୁ, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପଣ୍ଡିତ ପ୍ରଭାତ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଆଇନୀଜୀବୀ ଦୀପକ କୁମାର ମହାନ୍ତି ଶୋକ ପ୍ରସ୍ତାବ ଆଗତ କରିଥିଲେ ।

# ଗ୍ଲୋରୀ ଫେଷ୍ଟିଭାଲ ସମ୍ମାନ ସମାରୋହ

ପୁରୀ (ଭାସ୍କର ନ୍ୟୁଜ) : ଓଡିଶା ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟ ଇଣ୍ଡିଆ ପକ୍ଷରୁ ଭାରତର ସହିଦ ବୀରଙ୍କ ସ୍ମୃତି ଚାରଣ ଆଲୋଚନା ଚକ୍ର ଏବଂ ସମ୍ବର୍ଦ୍ଧନା ସମାରୋହ ପୁରୀ ସାଂସ୍କୃତିକ ଭବନ ଠାରେ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୁରୀ ଜିଲ୍ଲା ଡିଆଇପିଆରଓ ସନ୍ତୋଷ କୁମାର ସେଠି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଅନୁଷ୍ଠାନର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶଙ୍କର ପରିଡା, ସସଧର ପଣ୍ଡା, କମଳ ଅଗ୍ରୱାଲ, ସିଙ୍ଗର ଶକ୍ତି ମିଶ୍ର, ଡ଼ଃ ବନ୍ଦନା ହରିଚନ୍ଦନ, ଅର୍ଜ୍ଜୁନ ପୁରସ୍କୃତ ମିନତୀ ମହାପାତ୍ର, ବ୍ୟଙ୍ଗ କବି ସମ୍ପଦ ରଥ, କାର୍ତ୍ତିକ ଚନ୍ଦ୍ର ରାଉତ ନିଜ ଅଭିଭାଷଣରେ ସମାଜ ରେ କିପରି ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ଅଛି ଏବଂ ତାର ବିକାଶ ହୋଇ ପାରିବ ତା ଉପରେ ଆଲୋଚନା କରିବା ସହ ସପ୍ତମ ଇଣ୍ଡିଆନ ଗ୍ଲୋରୀ ଫେଷ୍ଟିଭାଲ ଲେଜେଣ୍ଡ ଅଫ ଇଣ୍ଡିଆଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିବା ସହ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ଭାରତ ବର୍ଷ କୋଣ ଅନୁକୋଣରେ ନିଜ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷ ଅନିତା ଅଗ୍ରୱାଲ, ଅଭିନେତା ରବି ମିଶ୍ର, ଆଦି ମାତା କଳ୍ପନା, ଜୟଶ୍ରୀ ମୁଦ୍ରା, ସନ୍ତୋଷ ମହାପାତ୍ର, ପ୍ରଦୀପ ଚୌଧୁରୀ, ଲଳିତେନ୍ଦୁ ପଳାଉରୀ, ମନୋଷି ଘୋଷ, ପାର୍ଥ ସାରଥୀ ରାଉତ, ସତ୍ୟ ମହାରଣା, ଯୋଗେଶ୍ୱର ସୁନା, ଅନୁଜା ବିଶ୍ୱାଳ,ଅସୀମା ମିଶ୍ର, ବାଦଲ ପଟେଲ, ବିଭିନ୍ନ ବିଶେଷ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

## ଦୁର୍ଘଟଣାରେ ସାମ୍ବାଦିକ ଆହତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଖବର ସଂଗ୍ରହ କରିବାକୁ ଯାଉଥିବା ବେଳେ କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକର ଜଣେ ସାମ୍ବାଦିକ ଏନ. ସନ୍ତୋଷ କୁମାର ଦୁର୍ଘଟଣାର ଶିକାର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣା ପଡିଛି । ତାଙ୍କର ଡାହାଣ ଗୋଡରେ ଆଘାତ ହୋଇଥିବା ବେଳେ ସିଏ ଭଲ ଥିବା ଜଣା ପଡିଛି।

# 'ପ୍ରଶାସନ ଗ୍ରାମ ଅଭିମୁଖେ' କାର୍ଯ୍ୟକ୍ରମ

ପୁରୀ (ଭାସ୍କର ନ୍ୟୁଜ): ସରକାରଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ ପ୍ରଶାସନ ଗାଁ କି ଓର ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଅଧିକାରୀ ମାନଙ୍କ ପୁରୀ ଜିଲ୍ଲାକୁ ଏକ ଗସ୍ତ ବ୍ୟବସ୍ଥା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଆଡମିନିଷ୍ଟ୍ରେଟିଭ ରିଫର୍ମ୍ସ ଓ ପବ୍ଲିକ ଗ୍ରିଭାନ୍ସ ବା ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ମନ୍ତ୍ରାଳୟର ଅଣ୍ଡର ସେକ୍ରେଟାରୀ ଲକ୍ଷ୍ମୀ ଚନ୍ଦ୍ରା, ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ ବା ସିଏମଜିଆଇର ପ୍ରୋଗ୍ରାମ ଅଧିକାରୀ ରାଜ କିଶୋର ପଟ୍ଟନାୟକ ଓ ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ପିପିଲି ବ୍ଲକର ଦାଣ୍ଡ ମୁକୁନ୍ଦପୁର, ସତ୍ୟବାଦୀ ବ୍ଲକର ପେଣ୍ଠପଡା ଓ ପୁରୀ ସଦର ବ୍ଲକର ବାଲିଗୁଆଳୀ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଯୋଜନା ,ତାହାର ରୂପରେଖ, ହିତାଧିକାରୀ ଚୟନ, କାର୍ଯ୍ୟ କାରିତା ଓ ତାହାର ସୁଫଳ ସମ୍ପର୍କରେ ସେମାନେ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।



ଜଗତସିଂହପୁର, (ଭାସ୍କର ନ୍ୟୁଜ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୪୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ୩୯ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୦୧ଟି, ଆବାସ ଯୋଜନା ସମ୍ପର୍କୀୟ ୦୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୪ଟି, ଭତ୍ତା ପାଇବା ପାଇଁ ୦୨ଟି, ପୋଲିସ ସହାୟତା ପାଇଁ ୦୩ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରା ଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲାପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ତହସିଲଦାର, ଏସ୍ ଡି ପିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଚାଷୀ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ବିଜେପି କୃଷକମୋର୍ଚ୍ଚା ତରଫରୁ ଗତକାଲି ଓଡିଶାର ୩୦ ରାଜସ୍ୱ ଜିଲ୍ଲାର ଧାନ ସଂଗ୍ରହ କମିଟିର ଚାଷୀ ପ୍ରତିନିଧି ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱର ସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ବୁଲନ୍ ନନା ସେବା ଭବନରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଜେପି ମୋହନ ଚରଣ ମାଝି ସରକାର ଆସିବା ପରେ ଚଳିତ ଖରିଫ ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତା କରିବା, କଟନିଛଟନି ବନ୍ଦ କରିବା, ମିଲରମାନଙ୍କର ଦାଦାଗିରି ବନ୍ଦ କରିବା ସହିତ ଧାନମଣ୍ଡୀଗୁଡିକୁ ଦଲାଲମୁକ୍ତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ତରଫରୁ କରାଯାଇଛି। ଏହା କିପରି ଶୃଙ୍ଖଳିତ ଭାବରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ଦିନ ରାତି ଅହରହ ଜିଲ୍ଲା ଗ୍ରସ୍ତ କରି ଧାନମଣ୍ଡୀ ପରିଦର୍ଶନ କରିବା ସହିତ ତଦାରଖ କରୁଛନ୍ତି। ଓଡ଼ିଶାର ବିରୋଧୀ ଦଳ ଏଥିରେ ସହଯୋଗ ନକରି ଧାନ କିଣା କାରବାରରେ ବ୍ୟାଘାତ ଓ ବିଶୃଙ୍ଖଳା କରିବା ପାଇଁ ବ୍ୟାପକ ଭାବେ ଅପ ପ୍ରଚାର କରି ସରକାରଙ୍କୁ ବଦନାମ କରିବାପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷାରେ ଧାନ ଫସଲ କ୍ଷତି ବାବଦରେ ରାଜ୍ୟ ସରକାର ତୁରନ୍ତ ଏହାର ଆକଳନ କରିବା ପାଇଁ ଓ ବିକଳ୍ପ ବ୍ୟବସ୍ଥା କରିବାପାଇଁ ରାଜ୍ୟ ସରକାରଙ୍କୁ ବିଜେପି କୃଷକ ମୋର୍ଚ୍ଚା ଅବଗତି କରାଇବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ରାଜ୍ୟରେ ଧାନ କିଣା କାରବାରରେ ସ୍ୱଚ୍ଛତାର ସହିତ କରିବା ପାଇଁ, କଟନି ଛଟନି ବନ୍ଦ କରିବା ଓ ମିଲରମାନଙ୍କ ଦାଦାଗିରି ବନ୍ଦ କରିବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସମସ୍ତ ଧାନମଣ୍ଡୀ ଜଗିବା ସହିତ ତଦାରଖ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ତଥା ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲୀ, ବରିଷ୍ଠ ବିଜେପି ନେତା ସଜନ ଶର୍ମା, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ମହିଳାମୋର୍ଚ୍ଚା ରାଜ୍ୟ ଉପ ସଭାପତି ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀନେତା ସାମିଲ ହୋଇଥିଲେ।

# ନଦୀ ପାର୍ଶ୍ୱରୁ ମୃର୍ତ୍ତିକାକ୍ଷୟ ଯୋଗୁଁ ଚାଷଜମି ନଷ୍ଟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବର୍ଷା ଦିନରେ ନଦୀବଢ଼ି ଯୋଗୁଁ ଅରଡେଇ ନଦୀର ବିଭିନ୍ନ ସ୍ଥାନରେ ନଦୀ ପାର୍ଶ୍ୱର ମୃତ୍ତିକା କ୍ଷୟ ହୋଇ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ନଦୀ ଜଳରେ ମୃର୍ତ୍ତିକା କ୍ଷୟ କାରଣରୁ ମାଟି ନଦୀରେ ପୋତିହୋଇ ଜଳଧାରଣ କ୍ଷମତା କମୁଛି। ବର୍ଷା ହେଲେ ପାଣି ଉଛୁଳି ନଦୀ ପାଶ୍ୱକୁ ନଷ୍ଟ କରୁଛି। ଏହି ନଦୀର ଜଳକୁ ସଦର ବ୍ଲକର ବହୁ ଗ୍ରାମର ଲୋକ ଚାଷ ପାଇଁ ଜଳସେଚନ ସହ ନିତ୍ୟ ବ୍ୟବହାର୍ଯ୍ୟ କାମରେ ବ୍ୟବହାର କରନ୍ତି। ନଦୀରୁ ଲୋକ ମାଛ ମାରିବା ସହ ପାଣି ମଡାଇ ଖରାଟିଆ ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପକ୍ଷରୁ ନଦୀ ପାର୍ଶ୍ୱରେ ବନ୍ଧ ନିର୍ମାଣ କରାଯାଇ ଖରା ଦିନରେ ଜଳସେଚନ କରାଯାଉଛି। ସେହିପରି ଉଠା ଜଳସେଚନ ପ୍ରକଳ୍ପ ପକ୍ଷରୁ ନଦୀ ପାର୍ଶ୍ୱରେ ପ୍ରକଳ୍ପ କରାଯାଇଛି। ଅରଡେଇ ନଦୀ ପାର୍ଶ୍ୱର ମୃତ୍ତିକା କ୍ଷୟ ଯୋଗୁଁ ଚାଷ ଜମି ଗୁଡ଼ିକ ବିପଦସଙ୍କୁଳ ହୋଇପଡିଛି। ଗୋବର୍ଦ୍ଧନ ପୋଲ ପାଖରେ କୂଳ ଖାଇ ନଦୀର ଗତିପଥ ବଦଳିଯିବା ଆଶଙ୍କା ଦେଖାଦେଇଛି। ସେହିପରି ସଂସ୍କୃତି ଭବନ ନିକଟ ମଣ୍ଡୁଆ, ଡିମ୍ବୋ ବ୍ରିଜ ପାଖ, ଶିରିଶପାଳ, ଘୁଟୁର, ଶଙ୍କରପୁର, ବାଁପାର, ବୋଦାପଲସା, ବାଉରୀପଦା, ଗୋବର୍ଦ୍ଧନ, ଯୋଗୀମଠ, ମଙ୍ଗଳାପଶି, ତେଲିଅର୍ଶଳା ଆଦି ସ୍ଥାନରେ କୂଳ ଲଂଘି ଚାଷଜମି ନଷ୍ଟ ହେଉଛି। ଅରଡେଇ ନଦୀ ତଟରେ ବ୍ୟାପକ ବୃକ୍ଷରୋପଣ କରାଗଲେ ମୃର୍ତ୍ତିକା କ୍ଷୟ ଅନେକାଂଶରେ ରୋକାଯିବା ସହ ପରିବେଶ ସୁରକ୍ଷା ହୋଇପାରିବ ବୋଲି ପରିବେଶବିତ୍ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି। ଯେଉଁ ସ୍ଥାନରେ ମୃର୍ତ୍ତିକା କ୍ଷୟ ହେଉଛି ସେସବୁ ସ୍ଥାନ ଚିହ୍ନଟ କରି ଏହାର ସୁରକ୍ଷା ପାଇଁ କଂକ୍ରିଟ ଗାର୍ଡ ୱାଲ ସହିତ ପଥର ପ୍ୟାଚିଂ କରିବାକୁ ଦାବୀ ହେଉଛି। ଅରଡେଇ ପ୍ରତି ଶିଳ୍ପାୟନ ଏକ ପ୍ରକାଣ୍ଡ ବିପଦ ଭାବେ ଉଭା ହୋଇଛି। ମୁରୁସୁଆଁ ସ୍ଥିତ ବ୍ରାଣ୍ଡ ସ୍ପଞ୍ଜ କାରଖାନାର ବର୍ଜ୍ୟବସ୍ତୁରେ ନଦୀଜଳ ଦୂଷିତ ହେବାରେ ଲାଗିଛି। ଶିଳ୍ପ ଯୋଗୁଁ ନଦୀ ଜଳ ଜହର ହେବାରେ ଲାଗିଛି। ଖଣିଖାଦନ ପ୍ରଦୂଷଣ ରୋକିବା ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଦାସୀନତା ଦେଖାଇ ଆସୁଛି। ଏହି ଛୋଟ ନଈ ର ସୁରକ୍ଷା ନେଇ ଏବେ ଠାରୁ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଏହାର ଅସ୍ତିତ୍ୱ ଲୋପ ପାଇବାର ସମ୍ଭାବନା ରହିଛି।

# ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୫ତମ ଜୟନ୍ତୀ



ଭଦ୍ରକ, (ଭାସ୍କର ନ୍ୟୁଜ୍): ସୋମବାର ଭାରତୀୟ ସ୍ୱାଧିନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତି ସ୍ମୃତି କମିଟି ତରଫରୁ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ୧୨୫ତମ ଜୟନ୍ତି ପାଳନ କରାଯାଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଅନନ୍ୟ ଅବଦାନ ରଖିଥିବା ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତ୍ୟାଗ ଓ ଆଦର୍ଶର ସ୍ମୃତିଚାରଣ ସହ ସେଥିରେ ଅନୁପ୍ରାଣୀତ ହେଲେ, ତାହା ହିଁ ହେବ ସ୍ୱର୍ଗତ ମହାନ୍ତିଙ୍କ ଅତ୍ମା ପ୍ରତି ପକୃତ ଶଦ୍ଧାଞ୍ଜଳୀ ବୋଲି ତାଙ୍କର ରାଜଘାଟ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମାନ୍ୟବର ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ସ୍ମୃତି କମିଟିର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପରିବାର ପକ୍ଷରୁ ତାଙ୍କର ସୁଯୋଗ୍ୟା ପୁତ୍ରବଧୂ ଅବସରପ୍ରାପ୍ତ ଅଧ୍ୟକ୍ଷା ଝରଣା ପଟ୍ଟନାୟକ, ନାତି ଜ୍ୟୋତି ପ୍ରକାଶ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ରାଧାରାଣୀ ମହାପାତ୍ର, ବିଜୟ କୁମାର ବହଳୀ, ତ୍ୟାଗଭୂମି ମହୋତ୍ସବର ସଭାପତି ତଥା ସମାଜସେବୀ ଅଜୟ କୁମାର ନାୟକ, ସମାଜସେବୀ ଏସ୍.ଏମ୍. ଫାରୁକ୍, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗାନ୍ଧୀ ବିଚାର ମଞ୍ଚର ଶାନ୍ତନୁ ରାଉତ୍, ସାମ୍ବାଦିକ ଅଶୋକ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଫେଲୋସିପ୍ର କର୍ମଚାରୀବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମଗଣା ସ୍ୱାସ୍ଥ୍ୟ ସେବା ଶିବିର



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ କୈବର୍ତ୍ତ ମହାସଭା ଓଡ଼ିଶାର ସଭାପତି ଦେବେନ୍ଦ୍ର ନାଥ ବେହେରା ଓ ଉପ ସଭାପତି ବିଷ୍ଣୁ ଚରଣ ବେହେରାଙ୍କ ଉଦ୍ୟମରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଡେରାବିଶ ବ୍ଲକ୍ ଛତା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଚିତରଞ୍ଜନ ବେହେରା ଉଦ୍‌ଘାଟନ କରିବା ସହ ପ୍ରସୂତୀ ଓ ସ୍ତ୍ରୀ'ରୋଗ ବିଶେଷଜ୍ଞ ଭାବରେ ମହିଳାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏହାଛଡ଼ା ଭୁବନେଶ୍ୱରର କିମ୍ସ ହସପିଟାଲର ଶିଶୁରୋଗ, ଭେଷଜ, ଶଲ୍ୟ, ଅସ୍ଥିଶଲ୍ୟ, ହୃଦ୍‌ରୋଗ ଆଦି ବିଭାଗର ବିଶେଷଜ୍ଞମାନେ ୩୦୦ ରୁ ଅଧିକ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଏଥିସହିତ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ମାନେ ଚକ୍ଷୁରୋଗୀଙ୍କୁ ପରୀକ୍ଷା କରି ଔଷଧ ବଣ୍ଟନ କରିବାସହ ମୋତିଆବିନ୍ଦୁ ରୋଗୀଙ୍କୁ ଅପରେସନ୍ ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଶେଷ ହୋଇଥିଲା। ଶିବିର ପରିଚାଳନାରେ କୈବର୍ତ୍ତ ମହାସଭା ଓ କେନ୍ଦ୍ରାପଡ଼ାର ସତ୍ୟସାଇ ସେବା ସଂଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

# ଶାରଦା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମରେ ୧୯୬୬ ମସିହାରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶାରଦା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଆଜି ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ପୁରାତନ ଛାତ୍ର ସଂସଦର ସଭାପତି ରବିନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମନୋଜ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ଡ. ଅକ୍ଷୟ କୁମାର ସାମନ୍ତରାୟ, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପ୍ରଦିପ କୁମାର ନାଗ, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ସମିତିସଭ୍ୟା ମାମିନା ମଳିକ, ପଡ଼ୋଶୀ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବରାଳ ମଞ୍ଚାସୀନ ହୋଇଥିଲେ। ପୁରାତନ ଛାତ୍ର ବନଜା ଖୁଣ୍ଟିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ପ୍ରମୋଦ କୁମାର ଶତପଥି ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସାରଦା'କୁ ମଞ୍ଚାସୀନ ଅତିଥିମାନେ ଲୋକାର୍ପଣ କରିଥିଲେ। ମହେନ୍ଦ୍ର କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ପରେ ସଂସ୍କୃତିକ ବିଭାଗ ତରଫରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସଂସଦର ଉପସଭାପତି ଡକ୍ଟର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ସହ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସଂସଦର ପୁରାତନ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଚଳର ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସମିତି କାର୍ଯ୍ୟାଳୟର ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ଅଧ୍ୟକ୍ଷା ଅମ୍ବିତା କାଡ୍ରାକା, ଜିଲା ଆରକ୍ଷକ ସ୍ୱାତି କେ କୁମାର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା, (ପିଏଆଇଟିଡିଏ) ପ୍ରକଳ୍ପ ପ୍ରଶାସକ ଚନ୍ଦ୍ର କାନ୍ତ ମାଝୀ, (ପିଡ଼ି)ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ୍ତ କୁମାର ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ। ସୋମବାର ୪୧ଟି ଅଭିଯୋଗ ଶୁଣାଣି ମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଭିର୍ତ୍ତିକ ଶୁଣାଣି ହୋଇଛି। କେନାଲ, କଲ୍ୟାଣସିଂହପୁର ଠାରୁ ଦେବଗିରି ପାହାଡ଼ ପର୍ଯ୍ୟନ୍ତ ଓସାରିଆ ରାସ୍ତା, କାଳୀସୁନ୍ଦରୀ ମନ୍ଦିର ଠାରୁ ବ୍ଲକ ପର୍ଯ୍ୟନ୍ତ ପୂର୍ତ୍ତବିଭାଗୀୟ ରାସ୍ତା ଉପରେ ବିଭାଜନକାରୀ କାନ୍ଥ ନିର୍ମାଣ, କଲ୍ୟାଣ ମଣ୍ଡପ ଓ ଦେବଗିରି ପାନ୍ଥଶାଳା ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯାଉ ବୋଲି ଗୋଷ୍ଠୀଭିର୍ତ୍ତିକ ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ଭାବେ ଭତ୍ତା, ଆବାସ ଯୋଜନା, ରେସନକାର୍ଡ ବିଷୟ ନେଇ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ବେଳେ ବିଡ଼ିଓ ମନୀଷା ଦାସ, ତହସିଲଦାର ରଞ୍ଜନ କୁମାର ମାନସେଠ, ସହକାରୀଯନ୍ତ୍ରୀ ସବ୍ୟସାଚୀ ନାୟକ, ଥାନା ଅଧିକାରୀ ନୀଳକଣ୍ଠ ବେହେରା ଓ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମୌଳିକ ଅଧିକାର ପାଇଁ ଚୌଦ୍ୱାର ପୌରପାଳିକାକୁ ସ୍ମାରକ ପତ୍ର ପ୍ରଦାନ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଓ.ଟି.ଏମ୍. ବନ୍ଦ ପରେ ପ୍ରାୟ ୨୪ବର୍ଷ ହେବ ଓ.ଟି.ଏମ୍. କଲୋନୀ ସମେତ ଓଟିଏମ୍ ଦୁର୍ଗାବଜାର, ଜୟନ୍ତୀନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର ଓ ଗୋପାଳନଗର ବସ୍ତି ଅଞ୍ଚଳରେ ବାସ କରୁଥିବା ବାସିନ୍ଦା ମାନଙ୍କୁ ପୌରପାଳିକା ତରଫରୁ କୌଣସି ମୌଳିକ ସୁବିଧାସୁଯୋଗ ମିଳିପାରୁ ନାହିଁ। ଏଥିସହ ସମଗ୍ର ପୌରାଞ୍ଚଳରେ ବିଭିନ୍ନପ୍ରକାର ସହରୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସୋମବାର ଶ୍ରମିକ ପରିବାର ଯୁବକସଂଘ ତରଫରୁ ସଭାପତି ଆଇନ୍‌ଜୀବୀ କୈଳାସ ଚନ୍ଦ୍ର ସାହାଣୀ, ବରିଷ୍ଠ ପାରିଷଦ ଦିଲ୍ଲୀପ ସାହୁ, ସୁବ୍ରତ କୁମାର ସାମଲ, ବିଜୟଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ଏକ ୩୫ ଜଣିଆ ପ୍ରତିନିଧି ମଣ୍ଡଳୀ ୧୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ପ୍ରଦାନ କରିଛନ୍ତି। ଓ.ଟି.ଏମ୍ କଲୋନୀର ଡ୍ରେନେଜ୍ ବ୍ୟବସ୍ଥାର ପୁନରୁଦ୍ଧାର, କଂକ୍ରିଟ୍ କିମ୍ବା ପେଭର ବ୍ଲକ୍ ଦ୍ୱାରା ସମସ୍ତ ରାସ୍ତା ନିର୍ମାଣ ସହିତ କମ୍ପାନୀର ଜମି ଉପରେ ଗଢ଼ି ଉଠିଥିବା ଓଟିଏମ୍ ଦୁର୍ଗାବଜାର, ଜୟନ୍ତୀନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର ଓ ଗୋପାଳ ନଗର ବସ୍ତିରେ ଷ୍ଟ୍ରିଟ୍ ଲାଇଟ୍ ପ୍ରଦାନ, ଉପରମୁଣ୍ଡ ବର୍ଷାଜଳ ନିଷ୍କାସନ ପାଇଁ ରହିଥିବା କଲୋନୀ ଓ ବସ୍ତି ଅଞ୍ଚଳର ଡ୍ରେନ୍‌ର ପୁର୍ନନିର୍ମାଣ, ଚୌଦ୍ୱାରରେ ସ୍ୱତନ୍ତ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ, କଳମଝରୀ, ଶଙ୍ଖାରୀ, ରାଣୀପୋଖରୀ ଓ ଚୁଡ଼ଙ୍ଗ ପୋଖରୀର ଆଧୁନିକୀକରଣ, ଅର୍ଦ୍ଧ ନିର୍ମିତ ଚାଟେଶ୍ୱର ସ୍ମାର୍ଟ ଶ୍ମଶାନର ରୂପରେଖ ଦେବା ସହ ପୌରାଞ୍ଚଳର ସମସ୍ତ ଶ୍ମଶାନର ଆଧୁନିକୀକରଣ, ସାଧାରଣ ବଣ୍ଟନ ପ୍ରକ୍ରିୟାରେ ସମସ୍ତ ୱାର୍ଡ଼ରେ କଣ୍ଟ୍ରୋଲ ଦୋକାନ ଖୋଲିବା ସହିତ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ ଖାଉଟି ସାମଗ୍ରୀ ଯୋଗାଣ ଓ ସୂଚନା ଫଳକ ପ୍ରଦର୍ଶନ, ରାସନକାର୍ଡ଼ରେ ଯୋଗ୍ୟ ନୂତନ ହିତାଧିକାରୀଙ୍କ ନାମ ସଂଯୋଗୀକରଣକୁ ତୁରନ୍ତ କାର୍ଯ୍ୟକାରୀ କରିବା, ମୁଣ୍ଡମାଳ ଓ ଦୌଲତାବାଦ ଠାରେ ସ୍ମାର୍ଟ ପାର୍କ ନିର୍ମାଣ, ଚୌଦ୍ୱାର ଟାଉନ୍‌ହଲର ଆଧୁନିକୀକରଣ, ଭେଣ୍ଡିଙ୍ଗ୍ ଜୋନ୍ ଦ୍ୱାରା ବ୍ୟବସାୟୀ ପ୍ରତିଷ୍ଠାନର ସ୍ଥାୟୀତ୍ୱ ପ୍ରଦାନ ସହିତ ଆମିଷ ଦୋକାନକୁ ମୁଖ୍ୟ ରାସ୍ତାକଡ଼ରୁ ଉଠାଇ ଏହାର ସ୍ୱତନ୍ତ୍ର ସ୍ଥାନ ପ୍ରଦାନ, ଚୌଦ୍ୱାର ମଣ୍ଡଳ କାରାଗାରରୁ ବାହାରକୁ ଆସୁଥିବା ଆବର୍ଜନା ପାଣିର ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା, ପାଇକରାପୁରରେ ଇଣ୍ଡୋର ଷ୍ଟାଡ଼ିୟମ୍ ନିର୍ମାଣ, ମାଗୁରା ବୋଟିଙ୍ଗ୍ ପାର୍କକୁ ତୁରନ୍ତ କାର୍ଯ୍ୟକ୍ଷମ, ଚୌଦ୍ୱାର ସୁଲତାନ ନଗରଠାରେ ଅର୍ଦ୍ଧନିର୍ମିତ ଷ୍ଟାଡ଼ିୟମ୍‌ର ସମ୍ପୂର୍ଣ୍ଣକରଣ ଏବଂ ଚୌଦ୍ୱାରର ଐତିହାସିକ ରୂପଯାତ୍ରା ପଡ଼ିଆର ସଂରକ୍ଷଣ ପାଇଁ ସଂଘ ତରଫରୁ ଦାବି କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ପ୍ରତିନିଧି ମଣ୍ଡଳୀର ଭ୍ରମରବର ନାୟକଙ୍କ ସମତେ ସମସ୍ତସଦସ୍ୟ ଉପସ୍ଥିତ ଥିଲେ।

# ୧୧ଷ୍ଟାର ମୋରଡା ଓ ମା ଦୁର୍ଗା ଫାଇଟର୍ ବିଜୟ




ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ର ଷଷ୍ଠଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚଟି ବାହାନଡା ଟାଇଗର ଓ ୧୧ ଷ୍ଟାର ମୋରଡା ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ଟି ଦାନି -୧୧ ଚିତ୍ରଡା ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଟାଇଗର ୧୭.୩ ଓଭରେ ରେ ସମସ୍ତ ୱିକେଟ ହରାଇ ୧୨୦ରନ କରି ପରାଜୟ ବରଣ କରିଥିଲା। ୧୧ ଷ୍ଟାର ମୋରଡାର ରାଜେଶ ବେହେରାଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ଦାନି-୧୧ ନିର୍ଦ୍ଧାରିତ ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରଥିଲା। ଜବାବରେ ମା ଦୁର୍ଗା ଫାଇଟର ୧୮.୪ ଓଭରରେ ୮ ୱିକେଟ ହରାଇ ୧୧୪ ରନ କରି ବିଜୟ ଲାଭ କରିଥିଲା। ଏଥିରେ ମା ଦୁର୍ଗା ଫାଇଟରର ଖେଳାଳି ରିଙ୍କୁ ପରିଡ଼ାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲ। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଶିକ୍ଷକ ହୃଷିକେଶ ମହାନ୍ତି ଓ ସମାଜସେବୀ ନିରଞ୍ଜନ ମହାନ୍ତି ପୁରସ୍କୃତ କରିଥିଲେ। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ, ସୁଧାକର ପଣ୍ଡା ଓ କୁନା ସାହୁ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ। ଏଥିରେ ମନୋଜକୁମାର ପଣ୍ଡା, ନରୋତ୍ତମ ମହାନ୍ତ,କରଣ ନାଥ, ଅମର ଦାସ, ଭାଗ୍ୟରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ ବିଧାୟକଙ୍କ ଅଭିଯୋଗ ଶୁଣାଣି



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଆଜି କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟର ବୈଠକ ଗୃହରେ ଏକ ଅଭିଯୋଗ ଶୁଣାଣି ଶିବିର କରି ବ୍ଲକର ସମସ୍ତ ଜନସାଧାରଣାନଙ୍କ ଅଭିଯୋଗ ଶୁଣାଣି ସହ ଜନସାଧାରଣଙ୍କ ସମସ୍ୟା ସବୁର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ତାଗିଦ କରିଛନ୍ତି। ଏହି ଶିବିରରେ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟସଭ୍ୟା, ନାଏବ ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟା ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହିଥିଲେ। ବିଧାୟକ ରନ୍ଧାରୀ ଉପସ୍ଥିତ ସମସ୍ତ ଜନପ୍ରତିନିଧିଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ କରିବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ତାଗିଦ କରିଛନ୍ତି।

## ନିଶାମୁକ୍ତ ଓଡିଶା ଅଭିଯାନ

କାକଟପୁର, (ଭାସ୍କର ନ୍ୟଜ): ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁ ପକ୍ଷରୁ ନିଆଯାଇଥିବା ନିଶାମୁକ୍ତ ଭାରତ ଅଭିଯାନର ଅଂଶ ସ୍ୱରୂପ (ଏଲ ଇ ଡ଼ି) ପ୍ରୋଜେକ୍ଟର ଦ୍ୱାରା ଚଳଚ୍ଚିତ୍ର ପ୍ରଦର୍ଶିତ ମୋବାଇଲ ଭ୍ୟାନ ବ୍ରହ୍ମକୁମାରୀ ପରିବାର ଦ୍ୱାରା ଓଡ଼ିଶା ସାରା ଭ୍ରମଣ କରି ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସଚେତନତା ମୋବାଇଲ ଭ୍ୟାନକୁ କାକଟପୁର ଠାରେ ବ୍ରହ୍ମକୁମାରୀ ଈଶ୍ୱରୀୟ ଆଶ୍ରମ ପକ୍ଷରୁ ଆଶ୍ରମର ରାଜଯୋଗିନୀ ବିକେ କୁନ୍ତଳା କୁମାରୀ, ବିକେ ଦୁଷ୍ମନ୍ତ କୁମାର, ମାଉଣ୍ଟ ଆବୁର ବିକେ ସୁରେଶ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସ୍ୱାଗତ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କାକଟପୁର ଥାନା ପକ୍ଷରୁ ଆଇଆଇସି ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ବାହିନୀ ଉପସ୍ଥିତ ରହିଥିଲେ।

# ଗୋନାସିକା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଏଚ୍‌ଏସଏଇ ବାରିପଦା ଜୋନ ଡେପୁଟି ସେକ୍ରେଟାରୀ ଡକ୍ଟର ଜୟଦେବ ପ୍ରାମାଣିକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ଜିତୁ ଦାସ, ସମ୍ମାନୀତ ଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଗୋନାସିକା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ତୀର୍ଥାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ପ୍ରାମାଣିକ ଏକ ଉତ୍ତମଛାତ୍ର ଗଠନ ପାଇଁ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି ନିଜର ବକ୍ତବ୍ୟ ମାଧ୍ୟମରେ କହିଥିଲେ। ମୁଖ୍ୟବକ୍ତା ପଣ୍ଡିତ ଜିତୁ ଦାସ ଶିକ୍ଷାଦାନ କରୁଥିବା ଗୁରୁଜୀମାନଙ୍କୁ ଭଗବାନଙ୍କର ଶ୍ରେଷ୍ଠ ଅବତାର ବୋଲି କହିଥିଲେ। ଛାତ୍ରୀ ମାନେ ସେମାନଙ୍କୁ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ସମସ୍ତ ମଞ୍ଚାସୀନ ଅତିଥି ଏହି ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶୃଙ୍ଖଳିତ ଛାତ୍ରଛାତ୍ରୀ ସର୍ବୋପରି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷଙ୍କ କର୍ତ୍ତବ୍ୟ ନିଷ୍ଠା ପାଇଁ ସାଧୁବାଦ ଦେଇଥିଲେ। 'ଜାଣିଲେ ଜିଣିବା' ଉପରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ମତ ବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ହୃଷିକେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋବିନ୍ଦପୁର ମହାବିଦ୍ୟାଳୟରେ ନାକ୍ ଟିମର ପରିଦର୍ଶନ




କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ମହାବିଦ୍ୟାଳୟରେ ଏକ ଦୁଇଦିନିଆ ନାକ୍ ପରିଦର୍ଶନ ମଣ୍ଡଳୀର ମାନ୍ୟତା ଯାଞ୍ଚ ପ୍ରଦାନ ପ୍ରକ୍ରିୟା ଗତ ୨୦ ଓ ୨୧ ତାରିଖରେ ସମାପ୍ତ ହୋଇଯାଇଛି। ଏହି ଦୁଇଦିନ ବ୍ୟାପି ଯାଞ୍ଚ ଓ ତନଖି କାର୍ଯ୍ୟର ମୂଲ୍ୟାୟନ କମିଟିର ମୁଖ୍ୟ ଅଧ୍ୟକ୍ଷ ଭାବରେ ପ୍ରାକ୍ତନ ପ୍ରଫେସର କେ. ସବୁକେତନ, ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ କେରଳ, ସଦସ୍ୟ ସଂଯୋଜକ ଭାବରେ ଡଃ ନଙ୍ଗୋମଇଥେମ ରୋକେନ୍ଦ୍ର ସିଂ କାର୍ଯ୍ୟରତ ପ୍ରାଧ୍ୟାପକ, ମିଜୋରାମ ବିଶ୍ୱବିଦ୍ୟାଳୟ, ମିଜୋରାମ ଏବଂ ଡଃ ସୁଭାଷ ଭଡ଼ଙ୍ଗେ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବାଜୀ କଳା ବାଣିଜ୍ୟ ଓ ବିଜ୍ଞାନ ମହାବିଦ୍ୟାଳୟ ଅକୋଲା, ମହାରାଷ୍ଟ୍ର ପିଅର ବା ମୂଲ୍ୟାଙ୍କନ ଦଳର ସଦସ୍ୟ ଭାବରେ ମହାବିଦ୍ୟାଳୟର ପରିଦର୍ଶନ ରେ ଆସି ସକାଳ ୧୦ଟା ରେ ପହଞ୍ଚିଥିଲେ। ସେମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟସୂଚୀ ଏବଂ ବିଷୟସୂଚୀ ଅନୁଯାୟୀ ତାଙ୍କର ନାକ୍ ମାନ୍ୟତାପ୍ରଦାନ ନିମନ୍ତେ ପ୍ରତ୍ୟକ୍ଷ ପରୀକ୍ଷଣ କାର୍ଯ୍ୟ ସାତୋଟି ମାନଦଣ୍ଡ ଅନୁଯାୟୀ ଆରମ୍ଭ କରିଥିଲେ। ବିଦ୍ୟାଳୟର ଭିତ୍ତିଭୂମିରୁ ଆରମ୍ଭକରି ପ୍ରଶାସନିକ, ଆର୍ଥିକ ଅବସ୍ଥା ଓ ପରିଚାଳନା ସହ ଅନ୍ୟାନ୍ୟ ସମସ୍ତ ସୁବିଧା ଏବଂ କର୍ମ ନିଯୁକ୍ତିର ସମ୍ଭାବନା ସହ ସାମାଜିକ ଦାୟିତ୍ୱବୋଧର ପରୀକ୍ଷଣ ଓ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିଥିଲେ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଥିବା ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଦୟାମୟ ପାଢ଼ୀ ଓ ସମ୍ମାନିତ ଅତିଥି ଭାବରେ କୃଷି ମହାବିଦ୍ୟାଳୟର ଡିନ୍ ଡ. ଶାନ୍ତନୁ ତ୍ରିପାଠୀ ଯୋଗଦେଇ ଥିଲେ ଓ କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ଏବଂ ସୁମଧୁର ସ୍ୱାଗତ ସଙ୍ଗୀତରୁ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ୍ ଭୀମସେନ୍ ପଣ୍ଡା ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟର ବିକାଶ, ଛାତ୍ରଛାତ୍ରୀମାନଙ୍କ ସଫଳତା ଏବଂ ଲକ୍ଷ୍ୟ ସାଧନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିଙ୍କ ଦ୍ୱାରା କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ ଓ ବିଭିନ୍ନ କ୍ଷେତ୍ରରେ ଛାତ୍ରମାନଙ୍କ ସଫଳତାକୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ରାଜସ୍ଥାନୀ ନୃତ୍ୟ, ଯୋଗ ପ୍ରଦର୍ଶନ, ଓଡ଼ିଶୀ ନୃତ୍ୟ, ଦକ୍ଷିଣ ଭାରତୀୟ ପାରମ୍ପରିକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଏବଂ ଏନ୍‌ଇପି ୨୦୨୦ର ଏକ ସ୍କିଟ୍ ପ୍ରଦର୍ଶନ କରିଥିଲେ। ଛାତ୍ରମାନେ ଏକ ଦଳଗତ ସଂଗୀତ ଏବଂ ନାଟକୀୟ ନୃତ୍ୟ ତଥା ମହାଭାରତର ଏକ ଦୃଶ୍ୟକୁ ପ୍ରଦର୍ଶିତ କରି ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ । ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସେମାନଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ ହେବାପାଇଁ ଉତ୍ସାହିତ କରିଥିଲେ ଓ ଏକ ସୁନ୍ଦର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ କଠିନ ପରିଶ୍ରମ ଓ ନିଷ୍ଠାର ସହ ଶିକ୍ଷାଲାଭ କରିବା ପାଇଁ ଉପଦେଶ ଦେଇଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିନେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେବ କଂସ ରାଜୁତି ଦରବାରରେ ଆଲୋଚନା ହେବ ଅଞ୍ଚଳ ସମସ୍ୟା

ଧର୍ମଗଡ,(ଭାସ୍କର ନ୍ୟୁଜ): ଆଉ ମାତ୍ର ଦୁଇ ଦିନ ପରେ ପ୍ରସିଦ୍ଧ ଦଣ୍ଡପାଟ ଧନୁଯାତ୍ରା ବେହେରା ଠାରେ ଅନୁଷ୍ଠିତ ହେବ। ଆସନ୍ତା ୨୫ତାରିଖଠାରୁ ଦଣ୍ଡପାଟ ଅଞ୍ଚଳରେ କଂସର ରାଜୁତି ଚାଲିବ। ଯାତ୍ରା ସମେତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ କଂସ ରାଜାଙ୍କ ଉନ୍ନତକଳା ଅଟ୍ଟାହାସ୍ୟ ସମସ୍ତଙ୍କୁ ବିଭୋର କରି ରଖିବ। ଏଥି ସହ ମିନା ବଜାର ସାଙ୍ଗକୁ ବିଭିନ୍ନ ଜିନିଷ କିଣାବିକାରେ ଲୋକେ ମଜି ରହିବେ। ତେବେ କଂସ ଦରବାରରେ ବିଭିନ୍ନ ନେତା ମନ୍ତ୍ରୀ ଅଧିକାରୀଙ୍କୁ କଂସ ନିମନ୍ତ୍ରଣ କରିଥିବା ବେଳେ ଏଥର ଅଞ୍ଚଳର ସମସ୍ୟା ଉପରେ ବିଶେଷ ପ୍ରସଙ୍ଗ ରହିବ ବୋଲି ଅନୁମାନ କରାଯାଉଛି। କଂସ ମହାରାଜ ନେତା ମନ୍ତ୍ରୀ ଅଧିକାରୀଙ୍କୁ ଅଞ୍ଚଳର ସମସ୍ୟା ଉପରେ ପ୍ରଶ୍ନ କରି ତା'ର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ଆଲୋଚନା ହେଉଛି। ଦୀର୍ଘଦିନରୁ ଅଞ୍ଚଳ ଦାବି ଭାବେ ଦଣ୍ଡପାଟ ଅଞ୍ଚଳ ବ୍ଲକ ଘୋଷଣା, ଥାନା-ଫାଣ୍ଡି ସ୍ଥାପନ ପ୍ରମୁଖ ପ୍ରସଙ୍ଗରେ କଂସ ମହାରାଜ ପ୍ରଶ୍ନ ରଖିପାରନ୍ତି- ଯାହା ଅନୁମାନ କରାଯାଏ। ଏତତ ବ୍ୟତୀତ ଚଳିତବର୍ଷ ଧାନ ମଣ୍ଡି ମାନଙ୍କରେ ଉପୁଜିଥିବା ସମସ୍ୟା, କଟଣୀଛଟଣୀ ଆଦି ପ୍ରସଙ୍ଗ ଉପରେ କଂସ ମହାରାଜ ଆଲୋଚନା କରିବା ସମ୍ଭାବନା ଥିବା କୁହାଯାଏ। ସେହିପରି ଅଞ୍ଚଳକୁ ଜଳ ସେଚନ ବ୍ୟବସ୍ଥା ବା ମେଘା ଲିଫ୍ଟ କେନାଲ ରହିଥିଲେ ମଧ୍ୟ ଅଧିକାଂଶ ଚାଷ ଜମିରେ ଜଳ ସେଚନ ବ୍ୟବସ୍ଥା ନ ହେବା କଥା ବି କଂସ ଦରବାରରେ ଉଠିବା ସମ୍ଭାବନା ଥିବା ଚର୍ଚ୍ଚା ହୁଏ। ଦଣ୍ଡପାଟ ଅଞ୍ଚଳର ଶହ ଶହ ଲୋକ ଏଠି କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଉଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେବା ଉପରେ କଂସ ରାଜା ତାଗିଦ କରି ପାରନ୍ତି। ସେହିପରି ବିଭିନ୍ନ ଉନ୍ନୟନ ମୂଳକ କାମ ଅଞ୍ଚଳରେ ହେଉଥିବା ବେଳେ ଏଥିରେ ଠିକାଦାର ଓ ଅଧିକାରୀ ମାନେ ଲାଭଖୋର ନୀତି ଆପଣାଉଥିବା ଯୋଗୁଁ ତାର ସ୍ଥାୟୀତ୍ୱ ଏକ ପ୍ରକାର ଅନିଶ୍ଚିତତା ଦେଖାଦେଇଛି, ତାହା ମଧ୍ୟ କଂସ ଦରବାରରେ ପ୍ରଶ୍ନ ଉଠିପାରେ, ଯାହା ଲୋକଙ୍କ ଭିତରେ ଆଲୋଚନା ହେଉଛି। ତେବେ ଚଳିତବର୍ଷ ଦଣ୍ଡପାଟ ଧନୁଯାତ୍ରା ଯାକଜମକ ସହ ହେଉଥିବା ବେଳେ ପ୍ରବଳ




ଲୋକଙ୍କ ସମାଗମ ହେବା ଅନୁମାନ କରାଯାଏ। ଏଥର ସିନେମା କଣ୍ଠଶିଳ୍ପୀ ଅର୍ପିତା ସାହୁ ବେହେରା ଧନୁଯାତ୍ରାରେ ନିମନ୍ତ୍ରଣ ଥିବା ଓ ତାଙ୍କ କଣ୍ଠରୁ ସୁମଧୁର ଗୀତ ଦର୍ଶକଙ୍କୁ ବାନ୍ଧି ରଖିବ। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ଯାତ୍ରାକୁ ଶୃଙ୍ଖଳିତ କରିବାକୁ ଅଧିକରୁ ଅଧିକ ପୋଲିସ ମୁତୟନ କରିବାକୁ କମିଟି ପକ୍ଷରୁ ଦାବୀ ହେଉଛି। ଅନ୍ୟପଟେ ଜନସାଧାରଣ ଶାନ୍ତି ଶୃଙ୍ଖଳା ରକ୍ଷା କରି ଯାତ୍ରାକୁ ସଫଳ କରିବାକୁ କମିଟି ସଭାପତି ବିନ୍ଦୁସର ବିଶି ସମ୍ପାଦକ ବାଳ ବିଶି ନିବେଦନ କରିଛନ୍ତି।

## ଅଭିଭାବକ ସମ୍ମିଳନୀ

କର୍ଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମ-ରାମପୁର ବ୍ଲକ ଓ୍ୱମକ ପଞ୍ଚାୟତ କଢେଲ ଠାରେ ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୁବନେଶ୍ୱର ମେନେଜିଙ୍ଗ ଡାଇରେକ୍ଟର ଶାନ୍ତନୁ କୁମାର ମହାପାତ୍ର ଓ କଳାହାଣ୍ଡି ଜିଲ୍ଲାର ଅନିରୁଦ୍ଧ ବାଗଙ୍କ ତତ୍ତ୍ୱାବଧାନରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟ ଭୁବନେଶ୍ୱରର ମେନେଜିଙ୍ଗ ଟ୍ରଷ୍ଟି ଭାସ୍କର ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ ଆଶିଷ କୁମାର ସାହୁ, ସୁଦିପ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଉତ୍ତମ ଶିକ୍ଷା ଗଠନ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ଶିଶୁ ବିଦ୍ୟାମନ୍ଦିର କର୍ଲାମୁଣ୍ଡା ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୁଦାମ ଚରଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା କଳାହାଣ୍ଡିର ପ୍ରତ୍ୟେକ ବ୍ଲକର ଅଭିଭାବକ ସହଯୋଗ କରିଥିଲେ।



## ଓ୍ୱୟୁଜେର ପ୍ରତିଷ୍ଠା ଦିବସ
## ସମ୍ମାନିତ ହେଲେ ବିନ୍ଦୁ ମହାନନ୍ଦ




ଧର୍ମଗଡ଼(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଓଡିଶା ସାମ୍ବାଦିକ ୟୁନିଅନ୍(ଓ୍ୱୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ପୂର୍ବ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ, ଏକାମ୍ର ବିଧାୟକ ବାବୁ ସିଂ, ଓ୍ୱୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସାମ୍ବାଦିକ ବିନ୍ଦୁ ମହାନନ୍ଦଙ୍କୁ ଚଳିତବର୍ଷର ଶ୍ରେଷ୍ଠ ସାମ୍ବାଦିକ ଭାବରେ ବିବେଚିତ କରି ସମ୍ମାନିତ ଓ ମାନପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଗୋଟି ଜିଲ୍ଲାର କୋଣ ଅନୁକୋଣରୁ ଓ୍ୱୟୁଜେର ପଦାଧିକାରୀ, କର୍ମକର୍ତ୍ତା ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରକାରର ସମସ୍ୟା ଓ ଉନ୍ନତି ମୁଳକ କାର୍ଯ୍ୟ ବିଷୟରେ ଶ୍ରୀ ମହାନନ୍ଦଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଞ୍ଚ ଉପରେ ପଚାରି ବୁଝିଥିଲେ । ଏହି ପୁରସ୍କାର ପାଇବା ପରେ ଗୋଲାମୁଣ୍ଡା ବ୍ଲକର ଅଞ୍ଚଳବାସୀଙ୍କ ସମେତ କଳାହାଣ୍ଡି ଜିଲ୍ଲାର କୋଣ ଅନୁକୋଣରୁ ଶ୍ରୀ ମହାନନ୍ଦଙ୍କୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି ।

## ଜଙ୍ଗଲଜାତ ପାରମ୍ପରିକ ଖାଦ୍ୟ ଉତ୍ସବ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଦାପ୍ତା ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ଜିଲ୍ଲାସ୍ତରୀୟ 'ଜଙ୍ଗଲଜାତ ଖାଦ୍ୟଦ୍ରବ୍ୟ ଓ ପାରମ୍ପରିକ ଖାଦ୍ୟ ଉତ୍ସବ' ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ହଳଧର ନିଆଲ, ଡିପିଏମ୍‌ୟୁର ଅଣୁ ଯୋଜନା ଓ ଜୀବିକାର ବିଶେଷଜ୍ଞ ଡ.କୁମୁଦିନୀ ମିଶ୍ର, ଲାଞ୍ଜିଗଡ ପ୍ରେସ୍ କ୍ଲବର ସଭାପତି କୈଳାସ ଚନ୍ଦ୍ର ସାହୁ, ଜିଲ୍ଲା ଏଫ୍‌ଆର୍‌ଏ ସେଲ୍ ସଂଯୋଜକ, ରାୟଗଡା ସ୍ଥିତ ଲିଭିଂ ଫାର୍ମ ସଂସ୍ଥାର ସଂଯୋଜକ, ଦାପ୍ତା ସଂସ୍ଥାର ଏସ୍‌ଇଡବ୍ଲୁଓଏଚ୍ ଏକ୍ସିଟ୍ ପ୍ରୋଜେକ୍ଟର ଡକୁମେଣ୍ଟେସନ୍ ଅଫିସର, ଲାଞ୍ଜିଗଡ ବ୍ଲକ ସଂଯୋଜକ ଏବଂ ବିଶିଷ୍ଟ ନାରୀନେତ୍ରୀ ମାଲାଡି ମାଝୀ ଉପସ୍ଥିତ ରହି ଜଙ୍ଗଲଜାତ ପାରମ୍ପରିକ ଖାଦ୍ୟ କିପରି ଭାବେ ଆଦିବାସୀ ସଂସ୍କୃତି ଓ ଖାଦ୍ୟ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଜଙ୍ଗଲଜାତ ଦ୍ରବ୍ୟ ଓ ପାରମ୍ପରିକ ଖାଦ୍ୟର ଗୁଣବତ୍ତା, ସଂରକ୍ଷଣ ଓ ବ୍ୟବହାର କିପରି ଭାବେ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଲାଞ୍ଜିଗଡ ବ୍ଲକର ଶତାଧିକ ଆଦିବାସୀ ମହିଳା ୧୪୨ ପ୍ରକାରର ଜଙ୍ଗଲ ଜାତ ଖାଦ୍ୟଦ୍ରବ୍ୟ ସଂଗ୍ରହ କରି ଏହି ଉତ୍ସବରେ ପ୍ରଦର୍ଶନ କରିଥିଲେ। ଏହି ଦ୍ରବ୍ୟ ମଧ୍ୟରୁ ୨୦ ପ୍ରକାରର ସ୍ୱାଦିଷ୍ଟ ଓ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରାଯାଇ ମେଳାରେ ପ୍ରଦର୍ଶନ କରାଯାଇଥିଲା ଓ ବହୁ ଦର୍ଶକ ଏହାକୁ ଆନନ୍ଦର ସହ ଖାଉଥିବାର ଦେଖିବାକୁ ମିଳିଥିଲା। ଦାପ୍ତା ସଂସ୍ଥାର ସମ୍ପାଦକ ଆଦର୍ଶ ଶର୍ମା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ସଂସ୍ଥାର ଅନ୍ୟାନ୍ୟ ସ୍ୱଚ୍ଛାସେବୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ହେବ:ବିଧାୟକ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ନାମରେ କରାଯାଇଥିବା ମିଥ୍ୟା ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ସଂସଦର ସିସି

### ଧାନ ମଣ୍ଡିରେ ଅବ୍ୟବସ୍ଥା

ଟିଭି ଫୁଟେଜ୍‌ର ତଦନ୍ତ କରିବା ବଦଳରେ ମିଥ୍ୟା କେଶ କରି କେନ୍ଦ୍ର ସରକାର ଏକଛତ୍ରବାଦୀ ଶାସନ ଚଳାଇଛନ୍ତି। ଜିଲ୍ଲାର ମଣ୍ଡିଗୁଡିକରେ ଧାନରୁ କୁଇଣ୍ଟାଲ ପିଛା ୭କେଜି ଲେଖାଏଁ କଟନି ଛଟନି ହେଉଥିବା ନେଇ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମ୍ବିଧାନ ପ୍ରତି କରିଥିବା ଅବମାନନାକୁ ମଧ୍ୟ ସମାଲୋଚନା କରିଛନ୍ତି ବିଧାୟକ ଶ୍ରୀ ଦାସ। ଚାଷୀ ତା'ର ହକ ପାଇଁ ଦାବୀ କଲେ ତାକୁ ଦେଶଦ୍ରୋହୀ ମାମଲା କୁହାଯାଉଛି । ବେକାରୀ ସମସ୍ୟାର ସମାଧାନ ପାଇଁ ନିଯୁକ୍ତି ଦେବାରେ ବିଫଳ। କମ୍ପାନୀ ସ୍କାମକୁ ଘଣ୍ଟ ଘୋଡାଇବା ପାଇଁ କେନ୍ଦ୍ର ସରକାର ନାଟକ ବାଜି କରୁଛି। କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ନାମରେ ମିଥ୍ୟା କେସ୍ କରାଯାଇଛି। ପ୍ରକୃତ ସତ୍ୟ ସାମନାକୁ ଆଣିବାକୁ ହେଲେ ସଂସଦ ଭବନର ସିସିଟିଭି ଫୁଟେଜ ସାମନାକୁ ଅଣାଯାଉ ବୋଲି ପ୍ରକାଶ କରିଛନ୍ତି ଶ୍ରୀ ଦାସ। ଅନ୍ୟପକ୍ଷରେ ପୁଣି ସଦର ବ୍ଲକ ଅର୍ନ୍ତଗତ କର୍ଲାପଡା, ବୋର୍ଡା, ସେଁପୁର ମଣ୍ଡିଗୁଡିକ ପରିଦର୍ଶନରେ ଯାଇ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା ମିଲରମାନେ ଚାଷୀଙ୍କଠାରୁ ୭ କେଜି କଟନୀ ଛଟନୀ କରୁଛନ୍ତି। ୭ କେଜି କଟନୀ କରାନଗଲେ ମଣ୍ଡିକୁ ଗାଡି ନ ପଠାଇବାକୁ ଧମକ ଦେଉଛନ୍ତି । ଚାଷୀଙ୍କୁ ବିହନ ଦେଲାବେଳେ ଏଫ୍‌ଏକ୍ୟୁ ନିୟମ ଲାଗୁ ହୁଏ ନାହିଁ। କିନ୍ତୁ ଧାନ ନେଲାବେଳେ ଏଫ୍‌ଏକ୍ୟୁ ନିୟମ କାହିଁକି ? ବିଜେପି ଶୂନ ପ୍ରତିଶତ କଟନୀ କଥା କହୁଥିଲାବେଳେ ଏବେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛି । ଭାତହାଣ୍ଡିର ଜିଲ୍ଲା କଳାହାଣ୍ଡିର ମଣ୍ଡି ଗୁଡିକ ଅବ୍ୟବସ୍ଥା କାହିଁକି ? ଖଳା ବ୍ୟବସ୍ଥା ନାହିଁ। କ୍ୱାଲିଟି ଏନାଲାଇଜର ନାହିଁ, ପାନୀୟ ଜଳର ବ୍ୟବସ୍ଥା ନାହିଁ। ଏହି ସବୁ ସମସ୍ୟାର ସମାଧାନ କରାନଗଲେ ଖୁବ ଶୀଘ୍ର କଂଗ୍ରେସ ଦଳ ପକ୍ଷରୁ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ବିଧାୟକ ସାଗର ଚରଣ ଦାସ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ଓ ଉପ ସଭାପତି ଧନୁର୍ଦ୍ଧର ଗହୀର ଉପସ୍ଥିତ ରହିଥିଲେ।




### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ
## ଜଳର ସୁବିନିଯୋଗ ପାଇଁ ପରାମର୍ଶ



କୋକସରା,(ଭାସ୍କର ନ୍ୟୁଜ୍): ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣି ପଞ୍ଚାୟତ ମାଧ୍ୟମରେ ଜଳସେଚନ ସୁବିଧା ପାଇ ଚାଷୀ ଯେଉଁଳି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଜଳ ସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। କୋକସରା ବ୍ଲକ କୁସୁମଖୁଣ୍ଟି ସ୍ଥିତ ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅନୁଷ୍ଠିତ ହୋଇଛି। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତମ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜଳର ଅପଚୟ ନକରି ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବୃହତ ଚାଷୀ ହର୍ଷ ପ୍ରହରାଜ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ବାଗ, ଅରୁଣ କୁମାର ପ୍ରଧାନ, ଦିଲ୍ଲିପ ଠାକୁର, ହୃଷିକେଶ ବେହେରା, ଶୁଶାନ୍ତ କୁମାର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧିକ୍ଷଣ ଯନ୍ତ୍ରୀ ଶ୍ରୀପାତ୍ର ପାଣି ପଞ୍ଚାୟତର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ମତବ୍ୟକ୍ତ କରିବା ସହ କୌଣସି ଅଭିଯୋଗ ଥିଲେ ସିଧାସଳଖ ଜଣାଇବା ପାଇଁ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ଏହି କ୍ରମରେ ପୂର୍ବରୁ ଅନୁଷ୍ଠିତ ଅନେକ ଗୁଡ଼ିଏ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କିଛି ଚାଷୀଙ୍କୁ ଶ୍ରେଷ୍ଠ ଚାଷୀ ଭାବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟପାଟଣା, କଲମପୁର, ଜୁନାଗଡ଼, ଧର୍ମଗଡ ଓ କୋକସରା ବ୍ଲକ ସମେତ ଶହେ ୧୧ ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ।

## ରାଶିଫଳ

ମଙ୍ଗଳବାର, ୨୪ ଡିସେମ୍ବର ୨୦୨୪



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ଗାଡି ଚଳାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ଓ ଚାକିରି ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜଭୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧବୃଦ୍ଧାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନ୍‌ସନ୍ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଦିନଟି ଶୁଭ ଖବର ଦେବ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜିର ଦିନଟି ଶୁଭ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯